R.N.I. REGN. No. 65000/96 POSTAL REGN. No. OR/BN-32/12-14

11 November 2025, Tuesday

ତ୍ରିଂଶତମ ବର୍ଷ
ସଂଖ୍ୟା : ୩୬
ତିଥି : ସପ୍ତମୀ
୧୧ ନଭେମ୍ବର ୨୦୨୫, ମଙ୍ଗଳବାର
ସମ୍ବଲପୁର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ
SAMAYA

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

29th ANNIVERSARY

Bhubaneswar | Balasore | Angul | Berhampur | Sambalpur

## ଆକ୍ରମଣ ଯୋଜନା ପଣ୍ଡ

# ଗୁଜରାଟରୁ ୩ ଆତଙ୍କୀ ଗିରଫ

ନୂଆଦିଲ୍ଲୀ,୧୦।୧୧: ଗୁଜୁରାଟ ଏଟିଏସ ଏକ ଆତଙ୍କବାଦୀ ଯୋଜନାର ପର୍ଦ୍ଦାଫାସ କରିଛି । ଗୁଜରାଟର ଆତଙ୍କବାଦ ନିରୋଧୀ ସ୍କ୍ୱାଡ୍ (ଏଟିଏସ) ଓ କେନ୍ଦ୍ରୀୟ ସୁରକ୍ଷା ଏଜେନ୍ସୀଗୁଡ଼ିକର ମିଳିତ ଉଦ୍ୟମରେ ୩ ଜଣ ଆତଙ୍କବାଦୀଙ୍କୁ ଗିରଫ କରାଯାଇଛି । ଆତଙ୍କବାଦୀ ସଂଗଠନ ଆଇଏସ୍‌ଆଇଏସ୍ ସହିତ ଏହି ୩ ଜଣଙ୍କର ସଂପର୍କ ଥିବା ବେଳେ ସେମାନେ ଦେଶର ବିଭିନ୍ନ ସ୍ଥାନରେ ଆକ୍ରମଣ କରିବାକୁ ଯୋଜନା କରିଥିଲେ ବୋଲି ଏଟିଏସ୍ କହିଛି । ଗିରଫ ଆତଙ୍କବାଦୀମାନେ ହେଉଛନ୍ତି, ଅହମଦ ମୋହିଉଦ୍ଦୀନ ସୈୟଦ, ମହମ୍ମଦ ସୁହେଲ ଓ ଆଜାଦ ସୈଫୀ । ୩୫ ବର୍ଷୀୟ ଅହମଦ ମୋହିଉଦ୍ଦୀନ ସୈୟଦ ଜଣେ ଡାକ୍ତର । ଏହି



ତିନି ଆତଙ୍କବାଦୀ ଆଇଏସ୍‌ଆଇଏସର ଶାଖା ଆଇକେଏସପି ସହିତ ସଂପୃକ୍ତ ଥିଲେ । ଏହି ତିନି ଜଣଙ୍କ ଉପରେ ଗୁଜରାଟ ଏଟିଏସ୍ ପ୍ରାୟ ବର୍ଷେ ହେଲାଣି ନଜର ରଖିଥିଲା । ଗିରଫ ୩ ଆତଙ୍କବାଦୀ ଅହମଦାବାଦ, ଲକ୍ଷ୍ନୌ ଓ ଦିଲ୍ଲୀରେ ରେକି କରିସାରିଥିଲେ । ସେମାନେ କୌଣସି ବଡ଼ ଆକ୍ରମଣ ଯୋଜନା କରି ବ୍ଲୁ ପ୍ରିଣ୍ଟ ତିଆରି କରୁଥିଲେ ବୋଲି ଏଟିଏସ୍ କହିଛି । ଦୁଇ ଦିନ ତଳେ ଅହମଦ ମୋହିଉଦ୍ଦୀନ ସୈୟଦକୁ ଅଡାଲଜ ଟୋଲ ଗେଟ ପାଖରୁ ଗିରଫ କରିଥିଲା ଗୁଜରାଟ ଏଟିଏସ । ତାଙ୍କ କାରରୁ ବନ୍ଧୁକ ଓ ରାୟଜିନ ନାମକ ଏକ ତରଳ କେମିକାଲ ଜବତ କରାଯାଇଥିଲା । ଗୁଜରାଟ ଏଟିଏସର ସୂଚନା ଅନୁଯାୟୀ, "ରାୟଜିନ' ସାୟନାଇଡ୍ ଠାରୁ ବି ଅଧିକ ଘାତକ । ଅଳ୍ପ ରାୟଜିନ ବହୁ ଲୋକଙ୍କ ଜୀବନ ନେଇପାରେ । ଜେରା ବେଳେ ଅହମଦ ମୋହିଉଦ୍ଦୀନ ସୈୟଦ କହିଛି ଯେ ବନ୍ଧୁକ ଓ ଉକ୍ତ ତରଳ ରସାୟନିକ ପଦାର୍ଥକୁ ସେ ( ୯ ପୃଷ୍ଠାରେ)

## କୋଠା ଭୁଶୁଡ଼ିବା ଘଟଣା
## ଯାଞ୍ଚ ରିପୋର୍ଟ ମାଗିଲେ ଜିଲ୍ଲାପାଳ

କଟକ,୧୦।୧୧,(ସବ୍ୟୁ): ଦୁର୍ଭାଗ୍ୟପୂର୍ଣ୍ଣ ଘଟଣାରେ ଶନିବାର ରାତିରେ ବକ୍ସିବଜାର ଅଞ୍ଚଳର ମଣିସାହୁ ଛକ ନିକଟରେ ଏକ ପୁରୁଣା କୋଠାର କିଛି ଅଂଶ ଭୁଶୁଡ଼ି ପଡି ଗୋଟିଏ ପରିବାରର ୩ଜଣଙ୍କର ଶୋଚନୀୟ ମୃତ୍ୟୁ ଘଟିଛି । ଏହି ଦୁର୍ଘଟଣାରେ ଜଡିତ କୋଠାର ନିର୍ମାଣ ବୈଧତା ତଥା ଆବଶ୍ୟକୀୟ ଅନୁମତି ହାସଲ ବିଷୟରେ ଯାଞ୍ଚ କରିବା ନିମନ୍ତେ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ କଟକ ମହାନଗର ନିଗମର ଅତିରିକ୍ତ ଆୟୁକ୍ତଙ୍କ ଅଧ୍ୟକ୍ଷତାରେ ଏକ ଯାଞ୍ଚ କମିଟି ଗଠନ କରିଛନ୍ତି ଯେଉଁଥିରେ ପୂର୍ତ୍ତ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ, ମହାନଗର ନିଗମର ନଗର ଯନ୍ତ୍ରୀ, କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କ ସହକାରୀ ସହର ଯୋଜନାକାରୀ ଆଦି ସଭ୍ୟଭାବେ ରହିଛନ୍ତି । ଏହି କୋଠା ନିର୍ମାଣର ମୂଳ ( ୯ ପୃଷ୍ଠାରେ)

## ନୂଆପଡ଼ା ଉପନିର୍ବାଚନ : ସରିଲା ପ୍ରଚାର

ନୂଆପଡ଼ା,୧୦।୧୧,(ସବ୍ୟୁ) : ନିର୍ବାଚନ ତାରିଖ ଘୋଷଣା ହେବା ପରଠାରୁ କମ୍ପୁଥିବା ନୂଆପଡ଼ା ରବିବାର ଅପରାହ୍ଣ ୫ଟା ପରେ ନୀରବ ହୋଇଯାଇଛି । ୧୧ତାରିଖ ମତଦାନ ହେବାକୁ ଯାଉଥିବାରୁ ନିର୍ବାଚନ କମିସନଙ୍କ ନିୟମ ଅନୁସାରେ ସନ୍ଧ୍ୟାରୁ ବନ୍ଦ ହୋଇଯାଇଛି ନିର୍ବାଚନ ପ୍ରଚାର । ପ୍ରଚାର ପାଇଁ ଡେରା ପକାଇଥିବା ବାହାର ଜିଲ୍ଲାର ନେତା ଓ କର୍ମୀ ବି କାର୍ଯ୍ୟାନୁଷ୍ଠାନ ହେବ । ଏହି ନୀରବ ଅବଧି ତିନି ପ୍ରମୁଖ ଦଳ ପାଇଁ ବେଶ୍ ଗୁରୁତ୍ୱପୂର୍ଣ୍ଣ । ବାହାରୁ ଯାଇଥିବା ନେତା ନିର୍ବାଚନମଣ୍ଡଳୀ ଛାଡୁଥିବାରୁ



### ଲାଗିଲା ନିରବ ଅବଧି କଟକଣା
### ଦିନକ ପରେ ଭୋଟଗ୍ରହଣ

ନୂଆପଡ଼ା ଛାଡ଼ିଛନ୍ତି । ଆରମ୍ଭ ହୋଇଛି ନିରବ ମୁହୂର୍ତ୍ତ । ଏହି ସମୟରେ ସମସ୍ତ ପ୍ରକାର ପ୍ରଚାର ପ୍ରସାର ଉପରେ କଟକଣା ଲଗାଯାଇଛି । ଯିଏ ନିୟମ ଭଙ୍ଗ କରିବ ତାଙ୍କ ବିରୋଧରେ ଦୃଢ଼ ସ୍ଥାନୀୟ ନେତାଙ୍କ ଉପରେ ନିର୍ଭର କରୁଛି ପ୍ରାର୍ଥୀଙ୍କ ବିଜୟ । ଯଦି ସ୍ଥାନୀୟ ନେତା କିଛି ଗଡ଼ବଡ଼ କରିବେ ତାହେଲେ ବଦଳି ଯିବ ପୂରା ଗଣିତ । ଅବଶ୍ୟ ତିନି ପ୍ରମୁଖ ( ୯ ପୃଷ୍ଠାରେ)

## ଜାପାନ, ଆଣ୍ଡାମାନରେ ଭୂକମ୍ପ :ସୁନାମି ସତର୍କତା ଜାରି

ଟୋକିଓ,୧୦।୧୧: ରବିବାର ସନ୍ଧ୍ୟାରେ ଉତ୍ତର ଜାପାନରେ ୬.୭ ତୀବ୍ରତାର ଏକ ଭୂମିକମ୍ପ ଅନୁଭୂତ ହୋଇଛି । ଏହା ପରେ ମଧ୍ୟ ଅନେକ ଥର କମ୍ପନ ଅନୁଭୂତ ହୋଇଥିଲା । ଏହା ପରେ ଜାପାନ ପାଣିପାଗ ସଂସ୍ଥା ଜାପାନରେ ସୁନାମି ଚେତାବନୀ ଜାରି କରାଯାଇଛି । ଏହା ପରେ ଜାପାନ ପାଣିପାଗ ସଂସ୍ଥା ଜାପାନରେ ସୁନାମି ଚେତାବନୀ ଜାରି କରାଯାଇଛି ।ସଂସ୍ଥା କହିଛି ଯେ ଇଓ୍ୱାଟେ ପ୍ରିଫେକଟରର ଉପକୂଳରେ ସମୁଦ୍ରରେ ପ୍ରାୟ ୧୦ କିଲୋମିଟର ଗଭୀରତାରେ ଏହି ଭୂମିକମ୍ପ ହୋଇଥିଲା । ଏପର୍ଯ୍ୟନ୍ତ, ଏହି ଅଞ୍ଚଳରେ ଥିବା ଦୁଇଟି ପରମାଣୁ ଶକ୍ତି କେନ୍ଦ୍ରରେ କୌଣସି କ୍ଷତି ହେବାର କୌଣସି ରିପୋର୍ଟ ମିଳିନାହିଁ । ଭୂମିକମ୍ପ ପରେ ତୁରନ୍ତ, ଜାପାନ ପାଣିପାଗ ସଂସ୍ଥା ସତର୍କ କରିଥିଲା ଯେ ୧ ମିଟର (୩ ଫୁଟ) ଉଚ୍ଚତା ପର୍ଯ୍ୟନ୍ତ ସୁନାମି ତରଙ୍ଗ ଉତ୍ତର ଉପକୂଳ ଅଞ୍ଚଳକୁ ଛୁଇଁପାରେ । ଭୂମିକମ୍ପ ହେବା ପରେ ଏହି ଚେତାବନୀ ଏକ ଘଣ୍ଟା ପର୍ଯ୍ୟନ୍ତ ବଳବତ୍ତର ରହିଥିଲା । ଜାପାନର ( ୯ ପୃଷ୍ଠାରେ)

## ଜମ୍ମୁ-କାଶ୍ମୀରରେ ଅପରେସନ ପିମ୍ପଲ୍

ଶ୍ରୀନଗର,୧୦।୧୧: ଶନିବାର ଜମ୍ମୁ-କାଶ୍ମୀରର କୁପାଡ଼ାରେ ଭାରତୀୟ ସେନାର ଚିନାର କୋର୍ ୨ ଜଣ ଆତଙ୍କବାଦୀଙ୍କୁ ନିପାତ କରିଛି` । ଏହି ଅଭିଯାନର ନାମ ଦିଆଯାଇଛି "ଅପରେସନ୍ ପିମ୍ପଲ୍' । ଏହି ଅଞ୍ଚଳରେ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ନିରନ୍ତର ପ୍ରୟାସରେ ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା ରେକର୍ଡ କରାଯାଇଛି । ଚିନାର କୋର୍ କହିଛି ଯେ, କୁପୱାଡ଼ାର କେରନ ସେକଫରରେ ଅନୁପ୍ରବେଶ ଉଦ୍ୟମ ବିଷୟରେ ଏଜେନ୍ସିଗୁଡିକରୁ ସୂଚନା ମିଳିଥିଲା । ( ୯ ପୃଷ୍ଠାରେ )

## ଆଜି ଓଡ଼ିଶା ଆସିବେ କେନ୍ଦ୍ର କୃଷି ମନ୍ତ୍ରୀ

ନୂଆଦିଲ୍ଲୀ,୧୦।୧୧ : କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ, ଏବଂ ଗ୍ରାମୀଣ ବିକାଶ ମନ୍ତ୍ରୀ ଶିବରାଜ ସିଂହ ଚୌହାନ ଆସନ୍ତାକାଲି ଦିନିକିଆ ଓଡ଼ିଶା ଗସ୍ତରେ ଆସିବେ । ଏହି ଗସ୍ତ ସମୟରେ, ସେ ରାଜ୍ୟରେ କୃଷକମାନଙ୍କ



ଆୟ ବୃଦ୍ଧି, ପୋଷଣ ସୁରକ୍ଷା ସୁନିଶ୍ଚିତ କରିବା ଏବଂ ପ୍ରାକୃତିକ କୃଷି ପଦ୍ଧତିକୁ ପ୍ରୋତ୍ସାହିତ କରିବା ପାଇଁ ଲକ୍ଷ୍ୟ ରଖାଯାଇଥିବା ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେବେ । କାର୍ଯ୍ୟସୂଚୀ ଅନୁଯାୟୀ, କେନ୍ଦ୍ରମନ୍ତ୍ରୀ ( ୯ ପୃଷ୍ଠାରେ)








GRAND OPENING

DATE: 10TH NOV, 2025 (MONDAY)
Belgadia Asanjoda Road, Baripada

NAYARA ENERGY

We Proudly Invite You To
India's Largest Private Network Of Fuel Stations
RN MUDULI & Family
requests the honor of your presence at the
GRAND OPENING
of our new Nayara Fuel Station
DEBENDRA FILLING STATION
Belgadia Asanjoda Road, Baripada
9861038927, 9778035617, 6370094665

Chief Guest
Shri Gaurav Sharma
TSM, Nayara Energy

Chief Guest
Ganesh Pradhan
TSM Nayara Energy

Special Guest
Sukanta Maharana
SR Manager PNB, Baripada

# ଅଜବ ଶେଷ ଇଚ୍ଛା



**ଦୁନିଆର ସବୁଠାରୁ ନିରାଟ ସତ୍ୟ ହେଲା ମୃତ୍ୟୁ । ଧରାରେ ଜନ୍ମ ନେଇଥିବା ସମସ୍ତଙ୍କର ମୃତ୍ୟୁ ସୁନିଶ୍ଚିତ । କାହା ମୃତ୍ୟୁ କେବେ କହି କି ଆସେ ନାହିଁ । ହେଲେ ଯେଉଁମାନେ ଜେଲ୍ ହାଜତରେ ଥାଆନ୍ତି ସେମାନଙ୍କ କଥା ଅଲଗା । ଯେଉଁମାନଙ୍କ ମୃତ୍ୟୁ ଦଣ୍ଡାଦେଶ ହୋଇଥାଏ ସେମାନଙ୍କୁ ତାଙ୍କର ଶେଷ ଇଚ୍ଛା କଥା ପଚରାଯାଇଥାଏ । ଦୁନିଆରେ ଏଭଳି କିଛି ମଣିଷ ଅଛନ୍ତି ଯେଉଁମାନଙ୍କର ଶେଷ ଇଚ୍ଛା ବହୁତ ଅଜବ ଥାଏ । ସେହି ଇଚ୍ଛାକୁ ଶୁଣିଲେ ଆଖିରେ ଲୁହ ବଦଳରେ ମଣିଷକୁ ହସ ଲାଗିଥାଏ । ଆସନ୍ତୁ ପଢିବା ସେହିଭଳି କିଛି ଅଜବ ଶେଷ ଇଚ୍ଛା ବିଷୟରେ ।**


**ଜନ୍ ବେନ୍ ଗୈସୀ :** ଏହି କଏଦୀଙ୍କ ଶେଷ ଇଚ୍ଛା ଥିଲା ଖୁବ୍ ନିଆରା । ସାଧାରଣତଃ ମୃତ୍ୟୁ ଆସୁଛି ବୋଲି ଜାଣିଥିବା ମଣିଷ ଖାଇବା ପିଇବା କଥା ଭୁଲିଯାଇଥାଏ । ହେଲେ ଜନ୍‌ଙ୍କର ଶେଷ ଇଚ୍ଛାଥିଲା ଖାଇବା ଉପରେ । ଜନ୍‌ଙ୍କର ଶେଷ ଇଚ୍ଛା ଥିଲା କେଏଫ୍‌ସିର ଫ୍ରାଏଡ୍ ଚିକେନ ଖାଇବାକୁ ।

**ବିକ୍ଟର :** ମୃତ୍ୟୁ ଦଣ୍ଡାଦେଶ ପାଇଥିବା ବିକ୍ଟର ନିଜର ଶେଷ ଇଚ୍ଛାରେ ଖୁବ ଅଜବ ଦାବି କରିଥିଲେ । ସେ ତାଙ୍କ ଶେଷ ଇଚ୍ଛାରେ ଖାଇବାରେ ଅଲିଭ ମାଗିଥିଲେ । ଏହାପଛର କାରଣ ମଧ୍ୟ ଖୁବ୍ ରୋଚକ । ତାଙ୍କର ବିଶ୍ୱାସ ରହିଛି କି ସେ ଯଦି ମରିବା ପୂର୍ବରୁ ଅଲିଭ ଫଳ ଖାଉଛନ୍ତି ତେବେ ତାଙ୍କ ପେଟରେ ମୃତ୍ୟୁ ପରେ ଏକ ଅଲିଭ ଗଛ ଉଠିବ ।

**ରନି ଲୀ ଗାର୍ଡେନର :** ରନିଙ୍କର ଶେଷ ଇଚ୍ଛା ଥିଲା ବେଶ୍ ରୋଚକ ପୂର୍ଣ୍ଣ । ଏହି ଅପରାଧୀ ଜଣଙ୍କ ନିଜର ଶେଷ କ୍ଷଣକୁ ଖାସ କରିବା ପାଇଁ ଏକ ହଲିଉଡ୍ ସିନେମା ଦେଖିବାକୁ ଅନୁରୋଧ କରିଥିଲେ । ଏହା ସହ ତାଙ୍କର ଶେଷ ଖାଇବାକୁ ନେଇ ମଧ୍ୟ ଦାବି ଥିଲା । ସେ ଶେଷ ଇଚ୍ଛାରେ ଲାବେଷ୍ଟର ଲାଞ୍ଚ, ଆପଲ୍ ପାଇ ଭାନିଲା ଆଇସ୍‌କ୍ରିମ ଓ ସେଭେନ୍ ଅପ୍ କୋଲ୍ଡଡ୍ରିଙ୍କସ୍ ପିଇବାକୁ ଇଚ୍ଛା କରିଥିଲେ ।

**ଧନଞ୍ଜୟ ଚାଟାର୍ଜି :** ଭାରତରେ ଏକ ମାମଲାରେ ଫାଶୀଦଣ୍ଡ ପାଇଥିବା ଧନଞ୍ଜୟଙ୍କର ଶେଷ ଇଚ୍ଛା ଥିଲା ବେଶ୍ ଭାବପୂର୍ଣ୍ଣ । ପ୍ରାୟ କଏଦୀ ନିଜ ପରିବାରକୁ ଦେଖିବା କିମ୍ବା କୌଣସି ଖାଦ୍ୟର ଇଚ୍ଛା କରିଥାଆନ୍ତି । ହେଲେ ଧନଞ୍ଜୟ ଚାଟାର୍ଜି ଜେଲର ଡାକ୍ତର ବାସୁଦେବ ମୁଖାର୍ଜିଙ୍କ ପାଦ ଛୁଇଁବାକୁ ଇଚ୍ଛା କରିଥିଲେ ।

# ଫେରୁଛନ୍ତି ଅନୁଷ୍କା



ଅଭିନେତ୍ରୀ ଅନୁଷ୍କା ଶର୍ମା ଶେଷଥର ୨୦୧୮ରେ ଫିଲ୍ମ ଜିରୋରେ ଲିଡ ରୋଲରେ ଅଭିନୟ କରିଥିଲେ । ଏହାପରେ ତାଙ୍କର ଏକ ଫିଲ୍ମ, ଚକଦା ଏକ୍ସପ୍ରେସର ସୁଟିଂ ପୂରା ହୋଇଥିଲେ ମଧ୍ୟ ରିଲିଜ ହୋଇ ନାହିଁ । ତେବେ ନିକଟରେ ମିଳିଥିବା ସୂଚନା ଅନୁସାରେ ଖୁବ ଜଲଦି ଏହି ଫିଲ୍ମ ରିଲିଜ ହେବ । ତେବେ ସାତ ବର୍ଷପରେ ଏହି ଫିଲ୍ମ ଜରିଆରେ ଅନୁଷ୍କା ବଡ ପରଦାକୁ ଫେରୁଛନ୍ତି । ଏହି ଫିଲ୍ମଟି କ୍ରିକେଟର ଝୁଲନ ଗୋସ୍ୱାମୀଙ୍କର ବାୟୋପିକ, ଯିଏ କି ଭାରତୀୟ ମହିଳା କ୍ରିକେଟ ଟିମ୍‌ର କ୍ୟାପେଟନ ଦାୟିତ୍ୱ ତୁଲାଇ ସାରିଛନ୍ତି । ତେବେ ସୂଚନା ଅନୁସାରେ ନିକଟରେ ମହିଳା କ୍ରିକେଟ ଦଳ ବିଶ୍ୱକପ ଜିତିବା ପରେ ଫିଲ୍ମର ପ୍ରଯୋଜକ ଏହାକୁ ରିଲିଜ କରିବାକୁ ଆଗ୍ରହ ଦେଖାଇବାରେ ଲାଗିଛନ୍ତି । ସେ ନେଟଫ୍ଲିକ୍ସକୁ ପତ୍ର ଜରିଆରେ ଫିଲ୍ମର ରିଲିଜ୍‌କୁ ନେଇ ଅନୁରୋଧ କରିଛନ୍ତି । ସେହିଭଳି ଏହି ଖବର ଜଣା ପଡିବାପରେ ଅନୁଷ୍କାଙ୍କ ଫ୍ୟାନମାନେ ଖୁବ ଖୁସି ଅଛନ୍ତି । ସେମାନଙ୍କ ପ୍ରିୟ ହିରୋଇନଙ୍କୁ ବଡପରଦାରେ ପୁଣି ଦେଖିବାକୁ ସେମାନେ ଆଗ୍ରହ ପ୍ରକାଶ କରିଛନ୍ତି ।

# ମହାକାଶରେ ରନ୍ଧା ଖାଦ୍ୟ

ପ୍ରଥମଥର ପାଇଁ ମହାକାଶରେ ଚୀନ ଖାଦ୍ୟ ରାନ୍ଧିଥିବା ଜଣା ପଡିଛି । ମହାକାଶରେ ଥିବା ଚୀନସ୍ପେସ ଷ୍ଟେସନରେ ପ୍ରଥମଥର ପାଇଁ ଅନ୍ତରୀକ୍ଷ ଯାତ୍ରୀମାନେ ଓଭାନର



ବ୍ୟବହାର କରି ରୋଷେଇ କରିଛନ୍ତି । ସେମାନେ ଏଠାରେ ଚିକେନ ଉଇଙ୍ଗସ୍ ଓ କାଳିମିର୍ଚ୍ଚ ଷ୍ଟେକ ରୋଷେଇ କରିଛନ୍ତି । ଏହା ଏକ ଫେରୱେଲ ପାଟି ଅବସରରେ ପ୍ରସ୍ତୁତ କରାଯାଇଛି । ସ୍ପେସ ଷ୍ଟେସନରେ ପହଞ୍ଚିଥିବା ନୂଆ ଯାତ୍ରୀ ପୁରୁଣା ଯାତ୍ରୀଙ୍କୁ ବିଦାୟ ଦେବା ସମୟରେ ଏହାକୁ ରାନ୍ଧିଛନ୍ତି । ଏହାକୁ ସ୍ପେସ ଷ୍ଟେସନର ପ୍ରଥମ ବାର୍ବିକ୍ୟୁ ପାର୍ଟିର ଆଖ୍ୟା ଦିଆଯାଇଛି । ଏହି ଓଭାନଟି ସ୍ମୋକ ଫ୍ରି , ତେଣୁ ଏହାକୁ ମହାକାଶରେ ଖାଦ୍ୟ ରାନ୍ଧିବା ପାଇଁ ଯୋଗ୍ୟ । ଏହାକୁ ସ୍ୱତନ୍ତ୍ରଭାବେ ମହାକାଶ ପାଇଁ ହିଁ ଡିଜାଇନ କରାଯାଇଛି । ଏହା ମହାକାଶରେ ୫୦୦ ଥର ଖାଦ୍ୟ ପ୍ରସ୍ତୁତ କରିପାରିବ । ଯାହାପରେ ଏହାକୁ ସଫା କରିବାର ଆବଶ୍ୟକତା ରହିଛି । ଏହି ଓଭାନରେ ୧୯୦ ପ୍ରକାରର ଖାଦ୍ୟ ପ୍ରସ୍ତୁତ କରାଯାଇ ପାରିବ । ଯେଉଁଥିରେ ତାଜା ପନିପରିବା,କେକ୍ ଓ ମାଂସ ଆଦି ରୋଷେଇ ହୋଇପାରିବ ।

୧୮୭୧ – ପ୍ରସିଦ୍ଧ ଭାରତୀୟ ସାଂସଦ, ଶିକ୍ଷାବିତ୍, ଅଧିବକ୍ତା ତଥା ପତ୍ରକାର ସଚ୍ଚିଦାନନ୍ଦ ସିହ୍ନାଙ୍କ ଜନ୍ମ ।

୧୯୦୯ – ଆମେରିକୀୟ ସଙ୍ଗୀତକାର ତଥା ଗୀତିକାର ଜନି ମାର୍କ୍ସଙ୍କ ଜନ୍ମ ।

୧୯୫୦ – ଆମେରିକୀୟ ଲେଖକ ୱିଲିୟମ୍ ଫକନରଙ୍କୁ ସାହିତ୍ୟରେ ନୋବେଲ୍ ପୁରସ୍କାର ।

୧୯୬୩ – ୧୯୮୧ ଏସୀୟ ଚେସ୍ ଚାମ୍ପିଅନ୍‌ସିପ୍‌ରେ ବିଜୟ ହାସଲ କରିଥିବା ପ୍ରଥମ ଭାରତୀୟ ମହିଳା ରୋହିଣୀ ଖାଦିଲକରଙ୍କ ଜନ୍ମ ।

୧୯୭୦ – ଫ୍ରାନ୍ସର ପୂର୍ବତନ ରାଷ୍ଟ୍ରପତି ଚାର୍ଲ୍ସ ଦି ଗାଲ୍‌ଙ୍କ ପରଲୋକ ।

୧୯୮୩ – ବିଲ୍ ଗେଟ୍ସଙ୍କ ଦ୍ୱାରା ୱିଣ୍ଡୋଜ ୧.୦ର ଶୁଭାରମ୍ଭ ।

୨୦୦୨ – ଇଂଲଣ୍ଡ ଠାରୁ ଅଷ୍ଟ୍ରେଲିଆ ପ୍ରଥମ ଆଶେଷ ଟେଷ୍ଟମ୍ୟାଚ୍ ଜିତିଲା ।

୨୦୦୪ – ଝାଙ୍ଗଝୌକୁ ଚୀନ୍‌ର ଅଷ୍ଟମ ସର୍ବପୁରାତନ ସହର ରୂପେ ଘୋଷଣା କରାଗଲା ।

# କେବଳ ଚଳେଇହେବ ଧଳା ଗାଡି



ତୁର୍କମେନିସ୍ତାନର ରାଜଧାନୀ ଅଶଗାବାତରେ ରହିଛି ଏକ ଅଜବ ନିୟମ । ଏଠାରେ ଥିବା ନିୟମ ଅନୁସାରେ ଏହି ସହରର ରାସ୍ତାରେ କେବଳ ଧଳା ଓ ହାଲୁକା ରଙ୍ଗର ଗାଡି ଚଳାଇବାକୁ ଅନୁମତି ରହିଛି । ଏହି ନିୟମ ସେଠାରେ ୨୦୧୮ରୁ ଲାଗୁ କରାଯାଇଥିଲା । ଏହି ନିୟମ ସେଠିକାର ପୂର୍ବ ରାଷ୍ଟ୍ରପତିଙ୍କର ଧଳା ରଙ୍ଗ ପ୍ରତି ଥିବା ଭଲପାଇବାର ଫଳ । ସେ ପାଗଳ ଭଳି ଧଳା ରଙ୍ଗକୁ ଭଲ ପାଉଥିଲେ ତେଣୁ ଏଭଳି ଏକ ନିୟମ ଲାଗୁ କରିଥିଲେ । ଧଳା ରଙ୍ଗ ଭଲ ଭାଗ୍ୟ ଓ ଶୁଦ୍ଧତାର ପ୍ରତୀକ ହୋଇଥିବାରୁ ସେ ଏହି ରଙ୍ଗକୁ ଖୁବ ଭଲ ପାଉଥିଲେ । ୨୦୧୫ରୁ ଏଠାରେ କଳା, ଗାଢ ନୀଳ ଓ ଲାଲ ରଙ୍ଗର କାର ଉପରେ ପ୍ରତିବନ୍ଧକ ଲାଗିଛି । ସେହିଭଳି ଯଦି ଗାଡି କିଣିବା ପରେ କାରର ରଙ୍ଗ ବଦଳା ଯାଏ ତେବେ ସେମାନଙ୍କ ଗାଡିକୁ ପୋଲିସ ଜବତ କରିଦିଏ । କେବଳ ଗାଡି ନୁହେଁ ଏଠାରେ ଥିବା ଘର ବିଲ୍ଡିଂ ମଧ୍ୟ ଧଳା ରଙ୍ଗର । ଏପରିକି ଏଠାରେ ଧଳା ମାର୍ବଲରେ ନିର୍ମିତ ବିଲ୍ଡିଂ ପାଇଁ ଏହାକୁ ୱାର୍ଲ୍ଡ ରେକର୍ଡରେ ମଧ୍ୟ ସାମିଲ କରାଯାଇଛି । ତେବେ ସହରରେ ସମସ୍ତ ଜିନିଷ ଧଳା ରଙ୍ଗର ଥିବାରୁ କେହିକେହି ଏହାକୁ ଏଲିଅନ ସହର ବୋଲି ମଧ୍ୟ କହି ଥାଆନ୍ତି ।

# ଦୁଇହଜାର ବର୍ଷ ପୁରୁଣା କ୍ରିତଦାସ ଘର

ବିଭିନ୍ନ ସମୟରେ ପ୍ରତ୍ନତତ୍ତ୍ୱବିତ୍‌ଙ୍କୁ ପୂରାତନ ସାମଗ୍ରୀ ମିଳିଥାଏ । ଇଟାଲିର ପୋମ୍ପେଲିରେ ଗବେଷକଙ୍କୁ ସେହିଭଳି ଏକ ପୂରାତନ କ୍ରୀତଦାସ ଘର ମିଳିଛି। ଯାହା ୨୦୦୦ବର୍ଷ ପୁରୁଣା ବୋଲି ଅନୁମାନ କରାଯାଉଛି । ଏହି ଘରେ ଗେବଷକଙ୍କୁ ଅନେକ ପୁରୁଣା ଜିନିଷ ମିଳିଛି । ଏହି ସାମଗ୍ରୀ ଭିତରେ ତିନୋଟି ଖଟ, କିଛି ପୁରୁଣା ପାତ୍ର ମିଳିଛି । ଏଠାରେ ଏକ ଖନନ କାର୍ଯ୍ୟ ଚାଲିଥିବା ସମୟରେ ଏହି ସାମଗ୍ରୀ ମିଳିଛି । ପୂର୍ବରୁ ଏଠାରେ ଏକ ପୁରୁଣା ରୋମାନ ଘୋଡାଗାଡି ମିଳିଥିଲା । ତେଣୁ ଏହି କ୍ରୀତଦାସ ମାନେ ଘୋଡା ଗାଡିର ରକ୍ଷଣା ବେକ୍ଷଣ କିମ୍ବା ନିର୍ମାଣରେ ନିୟୋଜିତ ଥିବା ନେଇ ଅନୁମାନ କରାଯାଉଛି । ଏହ ବଖରାରେ ମିଳିଥିବା ଖଟରେ ଏକ ଛୋଟପିଲାଙ୍କ ଖଟ ମଧ୍ୟ ମିଳିଛି । ଦୁଇଟି ଖଟର ଲମ୍ବା ୧.୭ ମିଟର ଥିବା ବେଳେ ଗୋଟିଏ ୧.୪ ରହିଛି । ଏହାସହ ବଖରାର ଏକ କଣରେ କିଛି ପାତ୍ର ମଧ୍ୟ ରହିଛି । ସେହିଭଳି ମିଳିଥିବା କାଛ ବାକ୍ସରେ କିଛିଟା ଧାତୁ ଓ ଫେବ୍ରିକର ସାମଗ୍ରୀ ରହିଛି ଯାହା ଘୋଡାଗାଡିରେ ଲାଗିଥିବା ସାମଗ୍ରୀ ବୋଲି ଅନୁମାନ କରାଯାଉଛି । ମିଳିଥିବା ଏହି ପୁରୁଣା ସାମଗ୍ରୀ ଆଗକୁ ଏଠିକାର ସଭ୍ୟତା ଉପରେ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଦେବ ବୋଲି ଭୂତତ୍ତ୍ୱବିତ୍ ମାନେ ଆଶା ପ୍ରକାଶ କରିଛନ୍ତି । ପ୍ରାଥମିକ ସୂଚନାରୁ ଏଠାରେ ଏକ କ୍ରୀତଦାସ ପରିବାର ରହୁଥିବାବେଳେ ସେମାନଙ୍କ ପରିବାରର ସଦସ୍ୟଙ୍କ ସଂଖ୍ୟା ୩ । ଘରଟିରେ ଗୋଟିଏ ଛୋଟ ଝରକା ଥିବା ବେଳେ କାନ୍ଥରେ କୌଣସି ସାଜସଜ୍ଜାର ଚିହ୍ନ ନାହିଁ । ତେବେ ଗୋଟିଏ ଲଣ୍ଠନର ଚିହ୍ନ ରହିଥିବା ଅନୁମାନ କରାଯାଉଛି, ଯାହା କାନ୍ଥରେ ଟଙ୍ଗା ଯାଉଥିଲା ।



## ସୋସିଆଲ କୋଟ୍ସ

“ମିଡିଆକୁ ସବୁବେଳେ ଡ୍ରାମା ପସନ୍ଦ । ତେଣୁ ବେଳେବେଳେ ଏହି କାରଣରୁ ମୋ ପରିବାର ଖୁବ ହଇରାଣ ହୋଇଥାଏ । ସେହିଭଳି ମୋ ବିବାଦକୁ ଶିଳ୍ପାଙ୍କ ନାଁ ଟାଣିବା ଗ୍ରହଣୀୟ ନୁହେଁ ।

ରାଜ କୁନ୍ଦ୍ରା, ଶିଳ୍ପପତି





“ଅନେକ ଦିନରୁ ସ୍ୱପ୍ନ ପୂରଣ ହୋଇଛି । ବେଶ୍ କିଛି ଦିନରୁ ସବୁବେଳେ ଡ୍ରିମ୍ ଥିଲା କି ମୋ ଗୀତ ଟି ସିରିଜ୍‌ରେ କିଭଳି ବାଜିବ । ତାହା ଆଜି ସତ ହୋଇଛି ।

ଅଲ୍ଲୁ ଅର୍ଜୁନ, ଅଭିନେତା

“ଫିଲ୍ମ ତିସ୍ ତିଆରି କରିବାକୁ ଖୁବ ପରିଶ୍ରମ କରିଛି । ହେଲେ ଏହାକୁ ନେବାକୁ ନେଟ୍‌ଫ୍ଲିକ୍ସ ମନା କରିଦେଇଥିଲା, ଯାହା ମତେ ଖୁବ ବାଧିଥିଲା । ସେତେବେଳେ ମୁଁ ଡିପ୍ରେସନକୁ ପଳେଇଥିଲି ।

ଦିବାକର ବାନାର୍ଜୀ, ନିର୍ଦ୍ଦେଶକ



# ଶରୀରକୁ ସୁସ୍ଥ ରଖେ ଘିଅ ଗୁଡ଼

ମିଠା ଖାଇବାକୁ ସମସ୍ତଙ୍କର ଇଚ୍ଛା ହୋଇଥାଏ । ବିଶେଷକରି ଖାଇବା ପରେ ସମସ୍ତେ ମିଠା ଖାଇବାକୁ ଆଗ୍ରହ ଦେଖାଇଥାଆନ୍ତି । ହେଲେ କେତେକଙ୍କ ଶରୀର ଏଥିପାଇଁ ସମ୍ମତି ପ୍ରକାଶ କରିନଥାଏ । ତେବେ ମିଠା ସ୍ଥାନରେ ଆପଣ ଗୁଡସହିତ ଘିଅ ମିଶାଇ ଖାଇପାରିବେ, ଯାହା ଆପଣଙ୍କ ମିଠା ଖାଇବାର ଇଚ୍ଛାକୁ ପୂର୍ଣ୍ଣ କରିବା ସହିତ ଶରୀର ପାଇଁ ମଧ୍ୟ ସ୍ୱାସ୍ଥ୍ୟପ୍ରଦ । ଘିଅ ସହିତ ଗୁଡ ମିଶ୍ରଣରେ ପ୍ରସ୍ତୁତ ଖାଦ୍ୟ ସୁସ୍ୱାଦୁ ହେବା ସହିତ ସ୍ୱାସ୍ଥ୍ୟକର ମଧ୍ୟ । ଏହା ଆମର ରୋଗପ୍ରତିରୋଧକ ଶକ୍ତି ବଢାଇବାରେ ସାହାଯ୍ୟ କରିଥାଏ । ଏହା ଆମର ଚର୍ମ, ନଖ ଓ ଚୁଟିକୁ ସୁସ୍ଥ ରଖିବାରେ ସାହାଯ୍ୟ କରିଥାଏ । ଏହାସହିତ ଶରୀରରେ ଥିବା ଆଇରନ୍‌ର ଅଭାବକୁ ମଧ୍ୟ ଏହା ଦୂର କରିଥାଏ । ଘିଅରେ ଥିବା ଓମେଗା –୩, ଭିଟାମିନ୍ ଏ, ଡି, କେ, ଇ ଆଦି ଓଜନ ହ୍ରାସ କରିବାରେ ସହାୟକ ହୋଇଥାଏ ।



# ସ୍ୱପ୍ନ ଦେଖ, ନମ୍ର ରୁହ, ସଫଳତା ପାଅ: ଏସ୍.ଏନ୍.ସୁବ୍ରମଣ୍ୟମ୍

ଭୁବନେଶ୍ୱର, (ସବ୍ୟୁ): ସ୍ୱପ୍ନ ଦେଖ, ନମ୍ର ରୁହ ଓ ନିଜର ୩୫ ବର୍ଷ ବୟସ ହେବା ପୂର୍ବରୁ କିଛି ସଫଳତା ହାସଲ କରି ଦେଖାଅ ବୋଲି ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇ କହିଛନ୍ତି କର୍ପୋରେଟ୍ ଇଣ୍ଡିଆର ଅନ୍ୟତମ ପ୍ରମୁଖ ବ୍ୟକ୍ତି, ଲାର୍ସନ୍ ଆଣ୍ଡ ଟୁବ୍ରୋ (ଏଲଆଣ୍ଡଟି) ଅଧ୍ୟକ୍ଷ ଓ ପରିଚାଳନା ନିର୍ଦ୍ଦେଶକ ଏସ୍. ଏନ୍. ସୁବ୍ରମଣ୍ୟମ୍। କିଟ୍ ମ୍ୟାନେଜମେଣ୍ଟ ସ୍କୁଲ୍ ଦ୍ୱାରା ଆୟୋଜିତ 'ଶିଳ୍ପ ସିମ୍ପୋଜିମ୍ ୫.୦'ରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶ୍ରୀ ସୁବ୍ରମଣ୍ୟମ୍ ସବୁଜ ହାଇଡ୍ରୋଜେନ୍ ବିପ୍ଳବ, କୃତ୍ରିମ ବୁଦ୍ଧିମତ୍ତା ଓ ଇଭି ରୂପାନ୍ତରଣରୁ ସୃଷ୍ଟି ହେଉଥିବା ସୁଯୋଗଗୁଡ଼ିକୁ ହାସଲ କରିବା ଉପରେ ଗୁରୁତ୍ୱ ଦେଇଥିଲେ। ନବୀକରଣ ଯୋଗ୍ୟ ଶକ୍ତି, କୃତ୍ରିମ ବୁଦ୍ଧିମତ୍ତା ଓ ସ୍ଥାୟୀ ପ୍ରଯୁକ୍ତିବିଦ୍ୟା ଦ୍ୱାରା ଆଦୃତ ରୂପାନ୍ତରିତ ଶିଳ୍ପ ଦୃଶ୍ୟପଟ ଉପରେ ସେ ଆଲୋକପାତ କରିଥିଲେ। ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇ ସେ କହିଲେ, ଶିକ୍ଷା ପାଇଁ ତୁମେମାନେ ତୁମ ପିତାମାତା ଏବଂ ଶିକ୍ଷକଙ୍କ ବଳିଦାନକୁ କେବେ ଭୁଲିଯାଅ ନାହିଁ।



ନିଜର ଜିଜ୍ଞାସାକୁ ଆହୁରି ବଢ଼ାଇବା ସହ କରିପାରିବି, କରିବି ଓ ଏହାକୁ ସାକାର କରିବି ମନୋଭାବରେ ଅଗ୍ରସର ହେବାକୁ ସେ ଆହ୍ୱାନ କରିଥିଲେ। ଭବିଷ୍ୟତକୁ ଆକାର ଦେଉଥିବା ପ୍ରମୁଖ ବିଶ୍ୱ ପରିବର୍ତ୍ତନ ଉପରେ ଆଲୋକପାତ କରି ସେ କହିଲେ, ସୌର ଏବଂ ସବୁଜ ହାଇଡ୍ରୋଜେନ୍ ବିପ୍ଳବରୁ କୃତ୍ରିମ ବୁଦ୍ଧିମତ୍ତା ଏବଂ ଇଭି ରୂପାନ୍ତର ହେଉଛି। ୟୁଏଇ ଭଳି ଦେଶଗୁଡ଼ିକ ପୂର୍ବରୁ ନବୀକରଣ ଯୋଗ୍ୟ ଶକ୍ତି କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ସଫଳତା ହାସଲ କରୁଛନ୍ତି। ଆବୁଧାବିର ସଂପୂର୍ଣ୍ଣ ଶକ୍ତି ବ୍ୟାଟେରୀ ସିଷ୍ଟମ ଦ୍ୱାରା ପରିଚାଳିତ ବୋଲି ସେ ସୂଚନା ଦେଇଥିଲେ। ସେ ଛାତ୍ରଛାତ୍ରୀମାନଙ୍କୁ ଏଆଇ, ଇଭି ଓ ସବୁଜ ଶକ୍ତିରେ ଦେଖା ଦେଉଥିବା ବିଶାଳ ସୁଯୋଗର ଅନୁସନ୍ଧାନ କରିବାକୁ ଆହ୍ୱାନ କରିଥିଲେ। କର୍ପୋରେଟ୍ ଜ୍ଞାନ ଏବଂ ବ୍ୟକ୍ତିଗତ ପରାମର୍ଶକୁ ମିଶ୍ରଣ କରି ଶ୍ରୀ ସୁବ୍ରମଣ୍ୟମ୍ ଛାତ୍ରଛାତ୍ରୀଙ୍କୁ ଦୃଢ଼ ରହିବା ଏବଂ ସେମାନଙ୍କର ମୂଳକୁ ମୂଲ୍ୟ ଦେବା ପାଇଁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ, କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ, କିଟ୍ ସ୍କୁଲ୍ ଅଫ୍ ମ୍ୟାନେଜମେଣ୍ଟ ନିର୍ଦ୍ଦେଶକ ଡ କୁମାର ମହାନ୍ତି ଏବଂ ଅନ୍ୟାନ୍ୟ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ। ପୂର୍ବାହ୍ନରେ ସେ କିଟ୍ ଓ କିସ୍ କ୍ୟାମ୍ପସ ପରିଦର୍ଶନ କରିବା କିସ୍ ଛାତ୍ରଛାତ୍ରୀଙ୍କ ସହ ଦୀର୍ଘ ସମୟ ଅତିବାହିତ କରିଥିଲେ। କିସ୍ ଜରିଆରେ ହଜାର ହଜାର ଜନଜାତି ଛାତ୍ରଛାତ୍ରୀଙ୍କୁ ସଶକ୍ତ କରିବା ଦିଗରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ଉଦ୍ୟମକୁ ସେ ଭୂୟସୀ ପ୍ରଶଂସା କରିଥିଲେ।

## ସହରାଞ୍ଚଳ ପରିବହନ କ୍ଷେତ୍ରରେ

# ଓଡ଼ିଶାର 'ଆମ ବସ' ଓ 'ଆମ ଇ-ରାଇଡ୍' ପାଇଁ ସ୍ୱତନ୍ତ୍ର ପୁରସ୍କାର

ଭୁବନେଶ୍ୱର (ସବ୍ୟୁ): ନିରନ୍ତର ସହରାଞ୍ଚଳ ଗତିଶୀଳତା ପାଇଁ ଅଭିନବ ଆଭିମୁଖ୍ୟ ଅବଲମ୍ବନ କରି ଓଡ଼ିଶା ଜାତୀୟ ମାନ୍ୟତା ହାସଲ କରିଛି। ରାଜଧାନୀ ଅଞ୍ଚଳ ସହରାଞ୍ଚଳ ପରିବହନ (ସି. ଆର. ୟୁ. ଟି), ଭୁବନେଶ୍ୱରକୁ ଏହାର ଫ୍ଲାଗସିପ୍ ପଦକ୍ଷେପ "ସର୍ବୋତ୍ତମ ସହରାଞ୍ଚଳ ପରିବହନ ପ୍ରକଳ୍ପ କାର୍ଯ୍ୟକାରୀ କରିଥିବା ରାଜ୍ୟ/ୟୁଟି ପାଇଁ ରନିଂ କପି" ବର୍ଗରେ "ଆମ୍ ବସ ଏବଂ ଆମ୍ ଇ-ରାଇଡ୍" ପାଇଁ "ସହରାଞ୍ଚଳ ପରିବହନରେ ସ୍ୱତନ୍ତ୍ର ପୁରସ୍କାର" ପ୍ରଦାନ କରାଯାଇଛି।

ଆଜି ଗୁରୁଗ୍ରାମରେ ଅନୁଷ୍ଠିତ ଅର୍ବାନ ମୋବିଲିଟି ଇଣ୍ଡିଆ (ୟୁଏମଆଇ) ସମ୍ମିଳନୀ ୨୦୨୫ ର ଉଦଯାପନୀ ଅଧିବେଶନରେ ମାନ୍ୟବର ଆବାସ ଓ ସହରାଞ୍ଚଳ ବ୍ୟାପାର ମନ୍ତ୍ରୀ ଏହି ପୁରସ୍କାର ପ୍ରଦାନ କରିଥିଲେ। ଗୃହନିର୍ମାଣ



ଓ ନଗରଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଉଷା ପାଢ଼ୀ ରାଜଧାନୀ ଅଞ୍ଚଳ ସହରାଞ୍ଚଳ ପରିବହନ (ସିଆରୟୁଟି) ର ବରିଷ୍ଠ ଅଧିକାରୀମାନଙ୍କ ସହିତ ପ୍ରଦତ୍ତ ଟ୍ରଫି ଗ୍ରହଣ କରିଥିଲେ। ଏହି ଜାତୀୟ ସମ୍ମାନ ଜନକେନ୍ଦ୍ରିତ ଏବଂ ସବୁଜ ପରିବହନ ସମାଧାନରେ ଓଡ଼ିଶାର ନେତୃତ୍ୱକୁ ଦୋହରାଇଥାଏ, ଯାହା ସମନ୍ୱିତ ଏବଂ ପରିବେଶ ଅନୁକୂଳ ପରିବହନ ବ୍ୟବସ୍ଥା ମାଧ୍ୟମରେ ଆଧୁନିକ, ଅନ୍ତର୍ଭୁକ୍ତ ଏବଂ ସ୍ଥାୟୀ ସହର ନିର୍ମାଣ ପାଇଁ ରାଜ୍ୟର ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ।

## ଦୁଇଗାଁ ଗୋଷ୍ଠୀ ସଂଘର୍ଷ

# ୧୮ ଗିରଫ, ଗାଁ ପୁରୁଷ ଶୂନ୍ୟ

ବୋଲଗଡ଼ ,(ସବ୍ୟୁ): ଗତ କିଛିଦିନ ଧରି ବଜାର ନାମଫଳକକୁ ନେଇ ବେଗୁନିଆ ବ୍ଲକ ବାଘମାରୀ ଥାନା ଅନ୍ତର୍ଗତ କୋଟପଲ୍ଲା ଓ ଓସ୍ତପୁର ଗ୍ରାମ ମଧ୍ୟରେ ଗୋଷ୍ଠୀ ସଂଘର୍ଷ ଘଟି ଅନେକ ଆହତ ହୋଇଥିଲେ । ଏହାକୁ ନେଇ ଜିଲ୍ଲାପ୍ରଶାସନ ପକ୍ଷରୁ ଦ୍ୱିତୀୟଥର ପାଇଁ ବି.ଏନ.ଏସ ଧାରା ୧୬୩ଲାଗୁକରାଯାଇଛି ।ଶାନ୍ତିରକ୍ଷା ପାଇଁ ଦୁଇ ଗ୍ରାମରେ ଏକ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଛି । ରାତି ଅଧରେ ଖୋର୍ଦ୍ଧା ଜିଲ୍ଲାର ବିଭିନ୍ନ ଥାନା ଅଧିକାରୀ ଓ ପୋଲିସ ଫୋର୍ସ ନେଇ କୋଟପଲ୍ଲା ଗ୍ରାମରୁ ୧୧ ଜଣ ଓ ଓସ୍ତପୁର ଗ୍ରାମରୁ ୭ଜଣଙ୍କୁ ଗିରଫ କରିଛି । ସେମାନଙ୍କ ମଧ୍ୟରୁ ୧୨ ଜଣଙ୍କୁ କୋର୍ଟ ଫରଓ୍ୱାର୍ଡ କରାଯାଇଥିଲା ବେଳେ ୬ ଜଣଙ୍କୁ ବାଘମାରୀ ଥାନାରେ ଅଟକ ରଖାଯାଇ ପଚରା ଉଚରା ଚାଲିଛି ।ଏହି ଘଟଣାପରେ ଦୁଇଗାଁପୁରୁଷ ଶୂନ୍ୟ ହୋଇପଡ଼ିଛି । ବାଙ୍କୀ ସିମୋର ରାସ୍ତାରେ ଏବେ ମଧ୍ୟ ଯାତୟତରେ ଭୟ ଦେଖାଦେଇଛି । ଗିରଫ ଭୟରେ ଲୋକେ ଗହୀର ବିଲ ମଧ୍ୟରେ ଲୁଚି କରି ରହୁଛନ୍ତି ।ଖୋର୍ଦ୍ଧା ଏସ.ପି. ବିବେକାନନ୍ଦ ଶର୍ମା, ଏସଡିପିଓ ନିହାର ରଂଜନ ପ୍ରଧାନ ପରିସ୍ଥିତି ପ୍ରତି ତୀକ୍ଷ୍ଣ ନଜର ରଖିଛନ୍ତି । କିଛି ଦିନ ପରେ ଏ ଅଞ୍ଚଳର ବୁଦ୍ଧୀଜୀବୀମାନଙ୍କୁ ନେଇ ଶାନ୍ତି କମିଟି ଗଠନ କରି ସମସ୍ୟାର ସମାଧାନ ହେବ ବୋଲି ଅତିରିକ୍ତ ଜିଲ୍ଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନ ସୂଚନା ଦେଇଛନ୍ତି ।

## ମିଳିତ ସ୍ୱାସ୍ଥ୍ୟ ଶିବିର

ବାଲେଶ୍ୱର,(ସବ୍ୟୁ): ଫିଆଟ ଲକ୍ସ କ୍ଲବ ନୀଳଗିରି ଓ ଏଫ୍ .ମ. ଆଲୁମିନି ମିଳିତ ଆନୁକୁଲ୍ୟରେ ନୀଳଗିରିର ବରିସାହି କଲ୍ୟାଣ ମଣ୍ଡପରେ ଏକ ନିଶୁ◂ ମେଗା ସ୍ୱାସ୍ଥ୍ୟମେଳାରେ ଅନୁଷ୍ଠିତ ହୋଇଯାଇଛି । ।ଏହି ଅବସରରେ ଆଲୁମିନିର ସଭାପତି ଡ଼ା.ପ୍ରଭାତ ଚୌଧୁରୀ ପୌରୋହିତ୍ୟରେ ଆୟୋଜିତ ସଭାରେ ଫିଆଟ ଲକ୍ସର ସଭାପତି ସୁରଞ୍ଜନ ମହାପାତ୍ର,ସେକ୍ରେଟାରୀ ବିଜୟ ବିଶ୍ୱାଳ, ଡା.କିଶୋର କୁମାର ବେହେରା, ଡ଼ା.ବୁଦ୍ଧେଶ୍ୱର ମାଝୀ, ଡ଼ା.ପ୍ରମୋଦ ଟୁଡୁ, ଡ଼ା ତାରାକାନ୍ତ ନନ୍ଦ,ପୂର୍ବତନ ନୀଳଗିରି ବିଧାୟକ ଚିତ୍ତରଞ୍ଜନ ଷଡ଼ଙ୍ଗୀ ପ୍ରମୁଖ ବକ୍ତବ୍ୟ ରଖିଥିଲେ । ପାଥଲୋଜି ଟେକ୍ନିସିଆନ ଯଥା ଶୁଭମ୍ ଖଣ୍ଡେଇ,ଚିରଞ୍ଜିବୀ ଦାସ,ସତିଶ ଜେନା,ରାମ କୃଷ୍ଣ ଦାସ,ଆଶ୍ୱିନ ଦାସ,ଶିବ ଦାସ,ବିଶ୍ୱଜିତ୍ ଦାସ ମହାପାତ୍ର,କିଶୋର ଦାସ ରଞ୍ଜୁ ବୋଷ ପ୍ରଭୃତିଙ୍କ ଦ୍ୱାରା ଇସିଜି, ଡାଇବେଟିସ୍, ଲିପିଡ଼୍ ପ୍ରଫାଇଲ, ଏଚ୍‌ବି, ଭିଟାମିନ-ଡ଼ି, ବିଏମ୍‌ଡ଼ି ପ୍ରଭୃତି ଟେଷ୍ଟ କରାଯାଇ ରିପୋର୍ଟ ପ୍ରଦାନ କରାଯାଇଥିଲା ।

# ବସ୍ତାନି ବୋଝ: କେହି ନିୟମ ମାନୁନାହାନ୍ତି

ଭୁବନେଶ୍ୱର,(ତଥ୍ୟ) ପିଲାଙ୍କ ବସ୍ତାନି ବୋଝ କମାଇବାପାଇଁ ରାଜ୍ୟ ସରକାର କରିଥିବା ସ୍କୁଲ ବ୍ୟାଗ୍ ନୀତିକୁ ପ୍ରାୟତଃ କେହି ମାନୁ ନାହାନ୍ତି। ଅଭିଭାବକମାନେ ପିଲାଙ୍କ କାନ୍ଧରେ ବୋଝ ବଢାଉଥିବାବେଳେ ବହି ବିକ୍ରିକରୁଥିବା ବିଦ୍ୟାଳୟଗୁଡ଼ିକ ବି ନିଜର ବ୍ୟବସାୟ ପାଇଁ ଏଥିପ୍ରତି ଆଖିବୁଜି ଦେଉଛନ୍ତି। ବିଦ୍ୟାଳୟକୁ ଆସୁଥିବା ଛୋଟ ଛୋଟ ପିଲାଙ୍କ କାନ୍ଧ ଯେଭଳି ବସ୍ତାନି ବୋଝରେ ଚାପିହୋଇ ନଯିବ ସେଥିପାଇଁ ରାଜ୍ୟ ସରକାର ସ୍ପଷ୍ଟ ନୀତି କରିଛନ୍ତି। କେଉଁ ଶ୍ରେଣୀର ପିଲା କେତେ ଓଜନର ବ୍ୟାଗ୍ ଧରି ବିଦ୍ୟାଳୟକୁ ଆସିବେ ତାହା ସ୍ଥିର ହୋଇଛି। ତଦନୁଯାୟୀ ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ପାଇଁ ବସ୍ତାନିର ଓଜନ ଦେଢ କିଲୋ ଧାର୍ଯ୍ୟ ହୋଇଥିବାବେଳେ ତୃତୀୟ ରୁ ପଞ୍ଚମଶ୍ରେଣୀ ପିଲାଙ୍କ ପାଇଁ ୨ ରୁ ୩ କିଲୋ, ଷଷ୍ଠରୁ ଅଷ୍ଟମ ଶ୍ରେଣୀ ପିଲାଙ୍କ ପାଇଁ ୪ କିଲୋ, ଅଷ୍ଟମ ଏବଂ ନବମ ଶ୍ରେଣୀ ପିଲାଙ୍କ ପାଇଁ ସାଢେ ୪ କିଲୋ ଏବଂ ଦଶମ ଶ୍ରେଣୀ ପିଲାଙ୍କ ପାଇଁ ଏହାର ଓଜନ ୫ କିଲୋ ହେବ।

ପିଲାମାନେ ଧାର୍ଯ୍ୟ ଓଜନ ଅନୁଯାୟୀ ବସ୍ତାନି ଧରି ବିଦ୍ୟାଳୟକୁ ଆସୁଛନ୍ତି କି ନାହିଁ ତାହାର ଯାଞ୍ଚ ଲାଗି ସହରାଞ୍ଚଳରେ ପୌରସଂସ୍ଥା ସ୍ତରୀୟ ଏବଂ ଜିଲ୍ଲାରେ ବ୍ଲକ ସ୍ତରୀୟ କମିଟି ଗଠନ ହୋଇଛି। ଏହି କମିଟିରେ ବିଇଓ, ଏବିଇଓ ଏବଂ ସିଆରସିସିମାନେ ସଭ୍ୟ ଅଛନ୍ତି। ଏମାନେ ନିୟମିତ ଭାବେ ବିଭିନ୍ନ ବିଦ୍ୟାଳୟ ନିକଟକୁ ଯାଇ ଛାତ୍ରଛାତ୍ରୀମାନଙ୍କର ଯାଞ୍ଚ କରିବା କଥା। ତେବେ ସରକାରୀ ସୂଚନା ଅନୁଯାୟୀ ସରକାରଙ୍କ ବସ୍ତାନି ଓଜନ ନିୟମ କୌଣସି ବିଦ୍ୟାଳୟ ମାନୁନଥିବା ନେଇ କୌଣସି ଅଭିଯୋଗ ହସ୍ତଗତ ହୋଇନାହିଁ। ଏହାର କାରଣ ହେଉଛି ଗୋଟିଏ ପଟେ ଯାଞ୍ଚ ହେଉନଥିବାବେଳେ ଅନ୍ୟପଟେ ଅଭିଭାବକମାନେ ମଧ୍ୟ ଏ ନେଇ ପାଟି ଖୋଲୁ ନାହାନ୍ତି।

ଅଭିଭାବକଙ୍କ ମତରେ ପିଲାଙ୍କ ବସ୍ତାନି ବୋଝ ବଢାଇବା କ୍ଷେତ୍ରରେ ଘରୋଇ ବିଦ୍ୟାଳୟର ଯୋଗଦାନ ସର୍ବାଧିକ ରହୁଛି। କାରଣ ଏହିସବୁ ବିଦ୍ୟାଳୟମାନେ ଏଲକେଜି ଓ ୟୁକେଜିର କୁନି କୁନି ପିଲାଙ୍କୁ ହଜାର ହଜାର ଟଙ୍କାର ବହି ଓ ଖାତା ଧରାଇ ଦେଉଛନ୍ତି। ହୋମଓ୍ୱାର୍କ ନାଁରେ ପ୍ରତିଦିନ ପୁଳାଏ ବହି ଓ ଖାତା ନେଇ ବିଦ୍ୟାଳୟକୁ ଆସିବାକୁ କୁହାଯାଉଛି। ତେଣୁ ପିଲାମାନେ ବାଧ୍ୟହୋଇ ଅଧିକ ଓଜନର ସ୍କୁଲବ୍ୟାଗ ନେଇ ବିଦ୍ୟାଳୟକୁ ଆସୁଛନ୍ତି। ଓଜନଦାର ବହି ଓ ଖାତା ସହିତ ସେମାନଙ୍କର ଖାଦ୍ୟ ଓ ପାଣି ମଧ୍ୟ ରହୁଛି। ଫଳରେ କୁନି କୁନି ପିଲାମାନେ ବସ୍ତାନି ବୋଝରେ ଏକ ପ୍ରକାର ଚାପିହୋଇ ଯାଉଛନ୍ତି। ପିଲାଙ୍କ ବସ୍ତାନି ବୋଝର ଯାଞ୍ଚ ସହିତ ଘରୋଇ ବିଦ୍ୟାଳୟକେଉଁ ଶ୍ରେଣୀର ପିଲାଙ୍କୁ କେତେ ଟଙ୍କାର ବହି ଖାତା ବିକ୍ରି କରୁଛନ୍ତି ତାହାର ଯାଞ୍ଚ କରାଗଲେ ବସ୍ତାନି ବୋଝ ହ୍ରାସ ପାଇବ ବୋଲି ମତପ୍ରକାଶ ପାଉଛି। ସରକାରୀ ବିଦ୍ୟାଳୟରେ ପିଲାମାନେ ଶିକ୍ଷାବୋର୍ଡ ଦ୍ୱାରା ଧାର୍ଯ୍ୟ ଅଳ୍ପ ସଂଖ୍ୟକ ପୁସ୍ତକ ପଢୁଥିବାବେଳେ ଘରୋଇ ବିଦ୍ୟାଳୟଗୁଡ଼ିକ କିନ୍ତୁ ନିଜ ନିଜର ବ୍ୟବସାୟ ପାଇଁ ପିଲାଙ୍କୁ ପାଠ୍ୟକ୍ରମ ବାହାରେ ବହୁ ସଂଖ୍ୟକ ବହି ଧରାଇ ଦେଉଛନ୍ତି। ଏହା କେବଳ ବସ୍ତାନି ବୋଝ ବଢାଉ ନାହିଁ, ଅଭିଭାବକଙ୍କ ପକେଟ ଉପରେ ଚାପ ପକାଇବା ସହିତ ପିଲାଙ୍କ ଉପରେ ବି ମାନସିକ ପ୍ରଭାବ ପକାଇବାରେ ଲାଗିଛି।

# ସୌମ୍ୟଙ୍କ ଚିତ୍ର, ସଂଗୀତ ଓ ଆବୃତ୍ତିରେ ଦର୍ଶକ ବିମୋହିତ

ଭୁବନେଶ୍ୱର, (ସବ୍ୟୁ): ସ୍ଥାନୀୟ ଚନ୍ଦ୍ରଶେଖରପୁର ବୁଦ୍ଧ ଆର୍ଟ ଗ୍ୟାଲେରିରେ ଗତ ତିନି ଧରି ଚାଲି ଆସୁଥିବା ଚିତ୍ର, ସଂଗୀତ ଓ ସାହିତ୍ୟର ନିଆରା ପ୍ରଦର୍ଶନୀ "ଆକୃତି " ରବିବାର ଉଦଯାପିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ଚିତ୍ରଶିଳ୍ପୀ ପଦ୍ମଶ୍ରୀ ବିନୋଦ ମହାରଣା ସମ୍ମାନିତ ଅତିଥି ଭାବେ ଚିତ୍ରଶିଳ୍ପୀ ଜନାର୍ଦନ ପରମଗୁରୁ,ରାଜ କିଶୋର ମହାରଣା,ମମତା ସାମନ୍ତରାୟ, ଲିପିଶ୍ରୀ ନାୟକ ଯୋଗ ଦେଇ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ । ଚିତ୍ର, ବାଦ୍ୟ, ସଂଗୀତ,ସାହିତ୍ୟ ଓ ଆବୃତ୍ତି ତଥା ବିଶ୍ଲେଷଣର ମିଶ୍ରଣ ରେ ଏଭଳି ନିଆରା ଆୟୋଜନ ପ୍ରଥମ କରି ହେଇଛି ଏବଂ ଏହା ଆଗାମୀ ଦିନରେ ଆମ ମହାନ ଓଡିଶୀ ସଂଗୀତ ଓ ସାହିତ୍ୟ ପ୍ରତି ଯୁବ ପିଢୀଙ୍କୁ ଆକର୍ଷିତ କରିବାରେ ବେଶ ସହାୟକ ବୋଲି ମୁଖ୍ୟ ଅତିଥି କହିଥିଲେ । କାର୍ଯ୍ୟକ୍ରମରେ କିଶୋର ଚନ୍ଦ୍ରକ୍ଷନନ୍ଦ ଚମ୍ପୁର ୩୪ ଟି ଚିତ୍ରର ଭାବ ଉପରେ ପର୍ଯ୍ୟବେକ୍ଷିତ ସଂଗୀତ ଓ ଆବୃତ୍ତି ପରିବେଷଣ ହୋଇଥିଲା । ତିନି ଦିନ ସମେତ ଦର୍ଶକ ଙ୍କୁ ଶ୍ରୁତିମୁଗ୍ଧ,ପ୍ରୀତ ଦୃଷ୍ଟ୍ୟ ଓ ଭାବାନୁଭବରେ ବିମୋହିତ କରିଦେଇଛନ୍ତି । ସୌମ୍ୟ ବିଶ୍ୱଜିତଙ୍କ ସମେତ ସୌମ୍ୟ କାନ୍ତ ମଲ୍ଲିକ,



ଧରି ଶ୍ରୀ ଜୟଦେବଙ୍କ ଗୀତଗୋବିନ୍ଦ, କବିସୂର୍ଯ୍ୟ ବଳଦେବ ରଥ ଙ୍କ ରମ୍ୟ ରଚନା,କିଶୋର ଚନ୍ଦ୍ରକ୍ଷନନ୍ଦ ଚମ୍ପୁ, ଛାନ୍ଦ, ଚମ୍ପୁ, ଚଉତିଶା ଆଦିକୁ ସ୍ୱତନ୍ତ୍ର ପରିବେଷଣରେ ସୌମ୍ୟ ବିଶ୍ୱଜିତ ଶହ ଶହ ଯୁବ ପିଢୀଙ୍କ ସିଦ୍ଧି ପଟନାୟକ, ସିଦ୍ଧି ଶତପଥୀଙ୍କ ପ୍ରଚେଷ୍ଟାରେ ଏଭଳି ଆୟୋଜନ ଆସନ୍ତା ଦିନ ମାନଙ୍କରେ ଆମ ସଂସ୍କୃତିର ପ୍ରଚାର ପ୍ରସାର ପାଇଁ ବେଶ ସହାୟକ ହେବ ବୋଲି ଅତିଥି ମାନେ କହିଥିଲେ ।

# ବାଇକକୁ ଧକ୍କା ଦେଲା କାର : ୨ଗୁରୁତର

ସାକ୍ଷୀଗୋପାଳ ,(ସବ୍ୟୁ): ସତ୍ୟବାଦୀ ଥାନା ଅନ୍ତର୍ଗତ ପୁରୀ ଭୁବନେଶ୍ୱର ଜାତୀୟ ରାଜପଥର କାଦୁଆ ଛକ ପେଟ୍ରୋଲ ପମ୍ପ ସମ୍ମୁଖରେ ଶନିବାର ବିଳମ୍ବିତ ରାତି ପ୍ରାୟ ଗୋଟାଏ ସମୟରେ ଏକ ଦୁର୍ଘଟଣା ଘଟିଅଛି । ଏହି ଦୁର୍ଘଟଣାରେ ୨ଜଣ ଗୁରୁତର ଆହତ ହୋଇଛନ୍ତି ।ବାଲିଯାତ୍ରା ଦେଖିବାକୁ ଚନ୍ଦନ ପୁର ଥାନା ଅନ୍ତର୍ଗତ ଶାସନ ଦାମୋଦର ପୁର ସାମିଲ ନରହରି ପୁର ଗ୍ରାମର ୪ ଜଣ ବନ୍ଧୁ ୨ଟି ବାଇକରେ କଟକ ବାଲିଯାତ୍ରା ଦେଖି ଗ୍ରାମକୁ ଫେରିବା ସମୟରେ ରାତି ପ୍ରାୟ ଗୋଟାଏ ସମୟରେ କାଦୁଆ ପେଟ୍ରୋଲ ପମ୍ପ ସମ୍ମୁଖରେ ଭୁବନେଶ୍ୱରରୁ ପୁରୀ ଆସୁଥିବା ଏକ କାର ବାଇକ ଦ୍ୱୟକୁ ପଛ ପଟୁ ଧକ୍କା ଦେଇଥିଲା । ଗୋଟିଏ ବାଇକ ଛିଟିକି ପଡି ରାଜପଥ ଅତିକ୍ରମ କରି ଡିଭାଇଡ଼ର ଉପରେ ପଡିଥିଲା । ଆଉ ଗୋଟିଏ ବାଇକ କାର ସହିତ ରାଜପଥ ପାଶ୍ୱର୍ରେ କ୍ରାସ ବ୍ୟାରିଅର ସହିତ ଚିପି ହୋଇ ଯାଇଥିଲା । ବାଇକ ଆରୋହୀ ବିକାଶ ସାହୁ (୨୯) ଓ କୁଶିଆ ପ୍ରଧାନ (୩୦) ଗୁରୁତର ଆହତ ହୋଇଥିଲେ । ସ୍ଥାନୀୟ ଜନସାଧାରଣ, ସତ୍ୟବାଦୀ ପୋଲିସ, ଓ ହାଇ ଓ୍ୱେ ପେଟ୍ରୋଲିଂ ଗାଡି ଘଟଣା ସ୍ଥଳରୁ ଆହତ ଦ୍ୱୟଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ସାକ୍ଷୀଗୋପାଳ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ଅବସ୍ଥା ଗୁରୁତର ଥିବାରୁ ଆହତ ଦ୍ୱୟଙ୍କୁ ଅଧିକ ଚିକିତ୍ସା ନିମନ୍ତେ ଭୁବନେଶ୍ୱର ସ୍ଥାନାନ୍ତର କରା ଯାଇଥିଲା । ଅନ୍ୟ ୨ ଜଣଙ୍କୁ ସାକ୍ଷୀଗୋପାଳ ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା କରା ଯାଇଥିଲା ।

## ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ଦ୍ୱାଦଶ ସମାବର୍ତ୍ତନ ଉତ୍ସବ

# ୭୦୦ ସ୍ନାତକଙ୍କୁ ସ୍ନାତକ ଡିଗ୍ରୀ, ୩୦ ପି.ଏଚଡି, ୩୦ ସ୍ୱର୍ଣ୍ଣ, ୨୮ ରୌପ୍ୟ ଓ ୧୮ ଜଣଙ୍କୁ କାଂସ୍ୟ

କଟକ (ସ୍ୱ.ପ୍ର):"ନିଜ ଚେହେରାରେ ସ୍ମିତହାସ୍ୟ ବଜାୟ ରଖ। ଜୀବନରେ ଆହ୍ୱାନ ତ ବହୁତ ଆସିବ । ମାତ୍ର ତୁମମାନଙ୍କ ମୁଖମଣ୍ଡଳରୁ ହସ ଲିଭିଯିବା ଉଚିତ୍ ନୁହେଁ । ଶିକ୍ଷା ତ' ଜୀବନରେ ଏଇମାତ୍ର ଆରମ୍ଭ କରିଛ, ଆଗକୁ ଆହୁରି ଆସିବ । ଏଥିରେ ବିଚଳିତ ହେବା ମଧ୍ୟ ଉଚିତ୍ ନୁହେଁ ।'ଆର୍ଟ ଅଫ୍ ଲିଭିଂ'ତୁମମାନଙ୍କ ପାଇଁ ୧୮୦ଟି ଦେଶରେ ମଞ୍ଚ ପ୍ରସ୍ତୁତ କରିଦେଇଛି । ତୁମେମାନେ ଯାଇ ସେ ବିଶାଳ ମଞ୍ଚରେ ନୃତ୍ୟ କର ।"ସ୍ଥାନୀୟ ନରାଜସ୍ଥିତ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ଦ୍ୱାଦଶ ସମାବର୍ତ୍ତନ ଉତ୍ସବରେ ଶନିବାର କିଛି ଏହିଭଳି ସାଧାରଣ ଓ ହୃଦୟକୁ ଛୁଇଁ ଯାଉଥିବା କଥା କହି ଉପସ୍ଥିତ ବିଦ୍ୟାର୍ଥୀ ଓ ଶିକ୍ଷାବିତମାନଙ୍କର ମନ ମୋହିଥିଲେ ଏଥିରେ ଅଧ୍ୟକ୍ଷତା କରିଥିବା ବିଶିଷ୍ଟ ମାନବବାଦୀ, ଆଧ୍ୟାତ୍ମିକ ଗୁରୁ ତଥା ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଓ ଆଜୀବନ ସଭାପତି ଗୁରୁଦେବ ଶ୍ରୀ ଶ୍ରୀ ରବିଶଙ୍କର ।

ଚଳିତ ବର୍ଷ ୭୦୦ ବିଦ୍ୟାର୍ଥୀଙ୍କୁ ସ୍ନାତକ ଏବଂ ସ୍ନାତକୋତ୍ତର ପ୍ରମାଣପତ୍ର ପ୍ରଦାନ କରାଯାଇଛି । ସେମାନଙ୍କ ମଧ୍ୟରୁ ୩୦ ଜଣଙ୍କୁ ଉପାଧ୍ୟୁତ୍ତର (ପି.ଏଚଡି) ଡିଗ୍ରୀ ପ୍ରଦାନ କରାଯାଇଥିବା ବେଳେ ୩୦ ଜଣ ବିଦ୍ୟାର୍ଥୀଙ୍କୁ ସ୍ୱର୍ଣ୍ଣ, ୨୮ ଜଣଙ୍କୁ




ରୌପ୍ୟ ଏବଂ ୧୮ ଜଣଙ୍କୁ କାଂସ୍ୟ ପଦକରେ ସମ୍ମାନିତ କରାଯାଇଛି । ସେମାନଙ୍କୁ କାର୍ଯ୍ୟନିର୍ବାହୀ କୁଳସଚିବ ପ୍ରଫେସର ଡ. ଅନିଲ କୁମାର ଶର୍ମା ଶପଥ ପାଠ କରାଇଥିଲେ । ଦୀକ୍ଷାନ୍ତ ସମାରୋହ କାର୍ଯ୍ୟକ୍ରମରେ ନାକ୍ ଓ ଏନବିଏ ମୁଖ୍ୟ ଡ. ଅନିଲ ସହସ୍ରବୁଦ୍ଧେ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ୨୦୪୭ ସୁଦ୍ଧା ଦେଶ ବିକଶିତ ଭାରତର ସ୍ୱରୂପ ଦେଖିପାରିବ କହି ବିଦ୍ୟାର୍ଥୀମାନଙ୍କୁ ସମ୍ବୋଧିତ କରିଥିଲେ । ଅନ୍ୟତମ ସମ୍ମାନିତ ଅତିଥି ତଥା ନେପାଳର ପୂର୍ବତନ ମୁଖ୍ୟ ବିଚାରପତି ଶ୍ରୀ କଲ୍ୟାଣ ଶ୍ରେଷ୍ଠ ମଧ୍ୟ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ଲକ୍ଷ୍ୟ, 'ଲର୍ଣ୍ଣ-ଲିଡ୍-ସର୍ଭ' ପ୍ରସଙ୍ଗର ଅବତାରଣା କରି ସଫଳ ସ୍ନାତକମାନଙ୍କୁ ଅଭିନନ୍ଦନ ଜଣାଇଥିଲେ । ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିବା କେନ୍ଦ୍ର ସରକାରଙ୍କ ଶିକ୍ଷା ରାଷ୍ଟ୍ରମନ୍ତ୍ରୀ ଡ. ସୁକାନ୍ତ ମଜୁମଦାର ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ ପ୍ରାଚ୍ୟର ପ୍ରାଚୀନ ଶିକ୍ଷାପଦ୍ଧତି ସହ ପାଶ୍ଚାତ୍ୟର ଅଭିନବ ସଂସ୍କୃତିର ମିଶ୍ରଣ ହୋଇଥିବା କହିଥିଲେ ।

# ଏସୟୁଜେ ପୁରୀ ଶାଖାର ଆଞ୍ଚଳିକ ସମାବେଶ ଓ ସାଧାରଣ ବୈଠକ

ପୁରୀ, (ସବ୍ୟୁ) : ଷ୍ଟେଟ ୟୁନିୟନ ଜର୍ଣ୍ଣାଲିଷ୍ଟ ଆସୋସିଏସନ (ଏସୟୁଜେ) ପୁରୀ ଶାଖା ପକ୍ଷରୁ ଏକ ସାଧାରଣ ବୈଠକ ସହ ଆଞ୍ଚଳିକ ସମାବେଶ ଅନୁଷ୍ଠିତ ହୋଇଯାଇଛି । ବଳିଆପଣ୍ଡା ସ୍ଥିତ ଏମଜେଆର ହୋଟେଲ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏସୟୁଜେର ରାଜ୍ୟ ସଭାପତି କୈଳାଶ ଚନ୍ଦ୍ର ନାୟକ ମୁଖ୍ୟଅତିଥି ରୂପ ଯୋଗଦାନ କରିଥିଲେ । ଅନ୍ୟତମ ଅତିଥିଭାବେ ଜାତୀୟ ସାମ୍ବାଦିକ ୟୁନିୟନର ସାଂଗଠନିକ ସମ୍ପାଦକ ଡଃ ଚିନ୍ତାମଣି ପାଢ଼ୀ, ମୁଖ୍ୟ କାର୍ଯ୍ୟନିର୍ବାହୀ ଶଶି ଭୂଷଣ ଷଡ଼ଙ୍ଗୀ, ପୁରୀର ଯୁବ ସଂଗଠକ ଜଗନ୍ନାଥ ରାଓ ମଂଚାସୀନ ଥିଲେ। ଅତିଥି ମାନେ ମତବ୍ୟକ୍ତ କରିଥିଲେ ଯେ ସରକାର ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ କରିବା ଅତ୍ୟନ୍ତ ଜରୁରୀ ଅଟେ । ଏଥିସହ ଛାପା ଓ ବୈଦ୍ୟୁତିକ ଗଣମାଧ୍ୟମରେ



କାର୍ଯ୍ୟରତ ସାମ୍ବାଦିକ ଓ ଅଣସାମ୍ବାଦିକ କର୍ମଚାରୀଙ୍କୁ ସାମ୍ବାଦିକ କଲ୍ୟାଣ ଯୋଜନାରେ ଅନ୍ତର୍ଭୁକ୍ତ କରନ୍ତୁ। ସାମ୍ବାଦିକଙ୍କୁ ଭତ୍ତା, ପେନ୍‌ସନ୍ ତୁରନ୍ତ ଲାଗୁ କରିବା ସହ ମୃତ୍ୟୁକାଳୀନ ସହାୟତା ରାଶି ୨୫ ଲକ୍ଷ ଟଙ୍କା, ରାଜଧାନୀରେ ସାମ୍ବାଦିକ ଅତିଥି ଭବନ ନିର୍ମାଣ, ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ୧୦ ଲକ୍ଷ ଟଙ୍କାକୁ ବୃଦ୍ଧି, ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ଅନ୍ତର୍ଭୁକ୍ତ ସମସ୍ତ ସାମ୍ବାଦିକମାନଙ୍କୁ ସରକାରୀ ସ୍ୱୀକୃତି ପ୍ରଦାନ ସହ ସୁବିଧାସୁଯୋଗ ଯୋଗାଇ ଦେବାକୁ ଦାବି କରିଥିଲେ । ଏସୟୁଜେର ଜିଲ୍ଲା ସଭାପତି ଡକ୍ଟର କେଦାର ନାଥ ସାହୁ ସଭା ପରିଚାଳନା କରିଥିବା ବେଳେ ସାଧାରଣ ସମ୍ପାଦକ ପ୍ରଦୀପ କୁମାର ନାୟକ ଅତିଥିପରିଚୟ ପ୍ରଦାନ ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । କଟକ, ଯାଜପୁର, ଜଗତସିଂହପୁର, କେନ୍ଦ୍ରାପଡା, ନୟାଗଡ଼, ଖୋର୍ଦ୍ଧା ଆଦି ଜିଲ୍ଲାର ସଭାପତି ଓ ସମ୍ପାଦକଙ୍କ ସଦସ୍ୟ ମାନେ ଏହି କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ ନିଜର ମତ ଉପସ୍ଥାପନ କରିଥିଲେ । ରୂପକ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ ।

## ମଦ ଜବତ, ୪ ଗିରଫ

ବାଲୁଗାଁ ,(ସବ୍ୟୁ): ବାଲୁଗାଁ ଅବକାରୀ ଅଧିକାରୀ ସୁଜିତ କୁମାର ମୁଦୁଲିଙ୍କ ନେତୃତ୍ୱରେ ପୃଥକ ଭାବେ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ୯୦ଲିଟର ଦେଶୀ ମହୁଲି ମଦ ସମେତ ଏକ ବାଇକ ଜବତ କରାଯାଇଛି । ଏଥିରେ ସମ୍ପୃକ୍ତ ୪ ଜଣ ବ୍ୟବସାୟୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି । ସେମାନେ ହେଲେ ବାଣପୁର ଥାନା ତୁମ୍ଭୁରାପୁଟ ଗ୍ରାମର କାର୍ତ୍ତିକ ସେଠୀ ଏବଂ ନାରାୟଣ ସେଠୀ, ଗଦାଧର ପୁର ଗ୍ରାମର ମୁନା ଦାସ,ବୋରିଗାଁ ର ଶିଶିର ରଣସିଂହ । ଉକ୍ତ ଚଢ଼ାଉରେ ଏ ଏସ ଆଇ ମୀନକେତନ ମହାଳିକ, କନେଷ୍ଟବଳ ସୁନିତା ମହାରଣା, ଅଶେଷ କୁମାର ପ୍ରଧାନ, ରଞ୍ଜିତ ପଟେଲ ଏବଂ କାଳୁ ପ୍ରଧାନ ସାମିଲ ହୋଇଥିଲେ ।

# ମୁକ୍ତା ଫାଉଣ୍ଡେସନ ପକ୍ଷରୁ ସ୍ୱପ୍ନ ମନ୍ଦିର ଜରାଶ୍ରମରେ କାର୍ଯ୍ୟକ୍ରମ

ଭୁବନେଶ୍ୱର, (ସବ୍ୟୁ): କରୁଣା, ସେବା ଓ ସମର୍ପଣର ଭାବଧାରାରେ ଗଠିତ ମୁକ୍ତା ଫାଉଣ୍ଡେସନ ପକ୍ଷରୁ ସ୍ଥାନୀୟ ସ୍ୱପ୍ନ ମନ୍ଦିର ଜରାଶ୍ରମଠାରେ ଆଶ୍ରମ ଅନ୍ତେବାସୀଙ୍କ ସହିତ ଏକ ମନୋରମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରତିଷ୍ଠାତ୍ରୀ ତଥା ପରିଚାଳନା ଟ୍ରଷ୍ଟି ବନ୍ଦନା ପଣ୍ଡାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଫାଉଣ୍ଡେସନର ସହ-ପ୍ରତିଷ୍ଠାତ୍ରୀ ସଙ୍ଘମିତ୍ରା ପାଢ଼ୀ, ଉପଦେଷ୍ଟା ପ୍ରୀତିଛନ୍ଦା ଧଳ ଏବଂ ବରିଷ୍ଠ କୋର କମିଟି ସଦସ୍ୟ ଚନ୍ଦନା ତ୍ରିପାଠୀ ଓ ଲୋପାମୁଦ୍ରା ଜେନା ପ୍ରମୁଖ ଯୋଗ ଦେଇ ଆଶ୍ରମର ଅନ୍ତେବାସୀଙ୍କ ସହିତ ଆନନ୍ଦପୂର୍ଣ୍ଣ ଆଲୋଚନା ତଥା ଉପହାର ବଣ୍ଟନ ସହିତ ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । "ମୁକ୍ତା ଫାଉଣ୍ଡେସନର ଦୃଷ୍ଟିକୋଣ ହେଉଛି ଆବଶ୍ୟକତା



ଥିବା ଲୋକଙ୍କ ପାଇଁ ସମର୍ଥନର ହାତ ବଢ଼େଇବା। ଶ୍ରଦ୍ଧା ଓ ସମ୍ମାନର ସହ ଜୀବନର ଅନ୍ତିମ ସମୟ ଅତିବାହିତ କରିବା ସମୟରେ ବୟୋଜ୍ୟେଷ୍ଠ ବ୍ୟକ୍ତିମାନଙ୍କ ଅସହାୟତା ମନକୁ ଆନ୍ଦୋଳିତ କରେ। ସେମାନଙ୍କ ପାଇଁ ଯାହା କିଛି ସମ୍ଭବ ମୁକ୍ତା ଫାଉଣ୍ଡେସନ ପକ୍ଷରୁ ତାହା କରାଯିବ ବୋଲି ଶ୍ରୀମତୀ ପଣ୍ଡା ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଆଶ୍ରମର ଅନ୍ତେବାସୀ ସକ୍ରିୟ ଭାବରେ ଅଂଶ ଗ୍ରହଣ କରି ନିଜ ଜୀବନରେ ଅନେକ ଘଟଣାବଳୀ ସମ୍ପର୍କରେ ଆଲୋଚନା କରିବା ସହିତ ମୁକ୍ତା ଫାଉଣ୍ଡେସନର ଏହି ସୁନ୍ଦର ପ୍ରୟାସ ପାଇଁ ଶୁଭେଚ୍ଛା ଓ ଆଶୀର୍ବାଦ ପ୍ରଦାନ କରିଥିଲେ।

## ରାଜନେତା ଓ କବି ଶଙ୍କର ପରିଡ଼ାଙ୍କୁ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି

# 'ସଂଗଠନ ଓ ସାହିତ୍ୟ କ୍ଷେତ୍ରରେ ନେତୃତ୍ୱ ପାଇଁ ସ୍ମରଣୀୟ ରହିବେ'

ଭୁବନେଶ୍ୱର, (ସବ୍ୟୁ): ରାଜନୀତିରେ ମୂଲ୍ୟବୋଧ ଓ ସ୍ୱଚ୍ଛତା ସାଙ୍ଗକୁ ସାହିତ୍ୟରେ ଯୁବଲେଖକମାନଙ୍କୁ ପ୍ରେରଣା ଦେବାରେ ରାଜନେତା ତଥା କବି ଶଙ୍କର ପରିଡ଼ା ସ୍ମରଣୀୟ ରହିବେ । ଆଜି ଗୀତଗୋବିନ୍ଦ ସଦନରେ ସ୍ୱର୍ଗୀୟ ପରିଡ଼ାଙ୍କ ଏକାଦଶାହ ଅବସରରେ ଆୟୋଜିତ ଶୋକସଭାରେ ତାଙ୍କ ଉଦ୍ଦେଶ୍ୟରେ ବକ୍ତାମାନେ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ଓଡ଼ିଆ ଯୁବଲେଖକ ସମ୍ମେଳନ ଆନୁକୂଲ୍ୟରେ ରବିବାର ପୂର୍ବାହ୍ନରେ ଅନୁଷ୍ଠିତ ଏହି ଶୋକସଭାରେ ପ୍ରସିଦ୍ଧ କବି ତଥା ସମ୍ମେଳନର ପ୍ରାକ୍ତନ ସଭାପତି ଅମରେଶ ପଟ୍ଟନାୟକ ଅଧ୍ୟକ୍ଷତା କରିଥିବାବେଳେ ରାଜ୍ୟରେ ନିଶା ନିବାରଣର ପ୍ରମୁଖ କର୍ଣ୍ଣଧାର ତଥା ପୂର୍ବତନ ବିଧାୟକ ପଦ୍ମଚରଣ ନାୟକ ଓ ପୂର୍ବତନ କେନ୍ଦ୍ର ମନ୍ତ୍ରୀ ବ୍ରଜ କିଶୋର ତ୍ରିପାଠୀ ଉପସ୍ଥିତ ରହି ସ୍ୱର୍ଗୀୟ ପରିଡ଼ାଙ୍କ କୃତି ଓ କୃତିତ୍ୱ ନେଇ ବକ୍ତବ୍ୟ ରଖିଥିଲେ ।




ସ୍ୱର୍ଗୀୟ ପରିଡ଼ାଙ୍କ ଫଟୋଚିତ୍ରରେ ସମସ୍ତଙ୍କ ଶ୍ରଦ୍ଧାସୁମନ ଅର୍ପଣ ପରେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା । ଯୁବଲେଖକ ସମ୍ମେଳନର ସାଧାରଣ ସଂପାଦକ ଶ୍ରୀ ବନୋଜ ତ୍ରିପାଠୀ ଉଦ୍ଦେଶ୍ୟ ଜ୍ଞାପନ କରିଥିବାବେଳେ ଦଳମତ ନିର୍ବିଶେଷରେ ବିଭିନ୍ନ ରାଜନେତା ତଥା କବି-ଲେଖକ-ସଂପାଦକବୃନ୍ଦ ନିଜ ନିଜ ବକ୍ତବ୍ୟରେ ସ୍ୱର୍ଗୀୟ ପରିଡ଼ାଙ୍କ ଅନନ୍ୟ ଇଚ୍ଛାଶକ୍ତି, ସାଂଗଠନିକ ଦକ୍ଷତା, ଭାଷା ଆନ୍ଦୋଳନ ତଥା ପଞ୍ଚାୟତିରାଜ ଆନ୍ଦୋଳନରେ ତାଙ୍କର ଭୂମିକା ଏବଂ ସାରସ୍ୱତ ଅବଦାନ ଉପରେ ଆଲୋକପାତ କରିଥିଲେ ।

ସଜ୍ଜନ ଶର୍ମା, ରକ୍ଷକ ନାୟକ, ସରୋଜ ବଳ, ଶରତ କୁମାର ନାୟକ, ଉମାକାନ୍ତ ରାଉତ (ଅରୂପ), ଦିଲ୍ଲୀପ ଶତପଥୀ, ସୂର୍ଯ୍ୟ ରଥ, ଅଶୋକ ପୁହାଣ, ସୁବୋଧ କାନୁନଗୋ, ଦେବପ୍ରସାଦ ପରିଜା, ଶ୍ୟାମପ୍ରକାଶ ସେନାପତି, ପ୍ରଫୁଲ୍ଲ ଚକ୍ର, ଚିନ୍ମୟୀ ଷଡ଼ଙ୍ଗୀ, ରମଣ ଅଗ୍ରୱାଲ, ଶ୍ୟାମାକିଙ୍କର ମହାନ୍ତି, ପିନାକୀ ମିଶ୍ର, ନିରୁପମା ରଥ, ଜୟଶ୍ରୀ ପଟ୍ଟନାୟକ, ପ୍ରମୋଦ ପ୍ରଧାନ, ସଞ୍ଜୁଲତା ମହାନ୍ତି ପଟ୍ଟନାୟକ, ସନ୍ନ୍ୟାସୀ ନାୟକ, ବିପିନ ମହାନ୍ତି, ପ୍ରିୟ ରଞ୍ଜନ ସାହୁ, ମିହିର କୁମାର ସାହୁ, ଅରୁଣ ଜେନା, ଅରୁଣ କୁମାର ସାହୁ, ଭବାନୀ ପ୍ରସାଦ ମିଶ୍ର, ଅମୀୟ ରଞ୍ଜନ ମହାପାତ୍ର, ରାଜ୍ୟବର୍ଦ୍ଧନ ଧଳ ମହାପାତ୍ର, ଶକୁନ୍ତଳା ଓଝା, ସୂର୍ଯ୍ୟ ଦେଓ, ଶତ୍ରୁଜିତ, ବୀରେନ୍ଦ୍ର ମହାନ୍ତି, ମାଧବାନନ୍ଦ ବେଉରା, ମାଧବ ମିଶ୍ର, ପ୍ରଜ୍ଞା ପାରମିତା ଲେଙ୍କା, ରଜନୀ ରଣସିଂହ, ସୁଷମା ଦାସ, ମନୋରଞ୍ଜନ ପାଣିଗ୍ରାହୀ, ଦୁର୍ଗା ଚରଣ ଷଡ଼ଙ୍ଗୀ, ତପନ ରଥ, ଅକ୍ଷୟ ବେହେରା, ପ୍ରମୋଦ ସାମନ୍ତରାୟ, ସୁଧୀର ମଉଡ଼ମଣି, ମିନତୀ ଦାସ, ବିଜୟିନୀ ପଣ୍ଡା ଓ ପଲ୍ଲବୀ ଦାସ ପ୍ରମୁଖ ନିଜ ନିଜ ବକ୍ତବ୍ୟ ରଖି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଶେଷରେ ସମ୍ମେଳନର ପୂର୍ବତନ ସଂପାଦକ ସୂର୍ଯ୍ୟ ମିଶ୍ର କୃତଜ୍ଞତା ଜ୍ଞାପନ କରିଥିଲେ । ପ୍ରତି ବର୍ଷ ଶଙ୍କରଙ୍କ ସ୍ମୃତିରେ ଏକ ସ୍ମାରକ ବକ୍ତୃତା କାର୍ଯ୍ୟକ୍ରମ ଆୟୋଜନ ହେବ ବୋଲି ପ୍ରସ୍ତାବ ଗୃହୀତ ହୋଇଥିଲା ।

## ଅପଶବ୍ଦ ବ୍ୟବହାର ପାଇଁ ମୁଖ୍ୟମନ୍ତ୍ରୀ ଭୁଲ ମାଗନ୍ତୁ : ଭକ୍ତ

# ନୂଆପଡାବାସୀଙ୍କ ହାର୍ଦ୍ଦିକ ସହଯୋଗ ପାଇଁ କଂଗ୍ରେସ କୃତଜ୍ଞ

ନୂଆପଡ଼ା,(ସବ୍ୟୁ): ନିର୍ବାଚନ ପ୍ରଚାରର ଶେଷ ଦିନରେ ନୂଆପଡ଼ାର ଖୁଣ୍ଟିଆ ଭବନ ଠାରେ ଏକ ସାମ୍ବାଦିକ ସମ୍ମିଳନୀକୁ ସମ୍ବୋଧିତ କରି ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି । କଂଗ୍ରେସର ନିର୍ବାଚନ ପ୍ରଚାର କାର୍ଯ୍ୟକ୍ରମକୁ ଉପଯୁକ୍ତ ସମୟ ଦେଇଥିବାରୁ ସମସ୍ତ ଗଣମାଧ୍ୟମର ବନ୍ଧୁମାନଙ୍କୁ ହୃଦୟରୁ ଧନ୍ୟବାଦ । ସମସ୍ତ ନୂଆପଡ଼ା ବାସୀଙ୍କୁ କୃତଜ୍ଞତା । ବିଶେଷ କରି ନୂଆପଡ଼ାର ମା, ଭଉଣୀଙ୍କ କଂଗ୍ରେସ ପ୍ରତି ଆଗ୍ରହ, ଉଦ୍ଦୀପନା ଓ ସ୍ୱାଗତ ପାଇଁ ଆମେ ଋଣି । କଂଗ୍ରେସ ଦଳ ଏବଂ ଆମ ଦଳର ସମସ୍ତ ନେତୃବୃନ୍ଦ ସମ୍ପୂର୍ଣ୍ଣ ଗଣତାନ୍ତ୍ରିକ ପଦ୍ଧତିରେ ନିର୍ବାଚନ ପ୍ରଚାର କରିଛି । ଆମେ ଜିଲ୍ଲା ଆଇନଜୀବୀ ସଂଘ, ବିଭିନ୍ନ ନାଗରିକ ଏବଂ ଯୁବକ ସଂଘ, ସମବାୟ ସଂଘ ଓ ବିଭିନ୍ନ ସମାଜ ସହିତ ନୂଆପଡ଼ା ଆବହେଳିତ କାହିଁକି ବିଶଦ ଆଲୋଚନା କରିଛୁ । ନୂଆପଡ଼ା ସହିତ ମୋର ସମ୍ପର୍କକୁ ପୁନର୍ଜୀବିତ କରିବାକୁ ସୁଯୋଗ ପାଇଛି । ସେଥିପାଇଁ ପୁଣି ନୂଆପଡ଼ାକୁ ଧନ୍ୟବାଦ ।

ଗଣମାଧ୍ୟମ ପ୍ରଶ୍ନ କରିଥିଲା କଂଗ୍ରେସର ଭିଡ ସେତେ ନାହିଁ କାହିଁକି ? ଆମର ଉତ୍ତର ହେଉଛି ଆମର ଭିଡ ଲୋକ ଦେଖାଣିଆ ନୁହେଁ । ଆମକୁ ଲୋକ ଆଣିବାକୁ ଟଙ୍କା ଖର୍ଚ୍ଚ କରିବାକୁ ପଡେ ନାହିଁ । କଂଗ୍ରେସ ସଭାକୁ ସ୍ଥାନୀୟ ଲୋକ ଆସୁଛନ୍ତି , ନିଜ ପକେଟରୁ ଟଙ୍କା ଖର୍ଚ୍ଚ କରୁଛନ୍ତି ।ଏହା ହେଉଛି ସେମାନଙ୍କ ଏବଂ ଆମ ମଧ୍ୟରେ ଫରକ୍ । ଆମେ ଯେଉଁ ଗ୍ରାମପଞ୍ଚାୟତକୁ ଗଲେ ଲୋକେ ଆପଣାଛାଏଁ ଆସି ଆମ ସାଥିରେ ମିଶୁଛନ୍ତି । ହୃଦୟରୁ ଆମ ମାନଙ୍କୁ ସହଯୋଗ କରୁଛନ୍ତି । ସୁନାବେଡା ଉପର ଦେଇ ଶହ ଶହ ବିମାନ ରାୟପୁର ଗତାଗତ କରୁଛି । ଆଉ ସେ ହେଲିକେପଟର ଦେଖିବା ଯୁଗ ନାହିଁ । କିଛି ବିକାଶମୂଳକ କାର୍ଯ୍ୟ ଯଦି କରିଥାନ୍ତେ ତେବେ ହେଲିକେପଟର ଦେଖିବାପାଇଁ ଲୋକଙ୍କୁ ଡାକି ହସର ପାତ୍ର ହେବାକୁ ପଡ଼ି ନଥାନ୍ତା ବୋଲି ସଭାପତି ଶ୍ରୀ ଦାସ କହିଛନ୍ତି ।

ମୁଖ୍ୟମନ୍ତ୍ରୀଙ୍କୁ କଡା ସମାଲୋଚନା କରି କହିଛନ୍ତି, ମୁଖ୍ୟମନ୍ତ୍ରୀ ହୋଇ ପାଣ୍ଡୁ ଏବଂ ଅନ୍ୟ ଏକ ଶବ୍ଦ ଯାହା ମୁଁ ବ୍ୟବହାର କରି ପାରିବି ନାହିଁ କିଭଳି ଏକ ସାଧାରଣ ସଭାରେ କହିଲେ ? । ସାଧାରଣ ସ୍ଥାନରେ ଏଭଳି ଅପଶବ୍ଦ କାହା ପ୍ରତି ବ୍ୟବହାର କରାଯିବା ଆଇନ ଅନୁଯାଇ ଏକ ଦଣ୍ଡନୀୟ ଅପରାଧ ଏବଂ ଏହା ଫୌଜଦାରୀ ଅପରାଧ ଶ୍ରେଣୀ ଅନ୍ତର୍ଭୁକ୍ତ । ସର୍ବସାଧାରଣରେ ମାଆ ଭଉଣୀଙ୍କ ସାମ୍ନାରେ ଏଭଳି ଅପଶବ୍ଦ ବ୍ୟବହାର କରିବା ଯୋଗୁଁ କାହିଁକି ତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନାହିଁ ? । ଆମ କଂଗ୍ରେସ ପ୍ରାର୍ଥୀ ଘାସିରାମ ମାଟିର ସନ୍ତାନ ସେ ସତ୍ୟପଥରେ ଅଛନ୍ତି । ତାଙ୍କ ବିଜୟ ନିଶ୍ଚିତ । ବିଜୟ ହେବା ଦିନଠୁ ନୂଆପଡାର ଜୟଯାତ୍ରା ଆରମ୍ଭ ହେବ ବୋଲି ଶ୍ରୀ ଦାସ ଗଣମାଧ୍ୟମକୁ କହିଥିଲେ ।

## ଭାରତ ମସଲା ଷ୍ଟଲରେ ଅସମ୍ଭାଳ ଭିଡ

# ପୁରସ୍କାର ଗ୍ରହଣ କଲେ ଭାଗ୍ୟଶାଳୀ ବିଜେତା

କଟକ,(ସବ୍ୟୁ): ଆଜି ରବିବାର ଛୁଟିଦିନ ହୋଇଥିବାରୁ ଗୃହିଣୀ ମାନଙ୍କର ପ୍ରଥମ ପସନ୍ଦ ଭାରତ ମସଲାର ଚାରୋଟି ଯାକ ଷ୍ଟଲରେ ଅସମ୍ଭାଳ ଭିଡ ଦେଖିବାକୁ ମିଳିଥିଲା। କମ୍ପାନୀ ପକ୍ଷରୁ ନିଶ୍ଚିତ ଉପହାର ଯୋଜନାରେ ରୂପା କଏନ ଠାରୁ ଆରମ୍ଭ କରି କମ୍ବଳ ଓ କ୍ରମ୍ପଟନ କମ୍ପାନୀର ସିଲିଂ ପଙ୍ଖା ପର୍ଯ୍ୟନ୍ତ ମସଲା କ୍ରୟ ଉପରେ ପ୍ରତ୍ୟେକ ଗ୍ରାହକଙ୍କୁ ନିଶ୍ଚିତ ଉପହାର ସ୍ୱରୂପ ପ୍ରଦାନ କରାଯାଉଛି। ବାଲିଯାତ୍ରାର ମୁଖ୍ୟ ପୃଷ୍ଠପୋଷକ ଥିବା ଭାରତ ମସଲା କମ୍ପାନୀ ଗୃହିଣୀ ମାନଙ୍କ ପାଇଁ ଉପହାରର ପସରା ଖୋଲିଦେଇଛି। କେବଳ ସେତିକି ନୁହେଁ ଗ୍ରାହକଟିଏ ଭାରତ ମସଲା ଷ୍ଟଲ୍ ରେ ପଶି ଉପହାର ଉପରେ ଉପହାର ପାଇ ଖୁସି ବ୍ୟକ୍ତ କରୁଛନ୍ତି। ଏ ସବୁ ପରେବି ଗ୍ରାହକ ମାନଙ୍କୁ ଲକି ଡ୍ର କୁପନ ଦେଇ କମ୍ପାନୀ ସେମାନଙ୍କୁ ଭାଗ୍ୟଶାଳୀ ବିଜେତାର ସୌଭାଗ୍ୟ ଦେଇ ପାରୁଛି।



ଏହି ପରିପ୍ରେକ୍ଷୀରେ ଆୟୋଜିତ ତୃତୀୟ ଦିନର ଲକି ଡ୍ର ଭାଗ୍ୟଶାଳୀ ବିଜେତା ମାନଙ୍କର ଆଜି ଖଚାଖଚ ଭିଡ ଭିତରେ ସର୍ବସମ୍ମୁଖରେ କୁପନ୍ ଗୁଡିକର ଉଠାଣ କରାଯାଇଥିଲା। ଏଥିରେ ପ୍ରଥମ ବିଜେତା ଜଣକ ହେଇଛନ୍ତି ଚାଉଳିଆଗଞ୍ଜ କଟକର ସମ୍ବିତ ପୃଷ୍ଟି ଯିଏକି ମୁଖ୍ୟ ଅତିଥି ଭାରତ ମସଲାର ପରିଚାଳନା ନିର୍ଦ୍ଦେଶକ ସୁଶାନ୍ତ କୁମାର ପଣ୍ଡାଙ୍କ ଠାରୁ ପୁରସ୍କାର ସ୍ୱରୂପ ମାଇକ୍ରୋ ଓଭାନ୍ ଗ୍ରହଣ କରିଥିଲେ। ସେହିପରି ୨ୟ ବିଜେତା ଡିଅ ସାହି ଜଗତସିଂପୁରର ପ୍ରତାପ କୁମାର ସାହୁ ରେସିଙ୍ଗ ବାଇ ସାଇକେଲ। ୩ୟ ବିଜେତା ସାମନ୍ତ ସାହି କଟକର କମଳ ପ୍ରଧାନଙ୍କୁ ବାଉଲ୍ ସେଟ୍, ସ୍ୱାନ୍ତନା ମୂଳକ ବିଜେତା ତଳସରା ଗଞ୍ଜାମର ରଞ୍ଜନ କୁମାର ଜେନାଙ୍କୁ ଫ୍ରାୟିଙ୍ଗ ପାନ୍ ମୁଖ୍ୟ ଅତିଥି ଶ୍ରୀଯୁକ୍ତ ପଣ୍ଡା ପୁରସ୍କାର ସ୍ୱରୂପ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମ ରେ ପ୍ରତିଷ୍ଠାତା ଅଧ୍ୟକ୍ଷ ସୁରେନ୍ଦ୍ର ନାଥ ପଣ୍ଡା ନିର୍ଦ୍ଦେଶକ ଶ୍ରୀମନ୍ତ କୁମାର ପଣ୍ଡା ,ଦିଗନ୍ତ କୁମାର ପଣ୍ଡା, ଆଶୁତୋଷ ପଣ୍ଡା,ଏସଏନ ମିଲେନିୟମ, ଜିଏମ୍ ଅପରେସନ ଅରୁଣ କୁମାର ନାୟକ, ଜିଏମ୍ ପ୍ରଡକ୍ସନ ନବକୃଷ୍ଣ ପ୍ରଧାନଙ୍କ ସମେତ ଭାରତ ମସଲା କମ୍ପାନୀର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

## ବିଜେପି ରାଜ୍ୟ ସଭାପତିଙ୍କ ସାମ୍ବାଦିକ ସମ୍ମିଳନୀ

# 'ନୂଆପଡାର ସନ୍ତୁଳିତ ଓ ସାମଗ୍ରିକ ବିକାଶ କେବଳ ପ୍ରତିଶୃତି ନୁହେଁ' ପ୍ରତିବଦ୍ଧତା

ଭୁବନେଶ୍ୱର, (ସବ୍ୟୁ): ଏକ ଅଭାବନୀୟ ପରିସ୍ଥିତିରେ ନୂଆପଡା ଉପନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି। ଆସନ୍ତ ୧୧ ତାରିଖ ଦିନ ନୂଆପଡାବାସୀ ତାଙ୍କ ବିଧାୟକଙ୍କୁ ଚୟନ କରିବେ। ରବିବାର ପ୍ରଚାର ପ୍ରସାର କାର୍ଯ୍ୟ ଶେଷ ହୋଇଥିଲା ବେଳେ ଆସନ୍ତା ୧୪ ତାରିଖ ଦିନ ଫଳ ପ୍ରକାଶ ପାଇବ। ଉପନିର୍ବାଚନକୁ ନେଇ ନୂଆପଡାବାସୀଙ୍କ ମନ ଭିତରେ ଅନେକ ଉତ୍ସାହ ରହିଛି। ବର୍ତ୍ତମାନ ସୁଦ୍ଧା ଶାନ୍ତିପୂର୍ଣ୍ଣ ଓ ସୁସ୍ଥ ବାତାବରଣରେ ନିର୍ବାଚନ ପ୍ରଚାର ପ୍ରକ୍ରିୟା ସରିବାକୁ ଯାଉଥିବାରୁ ସମସ୍ତ ଭୋଟର ଭାଇଭଉଣୀମାନଙ୍କୁ ରାଜ୍ୟ ସଭାପତି ମନମୋହନ ସାମଲ ଆନ୍ତରିକ ଧନ୍ୟବାଦ ଜଣାଇଛନ୍ତି। ନୂଆପଡା ଜିଲ୍ଲା କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ସାମଲ କହିଛନ୍ତି ଯେ, 'ନୂଆପଡାର ସନ୍ତୁଳିତ ଓ ସାମଗ୍ରିକ ବିକାଶ' କେବଳ ପ୍ରତିଶୃତି ନୁହେଁ, ଏହା ଆମର ପ୍ରତିବଦ୍ଧତା। ଗତ ସାଧାରଣ ନିର୍ବାଚନରେ ଓଡିଶାବାସୀ ୨୧ ରୁ ୨୦ ସାଂସଦ ଆସନ ବିଜେପିକୁ ଦେଇଥିବାବେଳେ ରାଜ୍ୟରେ ପ୍ରଥମ ଥର ପାଇଁ ଏକାକୀ ସରକାର ଗଠନ କରିବାର ସୁଯୋଗ ଦେଇଛନ୍ତି। ଆମେ ଦେଇଥିବା ୨୧ଟି ନିର୍ବାଚନ ପ୍ରତିଶୃତିରୁ ୧୧ ଟି ପୂରଣ କରିବାରେ ସଫଳ ହୋଇଛୁ। ବହୁ ଶୀଘ୍ର ଅନ୍ୟ ପ୍ରତିଶୃତିଗୁଡିକୁ ପୁରଣ କରିବୁ। ଯାହା ଆମେ କହିଛୁ, ତାକୁ ପୂରଣ କରିବାକୁ ଚେଷ୍ଟା କରୁଛୁ। ସୁଭଦ୍ରା ଯୋଜନାରେ ନୂଆପଡା ଅଂଚଳର ୭୫ ହଜାର ମାଁ ଓ ଭଉଣୀ ଲାଭାନ୍ୱିତ ହୋଇଥିବାବେଳେ ୪୫ ହଜାରରୁ ଉର୍ଦ୍ଧ୍ୱ ଚାଷୀ ପରିବାର ଖାତାକୁ ଧାନ କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କା ପ୍ରଦାନ କରାଯାଉଛି। ବାର୍ଦ୍ଧକ୍ୟ ଓ ଦିବ୍ୟାଙ୍ଗ ଭତ୍ତା ଭାବେ ୩୫୦୦ ଟଙ୍କା ପ୍ରଦାନ କରାଯାଉଛି । ରାଜ୍ୟରେ ୧୫ ଲକ୍ଷ ହେକ୍ଟର ଚାହ ଜମିକୁ ଜଳସେଚିତ କରିବାର ଲକ୍ଷ୍ୟ ରଖାଯାଇଛି ଏବଂ କେବଳ ନୂଆପଡାକୁ ଏ ବାବଦରେ ୮୦୦ କୋଟି ଟଙ୍କା ଅନୁମୋଦନ କରାଯାଇଛି।



ଖରିଆର ରୋଡକୁ ମ୍ୟୁନିସିପାଲିଟି ଓ କୋମନାକୁ ଏନଏସି ଘୋଷଣା କରାଯାଇଥିବାବେଳେ କୋମନାରେ ସବ ରେଜିଷ୍ଟ୍ରାର କାର୍ଯ୍ୟାଳୟ ଖୋଲାଯାଇଛି। ମୁଖ୍ୟମନ୍ତ୍ରୀ ନୂଆପଡା ପାଇଁ ୧୪୨୧ କୋଟି ଟଙ୍କାର ପ୍ରକଳ୍ପ ଘୋଷଣା କରିଛନ୍ତି, ଯେଉଁଥିରେ ପର୍ଯ୍ୟଟନ, ଜଳସେଚନ ଆଦି ଗୁରୁତ୍ୱ ଦିଆଯାଇଛି। ନୂଆପଡାକୁ ମାଛ ଚାଷର ହବ୍ କରାଯିବ ଏବଂ ଏଥି ପାଇଁ ଫିସରି କଲେଜ ସ୍ଥାପନା କରାଯିବ। ନୂଆପଡା ରେଳଷ୍ଟେସନକୁ ଅମୃତ ଭାରତ ଷ୍ଟେସନ ଭାବେ ରୂପାନ୍ତିରତ କରାଯିବ। ବରଗଡ - ନୂଆପଡା ରେଳ ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ। ଜିଲ୍ଲାରେ କୃଷିଭିତ୍ତିକ ଶିଳ୍ପକୁ ଅଗ୍ରାଧିକାର ଦିଆଯିବ। ସକରାତ୍ମକ ରାଜନୀତି ନକରି "ବେଇମାନ ଓ ଚୋରୀ" ଭଳି ଶସ୍ତା କଥା କହି ମୂଳ ପ୍ରସଙ୍ଗକୁ ବିଜେଡି ଏଡାଇ ଦେଉଛି। ଦୀର୍ଘ ୭୫ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଶାସନରେ ଥିବା ଉଭୟ କଂଗ୍ରେସ ଓ ବିଜେଡି ଦଳ ନୂଆପଡାବାସୀଙ୍କ ପାଇଁ କଣ କରିଛନ୍ତି, ତାର ଆତ୍ମସମୀକ୍ଷା କରିବା ସହ ସାଧାରଣ ଜନତାଙ୍କ ସମ୍ମୁଖରେ ହିସାବ ରଖିବା ଉଚିତ୍। କାହାର ଭାବାବେଗ ସହ ଖେଳିବା ବା କଟାକ୍ଷ କରିବା ଅନୁଚିତ୍। ଶସ୍ତା ରାଜନୀତି କରି ନିର୍ବାଚନ ବୈତରଣୀ ପାର ହେବାକୁ ଚେଷ୍ଟା କରୁଛନ୍ତି।

ବିଜେପି ପ୍ରାର୍ଥୀ ଜୟ ଢୋଲକିଆଙ୍କୁ ପଦ୍ମ ଚିହ୍ନରେ ବିପୁଳ ସଂଖ୍ୟାରେ ଭୋଟ ଦେଇ ବିଜୟୀ କରାଇବାକୁ ରାଜ୍ୟ ସଭାପତି ଶ୍ରୀ ସାମଲ ନୂଆପଡାବାସୀଙ୍କୁ ନିବେଦନ କରିଛନ୍ତି। ଏହି ଅବସରରେ ଓଡିଶା ଜନତା ଦଳର ପ୍ରାର୍ଥୀ ଶ୍ରୀ ସୁଖଧର ଦଣ୍ଡସେନା ବିଜେପିରେ ସାମିଲ ହେବା ସହିତ ବିଜେପି ପ୍ରାର୍ଥୀ ଜୟ ଢୋଲକିଆଙ୍କୁ ଖୋଲା ସମର୍ଥନ ଜଣାଇଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ ନେତା ତଥା ପୂର୍ବତନ ରାଜ୍ୟ ସଭାପତି ବସନ୍ତ ପଣ୍ଡା, ସ୍ଥାନୀୟ ସାଂସଦ ଶ୍ରୀମତୀ ମାଳବିକା ଦେବୀ, ବରିଷ୍ଠ ବିଧାୟକ ଜୟନାରାୟଣ ମିଶ୍ର, ବରିଷ୍ଠ ନେତା ଯଦୁମଣି ପାଣିଗ୍ରାହୀ, ପ୍ରସନ୍ନ ପାଢୀ, ଖାମ ସିଂହ ମାଝୀ, ଡା.ସୋନିଆ ଜୈନ, ଜିଲ୍ଲା ସଭାପତି କମଳେଶ ଦିକ୍ଷୀତ, ରାଜ୍ୟ ପ୍ରବକ୍ତା ମାନସ ବକ୍ସି ପ୍ରମୁଖ ଉପସ୍ଥିତ ଥିଲେ।

## ନ୍ୟାୟ ପାଇଁ ଜେନାପୁର ଥାନାରେ ପୁଣି ଧାରଣା ଦେଲେ ମହିଳା ଓ ତାଙ୍କ ପରିବାର

# ସପ୍ତାହକ ମଧ୍ୟରେ ତୃତୀୟ ଧାରଣା

ଚଢେଇଧରା/ଚଣ୍ଡିଖୋଲ, (ସବ୍ୟୁ) ଗତ ୧୫ ଦିନ ତଳେ ଘଟିଥିବା ଏକ ଗଣ୍ଡଗୋଳ ଘଟଣାରେ ପୋଲିସ ମାମଲା ଦାୟରକରି ଅଭିଯୁକ୍ତଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରି ଚୁପଚାପ ବସିଯିବା ଘଟଣା ପ୍ରତିବାଦରେ ଶନିବାର ଦିନ ଯାଜପୁର ଜିଲ୍ଲାର ଜେନାପୁର ଥାନାରେ ଜଣେ ମହିଳା ଓ ତାଙ୍କ ପରିବାର ଧାରଣା ଦେଇଥିବା ଦେଖାଦେଇଛି। ଥାନାରୁ ଉପଯୁକ୍ତ ନ୍ୟାୟ ନମିଳିବା ପ୍ରତିବାଦରେ ଚଳିତ ସପ୍ତାହକ ମଧ୍ୟରେ ଜେନାପୁର ଥାନାରେ ଏହା ତୃତୀୟ ବାର ଧାରଣା ବୋଲି ଜଣାପଡିଛି। ଗତ ନଭେମ୍ବର ୧ତାରିଖ ଦିନ ସମାନ ମାମଲାରେ ଜଣକୁ ଛାଡି ଅନ୍ୟଜଣକୁ ଗିରଫ କରିବା ପ୍ରତିବାଦରେ ଶହଶହ ଲୋକ ପୋଲିସର ଏକତରଫା କାର୍ଯ୍ୟାନୁଷ୍ଠାନକୁ ପ୍ରତିବା କରି ଥାନା ଘେରାଉ କରି ଧାରଣାରେ ବସିଥିଲେ! ଓ ସେହିଦିନ ବରଡାଛକର କେତେକ ମହିଳା ପୃଥକ ଭାବେ ମଧ ଧାରଣା ଦେଇଥିଲେ। ତେବେ ୭ଦିନ ନପୁରୁଣୁରୁ ପୋଲିସ ବିରୁଦ୍ଧରେ ପୁଣି ଥାନାରେ ତୃତୀୟ ଧାରଣା ହୋଇଥିବାରୁ ଏହା ସାଧାରଣରେ ଆଲୋଚନାର ବିଷୟ ହୋଇଛି। ଏଥିପୂର୍ବରୁ ଚୋରା ଦେଶୀ ମଦ ବେପାରୀ ଓ ମଦ ଭେଣ୍ଡରଙ୍କ ପ୍ରତି କୋହଳ ମନୋଭାବ ନେଇ ରଗଡିପଶି ଓ ବାଉଁଶମୂଳି ଏସଏଚଜି ମହିଳା ମାନେ ଏବଂ ମହିଶରା ପଞ୍ଚାୟତ ମହିଳା ମାନେ ପୃଥକ ପୃଥକ ଧାରଣା ଦେଇ ଜେନାପୁର ଥାନା ପୋଲିସ ବିରୁଦ୍ଧରେ ସଙ୍ଗିନ ଅଭିଯୋଗ କରିଥିଲେ! ପୋଲିସ ଠାରୁ ଉପଯୁକ୍ତ ନ୍ୟାୟ ନପାଇ ସାଧାରଣ ଲୋକେ ବାରମ୍ବାର ଜେନାପୁର ଥାନାରେ ଧାରଣାରେ ବସିବା ଓ ଆନ୍ଦୋଳନ କରିବା ଘଟଣା ଜିଲ୍ଲା ପୋଲିସ ପାଇଁ ଏବେ ମୁଣ୍ଡ ବିନ୍ଧା ପାଲଟିଥିବା ଆଲୋଚନା ହେଉଛି।



ଆଜିର ଘଟଣା ଅନୁଯାଇ ଏହି ଥାନା ଅନ୍ତର୍ଗତ କବାଟବନ୍ଧ ନୂଆସାହି ଗ୍ରାମର ସ୍ନେହଲତା ଦାସ ତାଙ୍କ ପୁଅ ଓ ତାଙ୍କ ପରିବାର ଉପରେ ଗ୍ରାମର ଅନ୍ୟ ଏକ ପରିବାର ପକ୍ଷରୁ ବାରମ୍ବାର ଆକ୍ରମଣ କରାଯିବା ଓ ଜୀବନରେ ମାରିଦେବାକୁ ଉଦ୍ୟମ ହେବାପରେ ସେ ଗତମାସ ୨୫ ତାରିଖରେ ଜେନାପୁର ଥାନାରେ ଏତଲା ଦେଇଥିଲେ!ଏତଲା ପାଇ ଥାନା ଅଧିକାରିଣୀ ଏକ ମାମଲା ପଞ୍ଜିକୃତ କରିଥିଲେ ମଧ ଅଭିଯୁକ୍ତଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିଲେ। ଫଳରେ ଅଭିଯୁକ୍ତ ମାନେ ପୁନର୍ବାର ସଂପୃକ୍ତ ମହିଳା ଓ ତାଙ୍କ ପରିବାରକୁ ଭୟଭୀତ କରି ଜୀବନରୁ ମାରିଦେବାକୁ ଯୋଜନା କରିଥିଲେ! ଯାହାକୁ ନେଇ ଅଭିଯୋଗ କାରିଣୀ ମହିଳା ଜଣକ ୫ଥର ଥାନା ଓ ତିନିଥର ଯାଜପୁର ଏସପିଙ୍କ କାର୍ଯ୍ୟାଳୟକୁ ଯାଇ ନ୍ୟାୟ ଭିକ୍ଷା କରିଥିଲେ! ଏହି ମାମଲାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଏସପି ଜେନାପୁର ଥାନା ଅଧିକାରିଣୀଙ୍କୁ ନିର୍ଦ୍ଦେଶ ଦେଇଥିଲେ ମଧ ତାହା ଅଦ୍ୟାବଧି କାର୍ଯ୍ୟକାରୀ ନହେବାରୁ ଶନିବାର ସକାଳୁ ଅଭିଯୋଗ କାରିଣୀ ମହିଳା ଓ ତାଙ୍କ ପରିବାର ଜେନାପୁର ଥାନାକୁ ଆସି ଧାରଣା ଦେଇଥିଲେ। ସକାଳୁ ପ୍ରାୟ ୮ଟାରୁ୧୧ ପର୍ଯ୍ୟନ୍ତ ସପରିବାର ଧାରଣାରେ ବସିବା ପରେ ଏକ ଅସ୍ୱଭାବିକ ପରିସ୍ଥିତି ସୃଷ୍ଟି ହୋଇଥିଲା! ପରେ ପୋଲିସ ତାଙ୍କୁ ବୁଝେଇବା ସହ ନ୍ୟାୟ ଦେବା ପାଇଁ ପ୍ରତିଶ୍ରୁତି ଦେବାପରେ ସଂପୃକ୍ତ ମହିଳା ଓ ତାଙ୍କ ପରିବାର ଧାରଣାରୁ ଉଠିଥିବା ଜଣାପଡିଛି । ତେବେ ଏବେ ତାଙ୍କୁ ନ୍ୟାୟ ନମିଳିଲେ ସପରିବାର ଏସପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନଶନ କରିବେ ବୋଲି ଅଭିଯୋଗ କାରିଣୀ କ୍ଷୋଭର ସହ କହିଛନ୍ତି ।

# ପାଣିରେ ବୁଡ଼ି ବୃଦ୍ଧ ମୃତ

କଣାସ,(ସବ୍ୟୁ): ଶନିବାର ସନ୍ଧ୍ୟାରେ ପାଣି ଜଣେ ବୃଦ୍ଧଙ୍କର ମୃତ୍ୟୁ ହୋଇଛି । ମୃତ ବୃଦ୍ଧ ଜଣଙ୍କ ପୁରୀ ଜିଲ୍ଲା କଣାସ ବ୍ଲକ ଅନ୍ତର୍ଗତ ବ୍ରାହ୍ମଣ ପାଟଣା (ବଜ୍ର) ଗ୍ରାମର ମଗ୍ଗୁଳି ପରିଡ଼ା । ମଗ୍ଗୁଳି ଶନିବାରସନ୍ଧ୍ୟା ପ୍ରାୟ ୫ଟାରେ ମଲାଗୁଣୀ ନଦୀକୁ ଶୌଚ ହେବା ପାଇଁ ଯାଇଥିଲେ । ଘରକୁ ଫେରିବା ବିଳମ୍ବ ହେବାରୁ ପରିବାର ଲୋ କେ ବିଭିନ୍ନ ସ୍ଥାନରେ ଖୋଜା ଖୋଜି କରିଥିଲେ ମଧ୍ୟ ତାଙ୍କର ପତ୍ତା ମିଳିନଥିଲା ।ଏନେଇ ମଗ୍ଗୁଳିଙ୍କ ପୁତୁରା ସୁବାସ ପରିଡ଼ା ସ୍ଥାନୀୟ ଗଡିଶାଗୋଦା ଥାନାରେ ଲିଖିତ ଅଭିଯୋଗ କରିଥିଲେ । ରବିବାର ଦିନ ଅଗ୍ନିଶମ ବିଭାଗ ଓ ସ୍ଥାନୀୟ ପୋଲିସ ଖୋଜା ଖୋଜି କରିବା ପରେ ମାଲାଗୁଣି ନଦୀରୁ ତାଙ୍କ ମୃତ ଶରୀର ଉଦ୍ଧାର କରି ପୁରୀ ମୁଖ୍ୟ ଚିକିତ୍ସାଳୟରେ ଶବ ବ୍ୟବଚ୍ଛେଦ କରାଯାଇଥିଲା ।ଏନେଇ ଥାନା ପକ୍ଷରୁ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି ।

## ନିର୍ବାଚନ ଅଧିକାରୀ ଓ ବିଜେପି ମଧୁଚନ୍ଦ୍ରିକାକୁ

# ଜନତା ପ୍ରତ୍ୟାଖ୍ୟାନ କରିବେ : କଂଗ୍ରେସ

ନୂଆପଡ଼ା,(ସବ୍ୟୁ): ନୂଆପଡ଼ାର ଖୁଣ୍ଟିଆ ଭବନ ଠାରେ ଜିଲ୍ଲା କଂଗ୍ରେସ ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପିସିସି ଗଣମାଧ୍ୟମ ବିଭାଗ ଅଧ୍ୟକ୍ଷ ଅରବିନ୍ଦ ଦାସ କହିଲେ, ନୂଆପଡ଼ା ବାସୀ ଓ ରାଜ୍ୟ ରାଜନୀତି ପାଇଁ ଆଜି ଏକ ଐତିହାସିକ ମୁହୂର୍ତ୍ତ । ଉପର୍ନିବାଚନରେ ସରକାରୀ ଅଫିସର ଏବଂ ବିଜେପି ଦଳର ସମ୍ପର୍କ ପଦାରେ ପଡ଼ିଛି । ସୁଭଦ୍ରା ମେଳା ଆୟୋଜନ ନିର୍ବାଚନ ଆଦର୍ଶ ଆଚରଣ ବିଧି ଉଲଙ୍ଘନ ହେଲା । ମେଳା ସରିବା ପରେ ଆଜି ପର୍ଯ୍ୟନ୍ତ ତ୍ୱରଣ ଏବଂ ସାଜସଜ୍ଜା ଅପସାରିତ କରି ନାହାନ୍ତି । ଏହାକୁ ନେଇ କଂଗ୍ରେସ ପକ୍ଷରୁ ନିର୍ବାଚନ ଅଧିକାରୀଙ୍କ ପାଖରେ ଫେରାଦ ଦିଆଯାଇଥିଲା । କିନ୍ତୁ କାର୍ଯ୍ୟାନୁଷ୍ଠାନ ଶୁନ । ଏକ ନିର୍ଦ୍ଦିଷ୍ଟ ୱେବ୍ ଚ୍ୟାନେଲ ପିସିସି ସଭାପତି ଓ ତାଙ୍କ ବିଧାୟକ ପୁତ୍ରଙ୍କ ଚରିତ୍ର ସଂହାର କରୁଛିଛ ତେଣୁ କଂଗ୍ରେସ ପକ୍ଷରୁ ଏକ ଆଇନଜ୍ଞ ପ୍ରତିନିଧି ଦଳ ରାଜ୍ୟ ନିର୍ବାଚନ ଅଧିକାରୀଙ୍କ ଠାରେ ତଥ୍ୟ ପ୍ରମାଣ ସହ ଅଭିଯୋଗ କରିଥିଲା । କଂଗ୍ରେସର ୩୪ ସାଂଗଠାନିକ ଜିଲ୍ଲା ସଭାପତି ଶହ ଶହ କର୍ମକର୍ତ୍ତାଙ୍କ ସହିତ ସାଇବର ଥାନାକୁ ଯାଇ ଅଭିଯୋଗ ଦାଖଲ କରିଥିଲେ । କିନ୍ତୁ ରାଜ୍ୟ ନିର୍ବାଚନ ଅଧିକାରୀ ସାମାନ୍ୟତମ ପଦକ୍ଷେପ ଗ୍ରହଣ କଲେନାହିଁ । ନିର୍ବାଚନ ଆଦର୍ଶ ଆଚରଣ ବିଧିର ଏପରି ଉଲଙ୍ଘନ କେବେ ଦେଖା ଯାଇ ନଥିଲା । ଏଥିରୁ ପ୍ରତୀତ ହେଉଛି ରାଜ୍ୟ ର୍ନିବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ବିଜେପି ଦଳ ସହିତ ମିଶି ନିର୍ବାଚନ ଲଢୁଛି । ର୍ନିବାଚନ ମୋଟେ ନିରପେକ୍ଷ ହେଉନାହିଁ । ତା ସତ୍ତ୍ୱେ ନୂଆପଡାରେ କଂଗ୍ରେସ ଅଧିକ ଲୋକପ୍ରିୟ, ଆଗୁଆ ଓ ସଂଗଠିତ । କଂଗ୍ରେସର ବରିଷ୍ଠ ନେତାଗଣ ଆସି ମିଳିତ ଭାବରେ ପ୍ରଚାର କାର୍ଯ୍ୟ କରୁଛନ୍ତି । ସାମ୍ବାଦିକ ସମ୍ମିଳନୀରେ କଂଗ୍ରେସର ବରିଷ୍ଠ ନେତା ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା କହିଲେ, ନିର୍ବାଚନ କମିଶନ କିଭଳି ବିଜେପିକୁ ଭୋଟ ଚୋରିରେ ସାହାଯ୍ୟ କରୁଛି ତାହା ଆମ ନେତା ରାହୁଲ ଗାନ୍ଧୀ ସର୍ବଭାରତୀୟ ସ୍ତରରେ ପ୍ରମାଣିତ କରି ସାରିଲେଣି । ମାଟିର ପୁଅ ଘାସିରାମ ବିଧାୟକ ହେବ ବୋଲି ଶ୍ରୀ ଜେନା ପ୍ରକାଶ କରିଛନ୍ତି । ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ପିସିସି ଉପସଭାପତି ଲଲୋଟେନ୍ଦୁ ମହାପାତ୍ର, ନୂଆପଡ଼ା ଜିଲ୍ଲା ଗଣମାଧ୍ୟମ ସଂଯୋଜକ ସୁଧୀର ମିଶ୍ର, ବିନୋଦ ପାତ୍ର ଏବଂ ମୂରଲୀ ନାୟକ ଉପସ୍ଥିତ ଥିଲେ ।



# ଗୁଳିକରି ନେଇଗଲେ ୫୧ ହଜାର ଜଣେ ମୃତ, ୩ ଫେରାର



ବାରିପଦା, (ସବ୍ୟୁ): ମୟୂରଭଞ୍ଜ ଜିଲ୍ଲା ରରୁଆଁ ବ୍ଲକ କେନ୍ଦୁଆ ଗ୍ରାମ ବୈତରଣୀ ନଦୀ କୂଳରେ ଗୁଳି ମାଡ଼ କରି ଲୁଟି ନେଲେ ୫୧ହଜାର ଟଙ୍କା । ମୃତକ ହାରାନନ୍ଦ ମହାନ୍ତ(୪୫) ରରୁଆଁ ବ୍ଲକ କଲନ୍ଦା ଗ୍ରାମର ମୂଳ ବାସିନ୍ଦା ହୋଇଥିବା ବେଳେ ଶ୍ୱଶୁର ଘର କେନ୍ଦୁଝର ଜିଲ୍ଲାର ଖୁଣ୍ଟାପଡା ଗ୍ରାମରେ ଘର ଜୋଇଁଆ ଭାବେ ରହି ଆସୁଥିଲେ ।

ରବିବାର ଅଙ୍ଗାରପଦା ସାପ୍ତାହିକ ହାଟକୁ ଅନ୍ୟ ଦୁଇ ଜଣକ ସହ ବଳଦ କିଣିବା ପାଇଁ ଆସିଥିଲେ । ବଳଦ ନ କିଣି ହାଟରୁ ଫେରୁଥିବାବେଳେ ଦୁର୍ବୃତ୍ତମାନେ ଗୁଳି ମାରି ହତ୍ୟା କରି ଟଙ୍କା ଲୁଟିନେଲେ ଟଙ୍କା । ଘଟଣାସ୍ଥଳରେ ଘାଗରବେଡା ପୁଲିସ, କରଞ୍ଜିଆ ଏସଡିପିଓ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ, ସାଇଣ୍ଟିଫିକ୍ ଟିମ ସହ ପହଞ୍ଚି ଗୁଳିମାଡ଼ ଘଟଣାର ତଦନ୍ତ କରୁଛନ୍ତି ।

## ଟ୍ରାକ୍ଟର ଜବତ : ଗ୍ରାମବାସୀ-ପୋଲିସ ମୁହାମୁହିଁ

ମୋରଡା,(ସବ୍ୟୁ): ବେଆଇନ ବାଲି ଚାଲାଣରେ ଏକ ଟ୍ରାକ୍ଟରକୁ ଜବତ କରି ଥାନାକୁ ଆଣିବା ସମୟରେ ପୋଲିସ ଏବଂ ଗ୍ରାମବାସୀ ମୁହାଁମୁହିଁ ହୋଇଛନ୍ତି । ଉକ୍ତ ଘଟଣାଟି ମୟୂରଭଞ୍ଜ ଜିଲା ମୋରଡା ଥାନା ଅଧୀନ ଠେଙ୍ଗାଡାଣ୍ଡି ଗ୍ରାମରେ ଘଟିଛି । ରବିବାର ପୂର୍ବାହ୍ନ ପ୍ରାୟ ୯ଟାରେ ବାଲି ଉତ୍ତୋଳନ ନିମନ୍ତେ ଜମ୍ବୀରା ନଦୀର ଠେଙ୍ଗାଡାଣ୍ଡି ଘାଟରେ ବେଆଇନ ବାଲି ଚାଲାଣ ହେଉଥିବାର ଖବର ପାଇ ମୋରଡା ଥାନା ଅଧିକାରୀ ସୁମିତ କୁମାର ସୋରେନ ମୋରଡା ପୋଲିସ ଏବଂ ଚିତ୍ରଡା ଫାଣ୍ଡି ଅଧିକାରୀ ଭୀମସେନ ମଲ୍ଲିକ ଘଟଣାସ୍ଥଳରେ ପହଞ୍ଚି ବେଆଇନ ଭାବେ ବାଲି ଉତ୍ତଳନ କରୁଥିବା ଟ୍ରାକ୍ଟର(ଓଡି-୧୧ଏଇ-୩୪୩୬)କୁ ଜବତ କରି ଥାନାକୁ ଆଣିବା ସମୟରେ ଠେଙ୍ଗାଡାଣ୍ଡି ଗ୍ରାମବାସୀ ଅଟକାଇ ଥିଲେ । ପୋଲିସ ଏବଂ ଗ୍ରାମବାସୀଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା । ତେବେ ଗ୍ରାମବାସୀ ଏକ ଘଣ୍ଟାରୁ ଉର୍ଦ୍ଧ ସମୟ ଧରି ଟ୍ରାକ୍ଟର ନଛାଡିବାରୁ ଥାନା ଅଧିକାରୀ ସୋରେନ ବେତନଟି ପୋଲିସ ଫୋର୍ସକୁ ଡକାଇଥିଲେ । ଏହାପରେ ପୋଲିସ ଟ୍ରାକ୍ଟରକୁ ମୋରଡା ଥାନାକୁ ଆଣିବା ସହିତ ଟ୍ରାକ୍ଟର ମାଲିକ କୁଆଁର ମୁର୍ମୁଙ୍କୁ ଅଟକ ରଖିଛି । ଏନେଇ ଥାନା ଅଧିକାରୀ ସୋରେନଙ୍କୁ ଯୋଗାଯୋଗ କରିବାରୁ ଉକ୍ତ ଘାଟରେ ବେଆଇନ ଭାବେ ବାଲି ଚାଲାଣ ହେଉଛି ଏବଂ ଗ୍ରାମବାସୀ ନୁହଁ କେବଳ ଟ୍ରାକ୍ଟର ମାଲିକଙ୍କ ପରିବାର ଲୋକେ ଉତ୍ତେଜନା ସୃଷ୍ଟି କରିଥିବା ସୂଚନା ଦେଇଛନ୍ତି । ସୂଚନା ଥାଉ କି ଉକ୍ତ ଘାଟରୁ ପୂର୍ବରୁ ପୋଲିସ ୭ଟି ଗାଡି ଜବତ କରିଛି।

# ଅଗ୍ନି ବିପନ୍ନ ପରିବାରକୁ ଭେଟିଲେ ବିଜେଡି ଉପସଭାପତି ଚିରଞ୍ଜୀବ ବିଶ୍ୱାଳ



ନାଉଗାଁ, (ସବ୍ୟୁ) : ନାଉଗାଁ ତହସିଲ ଅଧୀନସ୍ଥ ଘୋଡାଂଶ ପଞ୍ଚାୟତ ହରଶିପୁର ଗ୍ରାମରେ ନିଆଁ ଲାଗି ତିନି ପରିବାରର ୧୦ ବଖରା ଘର ସମ୍ପୂର୍ଣ୍ଣ ଭାବେ ଧ୍ୱଂସ ହୋଇଯାଇଥିଲା ।

ସୂଚନା ଅନୁସାରେ ଉକ୍ତ ଗ୍ରାମର ଶିବ ରାଉଳଙ୍କ ଘରେ ଗୁରୁବାର ସନ୍ଧ୍ୟା ୭ଟା ସମୟରେ କୌଣସି କାରଣବଶତଃ ନିଆଁ ଲାଗି ଯାଇଥିଲା । ନିଆଁ ଲାଗିବାର କାରଣ ଅସ୍ପଷ୍ଟ ରହିଥିବା ବେଳେ ଗ୍ରାମବାସୀ ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରୁଥିଲେ । ଶିବଙ୍କ ଘରେ ଥିବା ଗ୍ୟାସ୍ ସିଲିଣ୍ଡର୍ଟି ଫାଟିବାରୁ ତାଙ୍କ ଘର ସମେତ ଘରକୁ ଲାଗି ରହିଥିବା ତାଙ୍କ ଦୁଇ ଭାଇ ପ୍ରଶାନ୍ତ ରାଉଳ ଓ ଗଦାଧର ରାଉଳଙ୍କ ଘରେ ମଧ ନିଆଁ ଲାଗି ଯାଇଥିଲା । ଖବର ପାଇ ରାଜ୍ୟ ବିଜେଡି ଉପସଭାପତି ଚିରଞ୍ଜୀବ ବିଶ୍ୱାଳ କ୍ଷତିଗ୍ରସ୍ତ ପରିବାରଙ୍କ ନିକଟରେ ପହଞ୍ଚି ଶାନ୍ତ୍ୱନା ଦେବା ସହ ସହାୟତା କରିଛନ୍ତି । ରାଜ୍ୟ ସରକାର କିପରି ଉକ୍ତ ପରିବାରକୁ ସହାୟତା ରାଶି ଖୁବଶୀଘ୍ର ଯୋଗାଇ ଦେବେ ଏନେଇ ସେ ଜିଲ୍ଲାପାଳଙ୍କ ନିକଟରେ ଦୃଢ଼ ଦାବି କରିଛନ୍ତି । ଶ୍ରୀ ବିଶ୍ୱାଳଙ୍କ ଗସ୍ତ ସମୟରେ ସରପଞ୍ଚ ନିହାର ବଡ୍ତିଆ, ସମିତି ସଭ୍ୟ ତରୁଣ କାନ୍ତ ବାରିକ ପ୍ରମୁଖ ଉପସ୍ଥିତ ରହି ପରିବାରକୁ କ୍ଷତିପୂରଣ ଦେବାକୁ ପ୍ରଶାସନ ନିକଟରେ ଦାବି କରିଥିଲେ ।

# ରାଷ୍ଟ୍ରୀୟ ଆଇନ ସେବା ଦିବସ ପାଳିତ

ବାରିପଦା, (ସବ୍ୟୁ): ଜିଲ୍ଲା ଆଇନ ସେବା ପ୍ରାଧିକରଣ ଦ୍ୱାରା ରବିବାର ଦିନ ବାରିପଦା ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ରାଷ୍ଟ୍ରୀୟ ଆଇନ ସେବା ଦିବସ ପାଳିତ ହୋଇଯାଇଛି। ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ତଥା ଜିଲ୍ଲା ଓ ଦୌରାଜଜ ସୁଦୀପ୍ତ ଆଚାର୍ଯ୍ୟଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଥିବା ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ ଏକ ପଦଯାତ୍ରା ମାଧ୍ୟମରେ ହୋଇଥିଲା। ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ନେଇ ଆୟୋଜିତ ହୋଇଥିବା ଏହି ସଚେତନତା ପଦଯାତ୍ରାକୁ ଜିଲ୍ଲା ଓ ଦୌରାଜଜ୍ ସୁଦୀପ୍ତ ଆଚାର୍ଯ୍ୟ ଉଦ୍ଘାଟନ କରିଥିବାବେଳେ ଅନ୍ୟ ସମସ୍ତ ବିଚାର ବିଭାଗୀୟ ମାଜିଷ୍ଟ୍ରେଟମାନେ ଉପସ୍ଥିତ ହୋଇ ଛାତ୍ରଛାତ୍ରୀ ମାନଙ୍କ ଉତ୍ସାହ ବର୍ଦ୍ଧନ କରିଥିଲେ ।

ଆଇନ ସେବା ପ୍ରାଧିକରଣ କାର୍ଯ୍ୟାଳୟ ପରିସରରୁ ବାହାରିଥିବା ଏହି ସଚେତନତା ପଦଯାତ୍ରା ଜିଲ୍ଲା କୋର୍ଟ, ପୋଲିସ ଲାଇନ୍ ଓ ଭଞ୍ଜପୁର ହେଇ ମହାବିଦ୍ୟାଳୟ ପହଞ୍ଚିଥିଲା । ଏହାପରେ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କୁ ନେଇ ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ରାଜଶ୍ରୀ ପଟ୍ଟନାୟକ ଉକ୍ତ କାଯ୍ୟକ୍ରମରେ ଅଧ୍ୟକ୍ଷତା କରି ଆଇନ ସେବା ପ୍ରାଧିକରଣର ମହତ୍ତ୍ୱ ତଥା ଏହାର କାର୍ଯ୍ୟ ପ୍ରଣାଳୀ ଓ ଅନ୍ୟାନ୍ୟ ଆନୁସଙ୍ଗିକ ସେବା ସମ୍ବନ୍ଧରେ ସଚେତନ କରିଥିବାବେଳେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରବୋଧ କୁମାର ଦେ ମୁଖ୍ୟବକ୍ତା ଭାବରେ ଯୋଗ ଦେଇ ପିଲାମାନଙ୍କୁ ସଚେତନତାର ବାର୍ତ୍ତା ଦେଇଥିଲେ । ଅଧିକାର ମିତ୍ର ରବୀନ୍ଦ୍ର କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିବାବେଳେ କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ମହାବିଦ୍ୟାଳୟ ଓ ଆଇନ ସେବା ପ୍ରାଧିକରଣର କର୍ମଚାରୀ ମାନେ ସହଯୋଗ କରିଥିଲେ ।

# ଭଞ୍ଜସେନାର ରକ୍ତଦାନ ଶିବିର, ୧୫୭ ୟୁନିଟ୍ ସଂଗୃହୀତ



ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲାର ରକ୍ତଭଣ୍ଡାର ଗୁଡିକରେ ରକ୍ତର ଅଭାବକୁ ଦୂର କରିବା ପାଇଁ ଭଞ୍ଜସେନା ପକ୍ଷରୁ ହୋଇଥିବା ରବିବାର ଦିନ ରକ୍ତଦାନ ଶିବିରରେ ଅନୁଷ୍ଠିତ ହୋଇ ୧୫୭ ୟୁନିଟ୍ ରକ୍ତ ସଂଗୃହୀତ କରାଯାଇଛି । ବାରିପଦା ଷ୍ଟାଡିୟମରେ ଆୟୋଜିତ ହୋଇଥିବା ରକ୍ତଦାନ କାର୍ଯ୍ୟକ୍ରମକୁ ବାରିପଦା ଉପଜିଲ୍ଲାପାଳ ଦୟାସିନ୍ଧୁ ପରିଡା, ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି ପ୍ରମୁଖ ଉଦ୍ଘାଟନ କରିଥିବାବେଳେ ଏଥିରେ ସମାଜସେବୀ ଅମର ସେଠୀ ମଧ ସାମିଲ ଥିଲେ ।

କାର୍ଯ୍ୟକ୍ରମରେ ସଂଗଠନ ପକ୍ଷରୁ ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା, ଶୃଙ୍ଖଳାଗତ କମିଟି ଅଧ୍ୟକ୍ଷ ସତ୍ୟ ସ୍ୱରୂପ ଦାଶ,ଉପାଧକ୍ଷ ନିମାଇଁ ତ୍ରିପାଠୀ, ଜିତେନ୍ଦ୍ର ହେମ୍ବ୍ରମ, କନିକା ଘୋଷ, ଦକ୍ଷିଣା ମହାନ୍ତ, ଜିଲ୍ଲା ସଭାପତି ପିଣ୍ଟୁ ମାଇତି, ଜିଲ୍ଲା ଆବାହକ ରାକେଶ ବେହେରା, ଜିଲ୍ଲା ସୋସିଆଲ ମିଡିଆ ସଂଯୋଜକ ସନ୍ତୋଷ ଗିରି, ବାମନଘାଟି ଉପଖଣ୍ଡ ସଭାପତି ସୁନ୍ଦର ମୋହନ ଟୁଡୁ, ଜିଲ୍ଲା କର୍ଯ୍ୟକାରୀ ସଭାପତି ରବିନ୍ ମହାନ୍ତି, କପ୍ତିପଦା ଉପଖଣ୍ଡ ସଭାପତି ସିପୁନ୍ ପଣ୍ଡା, ବାରିପଦା ସହର ସଭାପତି ରାକେଶ ମହାନ୍ତି, ଜିଲ୍ଲା ସାଧାରଣ ସମ୍ପାଦକ ଜେଯାତିରଞ୍ଜନ ପୃଷ୍ଟି, ଉପସଭାପତି ଏସ୍.କେ ଫିରୋଜ୍, ମନୋରଞ୍ଜନ୍ ବାରିକ୍, ସଞ୍ଜୟ ମହାନ୍ତ, ସଞ୍ଜୟ ମାହାନ୍ତା, ସୁନିଲ୍ ମହାପାତ୍ର, ପ୍ରଦୀପ୍ ପଣ୍ଡା, ଗୌରାଙ୍ଗ ଘଡେଇ, ପଙ୍କଜ୍ କରନ୍, ଦୀପକ୍ କୁମାର୍ ବେହେରା, ରୁଦ୍ର ପଟ୍ଟନାୟକ, ପଙ୍କଜ୍ ପରିଡା, ଦିବ୍ୟରଞ୍ଜନ ଦାସ୍, ମନୋଜ୍ ମହାନ୍ତି, ଜିତୁ ସିଂ, ଶୁଭମ୍ ସିଂ, ସନାତନ୍ ସାହୁ, ସିଂରାୟ ହେମ୍ବ୍ରମ, ସୁମିତ୍ ମହାନ୍ତ, ମୁକ୍ତିଦତ୍ତ ପରିଡା, ପ୍ରଶାନ୍ତ ମହାକୁଡ୍ ଓ ଦୀପେଶ୍ ଅଗ୍ରୱାଲ୍ଙ୍କ ସହିତ ବହୁ ରକ୍ତଦାତା ଓ ଯୁବଛାତ୍ର ଉପସ୍ଥିତ ଥିଲେ । ଆଗାମୀ ଦିନରେ ସଂଗଠନ ପକ୍ଷରୁ ରକ୍ତର ଅଭାବକୁ ଦୂର କରିବା ପାଇଁ ବିଭିନ୍ନ ବ୍ଲକ ଗୁଡିକରେ ରକ୍ତଦାନ କରାଯିବ ବୋଲି ଜିଲ୍ଲା ସଭାପତି ପିଣ୍ଟୁ ମାଇତି ସୂଚନା ଦେଇଥିଲେ।

# ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ପକ୍ଷରୁ ଯୁବ ସମ୍ମିଳନୀ

ବ୍ରହ୍ମପୁର , (ସବ୍ୟୁ): ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଶତାବ୍ଦୀ ବର୍ଷ କାର୍ଯ୍ୟକ୍ରମ ପରିପେକ୍ଷୀରେ ରବିବାର ଦିନ ନୀଳକଣ୍ଠ ନଗର ସରସତୀ ଶିଶୁ ମନ୍ଦିରରେ ଯୁବ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ମୋଟ ୧୨୮୦ ଜଣ ଯୁବକ ଯୋଗ ଦେଇଥିଲେ। ରାଷ୍ଟ୍ର ହିତ ପାଇଁ ଯୁବ ସମାଜର ଭୂମିକା ଉପରେ ଏହି କାର୍ଯ୍ୟକ୍ରମରେ ଆଲୋଚନା କରା ଯାଇଥିଲା।

ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର କାର୍ଯ୍ୟ ପଦ୍ଧତି, ବିଭିନ୍ନ ସେବା କାର୍ଯ୍ୟ,ସ୍ୱ ବୋଧ, ଶତ୍ରୁ ବୋଧ, ସାମାଜିକ ସମରସତା ତଥା ଆଗାମୀ ଦିନରେ ପଞ୍ଚ ପରିବର୍ତ୍ତନକୁ କିପରି ସମାଜ ମଧ୍ୟରେ ଜାଗୃତ କରା ଯାଇ ପାରିବ ତାହା ଉପରେ ମୁଖ୍ୟ ବକ୍ତା ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଅଖିଳ ଭାରତୀୟ ସଭାବନା ପ୍ରମୁଖ ଗୋପାଳ ପ୍ରସାଦ ମହାପାତ୍ର ନିଜ ବକ୍ତବ୍ୟରେ କହିଥିଲେ। ଆଗାମୀ ଦିନରେ ସଂଘର ଲକ୍ଷ୍ୟ ଉପରେ ସହ ଜିଲ୍ଲା କାର୍ଯ୍ୟବାହ ଶିଶିର ପଟ୍ଟନାୟକ ନିଜ ବକ୍ତବ୍ୟରେ କହିଥିଲେ। ଉଦଘାଟନ କାର୍ଯ୍ୟକ୍ରମରେ ଭାରତ ବର୍ଷର ସର୍ଣ୍ଣିମ ଅତୀତ ଇତିହାସ ଉପରେ ବିଭାଗ ବୌଦ୍ଧିକ ପ୍ରମୁଖ ରବିନ୍ଦ୍ର ନାଥ ପାତ୍ର ଉପସ୍ଥିତ ଯୁବକଙ୍କୁ ଧାରଣା ଦେଇଥିଲେ।

କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲ୍ଲା ସଂଘ ଚାଳକ ଡାଃ ପ୍ରଶାନ୍ତ ପତି ସଭାପତିତ୍ୱ କରିଥିଲେ । ଏହି ଅବସରରେ ବିଭିନ୍ନ ମହାପୁରୁଷଙ୍କ ଜୀବନୀ ଉପରେ ଏକ ପ୍ରଦର୍ଶନୀ ଓ ଶିଶୁ ମନ୍ଦିର ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଅନ୍ୟ ମାନଙ୍କ ମଧ୍ୟରେ ପ୍ରଶାନ୍ତ ସାହୁ, ଏଙ୍କିଡି ଭେଙ୍କଟ ରାଓ, ଦୀପକ କୁମାର, ରଶ୍ମି ରଞ୍ଜନ ମହାକୁ ବିଜୟ ସାମଲ, ମାଧବ ନାୟକ, ଧର୍ମେନ୍ଦ୍ର ଦୋରା, ଦୀପକ କୁମାର, ବାବୁଲା ଦୋରା, ସୁରେଶ ବିଶୋୟୀ, ଅଶିନି ପାତ୍ର, ଶିବ ପ୍ରସାଦ ଏବଂ ଅନ୍ୟାନ୍ୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

# ରାଜ୍ୟସ୍ତରୀୟ ସୁରଭି ପାଇଁ ଦୁଇ ଦିବ୍ୟାଙ୍ଗ ଛାତ୍ର ମନୋନୀତ



ବାରିପଦା, (ସବ୍ୟୁ) : ମୟୂରଭଞ୍ଜର ଜିଲ୍ଲାସ୍ତରୀୟ 'ସୁରଭି' କାର୍ଯ୍ୟକ୍ରମ ସ୍ଥାନୀୟ ବାରିପଦାର ସହିଦ ସ୍ମୃତି ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି । ଦିବ୍ୟାଙ୍ଗ ବିଭାଗରେ ଦାମୋଦର ପୁର କ୍ଲଷ୍ଟରର ବିର୍ସା ମୁଣ୍ଡା ଉଚ୍ଚ ବିଦ୍ୟାଳୟର ଦଶମ ଶ୍ରେଣୀର ଛାତ୍ର ପବିତ୍ର କୁମାର ମୁର୍ମୁ ସଂଗୀତରେ ଏବଂ ବାଙ୍କୀଶୋଳ କ୍ଲଷ୍ଟରର ବାକ ଓ ଶ୍ରବଣ ବାଧିତଙ୍କ ସ୍ୱତନ୍ତ୍ର ବିଦ୍ୟାଳୟ, ଲକ୍ଷ୍ମୀପୋଷିର ୯ମ ଶ୍ରେଣୀର ଛାତ୍ର ଆକାଶ ଟୁଡୁ ଚିତ୍ରାଙ୍କନରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି । ସେ ଦୁହେଁ ଭୁବନେଶ୍ୱର ଠାରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟସ୍ତରୀୟ 'ସୁରଭି' କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ । ଦାମଦୋରପୁର ସିଆରସିସି ଧନପତି ମିଶ୍ର, ବାଙ୍କିଶୋଳ ସିଆରସିସି ରାଜକିଶୋର ସେଠି, ବିର୍ଷାମୁଣ୍ଡା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଜ୍ୟୋତି ରାଣୀ ମୁର୍ମୁ, ଶିକ୍ଷକ ପ୍ରଭାତ କୁମାର ସାହୁ, ବାକ ଓ ଶ୍ରବଣ ବାଧିତ ପିଲାଙ୍କ ସ୍ୱତନ୍ତ୍ର ବିଦ୍ୟାଳୟର ଶିକ୍ଷକ ମନବୋଧ ମହାନ୍ତ ଓ ପ୍ରଧାନ ଶିକ୍ଷକ କୈଳାଶ ଚନ୍ଦ୍ର ଦାସ ଏବଂ ସମନ୍ୱିତ ଶିକ୍ଷା ସଂଯୋଜକ ନିରଞ୍ଜନ ନାୟକ ଏବଂ ବାରିପଦା ବ୍ଲକର ବିଆରଟି ଦିଲ୍ଲୀପ କୁମାର ଦାସ ଦୁଇ କୃତୀ ଦିବ୍ୟାଙ୍ଗ ଛାତ୍ରଙ୍କୁ ଅଭିନନ୍ଦନ ଜଣାଇବା ସହ ରାଜ୍ୟସ୍ତରରେ ସଫଳତା କାମନା କରିଛନ୍ତି ।

# ତମାଖୁ ମୁକ୍ତ ଅଭିଯାନ କାର୍ଯ୍ୟକ୍ରମ

ଭଞ୍ଜନଗର, (ସବ୍ୟୁ): ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ତମାଖୁ ମୁକ୍ତ ଅଭିଯାନ କାର୍ଯ୍ୟକ୍ରମ ଜାରି ରହିଛି । ଏହି ପରିପେକ୍ଷୀ ଜଗନ୍ନାଥପ୍ରସାଦ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପକ୍ଷରୁ ଓଡିଶା ଆଦର୍ଶ ବିଦ୍ୟାଳୟ ଜାମଗୋରଡାରେ ତମାଖୁ ମୁକ୍ତ ବିଦ୍ୟାଳୟ ଗଠନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଆୟୋଜିତ କାର୍ଯ୍ୟକ୍ରମରେ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଶରତ କୁମାର ଗୌଡ଼ଙ୍କ ଅଧ୍ୟକ୍ଷତାରେ ଅତିଥି ରୂପେ କ୍ଷେତମୁଣ୍ଡାଳି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଗାୟତ୍ରୀ ସେନାପତି ଏବଂ ଗୋଛାବାଡି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ରୋଜାଲିନ ସାହୁ ଯୋଗ ଦେଇଥିଲେ । ଏଥିରେ ତମାଖୁ ସେବନ କରିବା ଦ୍ୱାରା ଶରୀର ଉପରେ ପଡୁଥିବା କୁପ୍ରଭାବ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ବୁଝାଇ କହିଥିଲେ ।ତମାଖୁ ସେବନ କରି କ୍ୟାନ୍ସର ଭଳି ମାରାତ୍ମକ ରୋଗ ବଶବର୍ତ୍ତୀ ହେଲେ ମଣିଷକୁ ଶାରୀରିକ,ମାନସିକ ଏବଂ ଆର୍ଥିକ ସ୍ତରରେ ସମ୍ପୂର୍ଣ୍ଣ ରୂପେ କ୍ଷତି ସହିବାକୁ ପଡେ । ଏଣୁ ସମସ୍ତେ ତମାଖୁ ବର୍ଜନ ନିମନ୍ତେ ସଚେତନ ହୋଇ ଅନ୍ୟକୁ ସଚେତନତା ବାର୍ତ୍ତା ପହଞ୍ଚାଇବା ନିମନ୍ତେ ସମସ୍ତେ ସବୁ ସ୍ତରରେ ଉଦ୍ୟମ କରିବାକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଶ୍ରୀମତୀ ସେନାପତି ଆହ୍ୱାନ ଦେଇଥିଲେ ।

# ମନରେଗାରେ କାର୍ଯ୍ୟକ୍ଷମ ହୋଇପାରୁନି କୂଅ ଖନନ

ନିରାକାରପୁର, (ସବ୍ୟୁ): ଜଳ ସଙ୍କଟ ଦିନ କୁ ଦିନ ବଢ଼ିବାରେ ଲାଗିଛି। ଆଗାମୀ ପିଢ଼ିଙ୍କ ପାଇଁ ଜଳ ସମ୍ପଦକୁ ଗଚ୍ଛିତ ରଖିବା ପାଇଁ ସରକାର ବିଭିନ୍ନ ଯୋଜନା ମାନ କରୁଛନ୍ତି। ଚାଷୀ ଟିଏ ନିଜ ଜମିରେ କୂଅ ଖୋଳିବା ପାଇଁ ମନରେଗା ଯୋଜନାରେ ସୁବିଧା ଅଛି କିନ୍ତୁ ଟାଙ୍ଗୀ ବ୍ଲକ ରେ ଏହା ନୈରାଶ୍ୟ ଜନକ ହୋଇଛି । ଦୀର୍ଘ ୪ ବର୍ଷ ହେବ ଗୋଟିଏ ବି କୂଅ ମନରେଗା ଯୋଜନାରେ ମଞ୍ଜୁର ହୋଇନାହିଁ। ଯାହା କି ବ୍ଲକ ପ୍ରଶାସନର ଆନ୍ତରିକତା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରୁଛି। କାରଣ ଗ୍ରାମରେ ୱାର୍ଡ଼ ମେମ୍ବରଙ୍କ ଜରିଆରେ ଗ୍ରାମ ସଭାରେ ଯେଉଁମାନେ ଇଚ୍ଛୁକ ଚାଷୀ ନିଜ ଜମିରେ କୂଅ ଖୋଳିବା ପାଇଁ ଚାହୁଁଛନ୍ତି ସେମାନଙ୍କର ଏକ ତାଲିକା ପ୍ରସ୍ତୁତ କରି ସରପଞ୍ଚ ପରେ ପଞ୍ଚାୟତ ସମିତି ଏବଂ ପରେ ଜିଲ୍ଲା ପରିଷଦ କାର୍ଯ୍ୟାଳୟରୁ ମଞ୍ଜୁର କରାଯାଇଥାଏ। ଟାଙ୍ଗୀ ବ୍ଲକରେ ୨୦୨୨-୨୩ , ୨୦୨୩-୨୪, ୨୦୨୪-୨୫ , ୨୦୨୫-୨୬ ତା ୦୫.୧୧.୨୦୨୫ ରିଖ ସୁଦ୍ଧା କୌଣସି ଗୋଟିଏ ବି କୂଅ ମଞ୍ଜୁର ହୋଇନାହିଁ । କିଛି ଚାଷୀ ଗ୍ରାମପଞ୍ଚାୟତ ରେ ସଚେତନ ଅଭାବରୁ ଲୋକେ କୂଅଟିଏ କିଭଳି ଖୋଲାଯିବ ଏବଂ ସରକାର ଏଥି ପ୍ରତି କେତେ ଅର୍ଥ ମଞ୍ଜୁର ହୋଇପାରିବ ସେ ବିଷୟରେ କେହି ଚାଷୀ ଜାଣି ପାରୁନାହାନ୍ତି ବୋଲି କିଛି ବୁଦ୍ଧିଜୀବୀ ମତବ୍ୟକ୍ତ କରିଛନ୍ତି । ଖୋର୍ଦ୍ଧା ଜିଲ୍ଲାରେ ଆର୍ଥିକ ବର୍ଷ ୨୦୨୨-୨୩ ରେ ୮ଟି , ୨୦୨୩-୨୪ ରେ ୮ଟି , ୨୦୨୪-୨୫ ରେ ୭ ଟି , ୨୦୨୫-୨୬ ତା ୦୫.୧୧.୨୦୨୫ ରିଖ ସୁଦ୍ଧା ୧ ଟି କୂଅ ମଞ୍ଜୁର ହୋଇଛି । ମନରେଗା ଯୋଜନାରେ କୂଅ ଖୋଳିବା ପାଇଁ ୨ ଲକ୍ଷ ଟଙ୍କା ପରଯ୍ୟନ୍ତ ମନରେଗା ଯୋଜନା ରେ ମଞ୍ଜୁର ର ସୁବିଧା ଅଛି ଯାହାଫଳରେ ଗୋଟିଏ ଗରିବ ଚାଷୀଟିଏ ଗୋଟିଏ ଜବକାର୍ଡ ଥିଲେ ଏହି ଯୋଜନା ର ଫାଇଦା ଉଠେଇ ପାରିବ ।ଜିଲ୍ଲା ରେ କିଭଳି ପ୍ରକାରରେ ମନରେଗା ଯୋଜନାରେ ଅଧିକରୁ ଅଧିକ ଚାଷୀ ନୂତନ କୂଅ ଖନନ ବିଷୟରେ ଜାଣି ପାରିବେ ଏବଂ ମଞ୍ଜୁର ହୋଇପାରିବ । ଏଥି ପ୍ରତି ଜିଲ୍ଲା ପ୍ରଶାସନର ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି ।

# ସୁନା ଚୋରି ମାମଲା: ଅଭିଯୁକ୍ତ ସହ ବଣିଆ ଗିରଫ



ଗୋପାଳପୁର, (ସବ୍ୟୁ): ଗୋଳନ୍ଥରା ଥାନା ଅନ୍ତର୍ଗତ ସୁରଳ ଗ୍ରାମରେ ଗତ ଅକ୍ଟୋବର ୨୨ ତାରିଖରେ ସୁନା ଚୋରି ମାମଲାରେ ପୁଲିସ ଉକ୍ତ ଗ୍ରାମର ଜଣେ ଯୁବକ ସମେତ ସୁନା କିଣିଥିବା ସୁନାରୀ (ବଣିଆ)କୁ ଗିରଫ କରି କୋର୍ଟ ଚାଲାଣ କରିଛି। ପୁଲିସ ପକ୍ଷରୁ ଚୋରି ଅଭିଯୋଗରେ କାହ୍ନା ଓରଫ ଚୁଡ଼ାମଣି ବେହେରା (୨୦) ଏବଂ ସୁନାରୀ କେ ଯୋଗେଶ୍ୱର ଆଚାରୀ(୬୦) ବୋଲି ପୁଲିସ ସୂଚନା ଦେଇଛି। ଅଭିଯୋଗ ଅନୁଯାୟୀ ଗତ ଅକ୍ଟୋବର ୨୨ ତାରିଖରେ ସୁରଳ ରେ ରହୁଥିବା ପୁନି ବେହେରା (୬୦) ଭୋର ସମୟରେ ଗାଁ ପୋଖରୀ କୁ ଗାଧେଇବାକୁ ଯାଇଥିବା ବେଳେ କୌଣସି ଅଭିଯୁକ୍ତ ଘରେ ପଶି ପୁନିଙ୍କ ୧୬ ଗ୍ରାମ ଓଜନର ଏକ ସୁନା ମାଳି ଲୁଟ କରିବା ସହ ଘରେ ଶୋଇଥିବା ତାଙ୍କ ଝିଅ ବେକରୁ ଏକ ସୁନା ଚେନ ଲୁଟ କରି ଫେରାର ହୋଇଯାଇଥିଲେ।ପୁନି ଘରକୁ ଫେରିବା ପରେ ତାଙ୍କ ସୁନା ମାଳି ଓ ଝିଅର ସୁନା ଚେନ ଚୋରୀ ଯାଇଥିବା ନେଇ ଜାଣିବା ସହ ଗୋଳନ୍ଥରା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୁଲିସ ପକ୍ଷରୁ ୫୦୨/୨୫ ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ସନ୍ଦେହରେ କାହ୍ନା କୁ ଥାନାକୁ ଆଣି ପଚରାଉଚରା ସମୟରେ ସେ ଚୋରୀ କରିଥିବା ସୀବକାର କରିବା ସହ ଚୋରି ସୁନାକୁ ଗ୍ରାମରେ ରହୁଥିବା ସୁନାରୀ ଯୋଗେଶ୍ୱରକୁ ବିକ୍ରି କରିଥିବା କହିଥିଲା। ଅଭିଯୁକ୍ତ କାହ୍ନାଙ୍କ ବୟାନକୁ ଆଧାର କରି ଯୋଗେଶ୍ୱରଙ୍କ ଘରେ ଚଢ଼ାଉ କରିଥିଲେ । ତଦନ୍ତ ବେଳେ ସେ କାହ୍ନା ଠାରୁ ସୁନା କିଣିବା ସହ ତାକୁ ୧ ଲକ୍ଷ ୭୦ ହଜାର ଟଙ୍କା ଦେଇଥିବା ସହ ଚୋରି ସୁନା ତରଳାଇ ଦେଇଥିବା ପ୍ରକାଶ କରିଥିଲେ। ପୁଲିସ ପକ୍ଷରୁ ଯୋଗେଶ୍ୱର ଠାରୁ ୧୬ ଗ୍ରାମ ଓଜନର ସୁନା ଜବତ କରିବା ସହ ଅଭିଯୁକ୍ତ କାହ୍ନା ଠାରୁ ୭୦ ହଜାର ଟଙ୍କା ଜବତ କରିଥିଲେ। ଅନ୍ୟପଟେ ସୁନା ବିକ୍ରି କରି ଆଣିଥିବା ଟଙ୍କାରୁ ପ୍ରାୟ ୧ ଲକ୍ଷ ଟଙ୍କା ଖର୍ଚ୍ଚ କରି ଦେଇଥିବା ମଧ ସ୍ୱୀକାର କରିଥିବା ପୁଲିସ ପକ୍ଷରୁ କୁହାଯାଇଛି।

## ଶିଶୁ ମନ୍ଦିରରେ ଜେଜେବାପା ଜେଜେମା ସମ୍ମିଳନୀ

ବୁଗୁଡ଼ା, (ସବ୍ୟୁ) : ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପକ୍ଷରୁ ସ୍ୱପରିସରରେ ଜେଜେବାପା ଜେଜେମା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ପରିଚାଳନା ଚାଳନା ସମିତି ସଭାପତି ପ୍ରମୋଦ ଚନ୍ଦ୍ର ସେନାପତିଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଜିଲ୍ଲା ଶିକ୍ଷାଧିକାରୀ ରଘୁନାଥ ସାହୁ ଏବଂ ସମ୍ମାନିତ ଅତିଥି ଭାବେ ଶିଶୁ ମନ୍ଦିର ସମ୍ପାଦକ ବିଶ୍ୱ ମୋହନ ମିଶ୍ର ଯୋଗ ଦେଇ ନାତିନାତୁଣୀଙ୍କ ଅନୁରୋଧ ରକ୍ଷା କରି ଉପସ୍ଥିତ ଥିବା ଜେଜେ ବାପାମାଆଙ୍କୁ ସାଧୁବାଦ ଜଣାଇ ସେମାନଙ୍କ ଦିଗଦର୍ଶନ ହିଁ ନାତିନାତୁଣୀଙ୍କ ଉତ୍ତମ ଭବିଷ୍ୟତ ନିର୍ମାଣରେ ସହାୟକ ହୋଇଥାଏ ବୋଲି ମତବ୍ୟକ୍ତ କରିଥିଲେ । ଉକ୍ତ ସମ୍ମିଳନୀରେ ଶିକ୍ଷା ବିକାଶ ସମିତିର ଆଧାର ସ୍ତର ଅନ୍ତର୍ଗତ ଶିଶୁ ବାଟିକାର ଅରୁଣ, ଉଦୟ, ପ୍ରଭାତ ସମେତ ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀରେ ଅଧ୍ୟୟନରତ ଶିଶୁଙ୍କ ଶତାଧିକ ଜେଜେ ବାପାମାଆ ଯୋଗ ଦେଇଥିଲେ ।

ଏହି ଅବସରରେ ନାତିନାତୁଣୀଙ୍କ ଅନାବିଳ ସ୍ନେହ ହିଁ ପୌଢାବସ୍ଥାରେ ଜେଜେ ବାପାମାଙ୍କୁ ଖୁସି ଦେଇଥାଏ ବୋଲି ମତ ପ୍ରକାଶ ପାଇଥିଲା । ଏ ଅବସରରେ ପ୍ରଶ୍ନମଞ୍ଚ କାଳାଂଶ ସାଙ୍ଗକୁ ଜେଜେବାପାମାଆଙ୍କୁ ଉତ୍ସାହିତ କରିବା ପାଇଁ ଶିଶୁଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଗୁରୁମା ସସ୍ମିତା ରାଉତଙ୍କ ସଂଯୋଜନାରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ଛାତ୍ରୀ ସ୍ନେହାରାଣୀ ପରିଡା ଅମୃତ ବଚନ ପ୍ରଦାନ କରିଥିଲା ବେଳେ ପ୍ରାରମ୍ଭରେ ପ୍ରଧାନାଚାର୍ଯ୍ୟ ଆଟଲ ଲିଙ୍ଗରାଜ ଅତିଥି ପରିଚୟ ପ୍ରଦାନ ଏବଂ ପରିଶେଷରେ ଆଚାର୍ଯ୍ୟ ପ୍ରତିନିଧି ଗୁରୁମା ସୁମତି ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମ ପରିଚାଳନାରେ ଶିଶୁ ମନ୍ଦିରର ସେବାବ୍ରତୀମାନେ ସକ୍ରିୟ ସହଯୋଗ କରିଥିଲେ ।



# ଭଂଜପୁର ଜଗଦ୍ଧାତ୍ରୀ ମେଳାର ୭ମ ସନ୍ଧ୍ୟା ଅସୀମା ପଣ୍ଡାଙ୍କ ଗୀତରେ ଝୁମିଲେ ଦର୍ଶକ



ବାରିପଦା,(ସବ୍ୟୁ): ଭଂଜପୁର ଠାରେ ଉତ୍ତର ଓଡିଶାର ପ୍ରସିଦ୍ଧ ଜଗଦ୍ଧାତ୍ରୀ ମେଳାର ୭ମ ସନ୍ଧ୍ୟାରେ ପ୍ରଥମେ ଜାତୀୟ ସ୍ତରୀୟ ପ୍ରତିଯୋଗୀ ପ୍ରକାଶ ବେହେରା ଓ ଦେବାଶିଷ ବାରିକ ଚମତ୍କାର ଯୋଗାସନ ପରିବେଷଣ କରିଥିଲେ । ପରେ ପରେ ସ୍କୁଲ ଅଫ ଆର୍ଟ ଏଣ୍ଡ କ୍ରାଫ୍ଟର କଳାକାର ମାନେ ଓଡ଼ିଶୀ, ନୃତ୍ୟ ପରିବେଷଣ କରିଥିଲେ ।

ବିଦ୍ୟାଳୟ ସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଶ୍ରେୟାଂଶି ପାତ୍ର, ମହାବିଦ୍ୟାଳୟ ସ୍ତରରେ ତନୀଷା ଗିରି, ସଂଗୀତ ସବ ଜୁନିୟରରେ ସୁଦୀପ୍ତା ବାରିକ, ଜୁନିୟରରେ କୌସ୍ତବ ଶାଶ୍ୱତ ସାହୁ, ସିନିୟରରେ ପ୍ରିୟାଂଶି ହୋତା ଓ ମହାବିଦ୍ୟାଳୟ ସ୍ତରରେ ଅଙ୍କିତା ଜେନା ପ୍ରଥମ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ । ତତ୍ସହିତ ୨ୟ ଓ ୩ୟ ସ୍ଥାନ ଅଧିକାର କରିଥିବା କୃତୀ ଛାତ୍ରଛାତ୍ରୀ ମାନଙ୍କୁ ମଧ ପୁରସ୍କୃତ କରାଯାଇଥିଲା । କାର୍ଯ୍ୟକାରୀ ସଭାପତି ନଗରପାଳ କୃଷ୍ଣାନନ୍ଦ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ବାରିପଦା ଉପ ଜିଲ୍ଲାପାଳ ଡଃ ଦୟାସିନ୍ଧୁ ପରିଡା କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିବା ସହ ମେଳାର ସଫଳତା ପାଇଁ ଆୟୋଜକ କମିଟିର ପ୍ରଶଂସା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ ସାଧାରଣ ସମ୍ପାଦକ ଦର୍ପ ନାରାୟଣ ପାଲ, ମେଳା ସମ୍ପାଦକ ପ୍ରସନ୍ନଜିତ ମହାନ୍ତି ଉପସ୍ଥିତ ଥିଲେ ।

ଶେଷରେ ସୁନାମଧନ୍ୟ କଣ୍ଠଶିଳ୍ପୀ ଅସୀମା ପଣ୍ଡା ଓ ସାଥିଙ୍କ କାର୍ଯ୍ୟକ୍ରମରେ ଦର୍ଶକ ଝୁମିଥିଲେ। ସାଂସ୍କୃତିକ ସମ୍ପାଦକ କିଶୋର ପଲେଇଙ୍କ ନେତୃତ୍ୱରେ ଆୟୋଜିତ କାଯ୍ୟକ୍ରମକୁ ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ ତଥା ପ୍ରିତମ ପଣ୍ଡା, ଆଲୋକ ବାରିକ ଓ ପ୍ରତୀକ ବାରିକ ପରିଚାଳନା କରିଥିଲେ ।

ଆସନ୍ତାକାଲି ସୋମବାର ନଂ-୧ ଡ୍ୟାନ୍ସ ଗ୍ରୁପ, ଇସ୍ୱାୟାର ଡ୍ୟାନ୍ସ ଗ୍ରୁପ, ରୟାଲ କିଙ୍ଗଡ଼ମ କାର୍ଯ୍ୟକ୍ରମ ପରେ ମାରିସାର ଆଦିବାସୀ ନୃତ୍ୟ ଗୀତ କାର୍ଯ୍ୟକ୍ରମ ରହିଛି ବୋଲି ସାଂସ୍କୃତିକ ସମ୍ପାଦକ ଶ୍ରୀ ପଲେଇ ଜଣାଇଛନ୍ତି ।

## ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ସମ୍ମିଳନୀ

ବ୍ରହ୍ମପୁର, (ସବ୍ୟୁ) : ବ୍ରହ୍ମପୁର ମହାନଗର ପ୍ରାଥମିକ ସଂଘର ଆହାନ କ୍ରମେ ମହାନଗର ଅନ୍ତର୍ଗତ ବିଭିନ୍ନ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକମାନଙ୍କ ସମ୍ମିଳନୀ ଗେଟ ବଜାର ସ୍ଥିତ ଏନ ଜି ଓ ହଲ ଠାରେ ଶନିବାର ଦିନ ଅନୁଷ୍ଠିତ ହୋଇଯାଇଛି । ସମ୍ମିଳନୀରେ ସଂଘର ସଭାପତି ରାଜେଶ କୁମାର ତାରିଣୀ ଅଧ୍ୟକ୍ଷତା କରିଥିବା ବେଳେ ସମ୍ପାଦକ ଅବନୀ କୁମାର ପାଢ଼ୀ ,କୋଷାଧ୍ୟକ୍ଷ ବାଙ୍କ ପ୍ରଧାନ,ଉପଦେଷ୍ଟା ସିମାଞ୍ଚଳ ମିଶ୍ର, ନରସିଂହ ପାଢ଼ୀ ମଞ୍ଚାସୀନ ଥିଲେ । ଉକ୍ତ ସମ୍ମିଳନୀରେ ଶିକ୍ଷା,ଶିକ୍ଷକ ,ଶିକ୍ଷାୟତନ ସମ୍ପର୍କିତ ପ୍ରାୟ ୧୨ଗୋଟି ସମସ୍ୟା ଯଥା ପ୍ରଶାସନିକ ଜଟିଳତା ଓ ଅସୁବିଧା ଆରଏସିପି ଓ ଏମଏସିପି ସମସ୍ୟା,ୟୁଏସ ପୋର୍ଟାଲର ଏଣ୍ଟ୍ରି ସମସ୍ୟା, ନୂତନ ଶିକ୍ଷାନୀତି ଓ ସ୍ୱଅଗ ପୋର୍ଟାଲର ପ୍ରାୟୋଗିକ ଅସୁବିଧା,ଅନୁଗ୍ରହ ଓ ବିଳମ୍ବିତ ବେତନ ଓ ଏରିୟର ପ୍ରଦାନ,ସହରାଞ୍ଚଳ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ତୁରନ୍ତ ଖୋଲିବା,ସ୍ଥାନୀୟ ଛୁଟିର ଦୂରବସ୍ଥା,ଜିଲ୍ଲା ଶିକ୍ଷକ ସଂଘର ସ୍ଥାଣୁତା,ରାଜ୍ୟ ସରକାରଙ୍କ ଶିକ୍ଷକ ନିଯୁକ୍ତି ଓ ବଦଳି ସଂକ୍ରାନ୍ତୀୟ ଭୁଲ ନିଷ୍ପତ୍ତି ଓ ଅବ୍ୟବସ୍ଥା, ଶିଶୁ ବାଟିକା ଶ୍ରେଣୀର ପରିଚାଳନା ଗତ ଅସୁବିଧା,ଶିକ୍ଷକଙ୍କ ସମ୍ମାନ ଓ ସୁରକ୍ଷା ଭଳି ପ୍ରମୁଖ ସମସ୍ୟା ଗୁଡ଼ିକ ଉପରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରାଯାଇଥିଲା । ମହାନଗର ଅନ୍ତର୍ଗତ ପ୍ରାୟ ସମସ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀ ଗଣ ଉପସ୍ଥିତ ରହି ଆଲୋଚନାରେ ପୂର୍ଣ୍ଣ ଅଂଶ ଗ୍ରହଣ କରିବା ସହ ଉକ୍ତ ସମସ୍ୟାର ସମାଧାନ ଦିଗରେ ବିହିତ ପଦକ୍ଷେପ ନେବା ନିମନ୍ତେ ସଂଘକୁ ପୂର୍ଣ୍ଣ ସମର୍ଥନ ଦେବେ ବୋଲି ନିର୍ଭର ପ୍ରତିଶ୍ରୁତି ଦେଇଥିଲେ । ସମସ୍ୟା ଗୁଡିକର ଆଶୁ ସମାଧାନ ନିମନ୍ତେ ତିନି ଗୋଟି କମିଟି ଗଠନ କରାଯାଇଥିଲା । ତିନି ଜଣ ଦକ୍ଷ ବ୍ୟକ୍ତି ବାଙ୍କ ପ୍ରଧାନ, ସୁନୀତା ପଟ୍ଟନାୟକ ଓ ଅନୁଜ କୁମାର ପ୍ରଧାନଙ୍କୁ କମିଟିର ମୁଖ୍ୟ ରୂପେ ଚୟନ କରାଯାଇଥିଲା ।

ଏହି ପରିପ୍ରେକ୍ଷୀରେ ସାଂଗଠନିକ ପରିବର୍ତ୍ତନ ସମ୍ପର୍କରେ ଆଲୋଚନା କରାଯାଇ ବର୍ତ୍ତମାନର ପ୍ରାଥମିକ ଶିକ୍ଷକ ସଂଘକୁ ଭଙ୍ଗ କରାଯିବା ଘୋଷଣା କରାଯିବା ସହ ଯଥାଶୀଘ୍ର ମହାନଗର ପ୍ରାଥମିକ ଶିକ୍ଷକ ସଂଘର ସାଂଗଠନିକ ନିର୍ବାଚନ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା । ସଂଘ ପୁନର୍ଗଠନ ହେବା ପର୍ଯ୍ୟନ୍ତ୍ରୀ ରାଜେଶ କୁମାର ତାରିଣୀ ସଂଘ ସଭାପତି ଓ ଅବନୀ ପାଢ଼ୀ ସଂପାଦକ ଦାୟିତ୍ୱରେ ରହି ସମସ୍ତ କାର୍ଯ୍ୟ ସମ୍ପାଦନ କରିବେ ବୋଲି ନିଷ୍ପତ୍ତି ଗ୍ରହଣ କରାଗଲା ।

# ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭି ପାଳିତ



ରାୟଗଡା,(ସବ୍ୟ): ରାୟଗଡ଼ା ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭି ସ୍ଥାନୀୟ ବିଜୁ ପଟ୍ଟନାୟକ ପ୍ରେକ୍ଷାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ କୋରାପୁଟ ଲୋକସଭା ସାଂସଦ ସପ୍ତଗିରି ଶଙ୍କର ଉଲାକା ମୁଖ୍ୟଅତିଥି ଓ ବିଧାୟକ କାଡ୍ରାକା ଆପାଲାସ୍ୱାମୀ ସମ୍ମାନୀତ ଅତିଥି ରୂପେ ଯୋଗ ଦେଇଥିଲେ । ଅନ୍ୟତମ ଅତିଥିରୂପେ ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାଏକ, ଜିଲ୍ଲା ଶିକ୍ଷାଧିକାରୀ ରାମଚନ୍ଦ୍ର ନାହକ, ଏଡିଇଓ ଭଜନଲାଲ ମାଝୀ ଓ ଶାନ୍ତିଲତା ମୁନୀ, ଡିଆଇଇଟି ଅଧକ୍ଷ ଜଗନ୍ନାଥ ମେହେର , କୋଲନରା ବିଇଓ ମଞ୍ଜୁଲତା ଜେନା ପ୍ରମୁଖ ମଞ୍ଚାସୀନ ଥିଲେ। ଜିଲ୍ଲାରେ ପ୍ରତିଭାର ଅଭାବ ନାହିଁ । ଜାତୀୟ ଓ ଆନ୍ତର୍ଜାତିକ ସ୍ତରରେ ନିଜର ପ୍ରତିଭାର ବିକାଶ କରନ୍ତୁ କିନ୍ତୁ ନିଜ ମାଟିର ବିକାଶ ନିମନ୍ତେ ପ୍ରତିଭାଶାଳୀ ହୋଇ ନିଜମାଟିକୁ ଫେରିଆସି ମାଟିର ବିକାଶ ପାଇଁ ସମୟ ଦେବାକୁ ଅନୁରୋଧ କରିଥିଲେ । ନିଜ ଜୀବନୀର ଜ୍ୱଳନ୍ତ ଦୃଷ୍ଟାନ୍ତ ଦେଇ ସାଂସଦ ଉଲ୍ଲାକା ସମସ୍ତଙ୍କ ପ୍ରେରଣାର ଉତ୍ସ ପାଲଟିଥିଲେ । ବିଧାୟକ କାଡ୍ରାକା ଯେଉଁ ଛାତ୍ରଛାତ୍ରୀ ଏହି କାର୍ଯ୍ୟକ୍ରମ କୃତିତ୍ୱ ଲାଭ କରିନାହାଁନ୍ତି ସେମାନେ କେବେ ନିଜର ପ୍ରୟାସକୁ ବନ୍ଦ କରନ୍ତୁ ନାହିଁ। ବାରମ୍ବାର ଅସଫଳ ହିଁ ସଫଳତା ଆଣିଦେବଛ ପ୍ରତ୍ୟେକ ପ୍ରତିଭା ଯେତେ ଛୋଟ ହେଉନା କାହିଁକି ତାଙ୍କ ମଧ୍ୟରେ ଅନେକ ସମ୍ଭାବନା ପୁରି ରହିଥାଏ । ଏଣୁ ନିଜ ଦକ୍ଷତା ପ୍ରତି ବିଶ୍ୱାସ ରଖିବା ସହ ରାଜ୍ୟସ୍ତରରେ ସୁନାମ ଅର୍ଜନ ନିମନ୍ତେ ପ୍ରେରିତ କରିଥିଲେ ।

ମୋଟ ୩୭ଟି ପ୍ରତିଯୋଗିତାରେ ଚାରିଶହ ପଚାଶ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ । ଆଗାମୀ ଶିଶୁ ଦିବସ ଅବସରରେ ପ୍ରଥମ ସ୍ଥାନ ହାସଲ କରିଥିବା ପ୍ରତିଯୋଗୀ ରାଜ୍ୟସ୍ତରରେ ଅଂଶଗ୍ରହଣ କରିବେ ବୋଲି ଜିଲ୍ଲା ଶିକ୍ଷାଧିକାରୀ କହିଛନ୍ତି। ପରବର୍ତ୍ତୀ ସମୟରେ ବିଭିନ୍ନ ଛାତ୍ରଛାତ୍ରୀ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସୁରଭି ଲୁକ୍କାୟିତ ପ୍ରତିଭା ଅନ୍ୱେଷଣର ଉପଯୁକ୍ତ ମଞ୍ଚ ତଥା ଏହା ମହାକୁମ୍ଭ ବୋଲି ଅତିରିକ୍ତ ଜିଲ୍ଲାପାଳ ନାଏକ କହିଛନ୍ତି। ସଂଯୋଜକ ଜ୍ଞାନରଂଜନ ସାହୁଙ୍କ ଆୟୋଜନରେ ଜିଲ୍ଲାର ସମସ୍ତ ବିଇଓ ଏବିଇଓ , ସିଆର୍ସିସି , ଶିକ୍ଷକ ସଂଘ କର୍ମକର୍ତ୍ତା ଓ ଶିକ୍ଷକ ଶିକ୍ଷୟିତ୍ରୀ, ସମଗ୍ର ଶିକ୍ଷା କାର୍ଯ୍ୟାଳୟ କର୍ମକର୍ତ୍ତା ସହଯୋଗ କରିଥିଲେ।

# ମଲକେନ ଡ୍ୟାମରେ ଡ୍ରାଇଭର ସଂଘର ସାଧାରଣ ବୈଠକ

ପଦ୍ମପୁର,(ସବ୍ୟ): ପଦ୍ମପୁର ଉପଖଣ୍ଡ ଗାଇସିଲେଟ ବ୍ଲକ କଟାବାହାଲ ସ୍ଥିତ ମଲକେନ ଡ୍ୟାମ ଠାରେ ବ୍ଲକସ୍ତରୀୟ ଓଡିଶା ଡ୍ରାଇଭର ମହାସଂଘର ବୈଠକ ଅନୁଷ୍ଠିତ ହୋଇଯାଇଛି । ସଭାପତି ସୁରେଶ ସାଗରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବରଗଡ଼ ଜିଲ୍ଲା ସଭାପତି ନୀଳାମ୍ବର ସା,ସମ୍ପାଦକ ସୁଦାମ ରଥ, ସହ ସମ୍ପାଦକ ବୁଲୁ ବଗର୍ତ୍ତି ଯାଦବ, କୋଷାଧ୍ୟକ୍ଷ ସୁମନ୍ତ ମେଣ୍ଡୋଲି,ଗାଇସିଲେଟ ବ୍ଲକ ଉପସଭାପତି ସତ୍ୟ କୁମାର ମିର୍ଦ୍ଧା,ସମ୍ପାଦକ ମନୋରଞ୍ଜନ ଡୁଡୁକା,ସହ ସମ୍ପାଦକ ଅଭିମନ୍ୟୁ ହାତୀ, କୋଷାଧ୍ୟକ୍ଷ ମଦନ ବରିହା,ଉପଦେଷ୍ଟା ଜଗଦୀଶ ସାହୁ,ପ୍ରଦୀପ କୁମାର ସାହୁ,ପ୍ରମୁଖ ଉପସ୍ଥିତ ଥିଲେ । ଡ୍ରାଇଭର ମାନଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିବା ସହିତ ଡ୍ରେସକୋଡ଼ ସହିତ ଆଇକାର୍ଡ ବ୍ୟବହାର କରିବା ଓ ଟ୍ରାଫିକ ନିୟମ ସଠିକ ଭାବରେ ପାଳନ କରିବା, ମଦ୍ୟପାନ କରି ବାହାନ ନଚଲାଇବା ପାଇଁ ସଂଘ ସଭାପତି ଶ୍ରୀ ସା ନିବେଦନ କରିବା ସହିତ ରାଜ୍ୟ ତଥା ଦେଶର ଯେକୌଣସି ଡ୍ରାଇଭର ଭାଇ ରାସ୍ତାରେ କୌଣସି ଅସୁବିଧା ହେଲେ ତୁରନ୍ତ ତାଙ୍କୁ ସହଯୋଗ କରିବା ସହିତ ପ୍ରତି ଗ୍ରାମପଞ୍ଚାୟତ ସ୍ତରରେ ସମସ୍ତ ଡ୍ରାଇଭର ଭାଇ ମାନଙ୍କୁ ସଂଘରେ ସାମିଲ କରି ସଂଘକୁ ମଜବୁ କରିବା ପାଇଁ ସମସ୍ତଙ୍କୁ ଅନୁରୋଧ କରିଥିଲେ । ଏହି ଅବସରରେ ଡ୍ୟାମ ଠାରେ ବିଭିନ୍ନ ଚାରା ରୋପଣ କରିଥିଲେ । ତେବେ ଏହି ସଂଘ ବିଭିନ୍ନ ସମୟରେ ରକ୍ତଦାନ, ବୃକ୍ଷରୋପଣ, ନାମଯଜ୍ଞ,ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମରେ ଯୋଗ ଦେଇ ପ୍ରସାଦ ବଣ୍ଟନ କାର୍ଯ୍ୟକ୍ରମ କରିବା ସହିତ ଅସହାୟ ଡ୍ରାଇଭର ବନ୍ଧୁ ମାନଙ୍କୁ ସହଯୋଗ କରିବା ଭଳି କାର୍ଯ୍ୟ କରିଥିବାରୁ ଜିଲ୍ଲା ସଂଘ ତରଫରୁ ପ୍ରଶଂସା କରାଯାଇଥିଲା ।

କାର୍ଯ୍ୟକ୍ରମକୁ ସୁଦାମ ରଥ ପରିଚାଳନା କରିଥିବା ବେଳେ ପରିଶେଷରେ ସୁମନ୍ତ ମେଣ୍ଡୋଲି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ତେବେ ଏହି କାର୍ଯ୍ୟକ୍ରମରେ ଶିବ ପ୍ରସାଦ ସାହୁ,ବୁଢ଼ାମାଲ ଗ୍ରାମପଞ୍ଚାୟତର ସଭାପତି ପିତାମ୍ବର ମେହେର,ସମ୍ପାଦକ ବିଜୟ କୁମାର ମେହେର,ସହ ସମ୍ପାଦକ ଦିଲ୍ଲୀପ କୁମାର ବେହେରାଙ୍କ ସମେତ ପ୍ରାୟ ଶତାଧିକ ଡ୍ରାଇଭର ଉପସ୍ଥିତ ଥିଲେ।

# କୃତ୍ରିମ ବୁଦ୍ଧିମତାର ଦୁରୁପଯୋଗ କରି ଭୋଟରଙ୍କୁ ବିଭ୍ରାନ୍ତ କରୁଛି ବିଜେଡି

ନୂଆପଡା,(ସବ୍ୟ): ଗତ ୨୦୨୪ ମସିହା ସାଧାରଣ ନିର୍ବାଚନରେ ପରାଜୟ ଭୋଗିବା ପରେ, ବିଜେପି ସୋସିଆଲ ମିଡିଆରେ ଅପପ୍ରଚାର କାରଣରୁ ବିଜେଡିର ପରାଜୟ ଘଟିଛି ବୋଲି ଖୋଦ ନବୀନ ପଟ୍ଟନାୟକ ଏବଂ ତାଙ୍କ ଦଳର ନେତାମାନେ ଚିତ୍କାର କରୁଥିଲେ । କିନ୍ତୁ ଆଜି ନିଜ ଅଭଯୋଗକୁ ଭୁଲ ବୋଲି ନିଜେ ବିଜେଡି ପ୍ରମାଣିତ କରିଛି । ବିଜେଡି ଦଳ ନିଜେ ସୋସିଆଲ ମିଡିଆରେ ଅପପ୍ରଚାର କରୁଛି ଏବଂ ନିଶ୍ଚିତ ପରାଜୟର ଆତଙ୍କ ଘାରିଥିବା ବିଜେଡି ବର୍ତମାନ ଆଉ ଦୁଇ ପାଦ ଆଗକୁ ଯାଇ କୃତ୍ରିମ ବୁଦ୍ଧିମତା ତଥା ଏଆଇ ଜ୍ଞାନକୌଶଳର ଅପବ୍ୟବହାର କରି ବିଭ୍ରାନ୍ତ ସୃଷ୍ଟି କରୁଛି । ଚଳିତ ନୂଆପଡା ଉପନିର୍ବାଚନରେ କୃତ୍ରିମ ବୁଦ୍ଧିମତା (ଆର୍ଟିଫିସିଆଲ ଇଂଟେଲିଜେନ୍ସ) ଜରିଆରେ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ଏବଂ ଧର୍ମଶାଳା ବିଧାୟକ ହିମାଂଶୁ ସାହୁଙ୍କ କଦର୍ଥ ଫଟୋଚିତ୍ରକୁ ସାମାଜିକ ଗଣମାଧମ ଫେସବୁକରେ ଭାଇରାଲ କରି ସାଧାରଣ ଭୋଟରଙ୍କୁ ବିଭ୍ରାନ୍ତ କରିବାର ଅପଚେଷ୍ଟା କରିଛି । ଏହା ସଂପୂର୍ଣ୍ଣ ଭାବେ ଦଣ୍ଡନୀୟ ଅପରାଧ ଏବଂ ଏଭଳି ବିଶୃଙ୍ଖଳାକାରୀଙ୍କ ବିରୁଦ୍ଧରେ ବିହୀତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ଆଇନ ମୁତାବକ ଦଣ୍ଡବିଧାନ କରିବାକୁ ବିଜେପିର ଏକ ପ୍ରତିନିଧିଦଳ ରାଜ୍ୟ ନିର୍ବାଚନ ଆୟୋଗଙ୍କ ନିକଟରେ ଦାବୀ କରିଛି । ରାଜନୀତିରେ ଶାଳିନତାର ପାଠ ପଢାଉଥିବା ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ନିଜ ଦଳର କର୍ମୀଙ୍କୁ ପାଠ ପଢାଇବା ପରିବର୍ତ୍ତେ ନିରବ ସାଜିବା ଅତ୍ୟନ୍ତ ଆଶ୍ଚର୍ଯ୍ୟର ବିଷୟ । ସତ କେବେ ଲୁଚି ରହେ ନାହିଁ । ଭୋଟ ହାତେଇବା ପାଇଁ ଏଆଇ ଫଟୋ ଭାଇରାଲ କରି ବିଜେଡିର ନେତାମାନେ କରୁଛନ୍ତି କଣ ଏବଂ ନିଜେ ନବୀନ ବାବୁ କାହିଁକି ମୁକ ଓ ବଧିର ପାଲଟିଛନ୍ତି ? ବିଜେଡି ପରାଜୟ ଭୟରେ ଏପରି ହୀନ ଅପଚେଷ୍ଟା କରୁଛି । ଯାହାକୁ ଆମେ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଛୁ ଓ ସାଇବର ଆଇନ ଅନୁସାରେ ଏହା ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରିଛୁ ବୋଲି ରାଜ୍ୟ ମୁଖପାତ୍ର ସତ୍ୟବ୍ରତ ପଣ୍ଡା କହିଛନ୍ତି ।

ପ୍ରତିନିଧିମଣ୍ଡଳୀରେ ରାଜ୍ୟ ଉପସଭାପତି ଡ.ଯତୀନ ମହାନ୍ତି, ରାଜ୍ୟ ମୁଖପାତ୍ର ଦିଲୀପ ମଲ୍ଲିକ, ରାଜ୍ୟ ଗଣମାଧମ ସଂଯୋଜକ ସୁଜିତ କୁମାର ଦାସ, ଲିଗାଲ ସେଲ ରାଜ୍ୟ ସଂଯୋଜକ ଜୟନ୍ତ ଜେନା, ରାଜ୍ୟ ସାମାଜିକ ଗଣମାଧମ ସହ ସଂଯୋଜିକା ମାନସୀ ମଞ୍ଜରୀ ପାଢୀ, ଓବିସି ମୋର୍ଚ୍ଚା ରାଜ୍ୟ ସଂଯୋଜକ ସଂଗ୍ରାମ କେଶରୀ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

## ଦେଢ଼ ମାସର ଶିଶୁକନ୍ୟାକୁ ଛାଡ଼ି ଚାଲିଗଲା ଜନ୍ମଦାତ୍ରୀ ମା’

# ପଡ଼ୋଶୀ ମହିଳା ନେଉଛନ୍ତି ଯତ୍ନ

କୋରାପୁଟ,(ସବ୍ୟ): କୋରାପୁଟ ଜିଲ୍ଲା ବୈପାରିଗୁଡ଼ା ବ୍ଲକ ଅନ୍ତର୍ଗତ କୋଲାର ପଞ୍ଚାୟତର ରତାଖଣ୍ଡିଗୁଡ଼ା ଭଳି ଆଦିବାସୀ ଅଧୁଷିତ ଅଞ୍ଚଳରେ ଜଣେ ମମତାମୟୀ ମା’ ଯଶୋଦାଙ୍କ ଭୂମିକା ନେଇ ଅଭୁତପୂର୍ବ ଉଦାହରଣ ସୃଷ୍ଟି କରିଛନ୍ତି। ଜନ୍ମଦାତ୍ରୀ ମା’ର ଅନୁପସ୍ଥିତିରେ ଶିଶୁକୁ ନିଜ କୋଳକୁ ନେଇ ସ୍ତନ୍ୟପାନ କରାଇବା ଭଳି ଏକ ବିରଳ ଦୃଶ୍ୟ ଦେଖିବାକୁ ମିଳିଛି।

ରତାଖଣ୍ଡିଗୁଡା ଗ୍ରାମର ଗୁପ୍ତ କିର୍ଷାନୀଙ୍କ ପତ୍ନୀ ରେବତୀ କିର୍ଷାନୀ ଦେଢ଼ ମାସ ତଳେ ଶିଶୁକନ୍ୟାକୁ ଜନ୍ମ ଦେଇଥିଲେ। ଶିଶୁକନ୍ୟା ଜନ୍ମ ହେବାପରେ ପରିବାରରେ ଖୁସିର ଲହରୀ ଖେଳିଯାଇଥିଲା। ସ୍ୱାମୀ ଗୁପ୍ତ ଏବଂ ସ୍ତ୍ରୀ ରେବତୀ ଶିଶୁକନ୍ୟାକୁ ନେଇ ବେଶ୍ ଖୁସିରେ ରହୁଥିବା ବେଳେ ହଠାତ୍ ଶନିବାର ଗୁପ୍ତଙ୍କ ପତ୍ନୀ ରେବତୀ ଘର ଛାଡ଼ି କାହାକୁ କିଛି ନକହି ସକାଳ ୯ଟା ବେଳେ କେଉଁଆଡ଼େ ଚାଲିଗଲେ। ଗୁପ୍ତ ନିଜ ସମ୍ପର୍କୀୟଙ୍କ ସହ ଯୋଗାଯୋଗ କରିବା ସହିତ ଆଖପାଖ ଗାଁ ଗୁଡ଼ିକରେ ମଧ୍ୟ ବହୁ ଖୋଜାଖୋଜି କରିଥିଲେ। ଖୋଜି ନପାଇ ନିରାଶ ହୋଇଥିଲେ। ଫଳରେ ମାଁର ଅନୁପସ୍ଥିତିରେ ଶିଶୁକନ୍ୟାଟି ଦେଢ଼ ମାସରେ ମା’ କ୍ଷୀର ଟୋପାଏ ପାଇଁ ବ୍ୟାକୁଳ ହୋଇପଡ଼ିଛି ।

ତେବେ ଏହି ମାଆ ଛେଉଣ୍ଡ ଶିଶୁଟିର ଯତ୍ନ ନେବାପାଇଁ ଘରେ କେବଳ ବୁଢ଼ୀ ଜେଜେମା ବ୍ୟତୀତ ଆଉ କେହି ମହିଳା ନଥିବାରୁ ଗୁପ୍ତ ଅସହାୟ ହୋଇପଡ଼ିଥିଲେ। ବିଶେଷ କରି ଛୁଆଟିର ମୁହଁରେ କ୍ଷୀର ଟୋପାଏ ଦେବା ପାଇଁ ସେ ସବୁବେଳେ ଚିନ୍ତାରେ ରହୁଥିଲେ। ଏଭଳି ଅସମୟରେ ପଡ଼ୋଶୀ ଘରର ପଦ୍ମା ବଡନାୟକ ଆସି ପହଞ୍ଚିଥିଲେ । ପଦ୍ମାଙ୍କର ମଧ ପାଞ୍ଚ ମାସର ସନ୍ତାନଟିଏ ଥିବାରୁ ସ୍ୱତଃ ପ୍ରବୃତ୍ତ ଭାବେ ମା’ ଛେଉଣ୍ଡ ଶିଶୁଟିକୁ ସ୍ତନ୍ୟପାନ କରାଇ ନୂଆ ପରିଚୟ ଦେଇଥିଲେ। ଶନିବାର ଠାରୁ ପଦ୍ମା ନିଜ ସନ୍ତାନ ସହ ଶିଶୁଟିକୁ ମଧ ସ୍ତନ୍ୟପାନ କରାଇ ଚାଲିଛନ୍ତି। ଜନ୍ମଦାତ୍ରୀ ମା’ର ଅନୁପସ୍ଥିତି ସତ୍ତ୍ୱେ ପଦ୍ମା ନିଜ ଚିନ୍ତାଧାରାକୁ ବଦଳାଇ ନାହାନ୍ତି। ଆଜି ବି ସେ ନିଜ ମା’ ଭଳି ଶିଶୁଟିର ମୁହଁରେ କ୍ଷୀର ଦେଇ ଉଦାହରଣ ସାଜିଛନ୍ତି।

# ଦେଓଗାଁରେ କଣ୍ଟାବାଞ୍ଜି ପୁଲିସର ଚଢ଼ାଉ ୧୫୦ ଟିଣ ତେଲ ବୋଝେଇ ଗାଡ଼ି ଜବତ

ବଲାଙ୍ଗିର,(ସବ୍ୟ): ବଲାଙ୍ଗିର ଜିଲ୍ଲା ଦେଓଗାଁ ଥାନା ଅନ୍ତର୍ଗତ ବନ୍ଧପଡ଼ା ଫାଣ୍ଡିର ଦୁମେରପିଟାରେ ଚାଉ କରି ଲୋକାଲ ବ୍ରାଣ୍ଡର ଏକ ଖାଇବା ତେଲ ବୋଝେଇ ମିନି ଟ୍ରକକୁ ଧରିଛି କଣ୍ଟାବାଞ୍ଜି ପୁଲିସ । ଦେଓଗାଁ ପୁଲିସ ସହ ମିଳିତ ଭାବେ ଚଢ଼ାଉ କରି ତେଲ ଗାଡ଼ିକୁ ଜବତ କରିଛି । ତେବେ ଏହି ଗାଡ଼ିରେ ୧୫୦ଟିଣ ତେଲ ରହିଥିବା ଜଣାପଡ଼ିଛି । ଏହି ନିକଟ ଗାଁର ଜଣେ ବ୍ୟବସାୟୀ ବିକ୍ରି ପାଇଁ ରାତିରେ ଆଣିଥିଲେ ବୋଲି ଅଞ୍ଚଳରେ ଚର୍ଚ୍ଚା ହେଉଛି। ଏନେଇ ବନ୍ଧପଡ଼ା ପୁଲିସ ଫାଣ୍ଡି ଅଧିକାରୀ ମଳୟ ପଣ୍ଡାଙ୍କୁ ପଚାରିବାରୁ କଣ୍ଟାବାଞ୍ଜି ପୁଲିସ ସହ ଚଢ଼ାଉ କରି ଗାଡ଼ି ଧରା ହୋଇଥିଲା। ତେଲ ବୋଝେଇ ଗାଡ଼ିକୁ କଣ୍ଟାବାଞ୍ଜି ପୁଲିସ ନେଇଛି ବୋଲି କହିଛନ୍ତି।

ସୂଚନାଯୋଗ୍ୟ, କଣ୍ଟାବାଞ୍ଜି ଅଞ୍ଚଳର ଜଣେ ବ୍ୟବସାୟୀ ଲୋକାଲ ବ୍ରାଣ୍ଡର ନକଲି ତେଲ ବ୍ୟବସାୟ କରି ଜିଲ୍ଲାର ବିଭିନ୍ନ ସ୍ଥାନକୁ ପରିବହନ କରୁଛନ୍ତି ବିନା କାଗଜପତ୍ରରେ। ୫ଶହରୁ ଅଧିକ ଟିଣ ନକଲି ତେଲ ବିଭିନ୍ନ ସ୍ଥାନରେ ଗଚ୍ଛିତ ରଖିଥିବା ଅଭିଯୋଗ ହେଉଛି। ଏହାରି ଉପରେ ପୁଲିସ ଅଧିକ ଖୋଳତାଡ଼ କଲେ ଅଧିକ ରହସ୍ୟ ପଦାକୁ ଆସିବ। ଏବେ ଏହି ତେଲ ବୋଝେଇ ଗାଡ଼ି ଧରା ପଡ଼ିବା ପରେ ଗାଡ଼ିଟି ଚୋରି ହୋଇ ଆସିଥିଲା ବୋଲି କାଗଜପତ୍ର ପ୍ରସ୍ତୁତ କରୁଥିବା ଚର୍ଚ୍ଚା ହେଉଛି। ଏଣୁ ଏଦିଗରେ ପୁଲିସର ବରିଷ୍ଠ ଅଧିକାରୀ ଦୃଷ୍ଟି ଦେବାକୁ ସାଧାରଣରେ ଦାବୀ ହେଉଛି।

# ନିଜ ନାବାଳିକା ଝିଅକୁ ଦୁଷ୍କର୍ମ ଉଦ୍ୟମ, ବାପା ଫେରାର

ସମ୍ବଲପୁର,(ସବ୍ୟ): ସମ୍ବଲପୁର ଜିଲ୍ଲା ଯୁଯୋମୁରା ଥାନା ଅଞ୍ଚଳରେ ଏକ ଅଭାବନୀୟ ଘଟଣା ଘଟିଛି । ନିଜ୧୫ବର୍ଷିୟା ନାବାଳିକା ଝିଅକୁ ବାପା ଦୁଷ୍କର୍ମ ଉଦ୍ୟମ କରିଥିବା ଅଭିଯୋଗ ହୋଇଛି । ଏନେଇ ୨୩୩/୨୫ରେ ଏକ ମାମଲା ରୁଜୁ କରାଯାଇଛି । ଅଭିଯୋଗ ପରେ ପୋଲିସ ଘଟଣାର ତଦନ୍ତ କରୁଛି । ତେବେ ଅଭିଯୁକ୍ତ ବାପା ଫେରାର ଥିବା ଜଣାପଡିଛି ।

# ଶିକ୍ଷକ ଶଙ୍କର ରାଓଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ବୋରିଗୁମ୍ମା,(ସବ୍ୟ): ବୋରିଗୁମ୍ମା ବ୍ଲକର ବରିଷ୍ଠ ଶିକ୍ଷକ ପି. ଶଙ୍କର ରାଓଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ସାନସିରିସୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର କାର୍ଯ୍ୟରତ ଶିକ୍ଷକ ଥିବା ପି. ଶଙ୍କର ରାଓ ଅବସର ଗ୍ରହଣ କରିଥିଲେ। ଏହି ପରିପ୍ରେକ୍ଷୀରେ ସାନସିରିସୀ ବିଦ୍ୟାଳୟ ଠାରେ ବରିଷ୍ଠ ଶିକ୍ଷକ ବିଜୟ କୁମାର ଷଡ଼ଙ୍ଗୀଙ୍କ ସଭାପତିତ୍ୱରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ସିଆରସିସି ତ୍ରିଲୋଚନ ପାଇକ ଯୋଗ ଦେଇଥିଲେ। ଅବସର ଗ୍ରହଣ କରିଥିବା ଶିକ୍ଷକ ପି.ଶଙ୍କର ରାଓ ୧୩.୦୪.୧୯୯୪ ମସିହାରେ ବୋରିଗୁମ୍ମା ବ୍ଲକର ନକୁଳଗୁଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମେ ଶିକ୍ଷକତା ଆରମ୍ଭ କରିଥିଲେ। ଦୀର୍ଘ ୩୧ ବର୍ଷରୁ ଉର୍ଦ୍ଧ୍ୱ ଶିକ୍ଷକତା କରି ପି ଶଙ୍କର ରାଓ ବେଶ ସୁନାମ ଅର୍ଜନ କରିଥିଲେ। ଅବସରକାଳୀନ ସମ୍ବର୍ଦ୍ଧନା ବେଳେ ଶିକ୍ଷକ ପି ଶଙ୍କର ରାଓଙ୍କୁ ସାଲ ଓ ମାନପତ୍ର ପ୍ରଦାନ କରି ସମ୍ମାନିତ କରାଯାଇଥିଲା। ଅନ୍ୟ ମାନଙ୍କ ମଧରେ ବିଆରଟି ଜଗଦୀଶ ମେହେର, ବର୍ତ୍ତମାନ ସିଆରସିସି ଲଛମନ ହରିଜନ, ସାନ ସିରିସୀ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଶାନ୍ତ ପ୍ରଧାନ,ଶିକ୍ଷକ ଦାମୋଦର ପଣ୍ଡା,ମନୋଜ ପଣ୍ଡା,ଟଙ୍କଧର ସୌରା, ଶ୍ରୀପତି ମାଝୀ, ଲବ ମୁଦୁଲି, କମର ପରଜା, ପର୍ଶୁରାମ ଚୌଧୁରୀ, ପ୍ରଣତି ବେହେରା, ମୁରଲୀ ବାବୁ,ଗୋବିନ୍ଦ ଚନ୍ଦ୍ର ଗରଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲ୍ଲାସ୍ତରୀୟ ବିଦ୍ୟାଳୟ ସମୂହର ଦୁଇଦିନିଆ ଖେଳକୁଦ ପ୍ରତିଯୋଗିତା ଉଦଯାପିତ

ଝାରସୁଗୁଡା,(ସବ୍ୟ): ରବିବାର ଝାରସୁଗୁଡା ବିଦ୍ୟାଳୟସ୍ତରୀୟ ଦୁଇ ଦିନିଆ ଜିଲ୍ଲା ଖେଳକୁଦ ପ୍ରତିଯୋଗିତା ସ୍ଥାନୀୟ ସରକାରୀ ଉଚ୍ଚ ବିଦ୍ୟାଳୟ, ଭିକାମପାଲି ଠାରେ ଉଦଯାପିତ ହୋଇଯାଇଛି । ଉଦଯାପନୀ ସଭାରେ ଲଖନପୁର ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ରାଜେନ୍ଦ୍ର ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଲଖନପୁର ଜିଲ୍ଲା ପରିଷଦ ସନତ ସିଂ ମୁଖ୍ୟ ପ୍ରବକ୍ତା ଏବଂ ଅନ୍ୟ ସମ୍ମାନିତ ଅତିଥି ଭାବେ କତରବଗା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମନୋହର ପ୍ରଧାନ, ଜାମଗାଁ ଉଚ୍ଚ ବିଦ୍ୟାଳୟର ନବୀନ ଭୋଇ, କନକତୋରା ଉଚ୍ଚ ବିଦ୍ୟାଳୟର ଚୁଳଧର ପ୍ରଧାନ, ଜିଲ୍ଲା ଜେ ଆର ସି କୋଅର୍ଡିନେଟର ବବନ ସିଂ ଯୋଗଦେଇ ପ୍ରତିଯୋଗୀ ମାନଙ୍କୁ ଉତ୍ସାହିତ କରିଥିଲେ । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁରେଶ ଚନ୍ଦ୍ର ବେହେରା ଅତିଥି ମାନଙ୍କୁ ସ୍ୱାଗତ କରିଥିଲେ ।

ପ୍ରତିଯୋଗିତାରେ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରୁ ୧୩୦ ରୁ ଉର୍ଦ୍ଧ ଖେଳାଳି ଅଂଶଗ୍ରହଣ କରିଥିଲେ। ତନ୍ମଧ୍ୟରୁ ୨୫ ଜଣ ଖେଳାଳି ଚୟନୀତ ହୋଇଛନ୍ତି ଏବଂ ରାଜ୍ୟ ସ୍ତରୀୟ ଖେଳକୁଦ ପ୍ରତିଯୋଗିତାରେ ଅଂଶଗ୍ରହଣ କାରବାକୁ ସୋମବାର ବସ ଯୋଗେ ବାଲେଶ୍ୱର ଯାତ୍ରା କରିବେ ବୋଲି ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ବିମଲ କୁମାର ତାଣ୍ଡି ସୂଚନା ଦେଇଛନ୍ତି । ସ୍ଥାନୀୟ ବିଦ୍ୟାଳୟର ସହକାରୀ ଶିକ୍ଷକ ନବୀନ ସା ମଞ୍ଚ ପରିଚାଳନା କରିଥିବା ବେଳେ ଲଖନପୁର ବ୍ଲକର ଶାରୀରିକ ଶିକ୍ଷା ଶିକ୍ଷକ ମିତ୍ରଭାନୁ ସାହୁ, ସୁକାନ୍ତ ବାଗ, ଗୌର ଚନ୍ଦ୍ର ଭୋଇ,ନିର୍ମଳ ବିଶ୍ୱାଳ ଏବଂ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଓ କର୍ମଚାରୀ କାର୍ଯ୍ୟକ୍ରମର ସମସ୍ତ ଆୟୋଜନ କରିଥିଲେ । ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରୁ ମୋଟ ୧୦୦ ଜଣ ଗାଇଡ଼ ଶିକ୍ଷକ ଏବଂ ଶାରୀରିକ ଶିକ୍ଷା ଶିକ୍ଷକ ଶିକ୍ଷୟତ୍ରୀ ଉପସ୍ଥିତ ରହି ଖେଳ ପରିଚାଳନା ତଥା ଅନ୍ୟ ପ୍ରକାର ସାହାଯ୍ୟ ସହଯୋଗ କରିଥିଲେ । ଶେଷରେ କନକ ତୋରା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଚୁଳଧର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

# କାର୍ ଧକ୍କାରେ ମାଛ ବିକାଳୀର ମୃତ୍ୟୁ

ସମ୍ବଲପୁର,(ସବ୍ୟ): ସମ୍ବଲପୁର ଜିଲ୍ଲା ଯୁଯୋମୁରା ଥାନା ଅନ୍ତର୍ଗତ ହିରୋ ଗ୍ରାମ ନିକଟରେ ଏକ ସଡକ ଦୁର୍ଘଟଣାରେ ଜଣେ ମାଛ ବିକାଳୀଙ୍କ ମୃତ୍ୟୁ ହୋଇଯାଇଛି । ମୃତକ ଜଣକ ଗୋବର୍ଦ୍ଧନ ବଡମାଳ ଗ୍ରାମର ବିପ୍ର ବଘାର(୪୫) ବୋଲି ଜଣାପଡିଛି । ଖବର ପାଇ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଶବକୁ ଜବତ କରିଛି । ଜବତ ଶବକୁ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି । ସୂଚନାଯୋଗ୍ୟ, ମାଛ ବିକ୍ରି କରି ସାରିବା ପରେ ବିପ୍ର ନିଜ ଲୁନା ଯୋଗେ ରବିବାର ସମ୍ବଲପୁର ଅଭିମୁଖେ ବାହାରିଥିଲେ । ଏହି ସମୟରେ ବିପରୀତ ଦିଗରୁ ଆସୁଥିବା କାର ଗାଡି ନମ୍ବର(ଓଡି୧୬ଡି-୧୭୭୭) ହିରୋ ଗ୍ରାମ ନିକଟରେ ଧକ୍କା ଦେଇଥିଲା । ଫଳରେ ଘଟଣାସ୍ଥଳରେ ବାଇକ ଆରୋହୀଙ୍କ ମୃତ୍ୟୁ ହୋଇଥିଲା । ଏନେଇ ଯୁଯୋମୁରା ଥାନା ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି । ତେବେ ଏହି ଘଟଣାରେ ପୋଲିସ କାହାକୁ ଗିରଫ କରିନଥିବା ଜଣାପଡିଛି ।

# ହମାରା ରୋଜଗାର ଫାଉଣ୍ଡେସନ ପକ୍ଷରୁ ତାଲିମ ଶିବିର

ବଙ୍ଗୋମୁଣ୍ଡା,(ସବ୍ୟ): ବଲାଙ୍ଗିର ଜିଲ୍ଲା ବଙ୍ଗୋମୁଣ୍ଡା ଠାରେ ରବିବାର ହମାରା ରୋଜଗାର ଫାଉଣ୍ଡେସନ ତରଫରୁ ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି । ଶିବିରରେ ବଙ୍ଗୋମୁଣ୍ଡା ବ୍ଲକର ୧୭ ଗୋଟି ପଞ୍ଚାୟତ ଗୁଡିକରୁ ୩୦୦ରୁ ଅଧିକ ମହିଳା ମାନେ ଅଂଶଗ୍ରହଣ କରିଥିଲେ । ସେମାନଙ୍କୁ ହମାରା ରୋଜଗାର ଫାଉଣ୍ଡେସନ ତରଫରୁ ସର୍ଫ ପାଉଡର, ଫିନାଇଲ, ଟଏଲେଟ କ୍ଲିନର, ଲିକ୍ୱିଡ ଡିଟେରଜେଣ୍ଟ ଘରେ ରହି ତାହା ନିଜେ ତିଆରି କରିପାରିବେ । ସେ ସମ୍ପର୍କରେ ତାଲିମ ଦିଆଯାଇଥିଲା । ତାଲିମ ଶିବିରରେ ଅନୁଷ୍ଠାନର ପ୍ରତିଷ୍ଠାତା ଭୈରବ ସତନାମୀ ଓ ଦୁଲ୍ଲବ ପଟେଲ ଉପସ୍ଥିତ ରହି ତାଲିମ ଭବିଷ୍ୟତରେ ଏକ ବ୍ୟବସାୟ ଭାବେ ଗ୍ରହଣ କରି ପାରିବେ ସେ ସମ୍ପର୍କରେ ବୁଝାଇଥିଲେ । ଉକ୍ତ ଉତ୍ପାଦକ ଗୁଡିକ ସମସ୍ତ ଗୃହଣି ମାନଙ୍କୁ କିପରି ଭାବରେ ବ୍ୟବସାୟ ତଥା ନିଜ ବ୍ୟବହାର କାର୍ଯ୍ୟ ରେ ଆସିବ ସେଥିପାଇଁ ସଚେତନ କରାଯାଇଥିଲା । ତାଲିମ ଶିବିରରେ ସିନ୍ଧେକେଲା, ଝରିଆଲ,ଭାଲୁମୁଣ୍ଡା, ମୁଣ୍ଡପଦର, ଜାମଖୁଣ୍ଟା,କପିଲାଭଟା, ଭୁର୍ଷାଗୁଡା,ଅଲଣ୍ଡା, କଁସିଲ, ତୁରେକେଲା,ବଙ୍ଗୋମୁଣ୍ଡା ପଞ୍ଚାୟତ ସହ ବହୁ ପଞ୍ଚାୟତର ମହିଳା ତାଲିମ ଗ୍ରହଣ କରିଥିଲେ । ତାଲିମ ଶିବିର ସମସ୍ତ ଘରଣି ମହିଳାଙ୍କୁ ବ୍ୟବସାୟ ପାଇଁ ସୁବିଧା ହେବ ବୋଲି ବାର୍ତ୍ତା ଯାଇଛି । କାର୍ଯ୍ୟକ୍ରମରେ ରୋଜଗାର ମିତ୍ର ମାନେ ଉପସ୍ଥିତ ଥିଲେ। ଏଥିରେ ବଙ୍ଗୋମୁଣ୍ଡା ବ୍ଲକ ସଂଯୋଜକ ଭୋଜରାଜ ରଣା,ବବିତା ସାହୁ, ଲବଙ୍ଗ ସାହୁ,ଆରତୀ ବେହେରା,ତରୁଲତା ବେହେରା,କଲ୍ୟାଣି ମଜଖଂଡ,ଧରିତ୍ରୀ ତାଣ୍ଡି ପ୍ରମୁଖ ସହଯୋଗ କରିଥିଲେ ।

# ବଣାଇଁ ବ୍ଲକ୍‌ସ୍ତରୀୟ ଶିଶୁ ମହୋତ୍ସବ

ବଣାଇଁ,(ସବ୍ୟ) : ବଣାଇଁ ବ୍ଲକ ଅନ୍ତର୍ଗତ ଶିହିଡିଆ ଯଦୁପତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଯାଇଛି। ଏଥିରେ ବଣାଇଁର ୧୦ କ୍ଲଷ୍ଟରର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ଅସୀମ କୁମାର ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବଣାଇଁ ଉପଜିଲ୍ଲାପାଳ ଅକ୍ଷୟ ପିଲ୍ଲେ ମୁଖ୍ୟ ଅତିଥି, ଜିଲ୍ଲା ଶିକ୍ଷା ଅଧିକାରୀ ଡ. ମୁରଲୀଧର ବେହେରା, ସହକାରୀ ଗୋଷ୍ଠୀ ଶିକ୍ଷା ଆଧିକାରୀ ବାବୁଲାଲ ମାହାନ୍ତ ସମ୍ମାନିତ ଅତିଥି ଥିଲେ। ଏହି ଅବସରରେ ସଙ୍ଗିତ, ନୃତ୍ୟ, ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କ୍ଲଷ୍ଟର ସ୍ତରରେ କୃତି ଅର୍ଜନ କରିଥିବା ପ୍ରତିଯୋଗି ବ୍ଲକ ସ୍ତରୀୟ ସୁରଭି ମହୋତ୍ସବରେ ଭାଗ ନେଇଥିଲେ। ବ୍ଲକ ସ୍ତରରେ କୃତି ଅର୍ଜନ କରିଥିବା ପ୍ରତିଯୋଗି ଜିଲ୍ଲାସ୍ତରୀୟ ସୁରଭିକୁ ମନୋନୀତ ହୋଇଛନ୍ତି। ଉଦଯାପନୀ ଅଧିବେଶନରେ ବଣାଇଁ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ସ୍ୱଦୀପ କୁମାର ଟପ୍ପୋ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦିବ୍ୟଶଙ୍କର ଜୟପୁରିଆ, ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁନୀଲ ମୁଣ୍ଡ ଅତିଥି ଭାବେ ଥିଲେ। ଶେଷରେ ଛାତ୍ରଛାତ୍ରୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# ମାଁ ପାଟଣେଶ୍ୱରୀ ମନ୍ଦିର ଉନ୍ନତିକରଣ ଶୀଘ୍ର ସମ୍ପୂର୍ଣ୍ଣ କରିବା ପାଇଁ ଉପଜିଲ୍ଲାପାଳଙ୍କୁ ଦାବିପତ୍ର

ବଲାଙ୍ଗିର,(ସବ୍ୟ): ପାଟଣା ରାଜ୍ୟର ଇଷ୍ଟଦେବୀ ମାଁ ପାଟଣେଶ୍ୱରୀ ମନ୍ଦିର ପୀଠକୁ ୧୮୭୨ ମସିହା ରୁ ୨୦୨୫ କୁ ୧୫୦ ବର୍ଷ ପୁର୍ତ୍ତି ହୋଇଯାଇଛି । ଏହି ଅବସରରେ ବଲାଙ୍ଗିର ଜିଲ୍ଲାର ଦେବାଳୟ ଐତିହ୍ୟ ସୁରକ୍ଷା ଟ୍ରଷ୍ଟ ପକ୍ଷରୁ ଆଗାମୀ ଜାନୁୟାରୀ ମାସ ପହିଲା ସପ୍ତାହରେ ପାଟଣେଶ୍ୱରୀ ମହୋତ୍ସବ ଆୟୋଜନ ପାଇଁ ଉପ-ଜିଲ୍ଲାପାଳ ତଥା ଦେବୋତ୍ତର ବିଭାଗକୁ ସୂଚନା ପ୍ରଦାନ କରିଛି । ଗତ ୨୦୨୩ ମସିହାରେ ଉନ୍ନତିକରଣ ପାଇଁ ୧କୋଟି ୧୨ଲକ୍ଷ ଟଙ୍କା ସୌନ୍ଦର୍ଯ୍ୟକରଣ ପାଇଁ ମାଁ ପାଟଣେଶ୍ୱରୀ ମନ୍ଦିର କାର୍ଯ୍ୟ ଆରମ୍ଭ ହୋଇଥିଲା । ୩ବର୍ଷରୁ ଉର୍ଦ୍ଧ୍ୱ ହୋଇଗଲାଣି ଏ ଯାଏଁ ସମ୍ପୂର୍ଣ୍ଣ ହୋଇନାହିଁ । ଏହି ଅବସରରେ ବଲାଙ୍ଗିର ଉପ-ଜିଲ୍ଲାପାଳ ଆଲୋକ କୁମାର ପଟେଲଙ୍କୁ ଦେବାଳୟ ସୁରକ୍ଷା କମିଟି ୪ ଗୋଟି ଦାବି ପ୍ରଦାନ କରିଛି । ଜାନୁୟାରୀ ମାସରେ ମହୋତ୍ସବ ଆୟୋଜନ ହେବା ହେତୁ ମନ୍ଦିର ଉନ୍ନତିକରଣ ତ୍ୱରାନ୍ୱିତ କରିବା ପାଇଁ ଏବଂ ମାଁ ପାଟଣେଶ୍ୱରୀ ମନ୍ଦିରର ଗମ୍ଭିରାଘର, ପରଭା ରୂପା କିମ୍ବା ପିତ୍ତଳ ଛାଉଣି ଲଗାଇବା ପାଇଁ ଦାବି । ୧୫୦ ବର୍ଷ ପୁର୍ତ୍ତି ଅବସରରେ ପାଟଣା ରାଜ୍ୟର ଇଷ୍ଟଦେବୀ ମାଁ ପାଟଣେଶ୍ୱରୀ ମନ୍ଦିରକୁ ପର୍ଯ୍ୟଟନ ମାନ୍ୟତା ଦାବି, ପାଟଣେଶ୍ୱରୀ ମହୋତ୍ସବ ପାଇଁ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ପଠାଇବା ପାଇଁ ଦାବି ଜଣାଇଥିଲେ । କମିଟିର ସଭାପତି ଜୟକୃଷ୍ଣ ମିଶ୍ର, ପ୍ରଶାନ୍ତ ମହାକୁର ଆଗାମୀ ଦିନରେ ମହୋତ୍ସବ ପାଇଁ ବିଭିନ୍ନ ଯୋଜନା ଓ ବଲାଙ୍ଗିରର ବୁଦ୍ଧିବୀଙ୍କୁ ନେଇ ଏକ ପ୍ରସ୍ତୁତି ବୈଠକ ହେବ । ରାଜ୍ୟପାଳ ଏବଂ ରାଜ୍ୟର ବିଭିନ୍ନ ନେତା ମନ୍ତ୍ରୀଗଣ ଉତ୍ସବରେ ନିମନ୍ତ୍ରିତ କରାଯିବ ବୋଲି ଏହି ଅବସରରେ କମିଟି ନିଷ୍ପତ୍ତି ଅନୁଯାୟୀ ଏକ ପ୍ରେସ ବିବୃତ୍ତିରେ ସୂଚନା ଦେଇଛନ୍ତି ।

# ଅଘରିଆ ସମାଜ ରକ୍ତଭଣ୍ଡାରକୁ ଦେଲା ୧୦୯ ୟୁନିଟ ରକ୍ତ

ବଲାଙ୍ଗିର,(ସବ୍ୟ): ରବିବାର ବଲାଙ୍ଗିର ଜିଲ୍ଲା ୮୪ ଘର ଅଘରିଆ ସମାଜ ପକ୍ଷରୁ କୁରୁଲ ଗୁଡ଼ି ଅଧୀନସ୍ଥ କଷାବାହାଲ ଗ୍ରାମ ଠାରେ ଷଷ୍ଠ କାର୍ଯ୍ୟକାରୀ ବୈଠକ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମକୁ ସ୍ମରଣ ରଖିବା ପାଇଁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା । ଶିବିରକୁ ଉଦଘାଟନ କରିଥିଲେ ଅଘରିଆ ସମାଜର ସଭାପତି ଶୁଭ୍ରାଂଶୁ ଶେଖର ପଟେଲ । କେବଳ ଗୋଟିଏ ସମାଜର ୧୦୯ ୟୁନିଟ ରକ୍ତଦାନ ହେବା ଏକ ଉଦାହରଣ । ଗତ ବର୍ଷ ମଧ ୪୧୧ ୟୁନିଟ ରକ୍ତଦାନ କରିଥିବାର ନଜିର ଅଛି । କାର୍ଯ୍ୟକାରୀ ବୈଠକରେ ଅଢେଇ ହଜାରରୁ ଉର୍ଦ୍ଧ୍ ଜନ ସମାଗମ ହୋଇ ୩୫ ଜଣ ପ୍ରତିଭା ସମ୍ପନ୍ନ ଛାତ୍ର ଛାତ୍ରୀ ଓ ସମାଜ ଭାଇଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଶିକ୍ଷା କମିଟି,ଯୁବାମଞ୍ଚ ଦ୍ୱାରା ସମ୍ବର୍ଦ୍ଧିତ କାର୍ଯ୍ୟ ସଂମ୍ପନ୍ନ ହୋଇଥିଲା। କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ସାଧାରଣ ସମ୍ପାଦକ ଦିଗାମ୍ବର ନାଏକ । ବିବରଣୀ ପାଠ କରିଥିଲେ ଯୁଗ୍ମ ସମ୍ପାଦକ ମୁକୁନ୍ଦ ପଟେଲ,ଶିକ୍ଷା କମିଟି ର ସମ୍ପାଦକ ସୁମନ୍ତ ନାଏକ ଓ ପୁସ୍ତକ କମିଟି ସମ୍ପାଦକ ସନ୍ତୋଷ ରାଉତ।



ରକ୍ତଦାନ କେନ୍ଦ୍ରରେ ଯୁବ ସମାଜସେବୀ ବିବେକାନନ୍ଦ ପଟେଲ, ପ୍ରମୋଦ କୁମାର ପଟେଲ, ରାଜ କିଶୋର ପଟେଲ,ଗୋଲକ ବିହାରୀ ପଟେଲ,ଶିବା ନନ୍ଦ ସାଏ,ଅଚ୍ୟୁତା ନନ୍ଦ ପଟେଲ,ରାଜୀବ ଲୋଚନ ରାଉତ,ମନୋଜ କୁମାର ନାଏକ,ସୁନୀଲ ପଟେଲ,ଦୁର୍ଗା ପ୍ରସାଦ ପଟେଲ ଓ ଆହୁରି ବହୁ ଯୁବବନ୍ଧୁ ସହଯୋଗ କରିଥିଲେ । ଶେଷରେ ଧନ୍ୟବାଦ ଦେଇଥିଲେ ଦିଗାମ୍ବର ନାଏକ। ଆଗାମୀ କାର୍ଯ୍ୟକାରୀ ବୈଠକ କୁଶଙ୍ଗ ମଣ୍ଡଳ ଅଧୀନସ୍ଥ ଡୁଡୁକା ଗୁଡ଼ିରେ ହେବାକୁ ସିଦ୍ଧାନ୍ତ ହୋଇ ଗୁଡ଼ି ସଭାପତିଙ୍କୁ ସମାଜ ପତାକା ହସ୍ତାନ୍ତର କରାଯାଇଥିଲା ।

# ଦୁର୍ନୀତି ନିବାରଣ ସଚେତନତା ସପ୍ତାହରେ ପୁରସ୍କାର ବିତରଣ

ସମ୍ବଲପୁର,(ସବ୍ୟ): ଏମ୍‌ସିଏଲ୍ ପକ୍ଷରୁ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ଉଦ୍‌ଯାପିତ ହୋଇଯାଇଛି । ଦୁର୍ନୀତି ନିବାରଣ ଆମର ଉତ୍ତର ଦାୟିତ୍ୱ ବାର୍ତ୍ତା ନେଇ ଏହି କାର୍ଯ୍ୟକ୍ରମର ଉଦ୍‌ଯାପନୀ ସମାରୋହରେ କମ୍ପାନୀର ସିଏମ୍‌ଡ଼ି ଉଦୟ ଅନନ୍ତ କାଓଲେ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ନିର୍ଦ୍ଦେଶକ (ଏଚ୍‌ଆର୍) କେଶବ ରାଓ , ସିଭିଓ ପି.କେ. ପଟେଲ, ନିର୍ଦ୍ଦେଶକ (ଅର୍ଥ) ଏ.କେ. ବେଉରା. ନିର୍ଦ୍ଦେଶକ (ବୈଷୟିକ) ଏସ୍.କେ. ଝା ଉପସ୍ଥିତ ଥିଲେ । ସମାରୋହରେ ଭିଜିଲେନ୍ସ ବୁଲେଟିନ୍‌ର ତୃତୀୟ ସଂସ୍କରଣକୁ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା । ଦୁର୍ନୀତି ନିବାରଣ ସଚେତନତା ନେଇ କର୍ମଚାରୀ, ସେମାନଙ୍କ ପରିବାର ବର୍ଗ




ଏବଂ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନେ ପୁରସ୍କୃତ ହୋଇଥିଲେ । ଏହି ବିଷୟରେ ସମ୍ବଲପୁର ନାଟ୍ୟ ଅନୁଷ୍ଠାନ ଦ୍ୱାରା ପଥପ୍ରାନ୍ତ ନାଟକ ପରିବେଷଣ କରାଯାଇଥିଲା । ଦୁର୍ନୀତି ନିବାରଣ ରଥ, ସାଇକେଲ ଚାଳନା, ଗ୍ରାମସଭା, ଅଂଶୀଦାର ସମ୍ମିଳନୀ ଭଳି ବିଭିନ୍ନ ପ୍ରତିଯୋଗିତାରେ ସ୍ୱଚ୍ଛତା, ସଦାଚାର ଏବଂ ପାରଦର୍ଶିତାକୁ କମ୍ପାନୀ ପକ୍ଷରୁ ପ୍ରତିଫଳିତ କରାଯାଇଛି ।

# ଭାଗୀରଥୀ ପଟ୍ଟନାୟକ ସାମାଜିକ ପରିବର୍ତ୍ତନର ମୁଖ୍ୟ ପୁରୋଧା



ସମ୍ବଲପୁର, (ସବ୍ୟୁ): ସ୍ଥାନୀୟ ଓଡିଶା ସାଂସ୍କୃତିକ ସମାଜ ସଭାଗୃହ ଠାରେ ସ୍ୱାଧୀନତା ସଂଗ୍ରାମୀ ଭାଗୀରଥୀ ପଟ୍ଟନାୟକ ଜୟନ୍ତୀ ପାଳିତ ହୋଇଯାଇଛି । ସଭାପତି ଡ. ପରେଶ ଚନ୍ଦ୍ର ଦାନୀଙ୍କ ସଭାପତିତ୍ୱରେ ସଭା ହୋଇଥିଲା । ଲଜପତ୍ ରାୟ ଆଇନ କଲେଜର ଅଧ୍ୟକ୍ଷ ଡ. ବିଜୟାନନ୍ଦ ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏ ଅଞ୍ଚଳର ସ୍ୱାଧିନତା ସଂଗ୍ରାମୀ ମାନଙ୍କୁ ପ୍ରକୃତ ସମ୍ମାନ ଦିଆଗଲେ, ଏହା ଆଜିର ଯୁବପୀଢିକୁ ପ୍ରେରଣା ଯୋଗାଇବ ବୋଲି କହିଥିଲେ । ପ୍ରାଚୀ ପଟ୍ଟନାୟକ ସମ୍ମାନିତ ଅତିଥି ଓ ବରିଷ୍ଠ ସାମ୍ବାଦିକ ଶିବଶଙ୍କର ନନ୍ଦ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ସମ୍ପାଦକ ଦୀନବନ୍ଧୁ ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ଭାଗୀରଥୀ ପଟ୍ଟନାୟକ ସାମାଜିକ ପରିବର୍ତ୍ତନର ମୁଖ୍ୟ ପୁରୋଧା ଥିଲେ ବୋଲି କହିଥିଲେ । ଏହି ଉପଲକ୍ଷେ ପୂର୍ବରୁ ଆୟୋଜିତ ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ପ୍ରମୋଦ ପଟ୍ଟନାୟକ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଶେଷରେ କାର୍ଯ୍ୟାଳୟ ସମ୍ପାଦକ ଅଖିଳ ରଞ୍ଜନ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ଏଥିରେ ଅଶୋକ ମିଶ୍ର, ପଲଟୁ ଅଗ୍ରୱାଲ, କୈଳାଶ ମିସ୍ତ୍ରୀ, ଦେବେନ୍ଦ୍ର ପଟେଲ, ଶଙ୍କର ବେହେରା ଓ ଶମ୍ଭୁଭୂଷଣ ସେନ ପ୍ରମୁଖ ସହଯୋଗ କରିଥିଲେ ।

## ଅଙ୍ଗନୱାଡ଼ି କର୍ମୀଙ୍କ ୭ବସ୍ତା ଚାଉଳ ବିକ୍ରି ଅଭିଯୋଗ !

# ଗ୍ରାମବାସୀଙ୍କ ଦ୍ୱାରା ଜବତ

ମୁରିବାହାଲ,(ସବ୍ୟୁ): ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ ଇଛାପଡ଼ା ପଞ୍ଚାୟତ ଭଣ୍ଡାରବାଞ୍ଜି ଗ୍ରାମର ଅଙ୍ଗନୱାଡ଼ି କର୍ମୀ ସସ୍ମିତା ବାଗ ଶନିବାର ରାତିରେ କେନ୍ଦ୍ରର ଶିଶୁଙ୍କ ପାଇଁ ଆସିଥିବା ୭ବସ୍ତା ଚାଉଳ ଏକ ପିକଅପ ଯୋଗେ ବିକ୍ରି କରୁଥିବା ଗ୍ରାମବାସୀ ଗୁରୁତର ଅଭିଯୋଗ କରି ଏହାକୁ ଜବତ କରିଛନ୍ତି। ଅଙ୍ଗନୱାଡି କେନ୍ଦ୍ରର କର୍ମୀ ସସ୍ମିତା ବାଗ ହିଁ ଏହି ଚାଉଳକୁ ବିକ୍ରି କରୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଚୋରୀ ବେଳେ ଚାଉଳ ଜବତ ପରେ ଗାଁରେ ତୀବ୍ର ଉତ୍ତେଜନା ଦେଖା ଦେଇଥିଲା। ସେହି ରାତିରେ ହିଁ ଘଟଣା ସ୍ଥଳକୁ ମୁରିବାହାଲ ପୋଲିସ ପହଞ୍ଚି ଘଟଣାର ସତ୍ୟତା ଦେଖିବା ସହ ତଦନ୍ତ ଜାରି ରଖିଛି ।

ଶନିବାର ବିଳମ୍ବିତ ରାତିରେ ଶିଶୁଙ୍କ ପାଇଁ ଆସିଥିବା ୭ବସ୍ତା ଚାଉଳକୁ ନିଜେ କର୍ମୀ ବିକ୍ରି କରୁଥିବା ବେଳେ ଇଚ୍ଛାପଡା ଗାଁର ହିତେଶ ବେହେରାଙ୍କ ପିକଅପ୍ ଗାଡିରେ ଏହା ଚୋରା ଚାଲାଣ ହୋଇ ଯାଉଥିଲା ଠସେହି ସମୟରେ ସନ୍ଦେହରେ ଗ୍ରାମବାସୀ ଏହାକୁ ଜାଣିପାରି ଗାଡ଼ିକୁ ଅଟକାଇ ଥିଲେ । ଏ ବିଷୟରେ ଗ୍ରାମବାସୀ ମୁରିବାହାଲ ସିଡ଼ିପିଓ ପୂର୍ଣ୍ଣିମା ବୈଠାରୁଙ୍କୁ ମଧ୍ୟ ଅବଗତ କଲା ପରେ ଦାୟିତ୍ୱରେ ଥିବା ସୁପରଭାଇଜର ସୀମା ନାଗ କେନ୍ଦ୍ରକୁ ଆସି ଚାଉଳ ଚୋରୀ ନେଇ ତଦନ୍ତ ଆରମ୍ଭ ହୋଇଛି । ସେପଟେ ଚୋରି ହେଉଥିବା ଚାଉଳ ଅଙ୍ଗନୱାଡି କେନ୍ଦ୍ରର ନାଁ ଅନ୍ୟ କେଉଁ ଚାଉଳ ସେସବୁର ବିଭାଗୀୟ ତଦନ୍ତ ଜାରି ରହିଛି । ଏ ସମ୍ପର୍କରେ ଅଙ୍ଗନୱାଡ଼ି କର୍ମୀ ସସ୍ମିତା ବାଗଙ୍କୁ ପଚାରିବାରୁ ଏହି ୭ବସ୍ତା ଚାଉଳ କେନ୍ଦ୍ରର ନୁହେଁ ମୋ ଶ୍ୱଶୁର ଘରେ ରଖିଥିବା ବିପିଏଲ ଚାଉଳକୁ ମେଡିକାଲ୍ କାମ ଥିବାରୁ ବିକ୍ରି କରୁଥିଲେ,କେନ୍ଦ୍ରରେ ୩୫ଜଣ ଶିଶୁ ଥିବା ବେଳେ କେନ୍ଦ୍ର ଷ୍ଟକରେ ୨ମାସ ପୂର୍ବରୁ ଦେଇଥିବା ମାତ୍ର ୫କେଜି ୨ଶହ ଗ୍ରାମ ଚାଉଳ ଅଛି ବୋଲି ପ୍ରକାଶ କରିଥିଲେ। ଏ ବିଷୟରେ ସିଡିପିଓ ପୂର୍ଣ୍ଣିମା ବୈଠାରୁଙ୍କୁ ପଚାରିବାରୁ ଖବର ପାଇ ମୁଁ ସୁପରଭାଇଜରଙ୍କୁ ତୁରନ୍ତ ତଦନ୍ତ ପାଇଁ ପଠାଇଥିଲି,ସେ ରିପୋର୍ଟ ଦେଲା ପରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରକାଶ କରିଥିଲେ। କେବଳ ଏହି ଭଣ୍ଡାରବାଞ୍ଜି କେନ୍ଦ୍ର ନା ବ୍ଲକରେ ଥିବା ଅନ୍ୟ ସମସ୍ତ କେନ୍ଦ୍ରଗୁଡିକରେ ମଧ ଏଭଳି ଶିଶୁଙ୍କ ପାଇଁ ଆସୁଥିବା ଚାଉଳ,ଛତୁଆ ଆଦି ବିକ୍ରି ହେଉଛି ଅଧିକ ତଦନ୍ତ କଲେ ପ୍ରକୃତ ଘଟଣାର ପର୍ଦ୍ଦାଫାଶ ହେବ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଶନିବାର ରାତିରେ ହିଁ ଘଟଣା ସ୍ଥଳକୁ ପହଞ୍ଚିଥିବା ମୁରିବାହାଲ ପୁଲିସରେ ରବିବାର ରାତି ୯ଟା ସୁଦ୍ଧା କୌଣସି ଏତଲା ହୋଇନଥିବା ବେଳେ ତଦନ୍ତ କରି ସିଡିପିଓ ଥାନାରେ ଏତଲା ଦେବା ପରେ ହିଁ ମାମଲା ରୁଜୁ ହେବ ବୋଲି ପୁଲିସ୍ ସୂତ୍ରରୁ ଜଣାପଡିଛି।




# ସମସ୍ୟା ଘେରରେ ନର୍ଲା ରୋଡ ରେଳ ଷ୍ଟେସନ

ନର୍ଲା,(ସବ୍ୟୁ): କେନ୍ଦ୍ର ସରକାର ରେଳଯାତ୍ରୀ ମାନଙ୍କ ସୁରକ୍ଷା ପାଇଁ ବିଭିନ୍ନ ପ୍ରକାର ପଦକ୍ଷେପ ନେଇଥିବା ବେଳେ କଳାହାଣ୍ଡି ଜିଲ୍ଲା ନର୍ଲା ରୋଡ଼ ରେ ଥିବା ରେଳ ଷ୍ଟେସନରେ ରେଳ ଯାତ୍ରୀ ମାନଙ୍କ ପାଇଁ କୌଣସି ବ୍ୟବସ୍ଥା ନଥିବାରୁ ରେଳ ଯାତ୍ରୀ ମାନେ ନାହିଁ ନ ଥିବା ଅସୁବିଧା ଭୋଗୁଥିବା ର ଦେଖିବାକୁ ମିଳୁଛି। ଏହି ଷ୍ଟେସନରେ ସୁଦୂର କନ୍ଧମାଳ ତଥା ରାୟଗଡା ଜିଲ୍ଲାର ଯାତ୍ରୀ ମାନେ ମଧ ନିର୍ଭର କରିଥାନ୍ତି ହେଲେ ନା ଅଛି ଅପେକ୍ଷା ଗୃହ ନା ଅଛି ଯାତ୍ରୀ ମାନଙ୍କ ପାଇଁ ସୁରକ୍ଷା ବ୍ୟବସ୍ଥା । ସାଧାରଣତଃ ନର୍ଲାରୁ ବିଶାଖାପାଟଣା ପ୍ରତିଦିନ ଚିକିତ୍ସା ପାଇଁ ରୋଗୀ ମାନେ ଯାଇଥାନ୍ତି । ବିଶାଖାପାଟନା ଯିବାକୁ ହେଲେ ରାତି ୧ଟା କିମ୍ବା ୨ଟାରେ ଟ୍ରେନରେ ଯିବାକୁ ପଡ଼ିଥାଏ । ହେଲେ ଦୂର ଦୁରାନ୍ତର ଲୋକ ମାନେ ଆସି ରହିବା ପାଇଁ କିଛି ବ୍ୟବସ୍ଥା ନଥିବାରୁ ଯାହା ଫଳରେ ଯାତ୍ରୀ ନାହିଁ ନ ଥିବାର ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବିଶେଷ କରି ମହିଳା ଯାତ୍ରୀ ମାନେ ସୁରକ୍ଷିତ ନଥିବାର ଦେଖିବାକୁ ମିଳୁଛି। ଷ୍ଟେସନରେ ବସିବା ପାଇଁ ରହିଥିବା ଚୌକି ଗୁଡିକ ଭାଙ୍ଗି ଯାଇଥିବା ବେଳେ ଲାଇଟ ଗୁଡିକ ଠିକ ଭାବେ ଜଳୁନାହିଁ, ଏ। ମସିଏଲ ତରଫରୁ ଷ୍ଟେସନ ସମ୍ମୁଖରେ ରହିଛି ଏକ ଶୌଚାଳୟ ତାହା ଚାରିବର୍ଷ ହେବ ଅଚଳବସ୍ଥାରେ ପଡ଼ିରହିଛି । ପିଇବା ପାଣି କଥା ନକହିବା ଭଲ ଯାତ୍ରୀଙ୍କୁ ଶୋଷ ହେଲେ ବାହାରକୁ ଆସିବାକୁ ପଡେ । ପୂର୍ବରୁ ଯାତ୍ରୀ ମାନଙ୍କ ପିଇବା ପାଇଁ ଯେଉଁ ଅମୃତଧାରା ଥିଲା ତାହା ଷ୍ଟେସନ ପୁନରୁଦ୍ଧାର ସମୟରେ ଖୋଲି ଦିଆଯାଇଛି । ଦିବ୍ୟାଙ୍ଗ ଯାତ୍ରୀଙ୍କ ପାଇଁ ହ୍ୱିଲଚେୟାର ବ୍ୟବସ୍ଥା ନାହିଁ, କୋଚ ଇଣ୍ଡି କେଟର ନାହିଁ । ଭିଆଇପି ଯାତ୍ରୀମାନଙ୍କ ପାଇଁ କୌଣସି ସୁବିଧା ନଥିବାର ଦେଖିବାକୁ ମିଳୁଛି। ନା ଅଛି ଶୌଚାଳୟ ନାଅଛି ଅପେକ୍ଷା ଗୃହ। ପ୍ରତ୍ୟେକ ରେଳ ଷ୍ଟେସନ ରେ ଯାତ୍ରୀ ମାନଙ୍କ ସୁରକ୍ଷା ପାଇଁ ରେଳୱେ ସୁରକ୍ଷା ବଳ ର ବ୍ୟବସ୍ଥା ଥିବା ବେଳେ ନରଲାରୋଡ ରେଳଷ୍ଟେସନରେ ତାହା ଦେଖିବାକୁ ମିଳୁନ ଥିବାରୁ ଯାତ୍ରୀ ମାନଙ୍କ ମଧରେ ଅସନ୍ତୋଷ ଦେଖିବାକୁ ମିଳୁଛି । କୌଣସି ରେଳ ଯାତ୍ରୀ ନିଜକୁ ସୁରକ୍ଷିତ ମଣୁ ନାହାନ୍ତି । ତେଣୁ ପୂର୍ବତଟ ରେଳ ବିଭାଗ ସମ୍ବଲପୁର ମଣ୍ଡଳର ଡ଼ିଆରଏମ ନରଲା ରୋଡ ଷ୍ଟେସନ ପରିଦର୍ଶନ କରି ତୁରନ୍ତ ଉଚିତ ପଦକ୍ଷେପ ନେବା ପାଇଁ ଅଞ୍ଚଳ ବାସୀ ଦାବି କରିଛନ୍ତି ।

# ଅଜଣା ଗାଡ଼ି ଧକ୍କାରେ ମା'ପୁଅ ମୃତ

ରେଢ଼ାଖୋଲ,(ସବ୍ୟୁ): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରର ଡିମିରିକୁଦା ଗାଁ ନିକଟରେ ଘଟିଛି ଅଜଣା ଗାଡ଼ି ଧକ୍କାରେ ମା ଓ ପୁଅଙ୍କ ମୃତ୍ୟୁ ହୋଇଛି । ମୃତକ ମାନେ ହେଲେ ରେଢ଼ାଖୋଲ ବ୍ଲକ ବଡ଼ମାଳ ପଞ୍ଚାୟତ ଅନ୍ତର୍ଗତ ପିପିଲି କାନୀ ଗ୍ରାମରମଞ୍ଜୁ ମାଝୀ ଓ ମନୋଜ ମାଝୀ । ଉଭୟେ ମାଆ ପୁଅ ହେବେ ବୋଲି ଜଣାପଡିଛି । ଗତ ୧ ବର୍ଷ ହେବ ମନୋଜ ମାଝୀ ବିବାହ କରିଥିବା ବେଳେ ତାଙ୍କ ସ୍ତ୍ରୀ ୯ ମାସର ଗର୍ଭବତୀ ଥିବା ଜଣା ପଡିଛି । ମୃତକ ମନୋଜ ନିଜ ପତ୍ନୀକୁ ଡାକ୍ତରକୁ ଦେଖାଇ ଶାଶୁ ଘର ରେଢ଼ାଖୋଲ ଥାନା ତେରବେଡା ଗ୍ରାମରେ ଛାଡି ମା ପୁଅ ଦୁହେଁ ବାଇକ ଯୋଗେ ନିଜ ଘର ପିପଲିକାନୀକୁ ଫେରୁଥିବା ବେଳେ ଡିମିରିକୁଦା ଗ୍ରାମ ନିକଟରେ ଏକ ଅଜଣା ଗାଡ଼ି ଧକ୍କା ଦେଇଥିଲା । ଦୁହିଁଙ୍କୁ ପୋଲିସ ଉଦ୍ଧାର କରି ରେଢ଼ାଖୋଲ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ ମଧ ମା ଓ ପୁଅ ବଞ୍ଚି ପାରି ନ ଥିଲେ । ଡାକ୍ତର ମୃତ ଘୋଷଣା କରିଥିଲେ । ମୃତ୍ୟୁ ଖବର ଜାଣିବା ପରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।

# ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ବୈଠକ

ବଲାଙ୍ଗିର,(ସବ୍ୟୁ): ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ବଲାଙ୍ଗିର ବିଭାଗର ବିଭାଗ ବୈଠକ ବଲାଙ୍ଗିର ସ୍ଥିତ ସର୍କିଟ ହାଉସରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ କେନ୍ଦ୍ରୀୟ ପ୍ରବାସରେ ଆସିଥିବା ଉତ୍ତର କ୍ଷେତ୍ରର କ୍ଷେତ୍ରୀୟ ସଂଗଠନ ମନ୍ତ୍ରୀ ଗୌରବ ଅତ୍ରି ଜୀ ପୂର୍ଣ୍ଣ ସମୟ ଉପସ୍ଥିତ ରହି ବଲାଙ୍ଗିର, ସୋନପୁର ଓ ବୌଦ୍ଧ ଜିଲ୍ଲା ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ଛାତ୍ର ନେତୃତ୍ୱ ମାନଙ୍କ ସହ ଅନେକ ସାଂଗଠନିକ ବିଷୟରେ ଆଲୋଚନା କରିଥିଲେ । ବଲାଙ୍ଗିର ସୋନପୁର ବୌଦ୍ଧ ଜିଲ୍ଲା ରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ପ୍ରଭାବ ସଂଗଠନ ରୂପ ନେବା ସହ ବିଭିନ୍ନ ଆୟାମ କାମରେ ମଧ ସୃଦୃଢ଼ ହେବ ପାଇଁ ତା ପୂର୍ବ ପ୍ରସ୍ତୁତି କରାଯାଇଛି।

୨୦୨୫-୨୬ ଶିକ୍ଷାବର୍ଷରେ ଏପର୍ଯ୍ୟନ୍ତ ୧୧୦୦୦ରୁ ବିଦ୍ୟାର୍ଥୀ ବଲାଙ୍ଗିର ବିଭାଗରେ ନୂଆ ସଦସ୍ୟତା ନେଇ ସାରିଛନ୍ତି, ବିଭିନ୍ନ ମହାବିଦ୍ୟାଳୟରେ କଲେଜ ଶାଖା ଗଠନ ଓ ପ୍ରତି ବ୍ଲକ ରେ ନଗର ସମ୍ମିଳନୀ କରାଯାଉଛି। ଆଗାମୀ ଦିନରେ ବଲାଙ୍ଗିର ବିଭାଗ ଅଭ୍ୟାସ ବର୍ଗ , ନଭେମ୍ବର ୧୫ ରେ ଜନଜାତି ଗୌରବ ଦିବସ, ନଭେମ୍ବର ୧୯ ରେ ସ୍ତ୍ରୀ ଶକ୍ତି ଦିବସ , ଡିସେମ୍ବର ୬ ରେ ରାଷ୍ଟ୍ରୀୟ ସମରସତା ଦିବସ , ରାଷ୍ଟ୍ରୀୟ ଅଧିବେଶନ ରେ ପ୍ରତିନିଧି, ରାଜ୍ୟ ଅଧିବେଶନରେ ପ୍ରତିନିଧି, ଜାନୁଆରୀ ୧୨ ରେ ରାଷ୍ଟ୍ରୀୟ ଯୁବ ଦିବସ ଏପରି ଅନେକ କାର୍ଯ୍ୟକ୍ରମ ମାନଙ୍କରେ ବିଦ୍ୟାର୍ଥୀ ପରିଷଦ ବିଦ୍ୟାର୍ଥୀ ମାନଙ୍କୁ ରାଷ୍ଟ୍ର ନିର୍ମାଣରେ ସାମିଲ କରିବ ବୋଲି ବିଭାଗ ସଂଯୋଜକ ମତ ରଖିଛନ୍ତି। ଏହି ବୈଠକରେ ବିଭାଗ ପ୍ରମୁଖ ରବିନ୍ଦ୍ର କୁମାର ମେହେର, ବିଭାଗ ସଂଯୋଜକ ମଞ୍ଜିତ କୁମାର କର୍ମି, ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ଜୀବନ ଜ୍ୟୋତି ରାଉତ, ବିଭାଗ ସଂଗଠନ ସଂପାଦକ ବିକାଶ ସାହୁ, ବଲାଙ୍ଗିର ଜିଲ୍ଲା ପ୍ରମୁଖ ପ୍ରଶାନ୍ତ ବେହେରା, ବଲାଙ୍ଗିର ଜିଲ୍ଲା ସହ ସଂଯୋଜକ ଶୁଭାଶିଷ ପାଣୀ, ବୌଦ୍ଧ ଜିଲ୍ଲା ସଂଯୋଜକ ପ୍ରତ୍ୟୁଷ ରଞ୍ଜନ ଦାନୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରଫୁଲ୍ଲ ଥାଟି ବଲାଙ୍ଗିର ନଗର ସମ୍ପାଦକ ତେଜରାଜ ସାହୁ, ରାଜେନ୍ଦ୍ର ବିଶ୍ବବିଦ୍ୟାଳୟ ଛାତ୍ର ନେତା ଆକାଶ କମ୍ପ ଓ ଅନେକ ପ୍ରମୁଖ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

# ଦାସିଗାଁ ମାଁ ଠାକୁରାଣୀ କ୍ଲବ୍ ପକ୍ଷରୁ ଫୁଟବଲ୍ ପ୍ରତିଯୋଗିତା ଉଦ୍‌ଘାଟିତ



ଜୁନାଗଡ,(ସବ୍ୟୁ):କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ବ୍ଲକ ଦାସୀ ଗାଁ ମିନି ଷ୍ଟାଡିୟମରେ ମାଁ ଠାକୁରାଣୀ କ୍ଲବ୍ ପକ୍ଷରୁ ପାଞ୍ଚଦିନିଆ ଫୁଟବଲ ପ୍ରତିଯୋଗିତା ଉଦ୍ଘାଟିତ ହୋଇଯାଇଛି। ମାଁ ଠାକୁରାଣୀ କମିଟି ସଭାପତି ରାକେଶ ବାଗଙ୍କ ନେତୃତ୍ୱରେ ଆୟୋଜିତ ଏହି ଫୁଟବଲ ପ୍ରତିଯୋଗିତାରେ ପ୍ରଥମ ଦିନ ପ୍ରଥମ ମ୍ୟାଚ୍ କର୍ଲାକୋଟ ବନାମ ବଡ ଟେମରି ର ମଧରେ ହୋଇଥିଲା। ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ପ୍ରମୋଦିନି ପ୍ରହରାଜ ଯୋଗ ଦେଇଥିବା ବେଳେ ସମ୍ମାନୀୟ ଅତିଥି ପଞ୍ଚାନନ ଲହଜଲ,ନାଏବ ସରପଞ୍ଚ କବିତା ପ୍ରହରାଜ,ସମାଜ ସେବି ପ୍ରକାଶ ପ୍ରହରାଜ, ସମିତିସଭ୍ୟ ସୌମେନ୍ଦ୍ର ପ୍ରକାଶ ମୁଣ୍ଡ, ସାମ୍ବାଦିକ ରୋହିତ ବାଗ,ପ୍ରମୋଦ ନାଗ, ଶଙ୍କରଲାଲ ବାଗ, ଗଜାନନ କୁମାର ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମ ଦିନର ଖେଳରେ କର୍ଲାକୋଟ ବଡ଼ଟେମେରିକୁ ଦୁଇ ଗୋଲ ଦେଇ ବିଜୟୀ ହୋଇଥିଲା । ଆୟୋଜିତ ଫୁଟବଲ ଖେଳରେ ଗ୍ରାମାଞ୍ଚଳ ତଥା ସହରାଞ୍ଚଳରୁ ଶହ ଶହ ଫୁଟବଲ ପ୍ରେମୀଙ୍କ ସମାଗମ ଦେଖିବାକୁ ମିଳିଥିଲା ।

# କୁଚିଣ୍ଡା କଲେଜରେ ଶକ୍ତିଶ୍ରୀ ସଶକ୍ତିକରଣ ସଚେତନତା କାର୍ଯ୍ୟକ୍ରମ



କୁଚିଣ୍ଡା,(ସବ୍ୟୁ) :ସମ୍ବଲପୁର ଜିଲ୍ଲା କୁଚିଣ୍ଡା ମହାବିଦ୍ୟାଳୟର ଯୁବ ସଂସ୍କାର କକ୍ଷରେ ଶକ୍ତିଶ୍ରୀ ସଶକ୍ତିକରଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଛାତ୍ରୀ ମାନଙ୍କ ସୁରକ୍ଷା କୁ ଦୃଷ୍ଟି ଦେଇ ତାଙ୍କ ଉଦ୍ଦେଶ୍ୟରେ ଏକ ସୁରକ୍ଷିତ ପରିବେଶ ସୃଷ୍ଟି କରିବା ଉପରେ ଉକ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମହାବିଦ୍ୟାଳୟର ଅଧ୍ୟକ୍ଷ ମନୋଜ ପଣ୍ଡାଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତା ଭାବେ ଅଧ୍ୟାପିକା ମଞ୍ଜୁଶ୍ରୀ ଦାଶ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଅଧ୍ୟାପିକା ମମତା ସାହୁ,ଖୁର୍ସିଦହାରା ବେଗମ ପ୍ରମୁଖ ମଞ୍ଚରେ ମଞ୍ଚାସୀନ ରହି ନାରୀ / ଛାତ୍ରୀ ମାନଙ୍କ ଉଦ୍ଦେଶ୍ୟରେ ସେମାନଙ୍କୁ ନିରାପଦ କ୍ଷମତା ସମ୍ପର୍ନ୍ନ ସୁରକ୍ଷିତ ପରିବେଶ କିପରି ସୃଷ୍ଟି କରିବା ସେ ଉପରେ ସବିଶେଷ ତଥ୍ୟ ଉପସ୍ଥାପନ କରିଥିଲେ।

ମହାବିଦ୍ୟାଳୟ ପରିସର ମଧ୍ୟରେ ଛାତ୍ରୀ ମାନଙ୍କ ସୁରକ୍ଷା ଉପରେ କଡାକଡି ଦୃଷ୍ଟି ଦେବା ସେ ଉପରେ ମଧ ତଥ୍ୟ ପ୍ରଦାନ କରିଥିଲେ। ଏହାକୁ ଦୃଷ୍ଟିରେ ରଖି ମହାବିଦ୍ୟାଳୟର ଅଧ୍ୟକ୍ଷଙ୍କୁ ନେଇ ଏକ ୧୩ ଜଣିଆ ଶକ୍ତିଶ୍ରୀ କମିଟି ଗଠନ କରାଯାଇଛି। ଏଥିରେ ସଂଯୋଜିକା ଭାବେ ଓଡ଼ିଆ ଅଧ୍ୟାପିକା ଗଜମତି କୁମୁରା ରହିଥିବାବେଳେ, ଶକ୍ତିଶ୍ରୀ ସାଥି ଭାବେ ମହାବିଦ୍ୟାଳୟର ଓଡିଆ ବିଭାଗର ଜଣେ ଛାତ୍ରୀ ପୂଜାରାଣୀ ବେହେରା ରହିଛନ୍ତି। ନାରୀ ତଥା ଛାତ୍ରୀ ମାନଙ୍କ ସୁରକ୍ଷା ଉପରେ ଏହା ଉଚ୍ଚ ଶିକ୍ଷା ବିଭାଗ ଓଡ଼ିଶା ସରକାରଙ୍କ ଏକ ନିଆରା ପ୍ରୟାସ ଅଟେ। ଏହି ଅବସରରେ ମହାବିଦ୍ୟାଳୟ ର ସମସ୍ତ ଅଧ୍ୟାପିକାଙ୍କ ସମେତ ବହୁ ଛାତ୍ରୀ ମାନେ କାର୍ଯ୍ୟକ୍ରମରେ ସାମିଲ ହୋଇ ସଫଳ ରୂପାୟନ କରିଥିଲେ। କାର୍ଯ୍ୟକ୍ରମକୁ ଓଡ଼ିଆ ଅଧ୍ୟାପିକା ଗଜମତି କୁମୁରା ପରିଚାଳନା କରିଥିବାବେଳେ ଶେଷରେ ମହାବିଦ୍ୟାଳୟର ଓଡିଆ ବିଭାଗ ର ଛାତ୍ରୀ ପୂଜାରାଣୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# କୁଷ୍ଠ ନିରାକରଣ ଅଭିଯାନ

ସିନାପାଲି ,(ସବ୍ୟୁ): ନୂଆପଡା ଜିଲ୍ଲା ବ୍ୟାପି ଆସନ୍ତା ୧୭. ୧୧. ୨୫ ରୁ ୩୦.୧୧. ୨୫ କୁଷ୍ଠ ରୋଗ ନିରାକରଣ ଅଭିଯାନ ହେବାକୁ ଯାଉଥିବା ବେଳେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ସିନାପାଲି ପକ୍ଷରୁ ସ୍ଥାନୀୟ ସଭାଗୃହରେ ସ୍ୱାସ୍ଥ୍ୟ କର୍ମି ଏବଂ ଆଶା ମାନଙ୍କୁ ନେଇ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଉଯାଇଛି । ୨୦୨୭ ମସିହା ସୁଦ୍ଧାକୁଷ୍ଠ ମୁକ୍ତ ଓଡିଶା କରିବା ଉଦେଶ୍ୟ ରଖି ଏହି କାର୍ଯ୍ୟକ୍ରମ ଆରମ୍ଭ କରାଯାଉ ଥିବା ବେଳେ ଲୁକ୍କାଇତ ଥିବା କୁଷ୍ଠ ଛଉ ର ଚିହ୍ନଟ ଓ ତାର ଚିକିତ୍ସା,ଜନସାଧାରଣଙ୍କର କୁଷ୍ଠ ରୋଗ ପ୍ରତି ଥିବା ଘୃଣା ଭାବ ଦୂର କରିବା,କୁଷ୍ଠ ସଂକ୍ରମଣକୁ ରୋକିବା, କୁଷ୍ଠ ରୋଗ ଦ୍ୱାରା ହୋଇଥିବା ବିକଳାଙ୍ଗ ରୋଗୀକୁ ଚିହ୍ନଟ ଏବଂ ତାର ମାଗଣାରେ ଅସ୍ତ୍ରୋପଚାର କରାଇବା ଭଳି ପ୍ରମୁଖ ଆଭିମୁଖ୍ୟକୁ ଗୁରୁତ୍ୱ ଦିଆଯିବ । ଏହି ସଂକ୍ରାନ୍ତ ରେ ୧୭. ୧୧. ୨୫ ଠାରୁ ଆରମ୍ଭ ହୋଇ ୩୦.୧୧.୨୫ ତାରିଖ ପର୍ଯ୍ୟନ୍ତ ସମସ୍ତ ଆଶା ଦିଦି ଏବଂ ସ୍ୱାସ୍ଥ୍ୟ କର୍ମୀ ଘର ଘର ବୁଲି ସନ୍ଦେହ ଥିବା ଛଉ ଚିହ୍ନଟ କରି ଡାକ୍ତରଖାନାକୁ ପଠେଇବେ ଏବଂ ଡାକ୍ତର ତାଙ୍କୁ ଜଦି କୁଷ୍ଠ ରୋଗୀ ବୋଲି ଚିହ୍ନଟ କଲେ ରୋଗୀକୁ ଔଷଧ ଦେଇ ଚିକିତ୍ସା କରାଯିବାର ସ୍ୱାସ୍ଥ୍ୟ ବିଭାଗ ତରଫରୁ ସୂଚନା ରହିଛି । ଉକ୍ତ କାର୍ଯ୍ୟକ୍ରମ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ଧନେଶ୍ୱର ସେଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଏବଂ କୁଷ୍ଠ ରୋଗ ନିରାକରଣ ଜିଲ୍ଲା ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ତନ୍ମୟ ତ୍ରିପାଠୀଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଉଥିବା ବେଳେ ଡିଏଲସି ଡାକ୍ତର ଅନିତା ସାହୁ ସହଯୋଗ କରୁଛନ୍ତି ।

# କେନାଲକୁ ଖସି ବାଇକ ଆରୋହୀଙ୍କ ମୃତ୍ୟୁ

ବଙ୍ଗୋମୁଣ୍ଡା,(ସବ୍ୟୁ): ବଙ୍ଗୋମୁଣ୍ଡା ଥାନା ପାତଲପଡା ଗାଁ ନିକଟରେ କେନାଲକୁ ଖସିଲା ବାଇକ । ଫଳରେ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି ।ଧୁଣ୍ଡିମହୁଲ ଗାଁର ସୌମ୍ୟ ରଞ୍ଜନ ସାହୁ କୌଣସି କାମରେ ଯାଇ ଫେରୁଥିବା ବେଳେ ରାତିରେ ଭାରସାମ୍ୟ ହରାଇ କେନାଲ ଭିତରକୁ ବାଇକ ସହ ଖସିପଡ଼ିଥିଲେ । ଘଟଣା ସ୍ଥଳରେ ହିଁ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଥିଲା । ସକାଳୁ ଦୁର୍ଘଟଣା ଘଟିଥିବା ଜଣାପଡିବା ପରେ ବଙ୍ଗୋମୁଣ୍ଡା ପୋଲିସ ଖବର ପାଇ ଘଟଣା ସ୍ଥଳକୁ ପହଞ୍ଚିଥିଲା । ମୃତ ଯୁବକଙ୍କ ପରିବାର ଲୋକେ ଖବର ପାଇ ପହଞ୍ଚିଥିଲେ। ଶବୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ କଣ୍ଟାବାଞ୍ଜି ଡାକ୍ତରଖାନାକୁ ପଠାଯାଇଥିଲା । ଘଟଣାର ତଦନ୍ତ କରୁଛି ବଙ୍ଗୋମୁଣ୍ଡା ପୋଲିସ ।

# ଜରାବଗା ଗ୍ରାମପଞ୍ଚାୟତକୁ ବିଭାଜନ କରି ନୂତନ ଗ୍ରାମପଞ୍ଚାୟତ ଗଠନ ଦାବି

କୁଚିଣ୍ଡା, (ସବ୍ୟୁ): କୁଚିଣ୍ଡା ଉପଖଣ୍ଡ, ବାମରା ବ୍ଲକ୍ ଅନ୍ତର୍ଗତ ଜରାବଗା ଗ୍ରା.ପ. ର କର୍ଲିଆଡିହି ଗ୍ରାମ ବଜାର ପରିସରରେ ଜରାବଗା ଗ୍ରା.ପ. କୁ ବିଭାଜନ କରି ଏକ ନୂତନ ଗ୍ରା.ପ. ଗଠନ ଦାବି ଉଦ୍ଦେଶ୍ୟରେ ନବୀନ କୁମାର ପଟେଲଙ୍କ ସଭାପତିତ୍ୱରେ ଜରାବଗା ଗ୍ରା.ପ.ର ବେତଝରନ, କର୍ଲିଆଡିହି, ସର୍ଗିଡିହି, କନ୍ଧକୁଲେଇ, ଦୁମକୁ, କିନାବଗା ଓ ଲପଡ଼ା ଗ୍ରାମ ବାସୀଙ୍କୁ ନେଇ ଏକ ସଭା ଅନୁଷ୍ଠିତ ହୋଇଥିଲା । ସଭାରେ ଯୋଗଦାନ କରିଥିବା ଜରାବଗା ଗ୍ରା.ପ. ର ଏହି ୭ ଗୋଟି ଗ୍ରାମ ର ସର୍ବସମ୍ମତି କ୍ରମେ ବେତଝରନ ପାଞ୍ଚ ଗାଁ ଛକ ଠାରେ ଏକ ନୂତନ ଗ୍ରାମ ପଞ୍ଚାୟତ ଗଠନ କରିବା ପାଇଁ ସହମତି ପ୍ରକାଶ କରିବା ସହ ଏକ ଦାବିପତ୍ର ବାମରା ବ୍ଲକ୍ ବିଡ଼ିଓଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ପ୍ରେରଣ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଗଲା ।

ପ୍ରକାଶ ଥାଉକି, ଜରାବଗା ଗ୍ରା.ପ. ଅନ୍ତର୍ଗତ ପ୍ରାୟ ୧୩ ଗୋଟି ରାଜସ୍ୱ ଗ୍ରାମ ରହିଛି ଏବଂ ଏହାର ଜନସଂଖ୍ୟା ପ୍ରାୟ ୧୨୦୦୦ । ଭୌଗଳିକ ଦୃଷ୍ଟିରୁ ମଧ୍ୟ ଏହା ବୃହ୍ ଅଟେ । ଏଥି ଯୋଗୁଁ ଗ୍ରାମସଭାରେ ମଧ୍ୟ ଉଚି୍ ଭାଗିଦାରୀ ରହିବା ସମ୍ଭବପର ହୋଇ ପାରେନାହିଁ । ଏହି ପ୍ରସ୍ତାବିତ ୭ଗୋଟି ଗ୍ରାମରୁ ପଞ୍ଚାୟତ କାର୍ଯ୍ୟାଳୟ ର ଦୂରତା ପ୍ରାୟ ୨.୫ କି.ମି. ରୁ ୧୦କି.ମି. ରହିଛି। ଏହି ଗ୍ରାମ ମାନଙ୍କର ମୋଟ ଜନସଂଖ୍ୟା ପ୍ରାୟ ୩୦୦୦ରୁ ଉର୍ଦ୍ଧ୍ୱ ହେବ ଏବଂ ଏହି ଗ୍ରାମ ମାନଙ୍କରେ ପ୍ରାୟ ୯୩% ଅନୁସୂଚୀତ ଜନଜାତି ବର୍ଗର । ଏହି ଗ୍ରାମ ମାନଙ୍କରେ ବସବାସ କରୁଥିବା ଅଧିକାଂଶ ପରିବାର କୃଷି, ଦିନ ମଜୁରିଆ, ଜଙ୍ଗଲ ଦ୍ରବ୍ୟ ସଂଗ୍ରହ କରି ଜୀବନ ଯାପନ କରିଥାନ୍ତି । ଏସବୁ ସମସ୍ୟା ଯୋଗୁଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅନେକ ଜନ କଲ୍ୟାଣକାରୀ ଯୋଜନା ଠିକ୍ ଭାବରେ ପହଞ୍ଚି ପାରେ ନାହିଁ ଓ ଏହି ଗ୍ରାମ ମାନଙ୍କରେ ବସବାସ କରୁଥିବା ଜନ ସାଧାରଣଙ୍କ ସାମାଜିକ, ସ୍ୱାସ୍ଥ୍ୟ ଓ ଅର୍ଥନୈତିକ ସ୍ଥିତି ରେ ବିକାଶ ହୋଇ ପାରୁ ନାହିଁ । ଏଣୁ ନୂତନ ଗ୍ରା.ପ. ଗଠନ କରି ଅଞ୍ଚଳର ବିକାଶ ସମ୍ଭବ ହୋଇ ପାରିବ ବୋଲି ଜନ ସାଧାରଣଙ୍କ ତରଫରୁ ମୁଖ୍ୟମନ୍ତ୍ରୀଙ୍କୁ ଦାବି କରାଯାଇଛି ।

# ଜିଲ୍ଲା ଓକିଲ ସଂଘ ପକ୍ଷରୁ ସାଧାରଣ ସଭା ଓ ସମ୍ବର୍ଦ୍ଧନା




ବଲାଙ୍ଗିର,(ସବ୍ୟୁ): ବଲାଙ୍ଗିର ଜିଲ୍ଲା ଓକିଲ ସଂଘ ପକ୍ଷରୁ ଏକ ସାଧାରଣ ସଭା ଓ ସମ୍ବର୍ଦ୍ଧନା ଉତ୍ସବ ସ୍ଥାନୀୟ ସିଭିଲ କୋର୍ଟ ବାର ହଲ୍ ଠାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଓକିଲ ସଂଘର ସଭାପତି ବାସୁଦେବ ରଥଙ୍କ ଆବାହକତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ଆଇନ ମନ୍ତ୍ରୀ ନରସିଂହ ମିଶ୍ର ଯୋଗଦେଇ ଥିଲେ । ଶ୍ରୀ ମିଶ୍ର ନିଜ ବକ୍ତବ୍ୟରେ ଅତୀତରେ ବଲାଙ୍ଗିର ବାର୍ ର ଆନେକ ଆଇନଜୀବୀ ଓକିଲାତି ବୃତ୍ତିରେ ନିଜର ଦକ୍ଷତା ପ୍ରତିପାଦନ କରିବା ସହିତ ଜୁଡିସିଆଲ କ୍ଷେତ୍ରରେ ସୁନାମ ଅର୍ଜନ କରିସାରିଛନ୍ତି ବୋଲି କହିଥିଲେ । ଓକିଲାତି ବୃତ୍ତିର ମୂଲ୍ୟବୋଧ, ପୂର୍ବ ମାନ ଓ ମର୍ଯ୍ୟାଦାକୁ ଅକ୍ଷୁର୍ଣ୍ଣ ରଖିବା ସହ ସମାଜରେ ଏହି ବୃତ୍ତିର ଗାରିମା କିପରି ବଜାୟ ରହି ପାରିବ ତାହାକୁ ଜଗିବା ଆମ ସମସ୍ତଙ୍କ ଦାୟିତ୍ୱବୋଲି ମୁଖ୍ୟ ଅତିଥି ଶ୍ରୀ ମିଶ୍ର ସମସ୍ତଙ୍କୁ ପରାମର୍ଶ ଦେଇଥିଲେ । ଜିଲ୍ଲାରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରହିଥିବା ୧୭ଜଣ ବ୍ୟକ୍ତିବିଶେଷଙ୍କୁ ମାନପତ୍ର ଓ ଉପେଢ଼ୌକନ ଦେଇ ସମର୍ଦ୍ଧିତ କରାଯାଇଥିଲା । ଉଚ୍ଚାଙ୍ଗ ସାହିତ୍ୟ କ୍ଷେତ୍ରରେ ଶ୍ରୀନିବାସ ଉଦଗାତା, ଜଗଦାନନ୍ଦ ଛୁରିଆ, ପ୍ରହଲ୍ଲାଦ ସତପଥୀ, ଦେବେନ୍ଦ୍ର ନାଏକ, କ୍ରୀଡା କ୍ଷେତ୍ରରେ ସୁଶ୍ରୀ ଆନନ୍ଦିନୀ ଦର୍ଜି, କଳା କ୍ଷେତ୍ରରେ ଅଜୟ ମହାନ୍ତି, ସମାଜସେବା କ୍ଷେତ୍ରରେ ବିକ୍ରମାନନ୍ଦ ବହିଦାର, ଅଶୋକ ରଥ, କାହ୍ନୁ ସତପଥୀ, ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଡ. ଜ୍ୟୋସ୍ନାମୟୀ ମହାପାତ୍ର, ସଙ୍ଗୀତ କ୍ଷେତ୍ରରେ ଜୀବନ ବ୍ୟାପୀ ସାଧନା ପାଇଁ ଗୁରୁଶ୍ରୀ ଘାସିରାମ ମିଶ୍ର ଓ କଳା କ୍ଷେତ୍ରରେ ବିଥିକା ଚାଟାର୍ଜୀ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସାମ୍ବାଦିକତା କ୍ଷେତ୍ରରେ ବରିଷ୍ଠ ସାମ୍ବାଦିକ ଅଖିଳ ହୋତା, ବିରେନ୍ଦ୍ର ଝାଙ୍କାର, ସୁଧୀର ମିଶ୍ର , ବିଦେଶରେ ଓଡିଶୀ ନୃତ୍ୟ କରି ଚର୍ଚ୍ଚିତ ଥିବା ଦୁଇ ପ୍ରତିଭା ତ୍ରିଷ୍ଣା ଠାକୁର, ପ୍ରିୟଅଂଶା ଠାକୁର, ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସଂଘର ପ୍ରମୋଦ ତ୍ରିପାଠୀ, ସଞ୍ଜୟ ଭୋଇ,ଶଙ୍କର ମିଶ୍ର,ସଙ୍ଗୀତା ମାଝୀ, ସୁଶାନ୍ତ ବାଗ, ସୁବାଷ ନନ୍ଦ, ଅଶୋକ ରାଉତ, ମଳୟ ଗଡତ୍ୟା ମାନପତ୍ର ପଠନ କରିଥିବା ବେଳେ କାର୍ଯ୍ୟକ୍ରମକୁ ସଫଳ କରିବାରେ ଜିଲ୍ଲା ଓକିଲ ସଂଘର ଉପସଭାପତି ସୁଧାଂଶୁ ଦେଓ, କୋଷାଧ୍ୟକ୍ଷ ସମୀର ମିଶ୍ରଙ୍କ ସମେତ କାର୍ଯ୍ୟକାରୀ କମିଟିର ସଭ୍ୟ ସଞ୍ଜୟ ଭୋଇ, ଦୀପ୍ତି ଶର୍ମା, ସବିତା ମିଶ୍ର ପ୍ରମୁଖ ସହଯୋଗ କରିଥିଲେ ଝ ଏହି ଉତ୍ସବରେ ଜିଲ୍ଲା ଓକିଲ ସଂଘର ବହୁ ସଭ୍ୟ ସଭ୍ୟା ଯୋଗ ଦେଇଥିଲେ । ବରିଷ୍ଠ ଆଇନଜୀବୀ ଜୟ କୃଷ୍ଣ ସାହୁ ସଭାକୁ ସଂଯୋଜନା କରିଥିବା ବେଳେ ସଂଘର ସମ୍ପାଦକ ସଞ୍ଜୟ ବଗର୍ତ୍ତୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ସମଲେଶ୍ୱରୀ ମନ୍ଦିରରେ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ



ସମ୍ବଲପୁର,(ସବ୍ୟୁ): ସ୍ଥାନୀୟ ସମଲେଶ୍ୱରୀ ମନ୍ଦିର ପରିସରରେ ଟ୍ରଷ୍ଟ ବୋର୍ଡ ଓ କଳାକାରଙ୍କ ସହଯୋଗରେ ଭଜନ ସଂନ୍ଧ୍ୟା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସମଲେଶ୍ୱରୀ ଟ୍ରଷ୍ଟ ବୋର୍ଡ ସଭାପତି ସଞ୍ଜୟ ବାବୁ କାର୍ଯ୍ୟକ୍ରମର ଶୁଭ ଉଦ୍ଘାଟନ କରିଥିଲେ । ମା ଗୋ ମା ସମଲେଇ, କେନେ ତୁଇ ରକ୍ତମୁଖୀ, ଆଜି ଧବଳମୁଖୀ, ଶିରୀ ସମଲେଇ, ଝିଲିମିଲି ଜନ୍ ଚକାବରନି ଭଳି ଅନେକ ଭକ୍ତିଗୀତ କଣ୍ଠଶିଳ୍ପୀ ମାନେ ଗାନ କରିଥିଲେ । ଫଳରେ ଭକ୍ତି ଓ ଆସ୍ଥାର ଅଲୌକିତ ମାହୋଲ ଦେଖିବାକୁ ମିଳିଥିଲା । କଣ୍ଠଶିଳ୍ପୀ ପ୍ରକୃତି ପଣ୍ଡା, ସୋମ ପାଢୀ, ଅଙ୍କିତ ଷଡଙ୍ଗୀ, ଆଶାରାଣୀ ପଣ୍ଡା, ସିଲ୍‌କି ବହିଦାର, ମଧୁସ୍ମିତା ନାଏକ, ଦୁର୍ଗାମାଧବ ପଣ୍ଡା ଓ ମାନସ କୁମାର ଷଡଙ୍ଗୀ ପ୍ରମୁଖ ସଙ୍ଗୀତ ପରିବେଷଣ କରିଥିଲେ । ଦୁର୍ଗା ଦାଶ କାର୍ଯ୍ୟକ୍ରମ ପରିଚାଳନା ଓ ସଂଯୋଜନା କରିଥିଲେ । ବାଦ୍ୟଯନ୍ତ୍ରରେ ଦେବାଶିଷ ପାଢୀ, ସିଲୁ ସିଂଦେଓ, ଦିବାକର ମହାନନ୍ଦ, ମନିଶ ବାଗ, ରାମଶଙ୍କର ହରିପାଲ, ମଧୁସୂଦନ ଗଡତିଆ ଓ ପ୍ରେମ କୁମ୍ଭାର ପ୍ରମୁଖ ସହଯୋଗ କରିଥିଲେ । ଏଥିରେ ଟ୍ରଷ୍ଟବୋର୍ଡ ସଦସ୍ୟ ପ୍ରଫୁଲ୍ଲ ହୋତା, ଦେବ କୁମାର ଆଜମେରିଆ, ରତନ ପୁଜାରୀ, ତ୍ରିଲୋଚନ ତ୍ରିପାଠୀ, ଶଙ୍କର ପ୍ରଧାନ, ଦୁର୍ଗାମାଧବ ପଣ୍ଡା, ଅନଙ୍ଗ ସାଇଦେଓ ଏବଂ ସୁଶୀଲ ଦାଶ ପ୍ରମୁଖ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ, ସମଲେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ଟ୍ରଷ୍ଟ ବୋର୍ଡ ପକ୍ଷରୁ ପ୍ରତିମାସର ୨ୟ ଓ ୪ର୍ଥ ରବିବାର ଦିନ ଭଜନ ସଂନ୍ଧ୍ୟା କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି । ଏହାଦ୍ୱାରା ଭକ୍ତିମୟ ପରିବେଶ ସହ ଯୁବପୀଢିଙ୍କୁ ଭଜନ ଓ ଭକ୍ତି ପ୍ରତି ଅଧିକ ଆକର୍ଷିତ କରିବାକୁ ପ୍ରୟାସ ବୋଲି ଜଣାପଡିଛି ।

(ଶ୍ରୀମଦ୍‌ଭଗବଦ୍ ଗୀତା ୧/୬)

**ଅର୍ଜ୍ଜୁନ-ବିଷାଦଯୋଗଃ**

**ସଞ୍ଜୟ ଉବାଚ**

**ଯୁଧାମନ୍ୟୁଶ୍ଚ ବିକ୍ରାନ୍ତ ଉତ୍ତମୌଜାଶ୍ଚ ବୀର୍ଯ୍ୟବାନ୍ ।**
**ସୌଭଦ୍ରୋ ଦୌପଦେୟାଶ୍ଚ ସର୍ବ ଏବ ମହାରଥାଃ ।। ୬ ।।**

ବିକ୍ରାନ୍ତଃ ଯୁଧାମନ୍ୟୁଃ, ବୀର୍ଯ୍ୟବାନ୍ ଉତ୍ତମୌଜାଃ, ସୌଭଦ୍ରଃ (ଅଭିମନ୍ୟୁଃ), ଦୌପଦେୟଃ ଚ ସର୍ବେ ମହାରଥାଃ ଏବ ।। ୬ ।।

# ନୂଆପଡା ଉପ-ନିର୍ବାଚନ ପାଇଁ ତତ୍ପରତା

ଆଉ ଦିନକ ପରେ ଓଡ଼ିଶାରେ ନୂଆପଡା ବିଧାନସଭା ଆସନ ପାଇଁ ଉପ ନିର୍ବାଚନ ହେବାକୁ ଯାଉଛି । ଏହି ଆସନରୁ ରାଜେନ୍ଦ୍ର ଢୋଲକିଆ ନିର୍ବାଚିତ ହୋଇଥିଲେ । ମାତ୍ର ତାଙ୍କର ଅକାଳ ବିୟୋଗ ଯୋଗୁଁ ଏହି ଆସନ ପାଇଁ ଉପନିର୍ବାଚନ ହେଉଛି । ତେଣୁ ମୁଖତଃ ଶାସକ ବିଜେପି, ବିରୋଧୀ ଦଳ ଦୁଇଟି ମଧ୍ୟରୁ କଂଗ୍ରେସ ଓ ବିଜେଡ଼ି ପକ୍ଷରୁ ଏହି ଆସନଟିକୁ ହାତେଇବା ଲାଗି ତୀବ୍ର ପ୍ରତିଦ୍ୱନ୍ଦିତା ଆରମ୍ଭ ହୋଇଛି ।

ଶାସକ ବିଜେପି ଦଳ ପକ୍ଷରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଓ ପ୍ରଭାତୀ ପରିଡାଙ୍କ ସମେତ ପଶ୍ଚିମ ଓଡ଼ିଶା ଓ ଉପକୂଳ ଅଞ୍ଚଳର ସୁପରିଚିତ ମନ୍ତ୍ରିମାନେ ନୂଆପଡା ଯାଇ ସଭାସମିତି, ରୋଡ ସୋ, ଶୋଭାଯାତ୍ରା ପ୍ରଭୃତି କରିବାରୁ ନୂଆପଡା ବିଧାନସଭା ଆସନଟି ଏବେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି ।

ଅପରପକ୍ଷରେ ବିରୋଧୀ କଂଗ୍ରେସ ଓ ବିଜେଡ଼ି ପକ୍ଷରୁ ମଧ୍ୟ ଏହି ଉପ ନିର୍ବାଚନ ପାଇଁ ପ୍ରସ୍ତୁତି ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି । ଦୋଷାରୋପ ଓ ପ୍ରତିଦୋଷାରୋପ ନିର୍ବାଚନ ସଭାମାନଙ୍କରେ ହୋଇଥାଏ । ମାତ୍ର ଏଥିରେ ବ୍ୟକ୍ତିଗତ ସ୍ତରକୁ କୌଣସି ରାଜନୀତିକ ଦଳ ଆସିବା ଅନୁଚିତ । ହାର ଜିତ ଲାଗି ରହିଛି । କିଏ ଜଣେ ପ୍ରାର୍ଥୀ ଜିତିବେ ଓ ଅନ୍ୟମାନେ ହାରିବେ । ମାତ୍ର ତିନି ମୁଖ୍ୟ ରାଜନୀତିକ ଦଳ ପାଇଁ ଏହା ସମ୍ମାନର ପ୍ରଶ୍ନ ବୋଲି ମନେ ହେଉଥିଲେ ମଧ୍ୟ ଯଦିଓ ଶାସକ ବିଜେପି ଦଳର ପ୍ରାର୍ଥୀ ଜୟ ଢୋଲକିଆ ଜୟଯୁକ୍ତ ହେବେ ବୋଲି କୁହାଯାଉଛି । ତଥାପି କଂଗ୍ରେସ ଦଳର ପ୍ରାର୍ଥୀ ଘାସିରାମ ମାଝୀ ଓ ବିଜେଡ଼ି ଦଳର ପ୍ରାର୍ଥୀନୀ ସ୍ନେହାଙ୍ଗିନୀ ଛୁରିଆ ମଧ୍ୟ ଖରାପ ପ୍ରାର୍ଥୀ ନୁହନ୍ତି ବୋଲି କୁହାଯାଉଛି ।

ଶାସକ ବିଜେପି ଦଳର ପ୍ରାର୍ଥୀଙ୍କ ପକ୍ଷରେ ଅନୁକମ୍ପାର ହାୱା ରହିଥିବା ସ୍ୱାଭାବିକ । ଏହାଛଡା ଶାସକ ଦଳ ପକ୍ଷରୁ ଏହି ପ୍ରାର୍ଥୀଙ୍କୁ ଲୋକେ ଭୋଟ ଦେଲେ ସେ ସରକାରୀ ଦଳର ବିଧାୟକ ଭାବେ ନିର୍ବାଚିତ ହେବା ପରେ ଆଉ ପ୍ରାୟ ଚାରିବର୍ଷ ମଧ୍ୟରେ ସେ ନୂଆପଡା ବିଧାନସଭା ପାଇଁ ବହୁତ କାର୍ଯ୍ୟ କରାଇ ପାରିବେ ବୋଲି ମଧ୍ୟ ଲୋକେ ଆଶା ପ୍ରକାଶ କରିଛନ୍ତି ।

ସେହିପରି କଂଗ୍ରେସ ଦଳର ପ୍ରାର୍ଥୀ ଘାସିରାମ ମାଝୀ ଗତ ବିଧାନସଭା ନିର୍ବାଚନରେ ଅଳ୍ପ ଭୋଟରେ ହାରି ଯାଇଥିଲେ । ସେ ମଧ୍ୟ ନୂଆପଡା ବିଧାନସଭା ଆସନର ସ୍ଥାନୀୟ ବାସିନ୍ଦା । ସେ ନିର୍ବାଚିତ ହେଲେ କଂଗ୍ରେସ ଦଳର ବିଧାୟକଙ୍କ ସଂଖ୍ୟା ଚଉଦରୁ ପନ୍ଦର ହେବ ସିନା ସରକାରୀ ଦଳର ବିଧାୟକଙ୍କ ପରି ନିର୍ବାଚନ ମଣ୍ଡଳୀରେ ସେ କିଛି ଅଧିକ କାମ କରିବାର ସମ୍ଭାବନା ହିଁ ନାହିଁ । ତେବେ ସେ ଯଦି ଜିତି ନ ପାରନ୍ତି ତେବେ ଏହି ଉପ ନିର୍ବାଚନରେ ଦ୍ୱିତୀୟ ସ୍ଥାନରେ ରହିଲେ ମଧ୍ୟ କଂଗ୍ରେସ ଦଳର ସମ୍ମାନ ରହିଯିବ । ଅନ୍ତତଃ କଂଗ୍ରେସ ପ୍ରାର୍ଥୀ ପ୍ରଥମ ସ୍ଥାନଟି ନ ପାଇଲେ ମଧ୍ୟ ଦ୍ୱିତୀୟ ସ୍ଥାନରେ ରହିବାକୁ ଉଦ୍ୟମ ଜାରି ରଖିଥିବା କୁହାଯାଉଛି ।

ବିଜେଡ଼ିରୁ ସ୍ନେହାଙ୍ଗିନୀ ଛୁରିଆଙ୍କୁ ସେଠାରେ ପ୍ରାର୍ଥୀ କରି ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକ ଭୁଲ କରିଛନ୍ତି ବୋଲି ସମାଲୋଚନା ହେଉଛି । ନୂଆପଡା ନିର୍ବାଚନମଣ୍ଡଳୀର ସେ ବାସିନ୍ଦା ନୁହନ୍ତି । ନବୀନ ବାବୁ ତାଙ୍କୁ ଜଣେ ପୂର୍ବତନ ମନ୍ତ୍ରୀ ଓ ମହିଳା ପ୍ରାର୍ଥିନୀ ବୋଲି ଭାବି ବାଛିଥିଲେ ମଧ୍ୟ ଅନ୍ୟମାନଙ୍କୁ ସେ ଟକ୍କର ଦେଇ ପାରିବେ କି ନାହିଁ, ସେ କଥା ଉଠୁଛି । ଯେଉଁ ଦଳର ମୁଖ୍ୟମନ୍ତ୍ରୀ ନବୀନ ବାବୁ ଓଡ଼ିଶାରେ ୨୫ ବର୍ଷ କାଳ ଶାସନ କରି ପାରିଲେ ନାହିଁ, ଏପରିକି ଗୋଟିଏ ନିର୍ବାଚନ ମଣ୍ଡଳୀରେ ମୁଖ୍ୟମନ୍ତ୍ରୀ ଭାବେ ସେ ଜିତି ପାରିଲେ ନାହିଁ, ଓଡ଼ିଶାବାସୀ ତାଙ୍କୁ ଅପ୍ରତ୍ୟାଶିତ ଭାବେ ପ୍ରତ୍ୟାଖ୍ୟାନ କରିଦେଲେ, ଓଡ଼ିଶା ବିଧାନସଭାରେ ତାଙ୍କ ଦଳର ସଂଖ୍ୟା ୫୦ ରହିବ ପଛେ ତାଙ୍କ ଦଳର ପ୍ରାର୍ଥିନୀ ଜିତିବାର ସମ୍ଭାବନା ପ୍ରାୟ ନାହିଁ ବୋଲି ଏବେ ଚର୍ଚ୍ଚା ଜୋର ଧରିଛି । ତେବେ ଦେଖାଯାଉ ଏହି ନିର୍ବାଚନର ଫଳାଫଳ କ'ଣ ହେଉଛି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଭାବମୂର୍ତ୍ତି ଯୋଗୁଁ ଓଡ଼ିଶାରେ ଦୀର୍ଘ ଚବିଶ ବର୍ଷର ବିଜେଡ଼ି ଶାସନର ଅବଦାନ ଘଟିଲା । ତେଣୁ ତାଙ୍କରି ଭାବମୂର୍ତ୍ତି ହିଁ ବିଜେପି ପ୍ରାର୍ଥୀଙ୍କୁ ଜୟଯୁକ୍ତ କରିପାରିବେ ବୋଲି କୁହାଯାଉଛି । ସାଧାରଣ ଓ ନଥିଲାବାଲା (Have Nots)ଙ୍କ ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ବହୁ ବିକାଶର କାର୍ଯ୍ୟକ୍ରମ ଆରମ୍ଭ କରି ଲୋପ୍ରିୟତା ମଧ୍ୟ ଅର୍ଜନ କରିଛନ୍ତି । ତେବେ ଭୋଟ ଶେଷ ହେବା ଯାଏଁ ନୂଆପଡାର ଭୋଟଦାତାମାନଙ୍କୁ ଧୈର୍ଯ୍ୟର ସହିତ ଅପେକ୍ଷା କରିବାକୁ ହେବ ।

## ସ୍ୱଚ୍ଛ ହୃଦୟ

**ତୁମ ହୃଦୟରେ ଯଦି ସବୁଜ ସୁନ୍ଦର ବୃକ୍ଷ ରୋପଣ କରିବ, ତେବେ ଈଶ୍ୱର ପକ୍ଷୀ ହୋଇ ଉଡ଼ ଆସିବେ ସେଥିରେ ବସା ବାନ୍ଧିବା ପାଇଁ**

*ଲେଖକ-ଡ. ପ୍ରଦୀପ କୁମାର ଚୌଧୁରୀ*

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ହିଟଲର୍, ଚର୍ଚ୍ଚିଲ, ଗୋବେଲ୍ସ ଓ ଗାନ୍ଧି



**ପ୍ରହଲାଦ କୁମାର ସିଂହ**

ସ୍ୱାଧୀନତା ପ୍ରାପ୍ତିର ମାତ୍ର ୫ମାସ ୧୬ଦିନରେ ଜାତିର ଜନକ ମହାମାନବ ମହାତ୍ମା ଗାନ୍ଧିଙ୍କୁ ହତ୍ୟା କରାଗଲା। ଆମ ମୁକ୍ତି ସଂଗ୍ରାମର ସଫଳ ସେନାପତିଙ୍କ ପ୍ରତି କୃତଜ୍ଞତା ପ୍ରକାଶ କରିବା ପରିବର୍ତ୍ତେ କୃତଘ୍ନତାର ଶୀର୍ଷ ସୋପାନକୁ ଯାଇ ଗୋଟିଏ ଗୋଷ୍ଠୀର, ଏକ ଗୋଷ୍ଠୀ ଏହି ପାପ କରିବା ପୂର୍ବରୁ ହିଟଲର୍ ଓ ୱିନ୍‌ଷ୍ଟନ ଚର୍ଚ୍ଚିଲଙ୍କ ଭଳି ୟୁରୋପୀୟ ନେତାମାନେ ଗାନ୍ଧିଙ୍କୁ ଦମନ ଓ ହତ୍ୟା କରିବା ପାଇଁ ବାରମ୍ବାର କହୁଥିଲେ । ଏହା ସତ୍ତ୍ୱେ ଗାନ୍ଧିଜୀ ଏମାନଙ୍କ ପ୍ରତି ଘୃଣା କି ବିଦ୍ୱେଷ ଭାବ ପ୍ରକାଶ କରିବା ପରିବର୍ତ୍ତେ ସେମାନଙ୍କୁ ବନ୍ଧୁ ଭାବରେ ଦେଖୁଥିଲେ ।

ସାର୍ ୱିନ୍‌ଷ୍ଟନ୍ ଚର୍ଚ୍ଚିଲ ଥିଲେ ଇଂଲଣ୍ଡର ପ୍ରଧାନମନ୍ତ୍ରୀ । ଗାନ୍ଧିଜୀ ଭାରତରେ ଚଳାଉଥିବା ସତ୍ୟାଗ୍ରହ ଆନ୍ଦୋଳନ ସଂକ୍ରାନ୍ତରେ କେହି ତାଙ୍କର ଦୃଷ୍ଟି ଆକର୍ଷଣ କଲେ ସେ ଖୁବ୍ ବିରକ୍ତ ହେଉଥିଲେ । ଗାନ୍ଧି ଆନ୍ଦୋଳନ କଥା ନକହି 'ଗାନ୍ଧି କେବେ ମଲା' ସେ ସଂକ୍ରାନ୍ତରେ ମତେ ଜଣାଅ ବୋଲି ଅତି କର୍କଶ ଭାବେ ଚର୍ଚ୍ଚିଲ କହୁଥିଲେ । ବିଶେଷକରି ୧୯୪୨ରେ ଗାନ୍ଧି ଆରମ୍ଭ କରିଥିବା 'ଭାରତ ଛାଡ଼' ଆନ୍ଦୋଳନ ଏବଂ ଏଥିରେ ତାଙ୍କର ଆହ୍ୱାନ 'କର ବା ମର' ଚର୍ଚ୍ଚିଲଙ୍କୁ ଚହଲାଇ ଦେଇଥିଲା । ଏହି ଆନ୍ଦୋଳନକୁ ଦୃଢ଼ ହସ୍ତରେ ଦମନ କରିବା ପାଇଁ ନରସଂହାରଠାରୁ ଜେଲ୍ ଯନ୍ତ୍ରଣା ପର୍ଯ୍ୟନ୍ତ ଯେ କୌଣସି ପ୍ରକାର ଆକ୍ରୋଶମୂଳକ କାର୍ଯ୍ୟାନୁଷ୍ଠାନ ସପକ୍ଷରେ ଥିଲେ ଚର୍ଚ୍ଚିଲ । କାରାଗାରରେ ପତ୍ନୀ କସ୍ତୁରବା ଓ ପୁତ୍ର ପ୍ରତିମ ବ୍ୟକ୍ତିଗତ ସଚିବ ମହାଦେବ ଦେଶାଇଙ୍କୁ ହରାଇଥିଲେ ଗାନ୍ଧିଜୀ । ଏହି ଆନ୍ଦୋଳନ କାଳରେ ସାରା ଦେଶରେ ୧୦ ହଜାରରୁ ଅଧିକ ସତ୍ୟାଗ୍ରହୀ ଶହୀଦ ହୋଇଥିଲେ ଏବଂ ଲକ୍ଷାଧିକ କାରା ଓ ନିର୍ଯାତନା ବରଣ କରିଥିଲେ ।

କାରାମୁକ୍ତ ହେବା ପରେ ଅସୁସ୍ଥ ଗାନ୍ଧି ପୁନେ ନିକଟବର୍ତ୍ତୀ ପଞ୍ଚଗନିରେ ଅବସ୍ଥାନ କରୁଥିବା ବେଳେ ୧୯୪୪ ଜୁଲାଇ ୧୭ରେ ଚର୍ଚ୍ଚିଲଙ୍କୁ ଏକ ଚିଠିରେ ଲେଖିଥିଲେ, ପ୍ରିୟ ପ୍ରଧାନମନ୍ତ୍ରୀ, ଲଙ୍ଗଳା ଫକୀରକୁ ଦମନ କରିବା ପାଇଁ ଆପଣଙ୍କର ଭାରି ଇଚ୍ଛା ବୋଲି ପ୍ରକାଶ ପାଇଛି । ଆପଣ ମତେ ସେହି ନାମରେ ବର୍ଣ୍ଣନା କରୁଥିବା ଶୁଣାଯାଏ । ଫକୀର ହେବା ପାଇଁ ତ ମୁଁ ବହୁଦିନ ହେବ ଉଦ୍ୟମ କରିଆସୁଛି, ଉଲଗ୍ନ ହେବା ଆହୁରି କଷ୍ଟକାମ । ତେଣୁ ଏଭଳି ନାମକରଣ ଦ୍ୱାରା ମତେ ସମ୍ମାନ ଦେବାର ଅଭିପ୍ରାୟ ଆପଣଙ୍କର ନଥିଲେ ବି ମୁଁ ତାହାକୁ ପ୍ରଶଂସା ବୋଲି ମନେ କରୁଛି । ସେହି ଭାବରେ ମୁଁ ଆପଣଙ୍କ ଦ୍ୱାରସ୍ଥ ହେଉଛି ଏବଂ ମୋ ଉପରେ ଆସ୍ଥା ରଖି ଆପଣଙ୍କ ଦେଶ ତଥା ମୋ ଦେଶ ଲୋକମାନଙ୍କର ମଙ୍ଗଳ ନିମନ୍ତେ ଏବଂ ସେମାନଙ୍କ ମାଧ୍ୟମରେ ବିଶ୍ୱର ହିତରେ ମତେ ବିନିଯୋଗ କରିବା ପାଇଁ ମୁଁ ଆପଣଙ୍କୁ ଅନୁରୋଧ କରୁଛି- ଆପଣଙ୍କର ଅନ୍ତରଙ୍ଗ ବନ୍ଧୁ, ମୋ.କ.ଗାନ୍ଧୀ ।

ଅବଶ୍ୟ ଚର୍ଚ୍ଚିଲଙ୍କ ଚର୍ଚ୍ଚିତ ଦମନ ଇଚ୍ଛାକୁ ପୂରଣ କରିଥିଲେ ସେହି ଗୋଷ୍ଠୀ । ଏଠାରେ ଉଲ୍ଲେଖନୀୟ ଯେ ଅସ୍ପୃଶ୍ୟତା ନିବାରଣ ପାଇଁ ଗାନ୍ଧିଜୀ ଯେବେଠାରୁ ସାମାଜିକ ବିପ୍ଳବ ଆରମ୍ଭ କଲେ ଏବଂ ଦେଶର ହିତ ପାଇଁ ସାମ୍ପ୍ରଦାୟିକ ଏକତା ଉପରେ ଗୁରୁତ୍ୱ ଦେବା ସହ ଆନ୍ଦୋଳନରେ ମହିଳାମାନଙ୍କୁ ସାମିଲ କଲେ, ତାହାପର ଠାରୁ ତଥାକଥିତ ଉଚ୍ଚବର୍ଗର କିଛି ବ୍ୟକ୍ତି ଗାନ୍ଧିଜୀଙ୍କୁ କେବଳ ସମାଲୋଚନା କରୁନଥିଲେ, ତାଙ୍କୁ ହତ୍ୟା କରିବା ଲାଗି ୧୯୩୪ରୁ ବାରମ୍ବାର ଷଡ଼ଯନ୍ତ୍ର କରିଆସୁଥିଲେ ।

ଚର୍ଚ୍ଚିଲଙ୍କ ପରେ ଅଟ୍‌ଲି ଇଂଲଣ୍ଡର ପ୍ରଧାନମନ୍ତ୍ରୀ ଥିବାବେଳେ ଭାରତ ସ୍ୱାଧୀନତା ବିଲ୍ ବ୍ରିଟିଶ ପାର୍ଲାମେଣ୍ଟରେ ଆଗତ ହୋଇଥିଲା । ଏହାକୁ ଚର୍ଚ୍ଚିଲ ବିରୋଧ କରି କହିଥିଲେ, "Power will go to the hands of rascals, rogues, free-booters. All Indian leaders will be of low calibers and men of straw. They will have sweet tongues and silly hearts. They will fight amongst themselves for power and India will be lost in political squabbles. A day will come when air and water will be taxed in India."

**ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଭାରତର ଯୋଗଦାନକୁ ଗାନ୍ଧିଜୀ ଖୋଲା ବିରୋଧ କରୁଥିଲେ । କେବଳ ସେତିକି ନୁହେଁ, ଓଡ଼ିଶା ସମେତ ବିଭିନ୍ନ ରାଜ୍ୟର କଂଗ୍ରେସ ମନ୍ତ୍ରିମଣ୍ଡଳ ଏହି ପ୍ରସଙ୍ଗରେ ଇସ୍ତଫା ଦେଇଥିଲେ । ଏଥିରୁ ଫାଇଦା ଉଠାଇ ଦୁଇ ପରସ୍ପର ବିରୋଧୀ ଗୋଷ୍ଠୀ କେତେକ ରାଜ୍ୟରେ ମିଳିତ ମନ୍ତ୍ରିମଣ୍ଡଳ ଗଢ଼ିବା ସହିତ ଦ୍ୱିତୀୟ ବିଶ୍ୱଯୁଦ୍ଧକୁ ସମର୍ଥନ କରିବା ସଙ୍ଗେ ସଙ୍ଗେ ଭାରତ ଛାଡ଼ ଆନ୍ଦୋଳନକୁ ବିରୋଧ କରି ଇଂରେଜ ସରକାରଙ୍କ ସପକ୍ଷରେ ବାରମ୍ବାର ଖୋଲା ବିବୃତି ମଧ୍ୟ ଜାରି କରିଥିଲେ । ଦ୍ୱିତୀୟ ବିଶ୍ୱଯୁଦ୍ଧ ମଣିଷ ସମାଜ ପାଇଁ କେତେ ଭୟଙ୍କର ତାହାର ପୂର୍ବାନୁମାନ କରି ଗାନ୍ଧିଜୀ ୧୯୩୯ ଜୁଲାଇ ୨୩ ତାରିଖରେ ୱାର୍ଦ୍ଧାରୁ ଏକ ଚିଠି ଲେଖିଥିଲେ ହିଟ୍‌ଲରଙ୍କୁ । ଏଥିରେ ସେ ହିଟ୍‌ଲରଙ୍କୁ 'ପ୍ରିୟ ବନ୍ଧୁ' ଭାବେ ସମ୍ବୋଧନ କରବା ସହିତ ଦ୍ୱିତୀୟ ବିଶ୍ୱଯୁଦ୍ଧକୁ ଏଡ଼ାଇବା ପାଇଁ ନିବେଦନ କରିଥିଲେ । ଗାନ୍ଧିଜୀଙ୍କ ପରାମର୍ଶ ହିଟଲର ଗ୍ରହଣ କରିଥିଲେ ତାଙ୍କୁ ୧୯୪୫ ଏପ୍ରିଲ ୩୦ ତାରିଖରେ ଆତ୍ମହତ୍ୟା କରିବାକୁ ପଡ଼ିନଥାନ୍ତା । ବଙ୍କର ଭିତରେ ହିଟଲର୍ ଆତ୍ମହତ୍ୟା କରିବା ପରେ ତାଙ୍କ ପୂର୍ବ ଇଚ୍ଛା ମୁତାବକ ଯୋଶେଫ ଗୋବେଲ୍ସ ଜର୍ମାନୀର ଚାନ୍‌ସେଲର ହୋଇଥିଲେ ।**

ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଭାରତର ଯୋଗଦାନକୁ ଗାନ୍ଧିଜୀ ଖୋଲା ବିରୋଧ କରୁଥିଲେ । କେବଳ ସେତିକି ନୁହେଁ, ଓଡ଼ିଶା ସମେତ ବିଭିନ୍ନ ରାଜ୍ୟର କଂଗ୍ରେସ ମନ୍ତ୍ରିମଣ୍ଡଳ ଏହି ପ୍ରସଙ୍ଗରେ ଇସ୍ତଫା ଦେଇଥିଲେ । ଏଥିରୁ ଫାଇଦା ଉଠାଇ ଦୁଇ ପରସ୍ପର ବିରୋଧୀ ଗୋଷ୍ଠୀ କେତେକ ରାଜ୍ୟରେ ମିଳିତ ମନ୍ତ୍ରିମଣ୍ଡଳ ଗଢ଼ିବା ସହିତ ଦ୍ୱିତୀୟ ବିଶ୍ୱଯୁଦ୍ଧକୁ ସମର୍ଥନ କରିବା ସଙ୍ଗେ ସଙ୍ଗେ ଭାରତ ଛାଡ଼ ଆନ୍ଦୋଳନକୁ ବିରୋଧ କରି ଇଂରେଜ ସରକାରଙ୍କ ସପକ୍ଷରେ ବାରମ୍ବାର ଖୋଲା ବିବୃତି ମଧ୍ୟ ଜାରି କରିଥିଲେ ।

ଦ୍ୱିତୀୟ ବିଶ୍ୱଯୁଦ୍ଧ ମଣିଷ ସମାଜ ପାଇଁ କେତେ ଭୟଙ୍କର ତାହାର ପୂର୍ବାନୁମାନ କରି ଗାନ୍ଧିଜୀ ୧୯୩୯ ଜୁଲାଇ ୨୩ ତାରିଖରେ ୱାର୍ଦ୍ଧାରୁ ଏକ ଚିଠି ଲେଖିଥିଲେ ହିଟ୍‌ଲରଙ୍କୁ । ଏଥିରେ ସେ ହିଟ୍‌ଲରଙ୍କୁ 'ପ୍ରିୟ ବନ୍ଧୁ' ଭାବେ ସମ୍ବୋଧନ କରବା ସହିତ ଦ୍ୱିତୀୟ ବିଶ୍ୱଯୁଦ୍ଧକୁ ଏଡ଼ାଇବା ପାଇଁ ନିବେଦନ କରିଥିଲେ । ଗାନ୍ଧିଜୀଙ୍କ ପରାମର୍ଶ ହିଟଲର ଗ୍ରହଣ କରିଥିଲେ ତାଙ୍କୁ ୧୯୪୫ ଏପ୍ରିଲ ୩୦ ତାରିଖରେ ଆତ୍ମହତ୍ୟା କରିବାକୁ ପଡ଼ିନଥାନ୍ତା । ବଙ୍କର ଭିତରେ ହିଟଲର୍ ଆତ୍ମହତ୍ୟା କରିବା ପରେ ତାଙ୍କ ପୂର୍ବ ଇଚ୍ଛା ମୁତାବକ ଯୋଶେଫ ଗୋବେଲ୍ସ ଜର୍ମାନୀର ଚାନ୍‌ସେଲର ହୋଇଥିଲେ । ତେବେ ଗୋବେଲ୍ସ ପରଦିନ ଅର୍ଥାତ୍ ମଇ ପହିଲାରେ ଆତ୍ମହତ୍ୟା କରିବା ସହ ତାଙ୍କ ପତ୍ନୀ ଓ ସନ୍ତାନମାନେ ମଧ୍ୟ ମୃତ୍ୟୁବରଣ କରିଥିଲେ । ଗୋବେଲ୍ସ ଥିଲେ ହିଟଲର୍‌ଙ୍କର ଅତ୍ୟନ୍ତ ବିଶ୍ୱସ୍ତ ମନ୍ତ୍ରୀ । କେବଳ ଜର୍ମାନୀ କି ୟୁରୋପ ନୁହେଁ, ସମଗ୍ର ବିଶ୍ୱରେ ହିଟଲର୍‌ଙ୍କୁ ଲୋକପ୍ରିୟ ନେତା ଭାବେ ଉପସ୍ଥାପିତ କରିବା ପାଇଁ ଗୋବେଲ୍ସ ପ୍ରଚାର ଦାୟିତ୍ୱରେ ଥିଲେ । ଗୋବେଲ୍ସଙ୍କ ତତ୍ତ୍ୱ ଥିଲା- ମିଛକୁ ବାରମ୍ବାର ଜୋର ଦେଇ କହିଲେ ତାହାକୁ ଲୋକେ ସତ ଭାବି ଗ୍ରହଣ କରିନେବେ । ବସ୍ତୁତଃ ମିଛର ଯେଉଁ ଭିତ୍ତିଭୂମି ଉପରେ ହିଟଲର୍ ଗଣହତ୍ୟାକୁ ମାମୁଲି ଘଟଣା ଭାବେ ଗ୍ରହଣ କରିନେଇଥିଲେ ଶେଷରେ ତାହା ମିଥ୍ୟା ପ୍ରମାଣିତ ହେଲା ଏବଂ ହିଟଲର୍ ଓ ଗୋବେଲ୍ସଙ୍କୁ ଅନ୍ୟ କେହି ହତ୍ୟା କରିବା ପୂର୍ବରୁ ସେମାନେ ଆତ୍ମହତ୍ୟା କଲେ । ବସ୍ତୁତଃ ଏହା ଥିଲା ସତ୍ୟ ଓ ଅହିଂସା ନିକଟରେ ମିଥ୍ୟା ଓ ହିଂସାର ପରାଜୟ ।

ଗାନ୍ଧିଜୀଙ୍କ ସତ୍ୟାଗ୍ରହ ଆନ୍ଦୋଳନକୁ ହିଟଲର୍ ଆଦୌ ପସନ୍ଦ କରୁନଥିଲେ । ୧୯୩୭ ନଭେମ୍ବରରେ ଜର୍ମାନୀରେ ହିଟଲର୍‌ଙ୍କୁ ଭେଟିଥିଲେ ବ୍ରିଟିଶ ନେତା ତଥା ଭାରତର ପୂର୍ବତନ ଭାଇସ୍‌ରାଏ ଲର୍ଡ ହାଲିଫାକ୍ସ । ଆଲୋଚନା ପ୍ରସଙ୍ଗରେ ଭାରତରେ ଗାନ୍ଧିଙ୍କ ନେତୃତ୍ୱରେ ଚାଲିଥିବା ଆନ୍ଦୋଳନ କଥା ଉଠିବାରେ ବିରକ୍ତ ହୋଇ ହିଟଲର୍ କହିଥିଲେ ଗାନ୍ଧିଙ୍କୁ ଗୁଳି କରିଦେବା ଲାଗି । ଆନ୍ଦୋଳନ ଦମନ ପର୍ଯ୍ୟନ୍ତ ଗାନ୍ଧିଙ୍କ ସହଯୋଗୀମାନଙ୍କୁ ହତ୍ୟା କରିବା ଲାଗି ହିଟଲର୍ ପରାମର୍ଶ ଦେଇଥିଲେ । ଅବଶ୍ୟ ଗାନ୍ଧିଜୀଙ୍କ ନେତୃତ୍ୱରେ ଚାଲିଥିବା ଆନ୍ଦୋଳନରେ ବହୁ ସତ୍ୟାଗ୍ରହୀଙ୍କୁ ବ୍ରିଟିଶ ସରକାର ହତ୍ୟା କରିବାକୁ ପଛାଉନଥିଲା ।

ଦ୍ୱିତୀୟ ଗୋଲ୍ ଟେବୁଲ ବୈଠକରୁ ଭାରତ ଫେରିବା ବାଟରେ ଗାନ୍ଧିଜୀ ଇଟାଲିର ଏକଛତ୍ରପତି ଶାସକ ମୁସୋଲିନ୍‌ଙ୍କୁ ରୋମ୍‌ରେ ଭେଟିଥିଲେ ୧୯୩୧ ଡିସେମ୍ବର ୧୨ ତାରିଖରେ । ସେ ଭାରତର ସ୍ୱାଧୀନତା ସଂଗ୍ରାମ ପାଇଁ ମୁସୋଲିନ୍‌ଙ୍କ ସାହାଯ୍ୟ ଭିକ୍ଷା କରିନଥିଲେ । ସଂପୂର୍ଣ୍ଣ ସାମରିକ ସମ୍ମାନର ସହ ଗାନ୍ଧିଙ୍କୁ ମୁସୋଲିନ୍‌ଙ୍କ ଦରବାରକୁ ପାଛୋଟି ନିଆଯାଇଥିଲା । ସେଠାରେ ଗାନ୍ଧିଙ୍କ ସହ କରମର୍ଦ୍ଦନ କରିବା ଅବସରରେ ମୁସୋଲିନ୍ ପଚାରିଥିଲେ, 'ମିଃ ଗାନ୍ଧି, ହାଓ ଡୁ ୟୁ ଲାଇକ୍ ମାଇଁ ସିଷ୍ଟମ୍?' ସ୍ମିତ ହାସ୍ୟ ଦେଇ ଗାନ୍ଧିଜୀ କହିଥିଲେ, 'ଏ ସିଷ୍ଟମ୍ ଦ୍ୟାଟ୍ ବର୍ଣ୍ଣ ଇନ୍ ଭାଓଲେନ୍ସ ୱିଲ୍ ଡାଏ ଇନ୍ ଭାଓଲେନ୍ସ'। ଏହି ଆପ୍ତବାଣୀ କିଭଳି ପ୍ରତିଫଳିତ ହେଲା, ତାହାର ସାକ୍ଷୀ ଇତିହାସ । ୧୭୫୭ରେ ପଲାସୀ ଯୁଦ୍ଧଠାରୁ ୧୯୪୭ରେ ସ୍ୱାଧୀନତା ପ୍ରାପ୍ତି ପର୍ଯ୍ୟନ୍ତ ବିଭିନ୍ନ ସମୟରେ ସଶସ୍ତ୍ର ସଂଗ୍ରାମ ଓ ସତ୍ୟାଗ୍ରହ ଆନ୍ଦୋଳନରେ ସାମିଲ ହୋଇ ବହୁ ଭାରତୀୟ ଇଂରେଜମାନଙ୍କ ବିରୋଧରେ ଲଢ଼ିଛନ୍ତି । ଏଥିରେ କିଏ ଗୁଳି ଚୋଟରେ ତ କିଏ ଫାଶୀ ଖୁଣ୍ଟରେ ଦେଶ ପାଇଁ ଜୀବନ ଦେଇଛି । ହଜାର ହଜାର ଶହୀଦଙ୍କ ବଳିଦାନ ଏବଂ ଲକ୍ଷ ଲକ୍ଷ ସତ୍ୟାଗ୍ରହୀଙ୍କ କାରା ଓ ନିର୍ଯାତନା ବରଣ ପୃଷ୍ଠଭୂମିରେ ଭାରତ ସ୍ୱାଧୀନ ହୋଇଛି । ବିଭିନ୍ନ ସମୟରେ କିଛି ବିଶ୍ୱାସଘାତକ ସାମାନ୍ୟ ଫାଇଦା ଆଶାରେ ଦେଶ ପ୍ରେମୀମାନଙ୍କ ସହ ଛଳନା କରୁଥିଲେ । ଓଡ଼ିଶାର ଶେଷ ସ୍ୱାଧୀନ ରାଜା ମୁକୁନ୍ଦଦେବ ଗୋହିରା ଟିକିରି ଯୁଦ୍ଧ କ୍ଷେତ୍ରରେ ବିଶ୍ୱାସଘାତକମାନଙ୍କ ହାତରେ ପ୍ରାଣ ଦେବା ଇତିହାସର କଳଙ୍କିତ ଅଧ୍ୟାୟ ହୋଇ ରହିଯାଇଛି । ମିର୍‌ଜାଫର, ଜୟଚନ୍ଦ୍ର, ଚରଣ ପଟ୍ଟନାୟକ, ଗୋବେଲ୍ସ, ହିଟଲର୍, ଚର୍ଚ୍ଚିଲଙ୍କ ଭଳି ଚରିତ୍ର ଏବେ ବି ଭିନ୍ନ ବେଶରେ ରହିଛନ୍ତି ।

ଆମର ଗୌରବମୟ ସଂଗ୍ରାମର ଗାଥାକୁ ନେଇ ଗର୍ବ କରିବା ପରିବର୍ତ୍ତେ ଆଜିର ଦିନରେ ବି ସାମାଜିକ ଗଣମାଧ୍ୟମରେ ବହୁ ଅସାମାଜିକ ତତ୍ତ୍ୱ ଆମ ପୂର୍ବସୁରୀମାନଙ୍କ ସଂଗ୍ରାମ ଓ ବଳିଦାନକୁ ଗୌଣ ଦର୍ଶାଇ ମିଛ ପ୍ରଚାରରେ ବ୍ୟସ୍ତ । ଅବଶ୍ୟ ଗୋବେଲ୍ସବାଦୀମାନଙ୍କଠାରୁ ମିଥ୍ୟାଚାର ଓ ପରନିନ୍ଦା ହିଁ ଆଶା କରାଯାଏ । ମିଥ୍ୟାର କଳା ବାଦଲ କିଛି ସମୟ ପାଇଁ ସୂର୍ଯ୍ୟଙ୍କ କିରଣକୁ ଘୋଡ଼ାଇ ରଖିପାରେ, କିନ୍ତୁ ସବୁ ସମୟ ପାଇଁ ନୁହେଁ । ସମଗ୍ର ବିଶ୍ୱ ଗାନ୍ଧିଜୀଙ୍କୁ ସମ୍ମାନ ଦେଉଛି । ଗତ ସହସ୍ରାବ୍ଦୀର ଶ୍ରେଷ୍ଠ ୧୦୦ଜଣ ପ୍ରଭାବଶାଳୀ ବିଶ୍ୱ ବ୍ୟକ୍ତିତ୍ୱଙ୍କ ତାଲିକାରେ ଭାରତର କେବଳ ଜଣଙ୍କର ନାମ ରହିଛି, ସେ ହେଲେ ମହାତ୍ମା ଗାନ୍ଧି । ଗାନ୍ଧିଜୀଙ୍କ ଜନ୍ମଦିନକୁ ଜାତିସଂଘର ନିଷ୍ପତ୍ତିକ୍ରମେ ସମଗ୍ର ବିଶ୍ୱ ପାଳୁଛି 'ଆନ୍ତର୍ଜାତିକ ଅହିଂସା ଦିବସ' ଭାବେ । ଦେଶ ବିଦେଶରେ ଭିନ୍ନ ଭିନ୍ନ ଭାଷାରେ ଯେତେ ସାହିତ୍ୟ ସୃଷ୍ଟି ହୋଇଛି ସେଥିମଧ୍ୟରେ ଗାନ୍ଧିଙ୍କ ସାହିତ୍ୟ ଅନ୍ୟତମ । ଶତାଧିକ ରାଷ୍ଟ୍ରରେ ଗାନ୍ଧିଜୀଙ୍କ ବିଚାର ଓ ଦର୍ଶନ ଉପରେ ଗବେଷଣା / ଆଲୋଚନା ଚାଲିବା ସହିତ ଅନେକ ସ୍ମାରକୀ ମଧ୍ୟ ସୃଷ୍ଟି ହୋଇଛି । ଲଣ୍ଡନର ପାର୍ଲାମେଣ୍ଟ ଷ୍ଟ୍ରିଟ୍‌ରେ ଚର୍ଚ୍ଚିଲଙ୍କ ସହିତ ଗାନ୍ଧିଙ୍କର ବିଶାଳ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଛି । ମାର୍ଟିନ ଲୁଥର କିଙ୍ଗଙ୍କୁ ଯୁକ୍ତରାଷ୍ଟ୍ର ଆମେରିକାର ଗାନ୍ଧି କୁହାଯାଉଥିବା ବେଳେ ନେଲସନ୍ ମାଣ୍ଡେଲାଙ୍କୁ ବିଶ୍ୱ ସମ୍ବୋଧନ କରୁଛି ଦକ୍ଷିଣ ଆଫ୍ରିକାର ଗାନ୍ଧି ଭାବେ। ଏମିତି ଉଦାହରଣ ଅନେକ। ଗାନ୍ଧିଙ୍କ ନେତୃତ୍ୱରେ ଚାଲିଥିବା ସତ୍ୟାଗ୍ରହ ଆନ୍ଦୋଳନ ବଳରେ ଆମେ ସ୍ୱାଧୀନତା ପାଇଲୁ । ଏହାପରେ ଅନେକ ଦେଶରୁ ପରାଧୀନତାର ଅନ୍ଧକାର ଦୂର ହୋଇଥିଲା । ସ୍ୱଦେଶୀ, ସ୍ୱାଭିମାନ, ସ୍ୱାବଲମ୍ବନର ବାର୍ତ୍ତା ଦିଏ ଗାନ୍ଧି ବିଚାର । ହିଂସାନଳରେ ସନ୍ତାପିତ ବିଶ୍ୱକୁ ରକ୍ଷା କରିବା ପାଇଁ ଏକମାତ୍ର ବିକଳ୍ପ ହେଉଛି ଅହିଂସା । ଭାରତ ମାଟିରୁ ଏବେ ବି ବିଶ୍ୱକୁ ବାର୍ତ୍ତା ଯାଉଛି- 'ବସୁଧୈବ କୁଟମ୍ବକମ୍...', 'ଶୃଣ୍ୱନ୍ତୁ ସର୍ବେ ଅମୃତସ୍ୟ ପୁତ୍ରାଃ...', 'ମାତା ଭୂମି ପୁତ୍ର ଅହଂ ପୃଥିବ୍ୟାଃ'। ଦେଶ ବିଦେଶରେ ଯେଉଁ ଗାନ୍ଧି ଆମ ଅସ୍ମିତାର ପରିଚିତି, ତାଙ୍କ ଅବର୍ତ୍ତମାନରେ ତାଙ୍କ ବିଚାର ଉପରେ କ୍ରମାଗତ ଆକ୍ରମଣ ସତ୍ତ୍ୱେ ଏହା କିନ୍ତୁ ପ୍ରସାରିତ ହେବାରେ ଲାଗିଛି ।

E-mail: prahalladsinha@gmail.com
Cell: 9437017395

# ବିପର୍ଯ୍ୟୟରେ ଶିଶୁଙ୍କ ସୁରକ୍ଷା



**ଶୁଭନାରାୟଣ ଶତପଥୀ**

ଜଙ୍ଗଲ ଅବକ୍ଷୟ, ଜନସଂଖ୍ୟା ବୃଦ୍ଧି, ଜଳବାୟୁର ଅସନ୍ତୁଳନ, ବିଶ୍ୱତାପନ, ଦ୍ରୁତ ସହରୀକରଣ, ମାତ୍ରାଧିକ ପ୍ରଦୂଷଣ ଆଦି କାରଣରୁ ବିପର୍ଯ୍ୟୟ ବାରମ୍ବାର ବଢି ଚାଲିଛି । ପ୍ରାକୃତିକ ବିପର୍ଯ୍ୟୟ ଯଥା-ଭୂମିକମ୍ପ, ମରୁଡି, ବାତ୍ୟା, ବନ୍ୟା, ଆଗ୍ନେୟ ଉଦ୍‌ଗୀରଣ, ଅଂଶୁଘାତ ଇତ୍ୟାଦି ସମେତ କୃତ୍ରିମ ବା ମନୁଷ୍ୟକୃତ ବିପର୍ଯ୍ୟୟ ହେଉଛି ରାସ୍ତା ଦୁର୍ଘଟଣା, ଦଙ୍ଗା, ଆତଙ୍କବାଦ, ବୋମାମାଡ ଇତ୍ୟାଦି ।

ଦେଖାଯାଉଛି ଉଭୟ ପ୍ରାକୃତିକ ଓ ମନୁଷ୍ୟକୃତ ବିପର୍ଯ୍ୟୟର ମାତ୍ରା ଓ ପ୍ରଭାବ ଦିନକୁ ଦିନ ବଢିବାରେ ଲାଗିଛି । ଆମେ ଜାଣୁ ଯେ ଆମ ପରିବେଶ, ପ୍ରକୃତିର ସନ୍ତୁଳନ ଓ ସଚେତନତା ଏ ବିପର୍ଯ୍ୟୟର ପ୍ରଭାବକୁ କିଛିମାତ୍ରାରେ କମାଇ ଦେଇପାରିବ ଓ ଆମ ସମସ୍ତଙ୍କୁ ସୁରକ୍ଷିତ ରଖିବାରେ ସହାୟକ ହେବ । ତେବେ ସବୁଠାରୁ ବଡକଥା ହେଉଛି ଏହି ବିପର୍ଯ୍ୟୟ ସମୟରେ ଦୁର୍ବଳ ଶ୍ରେଣୀର ବ୍ୟକ୍ତିବିଶେଷ ଯେମିତିକି ବୟସ୍କ, ଗର୍ଭବତୀ ମହିଳା, ଶିଶୁ ଆଦି ବିପର୍ଯ୍ୟୟକୁ ସାମ୍ନାରେ ଦେଖି ଏମାନେ ନିଜକୁ ସୁରକ୍ଷା ଦେବାରେ ଏକପ୍ରକାର ଅକ୍ଷମ କହିଲେ ଅତ୍ୟୁକ୍ତି ହେବନାହିଁ । ତେବେ ଏହି ଗୋଷ୍ଠୀଙ୍କ ମଧ୍ୟରୁ ଶିଶୁମାନେ ହେଉଛନ୍ତି ଅତି ଦୁର୍ବଳ ଶ୍ରେଣୀର । କାରଣ ଅନ୍ୟମାନେ ନିଜର ମନର ଅଭିବ୍ୟକ୍ତି ପରିପ୍ରକାଶ କରିପାରନ୍ତି, ସାହାଯ୍ୟ ମାଗିପାରନ୍ତି, ସହାୟତାର ଆବଶ୍ୟକତାକୁ ବୁଝିପାରନ୍ତି କିନ୍ତୁ ଶିଶୁଟି ଜାଣିପାରେ ନାହିଁ ବିପର୍ଯ୍ୟୟ କଣ, ଏହାର ଭୟାବହତା କେତେ, ଏହାଦ୍ୱାରା କ୍ଷତିର ମାତ୍ରା କେତେ ହେବ, ଏଥିପାଇଁ କିପ୍ରକାର ସାହାଯ୍ୟ ଲୋଡା, କେଉଁ ବ୍ୟକ୍ତି ସହଯୋଗ ଯୋଗାଇଦେବା ପାଇଁ ଉପଯୁକ୍ତ ଇତ୍ୟାଦି ବିଷୟରେ ସେ ଏକପ୍ରକାର ଅଜ୍ଞ । ଏଣୁ ବିପର୍ଯ୍ୟୟ ସମୟରେ ବା ପୂର୍ବରୁ ଓ ପରେ ଶିଶୁମାନେ ସର୍ବାଧିକ ଅସହାୟ ବୋଲି ବିବେଚନା କରାଯାଏ । ପୁଣି ଶିଶୁମାନଙ୍କ ମଧ୍ୟରେ ଅନେକ ଶିଶୁ ସେମାନଙ୍କ ଅଭିଭାବକ, ମାତାପିତାଙ୍କ ସହ ସୁରକ୍ଷିତ କୋଠା, ପରିବାର ଭିତରେ ରୁହନ୍ତି ।

ଏମାନଙ୍କୁ ଛାଡିଦେଲେ ଯେଉଁ ଶିଶୁମାନେ ବିଭିନ୍ନ ଅନୁଷ୍ଠାନରେ ୨୪ ଘଣ୍ଟା ରୁହନ୍ତି ବା ସେମାନଙ୍କର ମାତାପିତା କୌଣସି କାରଣରୁ ମୃତ୍ୟୁବରଣ କରିଛନ୍ତି କିମ୍ବା ଛାଡି ଚାଲିଯାଇଛନ୍ତି, ସେମାନେ ଅବହେଳାର ଶିକାର ହୋଇଛନ୍ତି, ନିରୁଦ୍ଦିଷ୍ଟ ହୋଇଛନ୍ତି, ଘର ଛାଡି ଚାଲିଆସିଛନ୍ତି ସେମାନଙ୍କ କ୍ଷେତ୍ରରେ ଏ ବିପର୍ଯ୍ୟୟ ପ୍ରବଣତା ଓ ଭୟାବହତା ଢେର ବେଶୀ । କାରଣ ଶିଶୁ ଅପରିପକ୍ୱତା ସହିତ ଚାରିପାଖର ଅସୁରକ୍ଷିତ ପରିବେଶ, ଦୁର୍ବଳ ମନୋଭାବର ସମାହାରରେ ଅନେକ ସମୟରେ ଦୁର୍ବଳରୁ ଅତିଦୁର୍ବଳ ସ୍ତରକୁ ଚାଲିଆସନ୍ତି ।

ଏହି ଶିଶୁମାନେ କୌଣସି ଶିଶୁଯତ୍ନ ଅନୁଷ୍ଠାନରେ ଥାଆନ୍ତି ବା'ନିକଟ ସଂପର୍କୀୟଙ୍କ ତତ୍ତ୍ୱାବଧାନରେ ରହୁଥାନ୍ତି ଓ ବଢୁଥାନ୍ତି । ଏପରିସ୍ଥଳେ ଶିଶୁମାନଙ୍କର ବ୍ୟକ୍ତିଗତ ସୁରକ୍ଷା ପାଇଁ କେବଳ ସଚେତନତା ଯଥେଷ୍ଟ ନୁହେଁ । ସେମାନଙ୍କ ଭାଗିଦାରୀରେ ସୁରକ୍ଷା ଯୋଜନା ପ୍ରସ୍ତୁତି ଓ ଶିଶୁମାନଙ୍କ ଦାୟିତ୍ୱ ନେଉଥିବା କର୍ମଚାରୀ ଅଭିଭାବକଙ୍କ ଭୂମିକା ସ୍ଥିର ହେବା ଉଚିତ । ତା'ଛଡା ସେହି ସ୍ଥାନ ବା ଅନୁଷ୍ଠାନର ବିପର୍ଯ୍ୟୟ ପରିଚାଳନା ଯୋଜନା ପ୍ରସ୍ତୁତି ହେବା ନିହାତି ଆବଶ୍ୟକ । ଯେଉଁଠି ଶିଶୁମାନେ ଦିବାରାତ୍ର ସହାବସ୍ଥାନ କରୁଛନ୍ତି ଓ ତାଙ୍କର ଲାଳନପାଳନ କରାଯାଉଛି, ବ୍ୟକ୍ତିଗତ ଓ ଆନୁଷ୍ଠାନିକସ୍ତରରେ ବିପର୍ଯ୍ୟୟ ପରିଚାଳନା ପାଇଁ ସେଠାକାର ସାମାଜିକ ନକ୍ସା ପ୍ରସ୍ତୁତ କରିବା ସହ ଅତୀତ ବିପର୍ଯ୍ୟୟର ସମୟ ସାରଣୀକୁ ନେଇ ବିପଦସଂକୁଳ ସ୍ଥିତି ଚିହ୍ନଟିକରଣ, ସାମର୍ଥ୍ୟ ଓ ଦୁର୍ବଳତାର ଚିହ୍ନଟିକରଣ ଓ ତାଲିକା ପ୍ରସ୍ତୁତି ନେଇ ସଚେତନତା, ଦକ୍ଷତାବୃଦ୍ଧି ଓ ସହଭାଗୀତା ମାଧ୍ୟମରେ ସୁରକ୍ଷା ଯୋଜନା ପ୍ରସ୍ତୁତି ହେବା ନିତାନ୍ତ ଜରୁରୀ ।

ଫଳରେ ସେମାନେ ରହୁଥିବା କୋଠା, ଭୂମିର ସ୍ଥିତି, ବିଦ୍ୟୁତ ବ୍ୟବସ୍ଥା, ପ୍ରବେଶ ପ୍ରସ୍ଥାନ ପଥ, ଜରୁରୀ ସୂଚନା ବ୍ୟବସ୍ଥା, ଚାରିପାଖରେ ଥିବା ବୃକ୍ଷ, ଜୀବଜନ୍ତୁ ଆଦି ଆକଳନ କରାଯାଇପାରିବ । ଏହି ଆକଳନ ଶିଶୁମାନଙ୍କ ସହଭାଗିତା ବିନା କରାଯିବା ଯଥାର୍ଥ ମନେହୁଏ ନାହିଁ । କାରଣ ସହଭାଗିତା ହିଁ ଦକ୍ଷତା ଓ ଜ୍ଞାନକୁ ପରିପୁଷ୍ଟ କରାଏ । ଫଳରେ ପ୍ରତ୍ୟେକ ସ୍ଥିତି, ଘଟଣା, ଭବିଷ୍ୟତ ଯୋଜନା, ନିଜର ଭୂମିକା, ଅନୁଷ୍ଠାନ ପରିଚାଳନା, କମ ବୟସର ଶିଶୁ ଓ ଦିବ୍ୟାଙ୍ଗ ଶିଶୁଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ସମ୍ବନ୍ଧରେ ଜାଣିବା ଓ ଅନୁପାଳନ କରିବା, ପରସ୍ପରକୁ ସାହାଯ୍ୟ କରିବା, ଯଥାସ୍ଥାନରେ ସମ୍ବଳ ଗୁଡିକୁ ସଜାଡି ରଖିବା, ପ୍ରତ୍ୟେକ ଦରକାରୀ ଜିନିଷକୁ ସଜାଡି ରଖିବା ଏବଂ ପ୍ରତ୍ୟେକ ସମ୍ବଳକୁ ସୁରକ୍ଷିତ ଓ ବ୍ୟବହାର ଉପଯୋଗୀ କରାଯାଇପାରିବ । ଫଳରେ ଜରୁରୀ ପରିସ୍ଥିତିରେ ଏସବୁ ଦରକାରୀ ଜିନିଷ ଅଚଳ ନହୋଇ ସଚଳ ଥିବ ଓ ଜୀବନ ରକ୍ଷାକାରୀ ଭାବେ ସାବ୍ୟସ୍ତ ହେବ ।

ବିପର୍ଯ୍ୟୟର ମାତ୍ରାକୁ କମାଇବା ପାଇଁ ଜ୍ଞାନ ବୃଦ୍ଧିର ପ୍ରୟାସ ମଧ୍ୟ ଜରୁରୀ । ତେବେ ପ୍ରାକୃତିକ ବିପର୍ଯ୍ୟୟ ହେଉ ବା ମନୁଷ୍ୟକୃତ ଏସବୁ ବିଷୟରେ ଜାଣିବା ସହ ଏହାକୁ ସାମ୍ନା କରିବାର ସାହସ, ମାନସିକତା ଉପସ୍ଥିତ ବୁଦ୍ଧିର ଯେତିକି ଆବଶ୍ୟକତା ରହିଛି, ମନୁଷ୍ୟକୃତ ବିପର୍ଯ୍ୟୟଗୁଡିକୁ ପ୍ରତିହତ କରିବାକୁ ସେମିତି ପ୍ରତି ମୁହୂର୍ତ୍ତରେ ପ୍ରସ୍ତୁତ ରହିବା ଆବଶ୍ୟକ । ଏଥିପାଇଁ ସମୟାନ୍ତରରେ ପ୍ରତ୍ୟେକ ଶିଶୁ , ଅଭିବାବକ, ସେମାନଙ୍କ ଯତ୍ନ ନେଉଥିବା କର୍ମଚାରୀ, ଶିକ୍ଷକ ଶିକ୍ଷୟିତ୍ରୀଙ୍କ ପାଇଁ କିଛି ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ହାତକୁ ନେବାର ଆବଶ୍ୟକତା ମନେହୁଏ ।

ଘରୁ ପଦାକୁ ବାହାରିଲେ ଅନେକ ସମୟରେ ମନୁଷ୍ୟକୃତ ବିପର୍ଯ୍ୟୟର ସାମ୍ନା କରିବାକୁ ପଡେ । ଏଣୁ ଏଥିରୁ ବିରତ ରହିବାକୁ ହେଲେ ଶିଶୁଙ୍କଠାରୁ ବୟସ୍କ ପର୍ଯ୍ୟନ୍ତ ସଭିଁଏ ବିପର୍ଯ୍ୟୟ ନିରୋଧୀ ସୁସ୍ଥ ପରିବେଶ ଗଠନରେ ବ୍ରତୀ ହେବାକୁ ପଡିବ । ଜୀବନରେ ଶୃଙ୍ଖଳା, ନୀତି ନିୟମ, ସୁକାର୍ଯ୍ୟ, ପରୋପକାରକୁ ଗୁରୁତ୍ୱ ଦେଲେ, ଏହି ମନୁଷ୍ୟକୃତ ବିପର୍ଯ୍ୟୟରୁ ଅନେକାଂଶରେ ରକ୍ଷା ମିଳିପାରିବ । ସେ ଯାହାହେଉନା କହିଁକି ଦୁର୍ବଳରୁ ଅତି ଦୁର୍ବଳ ଗୋଷ୍ଠୀ ତଥା ଯତ୍ନ ଓ ସୁରକ୍ଷା ଆବଶ୍ୟକ କରୁଥିବା ସମସ୍ତ ଶିଶୁ ସେ ଅନୁଷ୍ଠାନରେ ରୁହନ୍ତୁ ବା ଘରେ ସେମାନଙ୍କ ସୁରକ୍ଷା ପାଇଁ ସମ୍ବେଦନଶୀଳ ହୋଇ କାର୍ଯ୍ୟକଲେ ଏହା ସମାଜ ପାଇଁ ବଡ କାମ ଓ ପିଲାଙ୍କ ଉତ୍ତମ ଭବିଷ୍ୟତ ଗଠନରେ ବଡ ଯୋଗଦାନ ହେବ । ଶିଶୁମାନଙ୍କ ନିମନ୍ତେ ବିପର୍ଯ୍ୟୟ ନିରୋଧୀ ଜୀବନରକ୍ଷା କୌଶଳ ଶିକ୍ଷାର ବିକାଶ ଶିଶୁମାନଙ୍କ ତଥା ଭବିଷ୍ୟତ ସମାଜକୁ ସୁରକ୍ଷିତ ରଖିବାର କଳା ରୂପେ ପ୍ରତିପାଦିତ ହେବ ।

**ବିଜିପୁର, ବ୍ରହ୍ମଗିରି, ପୁରୀ**
**ମୋ- ୯୪୩୮୪୩୨୦୨୩**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଗୁଜରାଟରୁ...

ରାଜସ୍ଥାନର ହନୁମାନଗଡ଼ରୁ ମଗାଇଥିଲା । ତେବେ କେଉଁ ନେଟଓ୍ୱର୍କ ସହାୟତାରେ ଏହି ବନ୍ଧୁକ ଓ ତରଳ ରସାୟନିକ ପଦାର୍ଥ ତା' ପାଖକୁ ଆସିଲା ଓ ଏଥିରେ ଆଉ କେଉଁମାନେ ସାମିଲ ଅଛନ୍ତି, ଗୁଜରାଟ ଏଟିଏସ ତା'ର ତଦନ୍ତ କରୁଛି ।

ଗୁଜରାଟ ଏଟିଏସ ଡିଆଇଜି ସୁନୀଲ ଜୋଶୀ କହିଛନ୍ତି ଯେ ହାଇଦ୍ରାବାଦର ବାସିନ୍ଦା ୩୫ ବର୍ଷୀୟ ଅହମ୍ମଦ ମୋହିଉଦ୍ଦିନ ଚୀନରୁ ତାଲିମ ସମାପ୍ତ କରିବା ପରେ ଭାରତ ଫେରି ଆସିଥିଲା ।କିଛି ମାସ ପୂର୍ବେ, ସୁରକ୍ଷା ଏଜେନ୍ସିଗୁଡ଼ିକୁ ସୂଚନା ମିଳିଥିଲା ଯେ ସେ ଅନଲାଇନରେ ମୌଳବାଦୀ ଗୋଷ୍ଠୀରେ ଯୋଗ ଦେଇଛି ।

## ଯାଞ୍ଚ ରିପୋର୍ଟ...

ଅନୁମତି କଟକ ଉନ୍ନୟନ କର୍ତ୍ତୃପକ୍ଷ ଦେଇଥିବାରୁ ଆବଶ୍ୟକୀୟ ଦସ୍ତାବିଜ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କ କାର୍ଯ୍ୟାଳୟରୁ ହାସଲ କରାଯାଇ ଯାଞ୍ଚ କରାଯିବ। ଏହି ଯାଞ୍ଚ କମିଟି ସଂପୃକ୍ତ କୋଠାର ନିର୍ମାଣ ଜନିତ ଦୃଢ଼ତା ଏବଂ ସ୍ଥାୟିତ୍ୱକୁ ପରୀକ୍ଷା ନିରୀକ୍ଷା କରିବେ । ଏହି ଅଟ୍ଟାଳିକା ନିର୍ମାଣ ନିମନ୍ତେ କ୍ଷମତା ସମ୍ପନ୍ନ କର୍ତ୍ତୃପକ୍ଷଙ୍କ ଠାରୁ ଅନୁମତି ହାସଲ କରାଯାଇଛି କି ନାହିଁ ଏବଂ ଅନୁମୋଦିତ ଯୋଜନା ତଥା ନିର୍ମାଣ ନିୟମାବଳୀ ଅନୁଯାୟୀ କରାଯାଇଛି କି ନାହିଁ ତାହା ମଧ୍ୟ କମିଟି ଯାଞ୍ଚ କରିବେ । ଏଥିରେ କୌଣସି ପ୍ରକାର ଅବହେଳା ବା ବିଚ୍ୟୁତି ପରିଲକ୍ଷିତ ହେଲେ ସଂପୃକ୍ତ ଦୋଷୀଙ୍କୁ ଆଇନ ଅନୁଯାୟୀ ଦଣ୍ଡ ବିଧାନ କରାଯିବ । ନିଷ୍କର୍ଷ ଏବଂ ସୁପାରିସ ସହ ଏକ ସଂପୂର୍ଣ୍ଣ ରିପୋର୍ଟ କଟକ ମହାନଗର ନିଗମ ଆୟୁକ୍ତ ଏବଂ କଟକ ଉନ୍ନୟନ କର୍ତ୍ତୃପକ୍ଷ ଉପାଧ୍ୟକ୍ଷଙ୍କ ମାଧ୍ୟମରେ ଆସନ୍ତା ୨୪ଘଣ୍ଟା ମଧ୍ୟରେ ଦାଖଲ କରିବାକୁ ଜିଲ୍ଲାପାଳ ଶ୍ରୀ ଶିନ୍ଦେ ନିର୍ଦ୍ଦେଶ ଦେଇଛନ୍ତି ।

## ଜାପାନ...

ସରକାରୀ ନ୍ୟୁଜ ଚ୍ୟାନେଲ ଏନଏଚକେ ଲୋକମାନଙ୍କୁ ଉପକୂଳ ଅଞ୍ଚଳରୁ ଦୂରେଇ ରହିବାକୁ ଅନୁରୋଧ କରିଛି, କାରଣ ସୁନାମି ତରଙ୍ଗ ଯେକୌଣସି ସମୟରେ ଆସିପାରେ ।ଏନଏଚକେ ଆହୁରି ମଧ୍ୟ ସତର୍କ କରିଛି ପୁଣି ଥରେ ଭୂକମ୍ପ ଆସିପାରେ ।

ଅପରପକ୍ଷରେ ଆଣ୍ଡାମାନରେ ଶକ୍ତିଶାଳୀ ଭୂକମ୍ପ ଅନୁଭୂତ ହୋଇଛି । ଘଟିଥିବା ଭୂକମ୍ପର ତୀବ୍ରତା ରିକଟର ସ୍କେଲରେ ୫.୪ ମାପ କରାଯାଇଛି । ନ୍ୟାସନାଲ ସେଣ୍ଟର ଫର୍ ସିସମୋଲୋଜି ଅନୁଯାୟୀ, ରବିବାର ମଧ୍ୟାହ୍ନ ୧୨ଟା ୦୬ରେ ଭୂକମ୍ପ ହୋଇଥିଲା । ଏହାର କେନ୍ଦ୍ରସ୍ଥଳ ଆଣ୍ଡାମାନ ସାଗରରେ ଥିଲା । ଭୂକମ୍ପର ଭୂପୃଷ୍ଠର ୯୦ କିଲୋମିଟର ତଳେ ଅନୁଭୂତ ହୋଇଥିଲା ।

ନ୍ୟାସନାଲ ସେଣ୍ଟର ଫର୍ ସିସମୋଲୋଜି ଏହାର ସରକାରୀ ଆକାଉଣ୍ଟରେ ଭୂକମ୍ପକୁ ଟ୍ୱିଟ୍ କରି ସମ୍ପର୍କିତ ତଥ୍ୟ ପ୍ରଦାନ କରିଛି । ଜର୍ମାନ ରିସର୍ଚ୍ଚ ସେଣ୍ଟର ଫର୍ ଜିଓସାଇନ୍ସ କହିଛି ଯେ, ଭୂକମ୍ପର ତୀବ୍ରତା ୬.୦୭ ଥିଲା ଏବଂ ଏହା ଭୂପୃଷ୍ଠର ୧୦ କିଲୋମିଟର ଗଭୀରତାରେ ଅନୁଭୂତ ହୋଇଥିଲା । ତେବେ ଏନେଇ କ୍ଷୟକ୍ଷତିର କେଣସି ରିପୋର୍ଟ ହୋଇନାହିଁ । ରବିବାର ଦିନ ଉତ୍ତର ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ୬.୮ ତୀବ୍ରତାର ଭୂକମ୍ପ ହେବା ପରେ ଜାପାନ ଇଓ୍ୱାଟେ ପ୍ରଦେଶ ପାଇଁ ସୁନାମି ଚେତାବନୀ ଜାରି କରିଥିଲା ।

## ନୂଆପଡ଼ା...

ଦଳ ପାଇଁ ଅନ୍ତର୍ଘାତି କାର୍ଯ୍ୟ ହେବାର ଆଶଙ୍କା ରହିଛି । ଭୋଟ୍ ଦାନକୁ ସୁରୁଖୁରରେ ସାରିବା ପାଇଁ ପ୍ରଶାସନ ପକ୍ଷରୁ ଚୂଡ଼ାନ୍ତ ପ୍ରସ୍ତୁତି ହୋଇଛି । ଇଭିଏମ ଗୁଡ଼ିକର ଯାଞ୍ଚ କରାଯାଉଛି । ଇଭିଏମରେ କେମିତି ମତଦାନ କରାଇବେ ପୋଲିଂ ଅଧିକାରୀଙ୍କୁ ସେନେଇ ପ୍ରଶିକ୍ଷଣ ଦିଆ ସରିଛି । ସୋମବାର ନିଜ ନିଜ ବୁଥ୍ ବାହାରିବେ ପୋଲିଂ ପାର୍ଟି । ସମ୍ବେଦନଶୀଳ ୮ଟି ବୁଥକୁ ସ୍ୱତନ୍ତ୍ର ହେଲିକପ୍ଟରରେ ଯିବେ ପୋଲିଂ ପାର୍ଟି । ମତଦାନ ଦିନ ଅପରାହ୍ନ ୫ଟା ଯାଏଁ ଭୋଟିଂ ପ୍ରକ୍ରିୟା ଜାରି ରହିବ । ସମ୍ବେଦନଶୀଳ ବୁଥରେ ୪ଟା ଯାଏ ହେବ ଭୋଟ୍ । ସମ୍ବେଦନଶୀଳ ବୁଥରେ ସଶସ୍ତ୍ର ସୁରକ୍ଷାକର୍ମୀ ଜଗିବେ । ନୂଆପଡ଼ାର ଅଢ଼େଇ ଲକ୍ଷ ଭୋଟର ନେତା ବାଛିବେ । କିନ୍ତୁ ନିର୍ବାଚନ ପ୍ରଚାରରେ ନୂଆପଡ଼ାର ବାସ୍ତବ ସମସ୍ୟାକୁ ନେଇ କମ୍ ଆଲୋଚନା ହୋଇଥିବାରୁ ଲୋକେ କାହାକୁ ଭରସା କରିବେ ତା ଉପରେ ନଜର ।

## ଆଜି ଓଡ଼ିଶା...

ଶ୍ରୀ ଚୌହାନ ସୋମବାର ସକାଳେ ପାଟନାରୁ ଯାତ୍ରା କରିବେ ଏବଂ ପୂର୍ବାହ୍ନ ୧୧ଟା ସୁଦ୍ଧା ଭୁବନେଶ୍ୱରରେ ପହଞ୍ଚିବେ। ଏହା ପରେ, ସେ ଲୋକ ସେବା ଭବନ ସମ୍ମିଳନୀ କକ୍ଷରେ "ମାଣ୍ଡିଆ ଦିବସ (ମିଲେଟ୍ ଡେ)' କାର୍ଯ୍ୟକ୍ରମର ଉଦଘାଟନୀ ଅଧିବେଶନରେ ଯୋଗଦେବେ। ଏହି ଅବସରରେ, ସେ ଓଡ଼ିଶା ଏବଂ ଦେଶର ଅନ୍ୟାନ୍ୟ ସ୍ଥାନରେ ମିଲେଟ୍ସ (ଶ୍ରୀ ଅନ୍ନ) ଉତ୍ପାଦନ, ପ୍ରକ୍ରିୟାକରଣ ଏବଂ ଉପଯୋଗକୁ ଉତ୍ସାହିତ କରିବା ପାଇଁ କେନ୍ଦ୍ର ସରକାରଙ୍କ ପଦକ୍ଷେପ ବିଷୟରେ ବକ୍ତବ୍ୟ ରଖିବେ। ଏହି କାର୍ଯ୍ୟକ୍ରମରେ କୃଷକଙ୍କ ଆୟ ବୃଦ୍ଧି ଏବଂ ଗ୍ରାମୀଣ ଅର୍ଥବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ଏକ ଉପକରଣ ଭାବରେ ଶ୍ରୀଅନ୍ନକୁ ପ୍ରୋତ୍ସାହିତ କରିବା ଉପରେ ଆଲୋଚନା ମଧ୍ୟ କରାଯିବ। ଉଦଘାଟନ ପରେ, କେନ୍ଦ୍ରମନ୍ତ୍ରୀ ଶ୍ରୀ ଚୌହାନ କଟକ ଜିଲ୍ଲାର ସଦର ଅଞ୍ଚଳ ଗସ୍ତ କରିବେ, ଯେଉଁଠାରେ ସେ କୃଷି କ୍ଷେତ୍ର ପରିଦର୍ଶନ କରିବେ ଏବଂ ଚାଷୀଙ୍କ ସହିତ ସିଧାସଳଖ ଆଲୋଚନା କରିବେ। କେନ୍ଦ୍ର ମନ୍ତ୍ରୀ ଚାଷୀମାନଙ୍କ ଅଭିଜ୍ଞତା ଶୁଣିବେ, ସେମାନେ ସମ୍ମୁଖୀନ ହେଉଥିବା ସମସ୍ୟା ବିଷୟରେ ଜାଣିବେ ଏବଂ କୃଷି ନୀତି ସମ୍ପର୍କରେ ସେମାନଙ୍କର ମତାମତ ସଂଗ୍ରହ କରିବେ। ଏହି ଆଲୋଚନା ସମୟରେ, ସେ କେନ୍ଦ୍ର ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ କୃଷି କାର୍ଯ୍ୟକ୍ରମର ସ୍ଥିତି ତୃଣମୂଳସ୍ତରରେ କିଭଳି ରହିଛି ତାହାର ମୂଲ୍ୟାଙ୍କନ କରିବେ ଏବଂ ଏହାର ପ୍ରଭାବ ସମୀକ୍ଷା କରିବେ।

ଅପରାହ୍ନରେ, କେନ୍ଦ୍ର କୃଷି ମନ୍ତ୍ରୀ କଟକର ବିଦ୍ୟାଧରପୁରରେ ଆଇସିଏଆର - କେନ୍ଦ୍ରୀୟ ଧାନ ଗବେଷଣା ପ୍ରତିଷ୍ଠାନ (ସିଆରଆରଆଇ)ରେ ଏକ ମିଳିତ ରଣନୀତିକ ବୈଠକରେ ଯୋଗଦେବେ। ବୈଠକରେ ପ୍ରଧାନମନ୍ତ୍ରୀ ଧନଧାନ୍ୟ କୃଷି ଯୋଜନା, ଡାଲି ଆତ୍ମନିର୍ଭଳଶୀଳତା ମିଶନ ଏବଂ ପ୍ରାକୃତିକ କୃଷି ଉପରେ ଜାତୀୟ ମିଶନ ଭଳି ପ୍ରମୁଖ କୃଷି ପଦକ୍ଷେପର କାର୍ଯ୍ୟାନ୍ୱୟନକୁ ସୁଦୃଢ଼ କରିବା ଉପରେ ବିସ୍ତୃତ ଆଲୋଚନା ହେବ।

କୃଷି ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀ, ଆଇସିଏଆରର ବୈଜ୍ଞାନିକ ଏବଂ ଓଡ଼ିଶା ସରକାରଙ୍କ ପ୍ରତିନିଧିମାନେ ଏହି ଆଲୋଚନାରେ ଯୋଗଦେବେ। ଭାରତୀୟ କୃଷିରେ ଉଚ୍ଚ ଉତ୍ପାଦକତା, ଦୀର୍ଘସ୍ଥାୟିତ୍ୱ ଏବଂ ଆତ୍ମନିର୍ଭରଶୀଳତା ହାସଲ ପାଇଁ କାର୍ଯ୍ୟକ୍ଷମ ରଣନୀତି ପ୍ରସ୍ତୁତ କରିବା ଏହି ଆଲୋଚନାର ଲକ୍ଷ୍ୟ ରହିବ। କେନ୍ଦ୍ର କୃଷି ମନ୍ତ୍ରୀ ଶ୍ରୀ ଚୌହାନଙ୍କ ଗସ୍ତକୁ ଓଡ଼ିଶାରେ ସ୍ଥାୟୀ ଏବଂ ଆତ୍ମନିର୍ଭରଶୀଳ କୃଷିକୁ ଆଗକୁ ବଢ଼ାଇବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଭାବରେ ଦେଖାଯାଉଛି। ଜାତୀୟ ବିକାଶରେ ଭାରତୀୟ କୃଷକଙ୍କ ଗୁରୁତ୍ୱ ଉପରେ ଶ୍ରୀ ଚୌହାନ କହିଛନ୍ତି, ଭାରତର ଭବିଷ୍ୟତ ଏହାର କୃଷକମାନଙ୍କ କ୍ଷେତ୍ରରେ ନିହିତ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ, ଚାଷକୁ ଲାଭଜନକ, ପରିବେଶ ଅନୁକୂଳ ଏବଂ ପ୍ରଯୁକ୍ତି-ଚାଳିତ କରିବାକୁ ସରକାର ପ୍ରତିବଦ୍ଧ। କେନ୍ଦ୍ର ମନ୍ତ୍ରୀ ଶ୍ରୀ ଚୌହାନ କୃଷକମାନଙ୍କ ସହିତ ସିଧାସଳଖ ସମ୍ପର୍କ ସ୍ଥାପନ କରିବା ଏବଂ ତୃଣମୂଳସ୍ତରରେ କୃଷି ବିକାଶର ସମୀକ୍ଷା କରିବା ପାଇଁ ନିରନ୍ତର ବିଭିନ୍ନ ରାଜ୍ୟ ଗସ୍ତ କରିଆସୁଛନ୍ତି। ସେ କହିଛନ୍ତି, ନୀତି ନିର୍ଦ୍ଧାରଣ ଏବଂ କାର୍ଯ୍ୟକ୍ରମ କାର୍ଯ୍ୟକାରୀତା କେବଳ ନୂଆଦିଲ୍ଲୀର କାର୍ଯ୍ୟାଳୟରେ ସୀମିତ ରହିଲେ ପ୍ରଭାବଶାଳୀ ହୋଇପାରିବ ନାହିଁ। ବରଂ, କୃଷିରେ ସଫଳତା ପାଇଁ ଚାଷୀମାନଙ୍କ ସହିତ ସିଧାସଳଖ ଆଲୋଚନା ମାଧ୍ୟମରେ କ୍ଷେତ୍ର ବାସ୍ତବତାକୁ ବୁଝିବା ଆବଶ୍ୟକ। କେନ୍ଦ୍ର ମନ୍ତ୍ରୀଙ୍କର ନିରନ୍ତର ପ୍ରସାର ପ୍ରୟାସ ଏକ ଅଂଶଗ୍ରହଣକାରୀ ଆଭିମୁଖ୍ୟକୁ ପ୍ରତିଫଳିତ କରେ, ଯାହା ସରକାରଙ୍କ କୃଷି ସଂସ୍କାର, ଭାରତର ଗ୍ରାମୀଣ ସମ୍ପ୍ରଦାୟର ଆକାଂକ୍ଷା ଏବଂ ଜୀବନ୍ତ ଅଭିଜ୍ଞତା ସହିତ ଘନିଷ୍ଠ ଭାବରେ ସମନ୍ୱିତ। କୃଷକ ପରାମର୍ଶ ଏବଂ କ୍ଷେତ୍ର ଯାଞ୍ଚ ମାଧ୍ୟମରେ, ଶ୍ରୀ ଚୌହାନ ମାଟି ସ୍ୱାସ୍ଥ୍ୟ, ଫସଲ ବିବିଧତା, ଜଳ ଦକ୍ଷତା ଏବଂ ସ୍ଥାୟୀ କୃଷି ପଦ୍ଧତି ଗ୍ରହଣ ଭଳି କ୍ଷେତ୍ର-ନିର୍ଦ୍ଦିଷ୍ଟ ଚ୍ୟାଲେଞ୍ଜଗୁଡ଼ିକୁ ଚିହ୍ନଟ କରିବାକୁ ଲକ୍ଷ୍ୟ ରଖିଛନ୍ତି।

କେନ୍ଦ୍ର ମନ୍ତ୍ରୀଙ୍କ ଏହି ସମ୍ପୃକ୍ତି ଆଧାରିତ ପଦକ୍ଷେପର ଲକ୍ଷ୍ୟ ହେଉଛି ଆଧୁନିକ କୃଷି ପ୍ରଯୁକ୍ତିବିଦ୍ୟା ଗ୍ରହଣ, ଉନ୍ନତ ବିହନ କିସମ, କୃଷି ଯାନ୍ତ୍ରିକୀକରଣ ଏବଂ ମୂଲ୍ୟଯୁକ୍ତ ଉତ୍ପାଦନକୁ ସକ୍ଷମ କରୁଥିବା ସରକାରୀ ଯୋଜନା ବିଷୟରେ ସଚେତନତା ବୃଦ୍ଧି କରିବାଛ ଏହି ହସ୍ତକ୍ଷେପଗୁଡ଼ିକ ଖାଦ୍ୟ ଏବଂ ପୁଷ୍ଟିକର ସୁରକ୍ଷାର ଜାତୀୟ ଲକ୍ଷ୍ୟରେ ଯୋଗଦାନ ଦେବା ସହିତ ଗ୍ରାମୀଣ ଜୀବିକା ବୃଦ୍ଧି କରିବ ବୋଲି ଆଶା କରାଯାଉଛି।

"ମାଣ୍ଡିଆ ଦିବସ' ପାଳନ ମିଲେଟ୍ସ ଚାଷକୁ ପ୍ରୋତ୍ସାହନରେ ଓଡ଼ିଶାର ନିରନ୍ତର ଅଗ୍ରଣୀ ଭୂମିକାକୁ ଚିହ୍ନିତ କରିଥାଏ। କେନ୍ଦ୍ର ସରକାରଙ୍କ ଦ୍ୱାରା ୨୦୨୩କୁ ଅନ୍ତର୍ଜାତୀୟ ମିଲେଟ୍ ବର୍ଷ ଭାବରେ ଘୋଷଣା କରାଯିବା ସହିତ ମିଲେଟ୍ସ-ଆଧାରିତ କୃଷି ପ୍ରଣାଳୀକୁ ବୃଦ୍ଧି କରିବାରେ ଓଡ଼ିଶା ଏକ ପ୍ରମୁଖ ଅଂଶୀଦାର ହୋଇଛି। କୋରାପୁଟ, ରାୟଗଡା ଏବଂ କନ୍ଧମାଳ ଭଳି ଅଞ୍ଚଳରେ ରାଜ୍ୟର ଗୋଷ୍ଠୀ-ଆଧାରିତ ପଦକ୍ଷେପଗୁଡ଼ିକ ଉତ୍ପାଦନ ଏବଂ ପୁଷ୍ଟିକର ଫଳାଫଳ ଉଭୟରେ ଉଲ୍ଲେଖନୀୟ ପରିଣାମ ଦେଖାଇଛିଛ ଏହି ପ୍ରତୀକାତ୍ମକ କାର୍ଯ୍ୟକ୍ରମରେ କେନ୍ଦ୍ର ମନ୍ତ୍ରୀ ଶ୍ରୀ ଚୌହାନଙ୍କ ଅଂଶଗ୍ରହଣ ଜଳବାୟୁ-ପ୍ରତିରୋଧୀ, ପୋଷକ ତ%୦ ସମୃଦ୍ଧ ଏବଂ ଆର୍ଥିକ ଦୃଷ୍ଟିରୁ ଲାଭଦାୟକ ପାରମ୍ପରିକ ଫସଲ ଉପରେ ସରକାରଙ୍କ ନୂତନ ଧ୍ୟାନକୁ ସ୍ପଷ୍ଟ କରିଥାଏ।

ଉତ୍ପାଦକତା ବୃଦ୍ଧି ଉପରେ ଗୁରୁତ୍ୱ ଦେଉଥିବା ପ୍ରଧାନମନ୍ତ୍ରୀ ଧନ ଧାନ୍ୟ କୃଷି ଯୋଜନା ଆମଦାନୀ ଉପରେ ନିର୍ଭରଶୀଳତା ହାରାସ କରିବାକୁ ଚାହୁଁଥିବା ଡାଲି ଆତ୍ମନିର୍ଭରଶୀଳତା ମିଶନ୍ ଏବଂ ରାସାୟନିକ ମୁକ୍ତ ଚାଷକୁ ପ୍ରୋତ୍ସାହିତ କରୁଥିବା ଜାତୀୟ ପ୍ରାକୃତିକ କୃଷି ମିଶନ୍ ଭଳି କେନ୍ଦ୍ରୀୟ ଯୋଜନାଗୁଡ଼ିକୁ ଏକତ୍ରିତ କରି କେନ୍ଦ୍ର ସରକାର ଏକ ସ୍ଥାୟୀ କୃଷି ଅର୍ଥବ୍ୟବସ୍ଥାର ମୂଳଦୁଆକୁ ମଜବୁତ କରିବାକୁ ଲକ୍ଷ୍ୟ ରଖିଛନ୍ତି।

ଆଇସିଏଆର-ସିଆରଆରଆଇର ଆଗାମୀ ମିଳିତ ରଣନୀତି ଅଧିବେଶନରେ କୃଷକମାନଙ୍କ ପାଇଁ ପ୍ରଯୁକ୍ତିବିଦ୍ୟା, ତାଲିମ, ଋଣ ଉପଲବ୍ଧତା ଏବଂ ବଜାର ସଂଯୋଗକୁ ମିଶ୍ରଣ କରି ଅଧିକ ସମନ୍ୱିତ ପଦ୍ଧତି ପାଇଁ ସୁପାରିସ କରାଯିବାର ଆଶା କରାଯାଉଛି। କେନ୍ଦ୍ର ମନ୍ତ୍ରୀ ଶ୍ରୀ ଚୌହାନଙ୍କ ଏହି ଗସ୍ତ କେନ୍ଦ୍ର, ରାଜ୍ୟ ସରକାର ଏବଂ ଗବେଷଣା ପ୍ରତିଷ୍ଠାନ ମଧ୍ୟରେ ସମନ୍ୱୟ ମାଧ୍ୟମରେ ଗ୍ରାମୀଣ ବିକାଶକୁ ସୁଦୃଢ଼ କରିବା ପାଇଁ ସରକାରଙ୍କ ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ। ଏହା ଜଳବାୟୁ ପରିବର୍ତ୍ତନ, ମୃତ୍ତିକା ଅବକ୍ଷୟ ଏବଂ ଜଳ ଅଭାବ ଭଳି ଉଦୀୟମାନ ଆହ୍ୱାନର ମୁକାବିଲା ପାଇଁ ଏକ ସ୍ଥିର କୃଷି ବ୍ୟବସ୍ଥା ଗଠନର ଦୃଷ୍ଟିକୋଣକୁ ପ୍ରତିଫଳିତ କରେ। ସମସ୍ତ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ସମାପ୍ତ ହେବାପରେ ସେ ସୋମବାର ସନ୍ଧ୍ୟାରେ ଶ୍ରୀ ଚୌହାନ ଭୁବନେଶ୍ୱରରୁ ବିଜୟୱାଡା ଅଭିମୁଖେ ଯାତ୍ରା କରିବେ ଏବଂ ପରଦିନ ସେଠାରେ ବିଭିନ୍ନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି।

# ବୋଲଗଡ଼ ଟାଉନ ରେଳଷ୍ଟେସନ ନିର୍ମାଣ ପାଇଁ ମିଳିଲା ଅନୁମତି

ବୋଲଗଡ଼ ,(ସବ୍ୟୁ): ପଶ୍ଚିମଓଡିଶାର ଲାଇଫ ଲାଇନ ଭାବେ ପରିଚିତ ପୂର୍ବତଟ ରେଳବିଭାଗର ଖୋର୍ଦ୍ଧା ବଲାଙ୍ଗୀର ନୂତନ ରେଳ ପ୍ରକଳ୍ପର ଅଧିନଖୋର୍ଦ୍ଧା ଜିଲ୍ଲା ବୋଲଗଡ଼ ସଦରମହକୁମାର ବୋଲଗଡ଼ ଟାଉନ ପାସେଞ୍ଜର ହଲଫକୁ ପୂର୍ଣ୍ଣାଙ୍ଗ ଷ୍ଟେସନରେ ପରିଣତ କରିବାପାଇଁ ରେଳ ବିଭାଗ ପକ୍ଷରୁ ଅନୁମତି ମିଳିଛି । ଏହା ଫଳରେ,ବୋଲଗଡ଼ ଅଞ୍ଚଳରେ ଖୁସିର ଲହରି ଖେଳିଯାଇଛି । ପୂର୍ବତଟ ରେଳବାଇ ପକ୍ଷରୁ ଭୁବନେଶ୍ୱରର ଜେନେରାଲ ମ୍ୟାନେଜର ପରମେଶର ଫୁଙ୍କୁଓ୍ୱାଲଙ୍କ ଚିଠି ନଂ ୧୧୦ /୫୩୮ଅନୁଯାୟୀ ଗତ ୩ ତାରିଖ ଦିନ ଭୁବନେଶ୍ୱର ସାଂସଦ ଅପରାଜିତ ଷଡ଼ଙ୍ଗୀଙ୍କ ନିକଟକୁ ଆସିଛି । ତୁରନ୍ତ ବୋଲଗଡ଼ ପି.ଏଚ. କୁ ପୂର୍ଣ୍ଣାଙ୍ଗ ରେଳଷ୍ଟେସନ ଘୋଷଣା ହେବା ସହିତ ଏହାର ପ୍ଲାଟଫର୍ମ ନିର୍ମାଣ, ଲୁପ ଲାଇନ




ପାଇଁ ନୂତନ ରେଳ ଲାଇନିର ଦୋହରିକରଣ ନିର୍ମାଣ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ରାଜସୁନାଖଳା ଓ ମାଣିକାଗୋଡ଼ା ଷ୍ଟେସନ ମଝିରେ ଏହି ନୂତନପୂର୍ଣ୍ଣାଙ୍ଗ ବୋଲଗଡ଼ ଟାଉନ ଷ୍ଟେସନ ଅତ୍ୟନ୍ତ ଗୁରୁତ୍ୱ ବହନ କରେ । ବ୍ଲକ ହେଡକ୍ୱାଟର୍ ଥିବାରୁ ଅନେକ ସରକାରୀ କାର୍ଯ୍ୟାଳୟ,କଲେଜ,ବ୍ୟବସାୟ ପ୍ରତିଷ୍ଠାନ, ଶିଳ୍ପ, ପର୍ଯ୍ୟଟନସ୍ଥଳ ରହିଛି । ଏପରିକି ଆଖପାଖ ୩୦ଟି ଗ୍ରାମ ର ଜନ ସାଧାରଣଙ୍କ ଯାତାୟତ ପାଇଁ ବହୁ ସୁବିଧା ହେବ । ଗତ ଜୁନ ୧୯ ତାରିଖରେ ଭୁବନେଶ୍ୱର ସାଂସଦ ଶ୍ରୀମତୀ ଅପରାଜିତା ଷଡ଼ଙ୍ଗୀ ଏସଂକ୍ରାନ୍ତରେ ରେଳମନ୍ତ୍ରଣାଳୟ ନିକଟରେ ଦାବୀ ଉପସ୍ଥାପନ କରିଥିଲେ ।

# "ନୂଆପଡାର ସାମଗ୍ରିକ ବିକାଶ ଆମର ପ୍ରତିବଦ୍ଧତା : ମନମୋହନ

ନୂଆପଡା,(ସବ୍ୟୁ): ଏକ ଅଭାବନୀୟ ପରିସ୍ଥିତିରେ ନୂଆପଡା ଉପନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି । ଆସନ୍ତ ୧୧ ତାରିଖ ଦିନ ନୂଆପଡାବାସୀ ତାଙ୍କ ବିଧାୟକଙ୍କୁ ଚୟନ କରିବେ । ରବିବାର ପ୍ରଚାର ପ୍ରସାର କାର୍ଯ୍ୟ ଶେଷ ହେବାକୁ ଯାଉଥିବାବେଳେ ଆସନ୍ତା ୧୪ ତାରିଖ ଦିନ ଫଳ ପ୍ରକାଶ ପାଇବ । ଉପନିର୍ବାଚନକୁ ନେଇ ନୂଆପଡାବାସୀଙ୍କ ମନ ଭିତରେ ଅନେକ ଉତ୍ସାହ ରହିଛି । ବର୍ତ୍ତମାନ ସୁଦ୍ଧା ଶାନ୍ତିପୂର୍ଣ୍ଣ ଓ ସୁସ୍ଥ ବାତାବରଣରେ ନିର୍ବାଚନ ପ୍ରଚାର ପ୍ରକ୍ରିୟା ସରିବାକୁ ଯାଉଥିବାରୁ ସମସ୍ତ ଭୋଟର ଭାଇଭଉଣୀମାନଙ୍କୁ ରାଜ୍ୟ ସଭାପତି ମନମୋହନ ସାମଲ ଆନ୍ତରିକ ଧନ୍ୟବାଦ ଜଣାଇଛନ୍ତି ।

ନୂଆପଡା ଜିଲ୍ଲା କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ସାମଲ କହିଛନ୍ତି ଯେ, "ନୂଆପଡାର ସନ୍ତୁଳିତ ଓ ସାମଗ୍ରିକ ବିକାଶ' କେବଳ ପ୍ରତିଶ୍ରୃତି ନୁହେଁ, ଏହା ଆମର ପ୍ରତିବଦ୍ଧତା । ଗତ ସାଧାରଣ ନିର୍ବାଚନରେ ଓଡିଶାବାସୀ ୨୧ ରୁ ୨୦ ସାଂସଦ ଆସନ ବିଜେପିକୁ ଦେଇଥିବାବେଳେ ରାଜ୍ୟରେ ପ୍ରଥମ ଥର ପାଇଁ ଏକାକୀ ସରକାର ଗଠନ କରିବାର ସୁଯୋଗ ଦେଇଛନ୍ତି । ଆମେ ଦେଇଥିବା ୨୧ଟି ନିର୍ବାଚନ ପ୍ରତିଶୃତିରୁ ୧୧ ଟି ପୂରଣ କରିବାରେ ସଫଳ ହୋଇଛୁ । ଶୀଘ୍ର ଅନ୍ୟ ପ୍ରତିଶୃତିଗୁଡିକୁ ପୁରଣ କରିବୁ । ଯାହା ଆମେ କହିଛୁ, ତାକୁ ପୂରଣ କରିବାକୁ ଚେଷ୍ଟା କରୁଛୁ । ସୁଭଦ୍ରା ଯୋଜନାରେ ନୂଆପଡା ଅଂଚଳର ୭୫ ହଜାର ମାଁ ଓ ଭଉଣୀ ଲାଭାନ୍ୱିତ ହୋଇଥିବାବେଳେ ୪୫ ହଜାରରୁ ଉର୍ଦ୍ଧ୍ୱର୍ ଚାଷୀ ପରିବାର ଖାତାକୁ ଧାନ କ୍ୱିଂଟାଲ ପିଛା ୩୧୦୦ ଟଙ୍କା ପ୍ରଦାନ କରାଯାଉଛି । ବାର୍ଦ୍ଧକ୍ୟ ଓ ଦିବ୍ୟାଙ୍ଗ ଭତ୍ତା ଭାବେ ୩୫୦୦ ଟଙ୍କା ପ୍ରଦାନ କରାଯାଉଛି । ୨୦୦୯ ମସିହା ମାର୍ଚ୍ଚ ୭ ତାରିଖରେ କଣ ହୋଇଥିଲା ମନେ ପକାନ୍ତୁ । ସେମାନେ ଯେଉଁ ଶବ୍ଦ ବ୍ୟବହାର କରିଛନ୍ତି, ତାହା କାହା ପାଇଁ ପ୍ରାଯୁଜ୍ୟ ? ୨୦୦୯ ମସିହାରେ ମେଂଟ ଭାଙ୍ଗି ବିଜେଡି ବେଇମାନୀ କରିଥିଲା । ବେଇମାନି କି କୃତଘ୍ନ ଏ କଥା ସମଗ୍ର ରାଜ୍ୟବାସୀ ଜାଣିଛନ୍ତି । ସକରାତ୍ମକ ରାଜନୀତି ନକରି ବେଇମାନ ଓ ଚୋରୀ ଭଳି ଶସ୍ତା କଥା କହି ମୂଳ ପ୍ରସଙ୍ଗକୁ ବିଜେଡି ଏଡାଇ ଦେଉଛି । ଦୀର୍ଘ ୭୫ ବର୍ଷରୁ ଉର୍ଦ୍ଧ୍ୱର୍ ସମୟ ଧରି ଶାସନରେ ଥିବା ଉଭୟ କଂଗ୍ରେସ ଓ ବିଜେଡି ଦଳ ନୂଆପଡାବାସୀଙ୍କ ପାଇଁ କଣ କରିଛନ୍ତି, ତାର ଆତ୍ମସମୀକ୍ଷା କରିବା ସହ ସାଧାରଣ ଜନତାଙ୍କ ସମ୍ମୁଖରେ ହିସାବ ରଖିବା ଉଚିତ୍ । ତାହା ନକରି ବିଭ୍ରାନ୍ତ କରିବାକୁ ଯାଇ ବିଜେପି ଓ ବ୍ୟକ୍ତିବିଶେଷ ଆଧାରରେ ଶସ୍ତା ଅଭିଯୋଗ କରୁଛନ୍ତି । କାହାର ଭାବାବେଗ ସହ ଖେଳିବା ବା କଟାକ୍ଷ କରିବା ଅନୁଚିତ୍ । ଶସ୍ତା ରାଜନୀତି କରି ନିର୍ବାଚନ ବୈତରଣୀ ପାର ହେବାକୁ ଚେଷ୍ଟା କରୁଛନ୍ତି । ନବୀନ ବାବୁ ନିର୍ବାଚନ ପ୍ରଚାରକୁ ଆସି ନିଜ ସରକାରର ଉପଲବ୍ଧତାକୁ ପରିପ୍ରକାଶ କରନ୍ତୁ । ସକରାତ୍ମକ ରାଜନୀତି କରିବାକୁ ରାଜ୍ୟ ସଭାପତି ଶ୍ରୀ ସାମଲ ବିରୋଧୀ ଦଳମାନଙ୍କୁ ପରାମର୍ଶ ଦେଇଛନ୍ତି ।

# ବିଜେଡିର ଜନସମ୍ପର୍କ ପଦଯାତ୍ରା

ନୀଳଗିରି, (ସବ୍ୟୁ): ନୀଳଗିରି ଠାରେ ଶନିବାର ଦିନ ବିଜେଡ଼ିର ବିଶାଳ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ ଏହି ପଦଯାତ୍ରାରେ ରାଜ୍ୟସରକାରଙ୍କ ଟାର୍ଗେଟ କରିଛି ବିଜେଡ଼ି । ପ୍ରାୟ ୩ହଜାର ବିଜେଡ଼ିନେତା ଓ କର୍ମକର୍ତ୍ତା ନୀଳଗିରି ଜଗନ୍ନାଥ ମନ୍ଦିରଠାରୁ ବାହାରି ବାଇପାସ୍ ଛକପର୍ଯ୍ୟନ୍ତ ଆସି ବାଇପାସ୍ ଛକନିକଟରେ ଥିବା ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରିଥିଲେ । ପରେ କେ.ସି ହାଇସ୍କୁଲ ପଡ଼ିଆରେ ଆୟୋଜିତ ସଭାରେ ନୀଳଗିରିର ପୂର୍ବତନ ବିଧାୟକ ସୁକାନ୍ତ କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ପଦଯାତ୍ରା ସମାବେଶରେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ଜିଲ୍ଲା ସଭାପତି ତଥା ପୂର୍ବତନମନ୍ତ୍ରୀ ଜେୟାତିପ୍ରକାଶ ପାଣିଗ୍ରାହି, ରେମୁଣାର ପୂର୍ବତନ ବିଧାୟକ ସୁଧାଂଶୁ ଶେଖର ପରିଡା, ବ୍ଲକ୍ ଅଧ୍ୟକ୍ଷା ଶୁଭଲକ୍ଷ୍ମୀ ମାଝୀ,ନୀଳଗିରି ଏନଏସିର ପୂର୍ବତନ ଚେୟାରମେନ ରଧାଗୋବିନ୍ଦ ଖଟୁଆ, ଭାଗବତ ଖିଲାର, ବିଜେଡ଼ି ବରିଷ୍ଠନେତା ଗଙ୍ଗାଧର ମିଶ୍ର, ନଗରସଭାପତି ରବୀନ୍ଦ୍ର କୁମାର ପରିଡା ମଞ୍ଚାସିନ ରହି ରାଜ୍ୟ ସରକାରଙ୍କୁ ସମାଲୋଚନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଯୁବନେତା ତାପସ ପରିଡା, ଆରବନ୍ଧ ସରପଞ୍ଚ କୁଳମଣୀ ନାୟକ, ଯୁବନେତା ରାଜୀବ ଦାସବାବୁ, ଉପେନ୍ଦ୍ର ଦାସ, ରାମକୃଷ୍ଣ ମହାପାତ୍ର, ଉପେନ୍ଦ୍ର ନାୟକ, ଉଦୟଜେୟାତି ମହାନ୍ତି, ପ୍ରଫୁଲ୍ଲ ପରିଡା,ରମେଶ ବାଗ, ରମେଶ ମହାନ୍ତି, ଗେଟମ ସାହୁଙ୍କ ସମେତ ବିଜେଡ଼ି ସମର୍ଥିତ ସମସ୍ତ ସରପଞ୍ଚ, ସମିତିସଭ୍ୟ ଏବଂ ବହୁ ବିଜେଡ଼ି କର୍ମକର୍ତ୍ତା ଉପସ୍ଥିତ ଥିଲେ ।

# ରାମ ମନ୍ଦିରରେ ସୀତା ବିବାହ କାର୍ଯ୍ୟକ୍ରମ

ବନ୍ତ,(ସବ୍ୟୁ):ବନ୍ତ ବ୍ଲକ ନିଳୋକ ପଞ୍ଚାୟତ ବାଇପୁରସ୍ଥିତ ରାମ ମନ୍ଦିରରେ ସୀତା ବିବାହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ପ୍ରଭାତ ମଙ୍ଗଳ ଆରତୀ, ବାଲ୍ୟ ନୈବିଦ୍ୟ, ବର ନିମନ୍ତ୍ରଣ, ଦିଅଁ ମଙ୍ଗଳା, ବୈବାହିକ କାର୍ଯ୍ୟ, ଲାଜା ହୋମ, ବାଣ ରୋଷଣୀରେ ବରକନ୍ୟାଙ୍କର ନଗର ପରିକ୍ରମା, ଶେଷରେ ବରକନ୍ୟାଙ୍କ ରାତ୍ରୀ ଯାପନ କାର୍ଯ୍ୟ ସମାପନ ହୋଇଥିଲା। ଏଥିରେ କର୍ତ୍ତା ଭାବେ ରବିନ୍ଦ୍ର କୁମାର ପଣ୍ଡା, କର୍ତ୍ତୀ ଭାବେ ସସ୍ମିତା ପଣ୍ଡା ଦାୟୀତ୍ୱ ତୁଲାଇଥିଲେ। ପଣ୍ଡିତ ପଦ୍ମନାଭ ପଣ୍ଡାଙ୍କ ଦ୍ୱାରା ବୈବାହିକ କାର୍ଯ୍ୟ ଓ ପୂଜକ ପଦ୍ମନାଭ ନନ୍ଦ ଓ ବିଜୟ କୁମାର ପଣ୍ଡାଙ୍କ ଦ୍ୱାରା ପୂଜା କାଯ୍ୟ ସମ୍ପାଦିତ ହୋଇଥିଲା। ଏଥିରେ ଆଖପାଖ ଗ୍ରାମର ବହୁ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ।

# ରସୁଲପୁର ପଞ୍ଚାୟତରେ ବିଜେଡ଼ିର ମିଶ୍ରଣ ପର୍ବ

ବାଲେଶ୍ୱର,(ସବ୍ୟୁ): ରସୁଲପୁର ପଞ୍ଚାୟତ ସରପଞ୍ଚ ଭାରତୀ ତରେଇ ଙ୍କ ଅଧ୍ୟକ୍ଷତାରେ ସାତ ନମ୍ବର ଓ୍ୱାର୍ଡ ଉଲାଡି ଗ୍ରାମରେ ବିଜେଡ଼ିର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି । ଏହି ମିଶ୍ରଣ ପବକୁ ପୂର୍ବତନ ସମିତିସଭ୍ୟ ଅକ୍ରୁର ତରେଇ ସଭା ପରିଚାଳନା କରିଥିଲେ । ମୁଖ୍ୟ ଅତିଥି ଭାବେ ୨୮ ନମ୍ବର ଜୋନ୍ ଜିଲ୍ଲା ପରିଷଦ ସଭ୍ୟ ସଞ୍ଜୟ କୁମାର ସେଠୀ ଉପସ୍ଥିତ ଥିବା ବେଳେ ସମ୍ମାନିତ ଅତିଥି ରୂପେ ରାଇସୁଆଁ ପଞ୍ଚାୟତର ସରପଞ୍ଚ ଅଜିତ ମହାପାତ୍ର,ହଳଦିପଦା ପଞ୍ଚାୟତର ସରପଞ୍ଚ ବରେନ୍ଦ୍ର ସେଠୀ , ରାଇସୁଆଁ ପଞ୍ଚାୟତ ସମିତିସଭ୍ୟ ଦୀପକ ଜେନା ରସୁଲପୁର ପଞ୍ଚାୟତ ବିଜେଡି ସଭାପତି ସୁବ୍ରତ ପରିଡା ଏବଂ ରସଲପୁର ପଞ୍ଚାୟତ ନାଏବ ସରପଞ୍ଚ ରମେଶ ପାଣି ପ୍ରମୁଖ ଉପସ୍ଥିତ ଥିଲେ । ଏହି ମିଶ୍ରଣ ପର୍ବରେ ୧୦ ରୁ ଅଧିକ ପରିବାର ବିଜେପି କର୍ମୀ ରନିାକର ଦଳେଇଙ୍କ ସମେତ କୁନି ଦଳେଇ,ଚକ୍ରଧର ଦଳେଇ, ଲକ୍ଷ୍ମୀଧର ଦଳେଇ,ଜଳଧର ଦଳେଇ ,ପ୍ରତାପ ଦଳେଇ, ଡମ୍ବୁରୁଧର ଦଳେଇ,ଗୌରୀ ଦଳେଇ ପ୍ରମୁଖ ୪୦ରୁ ଅଧିକ ଲୋକ ସ୍ୱଇଚ୍ଛାରେ ବିଜେଡି ରେ ଯୋଗ ଦେଇଛନ୍ତଦଳ ଛାଡ଼ି ବିଜେଡି ଦଳରେ ଯୋଗ ଦେଇଥିଲେ ।

# ଓଡ଼ିଶାରେ ଆମେ ମଞ୍ଜି ବୁଣୁଛୁ, ଆଗାମୀ ଦିନରେ ଗଛ ହେବ: ଅଖିଳେଶ

ନୂଆପଡ଼ା,(ସବ୍ୟୁ): ସ୍ଥାନୀୟ ପୁଲିସ ପଡ଼ିଆରେ "ଜୟ ଜଗନ୍ନାଥ" ଉଚ୍ଚାରଣ କର ଭାଷଣ ଆରମ୍ଭ କରିଥିଲେ ସମାଜବାଦୀ ପାର୍ଟି ରାଷ୍ଟ୍ରୀୟ ନେତା ଅଖିଳେଶ ଯାଦବ । ସମାଜବାଦୀ ପାର୍ଟିର ପ୍ରାର୍ଥୀ ରମାକାନ୍ତ ହାତୀଙ୍କୁ ନୂଆପଡ଼ା ଉପନିର୍ବାଚନରେ ବିଜୟୀ କରାନ୍ତୁ । ଆମେ ଝିଅମାନଙ୍କୁ ମାଗଣାରେ ପାଠ ପଢ଼ାଇବୁ ବୋଲି କହିଥିଲେ । ଆମକୁ ଥରଟିଏ ସୁଯୋଗ ଦିଅନ୍ତୁ ବୋଲି ନୂଆପଡ଼ାବାସୀଙ୍କୁ ଅନୁରୋଧ କରିଥିଲେ ।

ବିହାର ନିର୍ବାଚନର ବ୍ୟସ୍ତତା ଛାଡି ମୁଁ ଓଡିଶା ଆସିଛି । ଓଡିଶାରେ ଆମେ ବର୍ତ୍ତମାନ ମଞ୍ଜି ବୁଣୁଛୁ । ଆଗାମୀ ଦିନରେ ଏହା ଗଛର ରୂପ ନେବ । ଶେଷ ଦିନରେ ସ୍ଥାନୀୟ ପୁଲିସ ପଡିଆରେ ଆୟୋଜିତ ହୋଇଥିଲା ସମାଜବାଦୀ ପାର୍ଟିର ପ୍ରଚାର କାର୍ଯ୍ୟକ୍ରମ ।ଏଥିରେ ରାଷ୍ଟ୍ରୀୟ ଅଧ୍ୟକ୍ଷ ଅଖିଳେଶ ଯାଦବ ଯୋଗ ଦେଇଥିଲେ । ରାଜ୍ୟ ସଭାପତି ଶିବ ହାତୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ବିଜେପିକୁ ଟାର୍ଗେଟ କରି କହିଥିଲେ ଯେ ଡବଲ ଇଞ୍ଜିନର ସରକାର ଚାଲିଛି ବୋଲି ଓଡିଶାରେ କହୁଛନ୍ତି ହେଲେ ଗୋଟିଏ ଇଞ୍ଜିନ ମଦ କାରବାର



କରୁଥିବାବେଳେ ଅନ୍ୟଟି ଗଞ୍ଜେଇ ଚାଷ କରୁଛି । ଏହି ଦଳ ସହ ଯିଏ ବି ହାତ ମିଳାଇବ ତାର ଶେଷ ଦିନ ହେବ ବୋଲି କହିଥିଲେ । ଏଠାରେ ବାବାସାହେବଙ୍କ ଆଦର୍ଶକୁ ସମ୍ମାନ ଦେବାକୁ ଆସିଛି । ପଛୁଆ ବର୍ଗ, ଅନୁସୂଚୀତ ଜାତି ଓ ଜନଜାତି, ଅଳ୍ପ ସଂଖ୍ୟକ ବର୍ଗଙ୍କୁ ଉଚିତ ସମ୍ମାନ ମିଳୁନାହିଁ । ଆରକ୍ଷଣର ରକ୍ଷଣ ପାଇଁ ସମ୍ବିଧାନର ସୁରକ୍ଷା ଦେବାକୁ ଆମେ ଅଙ୍ଗୀକାର ବଦ୍ଧ ହେବା । ରାଜ୍ୟ ପ୍ରଭାରୀ ତଥା ଉତ୍ତର ପ୍ରଦେଶର ପୂର୍ବତନ କ୍ୟାବିନେଟ ମନ୍ତ୍ରୀ ସୁନୀଲ କୁମାର ଯାଦବ ସଭା ପରିଚାଳନା କରିଥିଲେ । ଏଥିରେ ପ୍ରଦୀପ କୁମାର ମିଶ୍ର, ମନତୋଷ ଯାଦବ, ଦିଗପାଲ ନାଗ, ତନର ମହମ୍ମଦ ପ୍ରମୁଖ ସାମିଲ ଥିଲେ । ଶ୍ରୀ ଯାଦବ କହିଥିଲେ ଓଡ଼ିଶା ହେଉଛି ପରମ୍ପରାର ମାଟି । ଓଡ଼ିଶାର ଭାଷା ଓ ସଂସ୍କୃତି ଉଚ୍ଚକୋଟୀର । ଓଡ଼ିଶାର ଆଦିବାସୀ ଭାଇଭଉଣୀମାନଙ୍କୁ ସେମାନଙ୍କର ଅଧିକାର ଦିଆଯିବାର ଆବଶ୍ୟକତା ଅଛି । ଜନସଭାକୁ ଉଦବୋଧନ ଦେବା ଅବସରରେ ସମାଜବାଦୀ ପାର୍ଟି (ସପା)ର ସଭାପତି ଶ୍ରୀ ଯାଦବ ରବିବାର ଏହା କହିଛନ୍ତି ।

ଶ୍ରୀ ଯାଦବ କହିଲେ ଯେ ଓଡ଼ିଶାରେ ସମାଜବାଦୀ ଚିନ୍ତା ଆରମ୍ଭ ହୋଇଥିଲା । ଓଡ଼ିଶାର ରାଜନୈତିକ ଇତିହାସ ସମାଜବାଦୀ ଚିନ୍ତାରେ ବିକଶିତ ହୋଇଛି । ତାହା କୌଣସି ଦଳ ହୋଇଥାଏ । ଅତୀତରେ ଓଡ଼ିଶାରେ ଯେଉଁ ଆନ୍ଦୋଳନ ହୋଇଥିଲା, ତାହା ସମାଜବାଦୀ ଚିନ୍ତାରୁ ହିଁ ଆରମ୍ଭ ହୋଇଥିଲା ।

**ପୂର୍ବ ତଟ ରେଳପଥ**
**ଖାଦ୍ୟ ସରବରାହ ୟୁନିଟ୍ ପାଇଁ ଇ-ନିଲାମ**
1. ଷ୍ଟେସନ: ଖୋର୍ଦ୍ଧା ରୋଡ଼ (KUR)
ସ୍ଥାନ: ପ୍ଲାଟଫର୍ମ ନଂ. 3 (ଖମ୍ବ ନଂ. 5 ଏବଂ 6 ମଧ୍ୟରେ)
2. ଷ୍ଟେସନ: ଖୋର୍ଦ୍ଧା ରୋଡ଼ (KUR)
ସ୍ଥାନ: ପ୍ଲାଟଫର୍ମ ନଂ. 3 (ଖମ୍ବ ନଂ. 19 ଏବଂ 20 ମଧ୍ୟରେ)
3. ଷ୍ଟେସନ: ଖୋର୍ଦ୍ଧା ରୋଡ଼ (KUR)
ସ୍ଥାନ: ପ୍ଲାଟଫର୍ମ ନଂ. 6 ଏବଂ 7 (ଖମ୍ବ ନଂ. 9 ଏବଂ 10 ମଧ୍ୟରେ)
4. ଷ୍ଟେସନ: ପୁରୀ (PURI)
ସ୍ଥାନ:ପ୍ଲାଟଫର୍ମ ନଂ. 3 ଏବଂ 4 (ଖମ୍ବ ନଂ. 4 ଏବଂ 5 ମଧ୍ୟରେ)
5. ଷ୍ଟେସନ: ବ୍ରହ୍ମପୁର (BAM)
ସ୍ଥାନ: ପ୍ଲାଟଫର୍ମ ନଂ. 1 (ଦ୍ୱିତୀୟ ଶ୍ରେଣୀ ପ୍ରତିକ୍ଷାଳୟ ନିକଟରେ)
6. ଷ୍ଟେସନ: ବ୍ରହ୍ମପୁର (BAM)
ସ୍ଥାନ: ପ୍ଲାଟଫର୍ମ ନଂ. 2 ଏବଂ 3 (ଖମ୍ବ ନଂ. 14 ଏବଂ 15 ମଧ୍ୟରେ)
7. ଷ୍ଟେସନ: ଛତ୍ରପୁର (CAP)
ସ୍ଥାନ: ପ୍ଲାଟଫର୍ମ ନଂ. 1 ଏବଂ 2 ( ମଧ୍ୟବର୍ତ୍ତୀ)
8. ଷ୍ଟେସନ: ପଲାସା (PSA)
ସ୍ଥାନ: ପ୍ଲାଟଫର୍ମ ନଂ. 2 ଏବଂ 3 (କ୍ରୁ ଏବଂ ଗାର୍ଡ ଅଫିସ୍ ନିକଟରେ ବ୍ରହ୍ମପୁର ପାର୍ଶ୍ୱ)
9. ଷ୍ଟେସନ: ପଲାସା (PSA)
ସ୍ଥାନ: ପ୍ଲାଟଫର୍ମ ନଂ. 2 ଏବଂ 3 (ଫୁଟ୍ ଓଭର ବ୍ରିଜ ନିକଟରେ)
ସଂରକ୍ଷଣ ବର୍ଗ : ଜେନେରାଲ ମାଇନର ୟୁନିଟ୍ (GMU) (କ୍ର.ସଂ. 1, 2 ଏବଂ 5-8 ନିମନ୍ତେ) ଜେନେରାଲ ମାଇନର ୟୁନିଟ୍ - ମହିଳା (GMU-Ladies) (କ୍ର.ସଂ. 3 ଏବଂ 4 ନିମନ୍ତେ), ତ ଏବଂ କୁସ୍ ଷ୍ଟଲ (ଜେନେରାଲ ମାଇନର ୟୁନିଟ୍ - ମହିଳା) (କ୍ର.ସଂ. 9 ନିମନ୍ତେ)
ଇ-ଟେଣ୍ଡର ତାରିଖ ଓ ସମୟ : ତା.08.12.2025 ରିଖ ଘ. 1100 ସମୟରେ(ସମସ୍ତ ଷ୍ଟେସନ ନିମନ୍ତେ)।
ଟିପଣି: ଆଶାୟୀ ବିଡରମାନଙ୍କୁ ୱେବସାଇଟ୍: www.ireps.gov.in ପରିଦର୍ଶନ କରିବାକୁ ଏବଂ ଯୋଗ୍ୟତା ମାନଦଣ୍ଡ, ବିସ୍ତୃତ ବିବରଣୀ ଏବଂ ଅନ୍ୟାନ୍ୟ ସୂଚନା ଯାଞ୍ଚ କରିବାକୁ ପରାମର୍ଶ ଦିଆଯାଇଛି
ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ - II/ ଖୋର୍ଦ୍ଧା ରୋଡ଼
PR-777/Q/25-26

## ଜମ୍ମୁ-କାଶ୍ମୀରରେ...

ଏହି ଗୁଇନ୍ଦା ତଥ୍ୟ ଆଧାରରେ ଶୁକ୍ରବାର ଅପରେସନ ଆରମ୍ଭ କରାଯାଇଥିଲା। ସନ୍ଦେହଜନକ କାର୍ଯ୍ୟକଳାପ ଦେଖିବା ପରେ ଯବାନମାନେ ଆତଙ୍କବାଦୀମାନଙ୍କୁ ଅଟକିବାକୁ କହିଥିଲେ, କିନ୍ତୁ ସେମାନେ ଆଖିବୁଜା ଗୁଳି ଚଳାଇବା ଆରମ୍ଭ କରିଥିଲେ। ଏହାର ଜବାବରେ ସୁରକ୍ଷା ବଳ ପାଲଟା ଗୁଳିଚାଳନା କରି ଦୁଇ ଜଣ ଆତଙ୍କବାଦୀଙ୍କୁ ହତ୍ୟା କରିଥିଲେ।

ଅପରେସନ ପିମ୍ପଲ ହେଉଛି କୁପୱାଡାର କେରନ ସେକଟରରେ ଭାରତୀୟ ସଶସ୍ତ୍ର ବାହିନୀ ଦ୍ୱାରା ଆରମ୍ଭ ହୋଇଥିବା ଏକ ସୁରକ୍ଷା ଅଭିଯାନ। ଏହି ଅଞ୍ଚଳରେ ସନ୍ଦେହଜନକ କାର୍ଯ୍ୟକଳାପ ଦେଖାଯିବା ପରେ ନଭେମ୍ବର ୭ରେ ମିଳିତ ଅପରେସନ୍ ଆରମ୍ଭ କରାଯାଇଥିଲା। ଯେତେବେଳେ ସତର୍କ ଯବାନମାନେ ଚ୍ୟାଲେଞ୍ଜ କରିଥିଲେ, ଆତଙ୍କବାଦୀମାନେ ମନଇଚ୍ଛା ଗୁଳି ଚଳାଇବା ଆରମ୍ଭ କରିଥିଲେ। ଏଭଳି ପରିସ୍ଥିତିରେ ଏନକାଉଣ୍ଟର ଆରମ୍ଭ ହୋଇ ୨ ଆତଙ୍କବାଦୀ ନିହତ ହୋଇଥିଲେ। ଏହି ଅଞ୍ଚଳରେ ଖୋଜାଖୋଜି ଜାରି ରହିଛି। ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ଚିନାର କୋର୍ ଦ୍ୱାରା ଏହି ଅପରେସନ୍ କରାଯାଉଛି।

**SAMARTH SCHOOL FOR MENTAL RETARDATION & CEREBRAL PALSY**
**Managed by Ganjam District Orthopaedically Handicapped Welfare Association, Chatrapur- 761020, Ganjam**
Letter No: 130/25 Date: 07/11/25
**RECRUITMENT ADVERTISEMENT**
Applications are invited from intending candidates for filling up of various vacant contractual Teaching & Non- Teaching post of the school, in the prescribed Proforma which can be obtained from the School Office at Ganjam District Orthopaedically Handicapped Welfare Association, Block colony, Quarter no.-21 NetajiSubashMarg, Chatrapur, Pin:761020, Ganjamon payment of Rs. 100/- Applications filled-in in all respect alongwith the required enclosures should reach at the above School Office address by Regd. Post/ Speed Post on or before 4.00P.M. 05.12.2025. The detailed advertisement as well as the Modalities of Selection is hoisted in the Ganjam District website at **www.ganjam.odisha.gov.in**
**Sd/- General Secretary, GDOHWA**

**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିଓ୍ୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

# ସୋ ଆମ୍ ଆଇ ଫାଉଣ୍ଡେସନ ପକ୍ଷରୁ "ସମର୍ପଣ"

ଭୁବନେଶ୍ୱର, (ସବ୍ୟୁ): ସୋ ଆମ୍ ଆଇ ଫାଉଣ୍ଡେସନ ପକ୍ଷରୁ ଉତ୍କଳ ମଣ୍ଡପରେ ସେବା, ସଂସ୍କୃତି ଏବଂ ସାମୁଦାୟିକ ଭାବନା ପ୍ରତି ଉତ୍ସର୍ଗୀକୃତ ଏହାର ବାର୍ଷିକ କାର୍ଯ୍ୟକ୍ରମ "ସମର୍ପଣ" ଏହାର ଷଷ୍ଠ ବାର୍ଷିକ ଉତ୍ସବ ପାଳନ କରିଛି। ଏହି କାର୍ଯ୍ୟକ୍ରମରେ କଳାକାର, ସମାଜସେବୀ ଏବଂ ପରିବର୍ତ୍ତନକାରୀଙ୍କୁ ଗୋଟିଏ ପ୍ରେରଣାଦାୟକ ବିଷୟବସ୍ତୁ - ସର୍ବେ ଭବନ୍ତୁ ସୁଖିନଃ (ସମସ୍ତ ପ୍ରାଣୀ ଖୁସି ହୁଅନ୍ତୁ) ଅଧୀନରେ ଏକାଠି କରିଥିଲା। ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବରେ ବିଶିଷ୍ଟ ବିଦ୍ୱାନ, ଆଧ୍ୟାତ୍ମିକ ଚିନ୍ତକ, ଲେଖକ ଗୁରୁଜୀ ଚନ୍ଦ୍ରଭାନୁ ଶତପଥୀ ଯୋଗ ଦେଇ ଥିଲେ । ଏହି ଅବସରରେ ସମ୍ମାନିତ ଅତିଥି ଭାବରେ ବିଏମସି କମିଶନର ଏବଂ ବିଡିଏ ଉପାଧ୍ୟକ୍ଷ ଚଞ୍ଚଳ ରାଣା ଉପସ୍ଥିତ ଥିଲେ। ସୋ ଆମ୍ ଆଇ ଫାଉଣ୍ଡେସନର ଅଧ୍ୟକ୍ଷ ଦେବୀ ପ୍ରସନ୍ନ ପଟ୍ଟନାୟକ ମଧ୍ୟ ଏହି ଅବସରରେ ଉପସ୍ଥିତ ଥିଲେ। ଆଧ୍ୟାତ୍ମିକତା ଏବଂ ସମାଜ କଲ୍ୟାଣ ପ୍ରତି ଗଭୀର ଅନ୍ତର୍ଦୃଷ୍ଟି ପାଇଁ ଜଣାଶୁଣା ଗୁରୁଜୀ ଚନ୍ଦ୍ରଭାନୁ ଶତପଥୀ, "ସେବା" (ନିଃସ୍ୱାର୍ଥପର ସେବା)କୁ ସର୍ବୋଚ୍ଚ ଭକ୍ତି ଭାବରେ ଗୁରୁତ୍ୱାରୋପ କରିଥିଲେ। ସେ କିପରି ଦୟା, ନମ୍ରତା ଏବଂ ସାମୂହିକ




ଦାୟିତ୍ୱ ସମ୍ପ୍ରଦାୟଗୁଡ଼ିକୁ ପରିବର୍ତ୍ତନ କରିପାରିବ ତାହା ଉପରେ ଗୁରୁତ୍ୱାରୋପ କରିଥିଲେ। ତାଙ୍କ ବକ୍ତବ୍ୟ ସମାବେଶକୁ ଆଧ୍ୟାତ୍ମିକ ମୂଲ୍ୟବୋଧକୁ କାର୍ଯ୍ୟକ୍ଷମ ସେବା ସହିତ ସମନ୍ୱିତ କରିବାକୁ ପ୍ରେରଣା ଦେଇଥିଲା। "ପ୍ରକୃତ ପରିପୂର୍ଣ୍ଣତା ଗ୍ରହଣ କରିବା ଦ୍ୱାରା ନୁହେଁ, ଦାନ କରିବା ଦ୍ୱାରା ଆସେ ବୋଲି କହିଥିଲେ। ଏହି ଅବସରରେ ଶ୍ରୀ ରାଣା ସୋ ଆମ୍ ଆଇ ଫାଉଣ୍ଡେସନର ସାମାଜିକ କାର୍ଯ୍ୟକୁ ପ୍ରଶଂସା କରିଥିଲେ। ଏହି ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟକୁ ସ୍ମରଣ କରିବା ପାଇଁ, ଫାଉଣ୍ଡେସନ ଓଡ଼ିଶାର ପ୍ରସିଦ୍ଧ ସଙ୍ଗୀତ ନିର୍ଦ୍ଦେଶକ, ସଂଗୀତ ନିର୍ଦ୍ଦେଶକ ପ୍ରେମ ଆନନ୍ଦଙ୍କ ସହାୟତାରେ ସଂଗୀତ, ହାସ୍ୟରସ ଏବଂ ନୃତ୍ୟ ମିଶ୍ରଣ କରି ଏକ ସାଂସ୍କୃତିକ କାର୍ଯ୍ୟକ୍ରମ "ହାର୍ମୋନି ଫର୍ ହ୍ୟୁମାନିଟି" ଆୟୋଜନ କରିଥିଲା । ଯେଉଁଥିରେ ବିଶିଷ୍ଟ କଣ୍ଠଶିଳ୍ପୀ ଦୀପ୍ତି ରେଖା ପାଢୀ, ଶଶାଙ୍କ ଶେଖର, ସୌରଭ ଭରଦ୍ୱାଜ, ପାୟଲ ପ୍ରମୁଖଙ୍କ ଦ୍ୱାରା ପରିବେଷଣ କରାଯାଇଥିଲା। ସିଜଲର୍ସ ଡ୍ୟାନ୍ସ ଗ୍ରୁପ୍ ପ୍ରଖ୍ୟାତ ନୃତ୍ୟଶିଳ୍ପୀ ବିଜ୍ଜୁଙ୍କ ଦ୍ୱାରା ସଂଯୋଜିତ ଏକ ମନମୋହକ ନୃତ୍ୟ ପ୍ରଦର୍ଶନ କରିଥିଲା। ସନ୍ଧ୍ୟାର ମୁଖ୍ୟ ଆକର୍ଷଣ ଥିଲା ମାନବତା ପାଇଁ ସେବାରେ ଅଧିକ କାର୍ଯ୍ୟ କରିଥିବା ବ୍ୟକ୍ତି ଏବଂ ସଂଗଠନଗୁଡ଼ିକୁ ୩ଟି ସାଇ ପୁରସ୍କାର ଯଥା ସାଇ ଶ୍ରୀ, ସାଇ ଭୂଷଣ ଏବଂ ସାଇ ସହାୟ ପ୍ରଦାନ କରି ସମ୍ମାନିତ କରାଯାଇଥିଲା। ଏହି ବର୍ଷ, ସାଇ ଶ୍ରୀ ଗ୍ରାମୀଣ ବିକାଶ ସଂଗଠନର ପ୍ରତିଷ୍ଠାତା ସାଇ ପ୍ରକାଶ ମହାନ୍ତିଙ୍କୁ ପ୍ରଦାନ କରାଯାଇଥିଲା। ସାଇ ଭୂଷଣ ପ୍ରସିଦ୍ଧ ସମାଜସେବୀ ଗଗନ ପାଇଟାଲଙ୍କୁ ପ୍ରଦାନ କରାଯାଇଥିଲା । ଏସଏନଏମ ଗ୍ରୁପ୍ ଏବଂ ଫାଲକନ୍ ଗ୍ରୁପ୍ କୁ ସାଇ ସହାୟ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ଅବସରରେ, କାର୍ଯ୍ୟକାରୀ ଅଧ୍ୟକ୍ଷା ସୋନାଲି ମହାନ୍ତି ସୋ ଆମ୍ ଆଇ ଫାଉଣ୍ଡେସନ ଦ୍ୱାରା କରାଯାଉଥିବା କାର୍ଯ୍ୟ ଉପରେ ବିସ୍ତୃତ ଭାବରେ ବର୍ଣ୍ଣନା କରିଥିଲେ।

### ଡିଏଭି ବେଦାନ୍ତ ଇଣ୍ଟରନ୍ୟାସନାଲ ସ୍କୁଲର ଯୁବ ଉଦ୍ଭାବକ

# ଦୃଷ୍ଟିହୀନଙ୍କ ପାଇଁ ଏଆଇ ସମାଧାନ ସହିତ ଜିତିଛନ୍ତି ରାଜ୍ୟସ୍ତରୀୟ ଆଇଡିଆଥନ୍

ଭୁବନେଶ୍ୱର, (ସବ୍ୟୁ): ବେଦାନ୍ତ ଆଲୁମିନିୟମ, ଲାଞ୍ଜିଗଡ଼ର ଡିଏଭି ବେଦାନ୍ତ ଇଣ୍ଟରନ୍ୟାସନାଲ ସ୍କୁଲର ଦୁଇ ଯୁବ ଉଦ୍ଭାବକ - ଲୋକେଶ ଲାଲ ମାଝୀ ଏବଂ ଅମୟ ପ୍ରସାଦ ମହାକୁଡ, ଉଭୟ ଏକାଦଶ ଶ୍ରେଣୀର ଛାତ୍ରଙ୍କ ଉଲ୍ଲେଖନୀୟ ସଫଳତାକୁ ଗର୍ବର ସହିତ ପାଳନ କରୁଛି। ଛାତ୍ରମାନେ ଭୁବନେଶ୍ୱରର କିଟ୍ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ପ୍ରତିଷ୍ଠିତ ଏଟିଏଲ୍ ସ୍ପାର୍କ ଟ୍ୟାଙ୍କ - ଫ୍ୟୁଚର୍ ମେକର୍ ଆଇଡିଆଥନ୍ ରେ ପ୍ରଥମ ପୁରସ୍କାର ଜିତି କଳାହାଣ୍ଡି ପାଇଁ ଗୌରବ ଆଣିଛନ୍ତି। ସାରା ଓଡ଼ିଶାର ସ୍କୁଲରୁ ୧୦୮ଟି ଅଭିନବ ପ୍ରକଳ୍ପ ସହ ପ୍ରତିଯୋଗିତା କରି, ତାଙ୍କର ପ୍ରୋଜେକ୍ଟ ଏହାର ମୌଳିକତା, ଉଦ୍ଦେଶ୍ୟ ଏବଂ ବାସ୍ତବ-ବିଶ୍ୱ ପ୍ରଭାବ ସହିତ ବିଚାରକମାନଙ୍କୁ ପ୍ରଭାବିତ କରିଥିଲା, ସେମାନଙ୍କୁ ଶ୍ରେଷ୍ଠ ୧୫ ଫାଇନାଲିଷ୍ଟଙ୍କ ମଧ୍ୟରେ




ସ୍ଥାନ ଦେଇଥିଲା ଏବଂ ଶେଷରେ ଚାମ୍ପିଅନ ଉପାଧି ହାସଲ କରିଥିଲା। ଏହି ଯୁଗଳଙ୍କୁ ଚାମ୍ପିଅନ ଟ୍ରଫି ସହିତ ୧୫,୦୦୦ ଟଙ୍କାର ନଗଦ ପୁରସ୍କାର ମିଳିଥିଲା, ଯାହା ସ୍କୁଲ ଏବଂ ବେଦାନ୍ତ ଆଲୁମିନିୟମ ବ୍ୟବସାୟ ପାଇଁ ଏକ ଗର୍ବର ମୁହୂର୍ତ୍ତ ଥିଲା। ଏହି ମଡେଲଟି କୃତ୍ରିମ ବୁଦ୍ଧିମତ୍ତାର ଉପଯୋଗ କରେ, ଏହି ବିଶ୍ୱାସକୁ ଦୃଢ଼ କରିଛି ଯେ ପ୍ରଯୁକ୍ତିବିଦ୍ୟା ସାମାଜିକ ଅନ୍ତର୍ଭୁକ୍ତି ପାଇଁ ଏକ ଶକ୍ତିଶାଳୀ ଉପକରଣ ହୋଇପାରେ। ଏହି ସଫଳତା ବିଷୟରେ ଆନନ୍ଦ ପ୍ରକାଶ କରି ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ, ସିଇଓ - ବେଦାନ୍ତ ଆଲୁମିନା ବ୍ୟବସାୟ, କହିଛନ୍ତି, "ବେଦାନ୍ତରେ, ଆମେ ବିଶ୍ୱାସ କରୁଛୁ ଯେ ପ୍ରକୃତ ପ୍ରଗତି ଯୁବ ମନକୁ ସୀମା ବାହାରକୁ ଚିନ୍ତା କରିବା ଏବଂ ଏକ ଭଲ ଭବିଷ୍ୟତ ପାଇଁ ନବସୃଜନ କରିବା ପାଇଁ ସଶକ୍ତ କରିବା ଦ୍ୱାରା ହୋଇଥାଏ। ବେଦାନ୍ତ ଲାଞ୍ଜିଗଡ଼ ଦ୍ୱାରା ପ୍ରତିଷ୍ଠିତ, ଡିଏଭି ବେଦାନ୍ତ ଇଣ୍ଟରନ୍ୟାସନାଲ୍ ସ୍କୁଲ୍ ହେଉଛି କଳାହାଣ୍ଡିର ପ୍ରଥମ ଇଂରାଜୀ-ମଧ୍ୟମ ସ୍କୁଲ୍, ଯାହା ଗ୍ରାମୀଣ ଯୁବପିଢ଼ିଙ୍କ ମଧ୍ୟରେ ଶିକ୍ଷାଗତ ବ୍ୟବଧାନ ପୂରଣ କରିବା ଏବଂ ଆକାଂକ୍ଷା ଜାଳିବା ପାଇଁ ପ୍ରତିବଦ୍ଧ। ଯୁବ ଉଦ୍ଭାବକଙ୍କ ଏହି ମାଇଲଖୁଣ୍ଟ ସଫଳତା କଳାହାଣ୍ଡି ଅଞ୍ଚଳରେ ଗୁଣାତ୍ମକ ଶିକ୍ଷା, ସମ୍ପ୍ରଦାୟ ସଶକ୍ତିକରଣ ଏବଂ ଅନ୍ତର୍ଭୁକ୍ତ ବିକାଶ ପ୍ରତି ବେଦାନ୍ତର ଅଟଳ ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ।

## ମୋରମ ମାଫିଆଙ୍କ ରାଜ୍ ହେଉଛି ମୂଲ୍ୟବାନ ପଥର ଲୁଟ

ବାଙ୍କୀ, (ସବ୍ୟୁ): ପାହାଡ ଉପରେ ମୋରମ ମାଫିଆଙ୍କ ରାଜ୍ । ମୋରମ ପାଇଁ ଅନୁମତି ଆଣି କରୁଛନ୍ତି ମୂଲ୍ୟବାନ ପଥର ଲୁଟ୍ । ଦିନ ଦିପହରେ ବ୍ଲାଷ୍ଟିଂ କରି ଲୁଟୁଛନ୍ତି ଲିଜଧାରୀ । କଟକ ବାଙ୍କୀ ତହସିଲ ଦୁର୍ଗାପୁର ଗ୍ରାମ ପଞ୍ଚାୟତରେ ଥିବା ପାହାଡ ଓ ମାଳତି ପାହାଡରୁ ବେଆଇନ ପଥର ଚାଲାଣ ଅଭିଯୋଗ । ଦୁର୍ଗାପୁର ପାହାଡର ଉତ୍ତର ଦିଗରେ ଥିବା ମୋରମ ଖଣିରୁ ମୋରମ ଉଠାଣ ପାଇଁ ଖଣି ବିଭାଗ ପକ୍ଷରୁ ନିଲାମ ଦିଆଯାଇଥିଲା । ମାତ୍ର ଲିଜଧାରୀ ମେସିନ ଲଗାଇ ମୋରମ ଉଠାଣ ପରିବର୍ତ୍ତେ ପାହାଡରୁ ଦାମୀ ପଥର ଚାଲାଣ କରୁଛନ୍ତି । ଖଣି ବିଭାଗ ଓ ତହସିଲଦାରଙ୍କ ନିକଟରେ ଅଭିଯୋଗ ପରେ ମେସିନ ଜବତ କରାଯାଇଛି । ଦୁର୍ଗାପୁର ମୌଜାରେ ଥିବା ଗ୍ରାମ ଶ୍ମଶାନକୁ ବି ଛାଡୁ ନାହାନ୍ତି ମୋରମ ଚାଲାଣକାରୀ । ବଡବଡ ପଥରକୁ ଡିନାମାଇଟରେ ବିସ୍ଫୋରଣ କରୁଥିବାରୁ ପ୍ରଚଣ୍ଡ ଶବ୍ଦ ସୃଷ୍ଟି ହେଉଛି । ଫଳରେ ଜଙ୍ଗଲୀ ଜନ୍ତୁ ଗାଁ ମୁହାଁ ହେଉଛନ୍ତି ।

# ମା' ଚଣ୍ଡୀଙ୍କ ଦର୍ଶନ କଲେ ଅତିରିକ୍ତ ମୁଖ୍ୟ ଶାସନ ସଚିବ



କଟକ, (ସବ୍ୟୁ): ଶନିବାର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ସୂଚନା, ଲୋକ ସମ୍ପର୍କ ଓ ଶିଳ୍ପ ବିଭାଗ, ହେମନ୍ତ କୁମାର ଶର୍ମା ପତ୍ନୀଙ୍କ ସହ ଚଣ୍ଡୀ ମନ୍ଦିର ଆସି ମା'ଙ୍କ ଦର୍ଶନ କରି ପୂଜା ଅର୍ଚ୍ଚନା କରିଥଲେ। ମନ୍ଦିର ପାର୍ଶ୍ୱ ବୁଲି ଏହାର ଉନ୍ନତି କାର୍ଯ୍ୟ ସଂପର୍କରେ ଅବଗତ ହୋଇଥିବା ସମ୍ପର୍କରେ ଗଣ ମାଧ୍ୟମକୁ ସୂଚନା ଦେଇଥିଲେ। ଏହି ଦର୍ଶନ ସମୟରେ ସଦର ଉପ-ଜିଲ୍ଲାପାଳ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟର ଉଭୟ ଅଧିକାରୀ ସ୍ୱାଗତିକା ବେହେରା ଓ ଅଭିରାମ ଦାସ,ମନ୍ଦିର ପରିଚାଳନା କମିଟିର ସଦସ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

# ନକଲି ମଦ ସହିତ ବାଇକ୍ ଜବତ, ବ୍ୟବସାୟୀ ଗିରଫ

ବେତନଟୀ (ସବ୍ୟୁ): ମୟୂରଭଞ୍ଜ ଜିଲ୍ଲା ବେତନଟୀ ଅବକାରୀ ଥାନାକୁ ମିଳିଛି ବଡ଼ ଧରଣର ସଫଳତା କ୍ଷ ରବିବାର ସକାଳେ ୧୮ ନଂ ଜାତୀୟ ରାଜପଥ ବେତନଟୀ ଉପକଣ୍ଠ ପୁରୁଣା ଫାୟାରଷ୍ଟେସନ ଛକରେ ଚଢ଼ାଉ କରି ବିପୁଳ ପରିମାଣର ନକଲି ବିଦେଶମଦ, ନକଲି ବିଷାକ୍ତ ମଦ ପ୍ରସ୍ତୁତରେ ବ୍ୟବହୃତ ସ୍ପିରିଟ ଏବଂ ମୋଟର ସାଇକେଲ ଜବତ କରିବା ସହିତ ଏହି ହାତତିଆରି ନକଲି ବିଷାକ୍ତ ବିଦେଶୀମଦ ପ୍ରସ୍ତୁତକାରୀ ତଥା ଚାଲାଣକାରୀ ଆନ୍ତଃଜିଲ୍ଲା ନକଲି ବିଷାକ୍ତ ବିଦେଶିମଦ ବ୍ୟବସାୟୀକୁ ଗିରଫ କରିବାରେ ସଫଳ ହୋଇଛି । ଗିରଫ ଅଭିଯୁକ୍ତ ଜଣକ ହେଉଛି ବାଲେଶ୍ୱର ଜିଲ୍ଲା ରୁପ୍ସା ଥାନା ଅଧୀନ ହାତଡିହା ଉପକଣ୍ଠ ପିଞ୍ଚାବଣିଆ ଗ୍ରାମର ସ୍ୱର୍ଗତ ଗୋପାଳ ରାଉତର ପୁଅ ସୋମେଶ୍ୱର ରାଉତ । ଅଭିଯୁକ୍ତ



ସୋମେଶ୍ୱର ନକଲି ବିଷାକ୍ତ ବିଦେଶମଦ ଚାଲାଣ କରୁଥିବାର ଖବରପାଇ ବେତନଟୀ ଅବକାରୀ ଥାନା ଅଧିକାରୀ ପ୍ରଦୀପ କୁମାର ବେହେରା ସଦଳବଳେ ୧୮ ନଂ ଜାତୀୟରାଜପଥ ବେତନଟୀ ଉପକଣ୍ଠ ବଙ୍ଗଳାଛକ ନିକଟ ପୁରୁଣା ଫାୟାରଷ୍ଟେସନ ଛକରେ ଚଢ଼ାଉ କରିଥିଲେ । ଅବକାରୀ ବିଭାଗ ଅଭିଯୁକ୍ତ ସୋମେଶ୍ୱର ନିକଟରୁ ନାମିଦାମୀ କମ୍ପାନୀର ନକଲି ବିଷାକ୍ତ ମଦ ସମେତ ବିଭିନ୍ନ ବ୍ରାଣ୍ଡର ନକଲି ବିଷାକ୍ତ ମଦ ଜବତ କରାଯାଇଥିଲା । ଅବକାରୀବିଭାଗ ମୋଟ ୪୫ଲିଟର ନକଲି ବିଷାକ୍ତମଦ ଜବତ କରିଥିବା ବେଳେ ବିଷାକ୍ତ ମଦ ପ୍ରସ୍ତୁତିରେ ବ୍ୟବହୃତ ଦୁଇଟି ପ୍ଲାଷ୍ଟିକ ଜାର୍କିନରେ ଭର୍ତ୍ତି ୨୦ଲିଟର ରଙ୍ଗ ମିଶା ସ୍ପିରିଟ ଏବଂ ମୋଟର ସାଇକେଲ ସମେତ ମୋବାଇଲ ଜବତ କରିଥିଲେ କ୍ଷ ଅନ୍ୟପଟେ ବେତନଟୀ ରେଳଷ୍ଟେସନ ନିକଟରେ ଚଢ଼ାଉକରି ଦର୍ଶନ ବେହେରା ନାମକ ବ୍ୟକ୍ତିଙ୍କୁ ଗିରଫ କରିବା ସହିତ ତା'ନିକଟରୁ ୧୩ଲିଟରରୁ ଉର୍ଦ୍ଧ୍ୱ ଚୋରା ବିଦେଶୀମଦ ଜବତ କରାଯାଇଥିଲା । ଏନେଇ ବେତନଟୀ ଅବକାରୀ ଥାନା ପକ୍ଷରୁ ଦୁଇଟି ପୃଥକ ମାମଲା ରୁଜୁପୂର୍ବକ ଗିରଫ ଅଭିଯୁକ୍ତଙ୍କୁ ଆସନ୍ତାକାଲି କୋର୍ଟଚାଲାଣ କରାଯିବ ବୋଲି ଜଣାଯାଇଛି ।

### ଓଁ ମା ଟ୍ରେଡ଼ରର ଲକି ଡ୍ର ଉତ୍ସବ

# ଭାଗ୍ୟଶାଳୀଙ୍କୁ ମିଳିଲା ଆକର୍ଷଣୀୟ ପୁରସ୍କାର

ଖୋର୍ଦ୍ଧା (ସବ୍ୟୁ): ଖୋର୍ଦ୍ଧା ସହରରେ ଥିବା ଓଁ ମା ଟ୍ରେଡ଼ର ମୋବାଇଲ ସୋରୁମରେ ୫୧ ଦିନ ଧରି




ଚାଲିଥିବା ପୂଜା ଅଫର ଲକି ଡ୍ର ଲଟେରୀ ଉତ୍ସବ ଖୋର୍ଦ୍ଧା ସମବାୟ ବ୍ୟାଙ୍କ ଛକ ଠାରେ ଅନୁଷ୍ଠିତ ହୋଇଯାଇଛି । ପ୍ରୋପାଇଟର ଅଜିତ କୁମାର ମହାପାତ୍ର ଓ ସତ୍ୟଜିତ ମହାପାତ୍ରଙ୍କ ଦ୍ୱାରା ଆୟୋଜିତ ଲକି ଡ୍ର କାର୍ଯ୍ୟକ୍ରମରେ ଅତିଥି ରୂପେ ଖୋର୍ଦ୍ଧା ପୌରାଧକ୍ଷ କନକ ଲକ୍ଷ୍ମୀ ମହାନ୍ତି, ଯୋଗଦେଇ ଉତ୍ସବ କୁ ଉଦଘାଟନ କରିଥିଲେ । ପ୍ରୋପାଇଟର ଅଜିତ କୁମାର ମହାପାତ୍ର (ବାପି) କହିଲେ ୨୦୦୯ ରୁ ଆରମ୍ଭ ହୋଇଥିବା ଆମର ଏହି ଅନୁଷ୍ଠାନଟି ୧୬ ବର୍ଷରେ ପହଞ୍ଚି ଥିଲା ବେଳେ ସାଧାରଣ ଲୋକଙ୍କୁ ବିଶ୍ୱାସ ଭାଜନ ହୋଇ ଆଜି ନିଜ ବ୍ୟବସାୟ ଆଗେଇ ଚାଲିଛି। ଲୋକଙ୍କ ବିଶ୍ୱାସ କୁ ସଦାସର୍ବଦା ବଜାୟ ରଖିବୁ ବୋଲି ମତ ଦେଇଥିଲେ । ସେହିପରି ପ୍ରୋପାଇଟର ସତ୍ୟଜିତ ମହାପାତ୍ର(ଦିପୁ) କହିଛନ୍ତି। ଲଟେରୀ ଉଠାଣ ଦିନ ୫୧ ଜଣଙ୍କୁ ଲଟେରୀ ଉଠାଣ କରାଯାଇ ପୁରସ୍କୃତ କରାଯାଏ. । ଏଥିରେ ଗୋଲଡ଼ କଏନ ଠାରୁ ଆରମ୍ଭ କରି ବୁଲେଟ ପର୍ଯ୍ୟନ୍ତ ପ୍ରାଇଜ ରହିଥିଲା । ମଧ୍ୟ ଅତିଥି ଙ୍କ ଦ୍ୱାରା ସିଧାସଳଖ ଲାଇଭ୍ ଟେଲିକାଷ୍ଟ ମାଧ୍ୟମରେ ଲଟେରୀ ଉଠାଯାଯୀ ପୁରସ୍କୃତ କରାଯାଇଛି। ମଝିରେ ମଝିରେ ସାଂସ୍କୃତିକ ନୃତ୍ୟ କାର୍ଯ୍ୟକ୍ରମ ହୋଇଥିଲା।

# ବାଲିଯାତ୍ରାରେ ପ୍ରଥମ ମହାନଦୀ ବୋଇତ ପ୍ରତିଯୋଗିତା ୧୧ ଓ ୧୨ରେ

କଟକ, (ସବ୍ୟୁ):ରାଜ୍ୟର ସମୃଦ୍ଧ ସାମୁଦ୍ରିକ ଐତିହ୍ୟ ପରମ୍ପରାର ସ୍ମୃତିକୁ ଉଜ୍ଜୀବିତ କରିବା ପାଇଁ ଐତିହାସିକ ବାଲିଯାତ୍ରା ର ଅଂଶ ସ୍ୱରୂପ ପ୍ରଥମ ମହାନଦୀ ବୋଇତ ପ୍ରତିଯୋଗିତା ୨୦୨୫ ଅନୁଷ୍ଠିତ ହେବାକୁ ଯାଉଛି। ଆସନ୍ତା ୧୧ ଏବଂ ୧୨ ନଭେମ୍ବର ୨୦୨୫ ରେ କଟକର ଗଡ଼ଗାଡିଆ ଘାଟରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହେବ। ଓଡ଼ିଶା ସମେତ ୧୦ ଟି ଭିନ୍ନ ଭିନ୍ନ ରାଜ୍ୟର ଜାତୀୟ ସ୍ତରୀୟ ପୁରୁଷ ଏବଂ ମହିଳା ଦଳ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ୧୧ ନଭେମ୍ବର ସକାଳ ୧୧:୪୫ ରେ ଉଦ୍ଘାଟନୀ ସମାରୋହରେ, ମୁଖ୍ୟ ଅତିଥି ଭାବରେ ଓଡ଼ିଶାର ମାନ୍ୟବର ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଉପସ୍ଥିତ ରହିବା କାର୍ଯ୍ୟକ୍ରମ ରହିଛି। ଏହି ପ୍ରତିଯୋଗିତାରେ ବିଶେଷ ଆକର୍ଷଣ ରହିବ ଫ୍ଲାଏ ବୋଟ ରେସ। ଏହା ପରେ ପ୍ରତିଯୋଗିତାରେ ଦ୍ୱିତୀୟ ଦିନ ନଭେମ୍ବର ୧୨ ତାରିଖ, ସକାଳ ୮ ଘଟିକା ସମୟରେ ଆରମ୍ଭ ହେବ ଏବଂ ଅପରାହ୍ନ ୪ଟାରେ ଶେଷ ହେବ। ଉକ୍ତ ଦିନ ଗଣ କବି ବୈଷ୍ଣବ ପାଣି ମଞ୍ଚରେ ଓଡ଼ିଶାର ମାନ୍ୟବର ରାଜ୍ୟପାଳ ଶ୍ରୀ ହରି ବାବୁ କମ୍ଭମପାଟି ବିଜେତା ଦଳଗୁଡ଼ିକୁ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ସ୍ଥାନର ଟ୍ରଫି ସହିତ ସମ୍ମାନିତ କରିବା କାର୍ଯ୍ୟକ୍ରମ ରହିଛି।

## ଓଡ଼ିଶା ରାଷ୍ଟ୍ରବାଦୀ ସଂଘ ପକ୍ଷରୁ ଆଲୋଚନା ଚକ୍ର ଓ ସମ୍ବର୍ଦ୍ଧନା ସଭା

କଟକ,(ସବ୍ୟୁ): ଓଡ଼ିଶା ରାଷ୍ଟ୍ରବାଦୀ ସଂଘ ପକ୍ଷରୁ ୪୨ ମୌଜା କଳପଡ଼ା କଦମ୍ବେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଓଡ଼ିଆ ପ୍ରାଚୀନ ସଂସ୍କୃତି ଓ ନୌବାଣିଜ୍ୟ ପରମ୍ପରାର ଇତିହାସକୁ ବହନ କରୁଥିବା ବୋଇତ ବନ୍ଦାଣ ଉତ୍ସବ ସହ କଟକ ଐତିହାସିକ ବାଲି ଯାତ୍ରା ନେଇ ଆଲୋଚନା ଚକ୍ର,ମୁରୁଜ ପ୍ରତିଯୋଗିତା, ଓଡ଼ିଶୀ ନୃତ୍ୟ ଏବଂ ସମ୍ବର୍ଧନା ସଭା ଅନୁଷ୍ଠିତ ହେଇଯାଉଛି । ସଂଘର ସଭାପତି ଯୁବ ସମାଜସେବୀ ଇଂ.ଗିରିଜା ଶଙ୍କର ପତିଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ଅତିଥି ଭାବେ ରାଜ୍ୟ ମହିଳା କମିଶନ ସଦସ୍ୟା ପ୍ରତିଭା ଶତପଥୀ,କଟକ ସଦର ବ୍ଲକ ଅଧ୍ୟକ୍ଷା ଭାଗ୍ୟଲକ୍ଷ୍ମୀ ରାଉତ,ସତ୍ୟଭାମା ଦେବତା, ପ୍ରଭାତ ଦେବତା,ଭାରତୀୟ କିଷାନ ସଂଘ ରାଜ୍ୟ ସମ୍ପାଦକ ଦେବୀପ୍ରସାଦ ପତି,ଲିଯାନ ଏକାଡେମୀର ମୁଖ୍ୟ ଲକ୍ଷ୍ମୀଧର ରାଉଳ,ସରସ୍ୱତୀ କଳା ପରିଷଦର ସମ୍ପାଦକ ନାଟ୍ୟକାର ଅଶୋକ ପଟ୍ଟନାୟକ,ସାହିତ୍ୟିକ ପ୍ରଦୀପ୍ତ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ । ଏଥିରେ ଚାଷୀ,ସମାଜସେବୀ,କବି,ଶିକ୍ଷାବିତ୍,ମୂର୍ତ୍ତି କାରିଗର,କଳାକାର,ପରିବେଶବିତ୍ ମାନଙ୍କୁ ସମ୍ବର୍ଦ୍ଧିତ କରା ଯାଇଛି । ଅନ୍ୟ ମାନଂକ ମଧ୍ୟରେ ବିଶ୍ୱରଂଜନ ଜେନା,ବାସୁଦେବ ସ୍ୱାଇଁ,ବାବୁଲି ମହାପାତ୍ର,ପ୍ରେମାନନ୍ଦ ମହାରଣା,ସଚ୍ଚିକାନ୍ତ ବେଉରା,ଜୟନ୍ତ ପତି,ତ୍ରିଲୋଚନ ପତି,ଅନିଲ ମହାପାତ୍ର,ନିର୍ମଳ ଦାସ,ପୀୟୁଷ ପରିଡ଼ା,ଦୀପକ ସାହୁ,ସଞ୍ଜୟ ସାହୁ,ସୁବାସ ପଣ୍ଡା,ରସାନନ୍ଦ ବେହେରା,ମନମୋହନ ସାହୁ,ପ୍ରମୋଦ ପତି ପ୍ରମୁଖ ଯୋଗ ଦେଇଥିଲେ ।

# ଚାନ୍ଦି ଭଣ୍ଡାର ପକ୍ଷରୁ କିଡ୍ସ କଲେକ୍ସନ ଟ୍ରେଜର୍ସ

ଭୁବନେଶ୍ୱର, (ସବ୍ୟୁ): ଆମେ ସମସ୍ତେ ଆମର ପିଲାଦିନର ସ୍ମୃତିକୁ ଆଦର କରୁ - ହସ, ଛୋଟ ଛୋଟ ଦୁଷ୍ଟାମି ଏବଂ ପରିବାରର ଉଷ୍ମତା ଯାହା ଆଜି ଆମେ କିଏ ତାହା ଆକାର ଦେଇଛି। ପ୍ରତ୍ୟେକ ପରିବାରର ହୃଦୟରେ ଏକ ପିଲା ଥାଏ - ଶକ୍ତି, ନିର୍ଦ୍ଦୋଷତା ଏବଂ ଆନନ୍ଦ ଆଣେ ଯାହା ପ୍ରତ୍ୟେକ ଘରକୁ ଆଲୋକିତ କରେ। ପିଲାମାନେ ଆମକୁ ଜୀବନର ପବିତ୍ର ଭାବନା ମନେ ପକାଇ ଦିଅନ୍ତି; ସେମାନେ ଆମକୁ ଧୀର ହେବାକୁ, ଜୋରରେ ହସିବାକୁ ଏବଂ ଗଭୀର ଭାବରେ




ପ୍ରେମ କରିବାକୁ ଶିଖାନ୍ତି। ଏହି ଆତ୍ମା ସହିତ, ଚାନ୍ଦି ଭଣ୍ଡାର ଗର୍ବର ସହିତ "ଟ୍ରେଜର୍ସ" ଉପସ୍ଥାପନ କରେ - ଏକ ପିଲାଦିନର ଯାଦୁ ଏବଂ ଏକ ପରିବାରକୁ ସମ୍ପୂର୍ଣ୍ଣ କରୁଥିବା ବନ୍ଧନ ଦ୍ୱାରା ଅନୁପ୍ରାଣିତ ଏକ ପିଲା ସଂଗ୍ରହ। ଏହି ସ୍ୱତନ୍ତ୍ର ଧାଡି ପ୍ରତ୍ୟେକ ପିଲା ଆଣିଥିବା ଆନନ୍ଦ ଏବଂ ଚିରକାଳ ପାଇଁ ବଞ୍ଚି ରହିଥିବା ସ୍ମୃତିକୁ ପାଳନ କରେ। ଚାନ୍ଦି ଭଣ୍ଡାର ପିଲାମାନଙ୍କ ପାଇଁ ବିଶେଷ ଭାବରେ ପ୍ରସ୍ତୁତ ଏକ ଉତ୍କୃଷ୍ଟ ସଂଗ୍ରହ ପ୍ରଦାନ କରୁଥିବା ଏକମାତ୍ର ଗନ୍ତବ୍ୟସ୍ଥଳ। ଟ୍ରେଜର୍ସ ସଂଗ୍ରହରେ ପ୍ରତ୍ୟେକ ବୟସ ଗୋଷ୍ଠୀ ପାଇଁ ଆକର୍ଷଣୀୟ ଆଙ୍କଲେଟ୍, ଖେଳୁଥିବା ପେଣ୍ଡାଣ୍ଟ ସେଟ୍, ନାଜୁକ ଚୁଡ଼ି, ସୁରକ୍ଷାତ୍ମକ ଦୁଷ୍ଟ ଆଖି, ସୁନ୍ଦର ପାୟଲ୍ ଏବଂ ନେକପିସ୍ - ସୁନ୍ଦର ଭାବରେ ଡିଜାଇନ୍ କରାଯାଇଥିବା ରୂପା ସାମଗ୍ରୀ ଏବଂ କିପସେକ୍ ଆସେସୋରିଜ୍ ରହିଛି। ଏକ ବିଶେଷ ଅଫର ମାଧ୍ୟମରେ ଏହି ସ୍ୱତନ୍ତ୍ର ଲଞ୍ଚିକୁ ପାଳନ କରାଯାଉଛି। ଚଳିତମାସ ୧୩ ଓ ୧୪ତାରିଖରେ ଚାନ୍ଦି ଭଣ୍ଡାରର ସମସ୍ତ ଷ୍ଟୋରରେ ଗଢ଼ା ମଜୁରୀରେ ଫ୍ଲାଟ୍ ୩୦ ପ୍ରତିଶତ ରିହାତି ଦିଆଯିବ। ଏହି ପରିପ୍ରେକ୍ଷୀରେ ଚାନ୍ଦିଭଣ୍ଡାରର ପ୍ରତିଷ୍ଠାତା ଲିପ୍ସା ହଂସ କୁହନ୍ତି ପ୍ରତ୍ୟେକ ଶିଶୁ ନିଜ ସହ ଆନନ୍ଦ, ପ୍ରେମ ଏବଂ ଆଶ୍ଚର୍ଯ୍ୟର ଏକ ଦୁନିଆ ଆଣିଥାଏ। ଉକ୍ତ ସୁନ୍ଦର ଆରମ୍ଭକୁ ସମ୍ମାନ କରିବା ଦିଗରେ 'ଟ୍ରେଜର' ଏକ ମାଧ୍ୟମ ଯାହା ଶିଶୁ ଓ ପରିବାରକୁ ଆକାର ଦେଇଥାଏ।

## କଟୁରୀ ଚୋଟରେ ଯୁବକ ଗୁରୁତର, ଅଭିଯୁକ୍ତ ଫେରାର

କାକଟପୁର ,(ସବ୍ୟୁ): ପାର୍କିଂଟଙ୍କା ନ ଦେବାରୁ ଜଣେ ଯୁବକଙ୍କୁ କଟୁରିରେ ହାଣି ଅଭିଯୁକ୍ତ ଫେରାର ହୋଇଯାଇଛି । କଟୁରୀ ଚୋଟରେ ପୀଡ଼ିତ ଯୁବକ ଜଣଙ୍କ ଗୁରୁତର ହୋଇ ଡ଼ାକ୍ତରଖାନାରେ ଭର୍ତ୍ତିହୋଇଛନ୍ତି । ଗୁରୁତର ଯୁବକ ଜଣଙ୍କ କାକଟପୁର ସେବକ ସାହିର ପୀତବାସ ଦୀକ୍ଷିତ । ରବିବାର ଅପରାହ୍ନ ପ୍ରାୟ ୨ଟାରେ ପୀତବାସ ପାର୍କିଂ ପଡିଆ ଠାରେ ପାର୍କିଂ ଫି ଆଦାୟ କରୁଥିବା ସମୟରେ ଅସ୍ତରଙ୍ଗ ଥାନା ଅଧିନସ୍ଥ ନାନପୁର ଗ୍ରାମର ରଞ୍ଜିତ ବିଶ୍ୱାଳ ଏକ ପଲସର ବାଇକ ରେ ଆସି ଜୋରଜବରଦସ୍ତ ପାର୍କିଂ ଫି ପାଇଁ ଆଦାୟ ହୋଇଥିବା ଟଙ୍କା ମାଗିଥିଲେ । ଏଥିରେ ପୀତବାସ ବିରୋଧ କରିବାରେ ଅଭିଯୁକ୍ତ ଏକ କଟୁରୀ ବାହାର କରି ପୀତବାସଙ୍କ ମୁଣ୍ଡ ପଛପଟକୁ ଏକ ଶକ୍ତ ଚୋଟ ଦେଇଥିଲେ । ଏଥିରେ ଗୁରୁତର ହୋଇ ପୀତବାସ ଚିତ୍କାର କରି ତଳେ ପଡିଯିବା ପରେ ତାଙ୍କ ନିକଟରେ ଥିବା ୪୦ ହଜାର ଟଙ୍କା ଅଭିଯୁକ୍ତ ରଞ୍ଜିତ ନେଇ ଘଟଣା ସ୍ଥଳରୁ ଫେରାର ହୋଇଯାଇଥିଲା । ସ୍ଥାନୀୟ ଲୋକେ ପହଞ୍ଚି ଗୁରୁତର ଅବସ୍ଥା ରେ ପୀତବାସ କୁ ନିକଟସ୍ଥ କାକଟପୁର ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଯାଇଥିଲେ । ଘଟଣା ସମ୍ପର୍କ ରେ ପରିବାର ପକ୍ଷରୁ କାକଟପୁର ଥାନାରେ ଲିଖିତ ଅଭିଯୋଗ ହେବାପରେ କାକଟପୁର ଥାନା ପକ୍ଷରୁ ୩୨୨/୨୫ ରେ ଏକ ମାମଲା ରୁଜୁ କରାଯାଇ ଆଇଆଇସି ବସନ୍ତ କୁମାର ସାହୁଙ୍କ ନେତୃତ୍ୱରେ ଏକ ଟିମ ଅଭିଯୁକ୍ତକୁ ଗିରଫ ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଛାନଭିନ କରିଛି । ଏଠାରେ ପ୍ରକାଶ ଥାଉକି ଅଭିଯୁକ୍ତ ରଞ୍ଜିତ ପୂର୍ବରୁ ଉକ୍ତ ପାର୍କିଂ ଫି ଆଦାୟ ପାଇଁ ନିୟୋଜିତ ଥିଲା ।ସେ ସମୟରେ ପାର୍କିଂ ଟଙ୍କାର ହିସାବ ନ ଦେଇ ପାରିବାରେ ତାକୁ ଉକ୍ତ କାର୍ଯ୍ୟରୁ ବହିଷ୍କାର କରାଯାଇଥିଲା । ସେହି ରାଗ ରଖି ରଞ୍ଜିତ ଏଭଳି କାଣ୍ଡ ଘଟାଇଥିବା କୁହାଯାଉଛି । ସେମାନେ ସୁସ୍ଥ ଅଛନ୍ତି । ସତ୍ୟବାଦୀ ପୋଲିସ ଏକ ମୋକଦ୍ଦମା ରୁଜୁ କରି ଘଟଣା ର ତଦନ୍ତ କରୁଛନ୍ତି ବୋଲି ଜଣା ପଡ଼ିଛି ।

# ବାଲିଯାତ୍ରାରେ ସୌର ଶକ୍ତି ସମ୍ପର୍କରେ ସଚେତନ କରୁଛି ଟିପିସିଓଡିଏଲ୍

ଭୁବନେଶ୍ୱର(ସବ୍ୟୁ) : ଟାଟା ପାଓ୍ୱାର ଏବଂ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ଟିପି ସେଂଟ୍ରାଲ ଓଡିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିସିଓଡିଏଲ୍), ଓଡ଼ିଶାର ସମୃଦ୍ଧ ସାମୁଦ୍ରିକ ଐତିହ୍ୟର ଉତ୍ସବ ଐତିହାସିକ ବାଲିଯାତ୍ରା ମେଳାରେ ସୌର ଶକ୍ତି ସଚେତନତା ଶିବିର ସ୍ଥାପନ କରିଛି । ନବୀକରଣୀୟ ଶକ୍ତିକୁ ପ୍ରୋତ୍ସାହିତ କରିବା ପ୍ରତି ଏହାର ପ୍ରତିବଦ୍ଧତାର ଅଂଶ ସ୍ୱରୂପ, ଟିପିସିଓଡିଏଲ୍ ପକ୍ଷରୁ ପିଏମ୍ ସୂର୍ଯ୍ୟ ଘର: ମୁଫ୍ତ ବିଜିଳି ଯୋଜନାରୟୁଟିଲିଟି ଲେଡ ଏଗ୍ରିଗେସନ (ୟୁଏଲ୍ଏ) ମଡେଲକୁ ଷ୍ଟଲରେ ପ୍ରଦର୍ଶନ କରାଯାଇଛି ।ଏହି ଯୋଜନା ମାଧ୍ୟମରେ ଉପଭୋକ୍ତାମାନେ କିଭଳି ସହଜରେ ରୁଫଟପ୍ ସୋଲାର ସିଷ୍ଟମ୍ ସ୍ଥାପନ କରିପାରିବେ ସେ ସମ୍ପର୍କରେ ସଚେତନ କରାଯାଉଛି ସେହିଭଳି ସୌର ଶକ୍ତିର ଆର୍ଥିକ ଓ ପରିବେଶଗତ ଲାଭ ବିଷୟରେ ପରିଦର୍ଶକମାନଙ୍କୁ ଅବଗତ କରାଯିବା ସହିତ ଅନଲାଇନ୍ ରେଜିଷ୍ଟ୍ରେସନ୍ ଓ ସ୍ଥାପନ ପ୍ରକ୍ରିୟାକୁ ସହଜ ଭାବରେ ବୁଝାଇ ଦିଆଯାଉଛି । ସଚେତନତା ଅଭିଯାନ ସହିତ, ଟିପିସିଓଡିଏଲ୍ ୧୩୦ ଏକର ବିସ୍ତୃତ ମେଳା ପରିସରରେ ୨୪ ଘଣ୍ଟିଆ ଭରସାଯୋଗ୍ୟ ବିଦ୍ୟୁତଯୋଗାଣ ସୁନିଶ୍ଚିତ କରି ପରିଦର୍ଶକଙ୍କ ପାଇଁ




ଏକ ସୁଖଦ ଅନୁଭୂତି ଆଣିଦେଇଛି । ଏହି କ୍ୟାମ୍ପରେ, କମ୍ପାନୀର ପ୍ରତିନିଧିମାନେ ହଜାର ହଜାର ପରିଦର୍ଶକଙ୍କ ସୌର ଶକ୍ତି ସମ୍ବନ୍ଧୀୟ ପ୍ରଶ୍ନର ଉତ୍ତର ଦେବା ସହିତ, ଆଗ୍ରହୀ ଉପଭୋକ୍ତାମାନଙ୍କୁ ରୁଫଟପ୍ ସୋଲାର ସିଷ୍ଟମ୍ ସ୍ଥାପନ କରିବାର ବ୍ୟବସ୍ଥା ସମ୍ପର୍କରେ ମାର୍ଗଦର୍ଶନ କରୁଛନ୍ତି । ଏହି ପଦକ୍ଷେପ ବିଷୟରେ ମତାମତ ଦେଇ, ଟିପିସିଓଡିଏଲ ର ସିଇଓ ଅରଭିନ୍ଦ ସିଂହ କହିଛନ୍ତି ଯେ , ଜନସାଧାରଣଙ୍କ ସହିତ ଯୋଡି ହୋଇ ସ୍ୱଚ୍ଛ ଏବଂ ସୁଲଭ ଶକ୍ତିର ପ୍ରସାର କରିବାକୁ ବାଲିଯାତ୍ରା ଏକ ବଡ ପ୍ଲାଟଫର୍ମ । ନଭେମ୍ବର ୫ ତାରିଖରେ ଏହାର ଉଦଘାଟନ ପରଠାରୁ ବାଲିଯାତ୍ରା ପଡିଆରେ ଟିପିସିଓଡିଏଲର ଏହି କ୍ୟାମ୍ପ ହଜାର ହଜାର ପରିଦର୍ଶକଙ୍କୁ ଆକର୍ଷିତ କରିଛି ଏବଂ ନଭେମ୍ବର ୧୨ ପର୍ଯ୍ୟନ୍ତ ଆହୁରି ଅନେକ ଲୋକ କ୍ୟାମ୍ପ ପରିଦର୍ଶନ କରିବେ ବୋଲି ଆଶା କରାଯାଉଛି ।

# ୨ୟ ପର୍ଯ୍ୟାୟ ଭୋଟ ଗ୍ରହଣ ପାଇଁ ପ୍ରଚାର ଶେଷ

ଗୟା: ବିହାରରେ ଆସନ୍ତା ୧୧ ତାରିଖରେ ବିହାରରେ ଦ୍ୱିତୀୟ ତଥା ଅନ୍ତିମ ପର୍ଯ୍ୟାୟ ଭୋଟଗ୍ରହଣ ହେବ । ଏଥିପାଇଁ ରବିବାର ସନ୍ଧ୍ୟା ୫ଟାରେ ପ୍ରଚାର ବନ୍ଦ ହୋଇଯାଇଛି । ଏହା ସହିତ ଭୋଟଗ୍ରହଣ ହେବାକୁ ଥିବା ଜିଲ୍ଲାଗୁଡ଼ିକରେ ଯେକୌଣସି ପ୍ରକାରର ସମାବେଶ, ରାଲି କିମ୍ବା ରୋଡ୍ ସୋ ସମ୍ପୂର୍ଣ୍ଣ ନିଷିଦ୍ଧ ହୋଇଯାଇଛି। ଏହି ପର୍ଯ୍ୟାୟରେ ୨୦ଟି ଜିଲ୍ଲାର ୧୨୨ଟି ଆସନ ପାଇଁ ଭୋଟଗ୍ରହଣ ହେବ।





ଦ୍ୱିତୀୟ ପର୍ଯ୍ୟାୟରେ ମତଦାନ ହେବାକୁ ଥିବା ୨୦ଟି ଜିଲ୍ଲା ମଧ୍ୟରେ ପଶ୍ଚିମ ଚମ୍ପାରଣ, ପୂର୍ବ ଚମ୍ପାରଣ, ସୀତାମାଢ଼ୀ, ଶିବହାର, ମଧୁବନୀ, ସୁପୌଲ, ଆରାରିଆ, କିଶନଗଞ୍ଜ, ପୂର୍ଣ୍ଣିଆ, କଟିହାର, ଭାଗଲପୁର, ବାଙ୍କା, ଜାମୁଇ, ନୱାଡା, ଗୟା, ଔରଙ୍ଗାବାଦ, ଜେହାନାବାଦ, ଆରୱାଲ, କୈମୁର ଏବଂ ରୋହତାସ ଅନ୍ତର୍ଭୁକ୍ତ।

ପ୍ରଥମ ପର୍ଯ୍ୟାୟରେ ହୋଇଥିଲା ରେକର୍ଡ ଭୋଟ
ନଭେମ୍ବର ୬ ତାରିଖରେ ହୋଇଥିବା ପ୍ରଥମ ପର୍ଯ୍ୟାୟରେ ରାଜ୍ୟର ୧୨୧ଟି ଆସନ ପାଇଁ ଭୋଟଗ୍ରହଣ ହୋଇଥିଲା । ଏହି ପର୍ଯ୍ୟାୟରେ ହୋଇଥିବା ଭୋଟଗ୍ରହଣ ପୂର୍ବର ସବୁ ରେକର୍ଡକୁ ଭାଙ୍ଗି ଦେଇଥିଲା । ଏହି ପର୍ଯ୍ୟାୟରେ ୬୫ ପ୍ରତିଶତ ଭୋଟ ହୋଇଥିଲା । ରେକର୍ଡ ଭୋଟକୁ ନେଇ ବିଭିନ୍ନ ରାଜନୈତିକ ଦଳ ଭିନ୍ନ ଭିନ୍ନ ଆକଳନ କରୁଛନ୍ତି । ଶାସକ ଦଳ ଏହାକୁ ନିଜ ସପକ୍ଷରେ ଦେଖୁଥିବାବେଳେ ବିରୋଧୀ ଏହାକୁ କ୍ଷମତାସୀନ ଦଳ ବିରୋଧରେ ଲୋକଙ୍କ ରୋଷ ହିସାବରେ ଦେଖୁଛି ।

# ଆବର୍ଜନାରୁ ଆୟ ଚନ୍ଦ୍ରାୟନ-୩ ବଜେଟଠୁ ଅଧିକ

ନୂଆଦିଲ୍ଲୀ : ମୋଦି ସରକାର ଗତ ଏକ ମାସ ମଧ୍ୟରେ ସ୍କ୍ରାପ୍ ବିକ୍ରୟ କରି ୮୦୦ କୋଟି ଟଙ୍କା ରୋଜଗାର କରିଛନ୍ତି। ଯାହାକି ଚନ୍ଦ୍ରାୟନ-୩ର ବଜେଟ ଠାରୁ ମଧ୍ୟ ଅଧିକ ଅଟେ। ଏହି ଚନ୍ଦ୍ରୟାନ-୩ ମୂଲ୍ୟ ୬୧୫ କୋଟି ଥିବା ନେଇ ଜଣାପଡ଼ିଛି।



ଏହି ଅଭିଯାନ ଅକ୍ଟୋବର ୨ରୁ ଅକ୍ଟୋବର ୩୧ ତାରିଖ ପର୍ଯ୍ୟନ୍ତ ଚାଲିଥିଲା ଓ ସରକାର ପ୍ରାୟ ୨୩.୨ ନିୟୁତ ବର୍ଗଫୁଟ ସ୍ଥିତ ଅଫିସର ସମସ୍ତ ସ୍ଥାନ ସଫା କରିବା ସହ ଏଥିରୁ ୨.୯ ନିୟୁତ ଅଦରକାରୀ ଫାଇଲ ପାଇଥିଲେ। ଏହା ୨୦୨୧ରେ ଆରମ୍ଭ ହୋଇଥିଲା ଏବଂ ଗତ ମାସର ଆୟକୁ ମିଶାଇଲେ ବର୍ତ୍ତମାନ୍ ସୁଦ୍ଧା ପ୍ରାୟ ୪୧୦୦ କୋଟି ଟଙ୍କା ରୋଜଗାର ହୋଇସାରିଛି।

୨୦୨୧ ମସିହାରୁ ଏହିପରି ପାଞ୍ଚଟି ଅଭିଯାନ କରାଯାଇଛି ଓ ଏଥିରେ ଡକ୍ଟର ଜିତେନ୍ଦ୍ର ସିଂହ, ମନସୁଖଭାଇ ମାଣ୍ଡଭିଆ ଏବଂ କେ. ରାମ ମୋହନ ନାଇଡୁଙ୍କୁ ଏଗୁଡ଼ିକୁ ସଫା କରିବାର ଦାୟିତ୍ୱ ଦିଆଯାଇଥିଲା। ଏଥିରେ ପ୍ରାୟ ୨୩.୬୨ ଲକ୍ଷ କାର୍ଯ୍ୟାଳୟ ସଫା ହୋଇଥିବା ବେଳେ ଏହା ଅଧୀନରେ ୯୨୮.୮୪ ଲକ୍ଷ ବର୍ଗଫୁଟ ସ୍ଥାନ ସଫା ହୋଇଛି।

ମୋଦି ସରକାରଙ୍କ ସ୍ୱଚ୍ଛତା ଅଭିଯାନରେ ୧୬୬.୯୫ଟି ଭୌତିକ ଫାଇଲ୍ ବନ୍ଦ କରି ହଟାଯାଇଥିଲା ଓ ଏହି ସମସ୍ତ ସ୍କ୍ରାପ୍ ବିକ୍ରୟ କରି ୪,୦୯୭.୨୪ କୋଟି ଟଙ୍କା ରୋଜଗାର କରାଯାଇଥିବା ନେଇ ରିପୋର୍ଟରୁ ଜଣାପଡ଼ିଛି। ଏହା ମୋଦି ସରକାରଙ୍କ ସ୍ୱଚ୍ଛ ଭାରତ ମିଶନର ଅଂଶ ହେବା ସହ ସମସ୍ତ ଅଦରକାରୀ ଜିନିଷକୁ ସମ୍ପତ୍ତିରେ ପରିଣତ କରିଥିବା ନେଇ ପିଏମଓ/ଡିଓପିଟି ରାଜ୍ୟମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂହ କହିଛନ୍ତି । ଏଥିସହିତ ଏହି ଆୟରେ ଛଅଟି ଚନ୍ଦ୍ରଯାନ ପରିଚାଳିତ ହୋଇପାରିବ ବୋଲି ମଧ୍ୟ ସେ କହିଛନ୍ତି।

# ଭୟଙ୍କର ପ୍ରଦୂଷଣ ବଳୟରେ ରାଜଧାନୀ ଦିଲ୍ଲୀ

ନୂଆଦିଲ୍ଲୀ: ବିଷାକ୍ତ ପାଲଟିଛି ଦିଲ୍ଲୀ ପରିବେଶ । ପୁଣିଥରେ ବିଷାକ୍ତ ବାୟୁରେ ଛଟପଟ ହେଉଛନ୍ତି ଦିଲ୍ଲୀବାସୀ । ବାୟୁର ମାନ ଶନିବାର ସାଂଘାତିକ ରୂପ ନେବା ପରେ ଅଧିକ କଟକଣା ପାଇଁ ସରକାର ପ୍ରସ୍ତୁତ ହେଉଛନ୍ତି । ସହରର ବିଭିନ୍ନ ସ୍ଥାନରେ ଏକ୍ୟୁଆଇ ୪୦୦ ଟପିଛି । ଅଲୀପୁରରେ ୪୧୭, ଆଇଟିଓରେ ୪୦୮, ନେହରୁ ନଗରରେ ୪୦୭, ପଟପଡଗଂଜରେ ୪୦୩ ଏବଂ ପଞ୍ଜାବ ବାଗରେ ୪୦୪ ରହିଛି ।



କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ସିପିସିବି)ର ତଥ୍ୟ ଅନୁଯାୟୀ, ଆଜି ଦିଲ୍ଲୀ-ଏନସିଆର୍ ଓ ନିକଟବର୍ତ୍ତୀ ଅଞ୍ଚଳ ସମେତ ଉତ୍ତର ଭାରତର ଅନେକ ଅଞ୍ଚଳରେ ଘନ ଧୂଆଁ କୁହୁଡ଼ି ରହିଥିଲା ଏବଂ ଅନେକ ସ୍ଥାନରେ ଖରାପରୁ ଅତ୍ୟନ୍ତ ଖରାପ ବାୟୁ ଗୁଣବତ୍ତା ସୂଚକାଙ୍କ (ଏକ୍ୟୁଆଇ) ରିପୋର୍ଟ କରାଯାଇଥିଲା ।

ରାଜଧାନୀରେ କ୍ଷେତ୍ର ନୋଏଡାରେ ୩୫୪, ଗ୍ରେଟର ନୋଏଡାରେ ୩୩୬ ଏବଂ ଗାଜିଆବାଦରେ ୩୩୯ ଏକ୍ୟୁଆଇ ରହିଛି। ଏହିସବୁ ଅଞ୍ଚଳରେ ବାୟୁ ଗୁଣବତ୍ତା ସ୍ତର ବହୁତ ଖରାପ ରହିଛି । ରାଜଧାନୀ ସବୁଠାରୁ ଅଧିକ ପ୍ରଦୂଷିତ ସହର ଶୀର୍ଷ ସ୍ଥାନରେ ରହିଛି ।

# ଆଡଭାନୀଙ୍କୁ ପ୍ରଶଂସା କରି ଟାର୍ଗେଟରେ ଥରୁର : ସାଂସଦ ଏମିତି ଦେଲେ ଜବାବ

ନୂଆଦିଲ୍ଲୀ : କଂଗ୍ରେସ ସାଂସଦ ଶଶି ଥରୁର ବରିଷ୍ଠ ବିଜେପି ନେତା ଲାଲକୃଷ୍ଣ ଆଡବାଣୀଙ୍କ ପ୍ରଶଂସା କରି ଅନେକ ଲୋକଙ୍କ ଟାର୍ଗେଟ୍ରେ ଆସିଛନ୍ତି। ଥରୁରଙ୍କ ଦ୍ୱାରା ଆଡବାଣୀଙ୍କ ଜନ୍ମଦିନରେ କରାଯାଇ ଥିବା ପୋଷ୍ଟକୁ ନେଇ ଲୋକେ ତାଙ୍କର ବିଚାରଧାରା ଓ ବିଜେପି ନେତାଙ୍କ ଜୀବନ ଉପରେ ପ୍ରଶ୍ନ ଉଠାଉଛନ୍ତି। ଏମିତି ହିଁ ଏକ ପୋଷ୍ଟର ଜବାବ ଦେଇ କଂଗ୍ରେସ ସାଂସଦ କହିଛନ୍ତି ଯେ, ତାଙ୍କର (ଆଡବାଣୀ)ଙ୍କ ଲମ୍ବା ରାଜନୈତିକ ଜୀବନକୁ କେବଳ ଏକ ଘଟଣାର ଆଧାରରେ ପରୀକ୍ଷା କରିବା ଉଚିତ୍ ନୁହେଁ । ଏହା ଠିକ୍ ନୁହେଁ।

ଏହି ପୂରା ମାମଲା ସେତେବେଳେ ଆରମ୍ଭ ହୋଇଛି ,ଯେବେ ଶଶୁ ଥରୁର ଲାଲକୃଷ୍ଣ ଆଡବାଣୀଙ୍କ ୯୮ ତମ ଜନ୍ମଦିନରେ ତାଙ୍କ ସହ ଏକ ଫଟୋ ସେୟାର କରିଥିଲେ। ଏହାସହ ସେ ବିଜେପି ନେତାଙ୍କ ପ୍ରଶଂସା କରି ଲେଖିଥିଲେ ,ସାର୍ବଜନିକ ସେବା ପ୍ରତି ତାଙ୍କର ଅତୁଟ ପ୍ରତିବଦ୍ଧତା। ଏହାସହ ହିଁ ତାଙ୍କର ବିନମ୍ରତା ଓ ଶାଳୀନତା ସହ ଆଧୁନିକ ଭାରତର ଦିଗ ସ୍ଥିର କରିବାରେ ତାଙ୍କର ଭୂମିକା ଅଭୁଲନୀୟ।



କଂଗ୍ରେସ ସାଂସଦଙ୍କ ଏହି ପୋଷ୍ଟରେ ଓକିଲ ସଞ୍ଜୟ ହେଗଡେ ଟିପ୍ପଣୀ କରି ଲେଖିଛନ୍ତି ,କ୍ଷମା କରିବେ ଥରୁର , ଏହି ଦେଶରେ ଘୃଣା ଓ ଡ୍ରାଗନର ମଞ୍ଜି ବୁଣିବା (ଖୁଶୱନ୍ତ ସିଂହଙ୍କ ପୁସ୍ତକରୁ ନେଇ) କୌଣସି ସାର୍ବଜନିକ ସେବା ନୁହେଁ।

ଏଠାରେ ହେଗଡେ ଆଡବାଣୀଙ୍କ ରାମ ମନ୍ଦିର ଆନ୍ଦୋଳନରେ ଭୂମିକା ଓ ରଥ ଯାତ୍ରା କଥା ଉଲ୍ଲେଖ କରିଥିଲେ ,ଯାହାକୁ ବାବରୀ ମସଜିଦ ବିଧ୍ୱଂସର ପ୍ରେରକ ମନେକରାଯାଏ।

ଉଲ୍ଲେଖନୀୟ ଯେ, ସାମ୍ବାଦିକ ତଥା ଲେଖକ ଖୁଶୱନ୍ତ ସିଂହ ଏକ କାର୍ଯ୍ୟକ୍ରମରେ ଲାଲକୃଷ୍ଣ ଆଡବାଣୀଙ୍କ ସାମ୍ନାରେ ହିଁ କହି ଦେଇଥିଲେ ଯେ, ଆଡବାଣୀ ଜୀ ଆପଣ ଏହି ଦେଶରେ ଘୃଣା ଓ ଡ୍ରାଗନର ମଞ୍ଜି ବୁଣିଛନ୍ତି। ଏହାପରେ ଖୁଶୱନ୍ତ ସିଂହ ନିଜର ପୁସ୍ତକ ଦ ଏଣ୍ଡ ଅଫ୍ ଇଣ୍ଡିଆରେ ମଧ୍ୟ ଏହି କଥାକୁ ଲେଖି ଥିଲେ।

ଶଶି ଥରୁର ହେଗଡେଙ୍କ କଥାର ଜବାବ ଦେଇ ଲେଖିଛନ୍ତି , ତାଙ୍କର (ଆଡବାଣୀ) ସମଗ୍ର ସାର୍ବଜନିକ ଜୀବନକୁ କେବଳ ଏକ ଘଟଣା ଯାଏ ସୀମିତ ରହିବା ଠିକ୍ ନୁହେଁ। ଏହା ଠିକ୍ ନୁହେଁ...ନେହେରୁ ଜୀଙ୍କ ପୂରା କାର୍ଯ୍ୟକାଳକୁ କେବଳ ଚୀନରୁ ମିଳିଥିବା ପରାଜୟରେ ଅଙ୍କା ଯାଇପାରିବ ନାହିଁ ଏବଂ ନା କି ଇନ୍ଦିରା ଗାନ୍ଧୀଙ୍କ ସାର୍ବଜନିକ ଜୀବନକୁ ଜରୁରୀକାଳୀନ ସହ । ଯଦି ତାଙ୍କ ପାଇଁ ଆମେ ଏମିତି କରିବା ନାହିଁ , ତ ଆମେ ଆଡବାଣୀ ଜୀଙ୍କ ପାଇଁ ମଧ୍ୟ ଶିଷ୍ଟତା ଦେଖାଇବା ଉଚିତ୍।

# ପାକ୍ ସେନା ହେବ ସର୍ବେସର୍ବା

ଇସ୍ଲାମାବାଦ : ପାକିସ୍ତାନରେ ସେନା ସର୍ବେସର୍ବା ହେବାକୁ ଯାଉଛି କି ? ବର୍ତ୍ତମାନର ପରିସ୍ଥିତି ଏହା ସୂଚାଇ ଦେଉଛି। ଗୋଟିଏ ପଟେ, ସରକାର ପାକିସ୍ତାନୀ ସେନା ମୁଖ୍ୟ ଅସୀମ ମୁନିରଙ୍କୁ ସର୍ବୋଚ୍ଚ କ୍ଷମତା ପ୍ରଦାନ କରିବା ପାଇଁ ଏକ ନୂତନ ବିଲ୍ ଆଗତ କରିବାକୁ ଯାଉଛନ୍ତି, ଅନ୍ୟପଟେ ପ୍ରଧାନମନ୍ତ୍ରୀ ଶାହବାଜ ସରିଫ ଆତ୍ମସମର୍ପଣ କରିବାପରି ଲାଗୁଛି। ଶାହବାଜ ସରିଫ ଇନଷ୍ଟାଗ୍ରାମରେ ଲେଖିଛନ୍ତି, "କିଛି ଲୋକ ଚାହାଁନ୍ତି ଯେ ମୋ ପାଖରେ ଅଧିକ କ୍ଷମତା ରହୁ, କିନ୍ତୁ ମୁଁ ଲୋକଙ୍କ ନିକଟରେ ଉତ୍ତରଦାୟୀ ରହିବାକୁ ଚାହେଁ। ମୋତେ ଅଧିକ କ୍ଷମତାର ଆବଶ୍ୟକତା ନାହିଁ।" ତେବେ, ଏହି ପୁରା ମାମଲା କ'ଣ? ପ୍ରଥମେ, ପାକିସ୍ତାନ ରାଜନୀତିରେ ହଇଚଇ ସୃଷ୍ଟି କରିଥିବା ସଂଶୋଧନ ବିଷୟରେ ଆଲୋଚନା କରନ୍ତୁ। କିଛି ସେନେଟର ସଂସଦରେ ଏକ ପ୍ରସ୍ତାବ ଆଗତ କରିଥିଲେ ଯାହା ପ୍ରଧାନମନ୍ତ୍ରୀଙ୍କୁ ତାଙ୍କ କାର୍ଯ୍ୟକାଳ ମଧ୍ୟରେ ମାମଲା ଏବଂ ଆଇନଗତ କାର୍ଯ୍ୟାନୁଷ୍ଠାନରୁ ମୁକ୍ତ କରିବ। ସରଳ ଭାବରେ କହିବାକୁ ଗଲେ, ଯଦି ଏହି ପ୍ରସ୍ତାବ ଗୃହୀତ ହୁଏ, ତେବେ ପ୍ରଧାନମନ୍ତ୍ରୀ ଯେପର୍ଯ୍ୟନ୍ତ ପଦବୀରେ ରହିବେ ସେପର୍ଯ୍ୟନ୍ତ ଯେକୌଣସି ଦୁର୍ନୀତି କିମ୍ବା ଆଇନଗତ ମାମଲାରୁ ମୁକ୍ତ ରହିବେ। କିନ୍ତୁ ଏହି ବିଷୟ ଗଣମାଧ୍ୟମରେ ଆସିବା ମାତ୍ରେ ବିରୋଧୀ ଦଳ ହଙ୍ଗାମା କରିଥିଲେ ଯେ ଶାହବାଜ ସରିଫ ନିଜ ପାଇଁ ଏକ ଆଇନଗତ ଢାଲ ପ୍ରସ୍ତୁତ କରୁଛନ୍ତି।

ସ୍ପଷ୍ଟୀକରଣ ଦେଲେ ଶହବାଜ

ପରିସ୍ଥିତି ବିଗିଡ଼ିବାକୁ ଦେଖି, ଶାହବାଜ ସରିଫଙ୍କୁ ନିଜେ ଏକ ସ୍ପଷ୍ଟୀକରଣ ଦେବାକୁ ପଡିଲା। ସେ ଏକ ବିବୃତ୍ତି ଜାରି କରି କହିଥିଲେ, "ମୁଁ ଦେଖିଛି ଯେ ଆମ ଦଳର କିଛି ସେନେଟର ପ୍ରଧାନମନ୍ତ୍ରୀଙ୍କୁ ପ୍ରତିରକ୍ଷା ପ୍ରଦାନ କରି ଏକ ସଂଶୋଧନ ଆଗତ କରିଛନ୍ତି। ଏହା କ୍ୟାବିନେଟର ଅନୁମୋଦିତ ଡ୍ରାଫ୍ଟର ଅଂଶ ନଥିଲା। ମୁଁ ଏହାକୁ ତୁରନ୍ତ ପ୍ରତ୍ୟାହାର କରିବାକୁ ନିର୍ଦ୍ଦେଶ ଦେଇଛି।"

# ପରମାଣୁ ପରୀକ୍ଷଣ ପାଇଁ ପ୍ରସ୍ତୁତି ଆରମ୍ଭ କଲା ରୁଷିଆ

ମସ୍କୋ: ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସମ୍ପ୍ରତି ପରମାଣୁ ପରୀକ୍ଷଣ ବିଷୟରେ କହିଥିଲେ, କିନ୍ତୁ ଏବେ ରୁଷିଆ ଏକ ପରମାଣୁ ପରୀକ୍ଷଣ କରିବାକୁ ନିଜର ଇଚ୍ଛା ପ୍ରକାଶ କରିଛି। ରୁଷିଆର ବୈଦେଶିକ ମନ୍ତ୍ରୀ ସେରଗେଇ ଲାଭରୋଭ ଶନିବାର କହିଛନ୍ତି, ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ନିର୍ଦ୍ଦେଶରେ ରୁଷିଆର ପରମାଣୁ ପରୀକ୍ଷଣ ପାଇଁ ଏକ ପ୍ରସ୍ତାବ ଉପରେ କାର୍ଯ୍ୟ ଆରମ୍ଭ ହୋଇଛି।



ଲାଭରୋଭ କହିଛନ୍ତି, ରାଷ୍ଟ୍ରପତି ପୁଟିନଙ୍କ ନିର୍ଦ୍ଦେଶକୁ ନଭେମ୍ବର ୫ ତାରିଖରେ ସୁରକ୍ଷା ପରିଷଦ ବୈଠକରେ କାର୍ଯ୍ୟକାରୀ କରିବା ପାଇଁ ଗ୍ରହଣ କରାଯାଇଥିଲା ଏବଂ ବର୍ତ୍ତମାନ ଏହା କାର୍ଯ୍ୟକାରୀ ହେଉଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ଙ୍କ ଗତ ସପ୍ତାହରେ ୱାଶିଂଟନ ପକ୍ଷରୁ ପରମାଣୁ ପରୀକ୍ଷଣ ପୁଣି ଆରମ୍ଭ କରାଯିବ ବୋଲି ଘୋଷଣା ପରେ ଏହି ପଦକ୍ଷେପ ନିଆଯାଇଛି। ଯାହା ଦୁଇ ପରମାଣୁ ଶକ୍ତିଶାଳୀ ଦେଶ ଆମେରିକା ଏବଂ ରୁଷିଆ ମଧ୍ୟରେ ଜାରି ରହିଥିବା ଉତ୍ତେଜନାପୂର୍ଣ୍ଣ ସମ୍ପର୍କକୁ ଆହୁରି ଜଟିଳ କରିଦେଇଛି।

ପରୀକ୍ଷଣ ପାଇଁ ନିର୍ଦ୍ଦେଶ

ଆମେରିକାର ଉଦ୍ଦେଶ୍ୟ ସମ୍ପର୍କରେ ଅନିଶ୍ଚିତତା ଜାରି ରହିଥିବା ମଧ୍ୟରେ, ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ବରିଷ୍ଠ ଅଧିକାରୀମାନଙ୍କୁ ଆମେରିକାର ଯେକୌଣସି ସମ୍ଭାବ୍ୟ ପରୀକ୍ଷଣର ଜବାବରେ ରୁଷିଆ ଦ୍ୱାରା ପରମାଣୁ ପରୀକ୍ଷଣ ନେଇ ପ୍ରସ୍ତୁତି କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

୧୯୯୧ ମସିହାରେ ସୋଭିଏତ୍ ୟୁନିଅନ୍ ଭାଙ୍ଗିବା ପରଠାରୁ ରୁଷିଆ କୌଣସି ପରମାଣୁ ପରୀକ୍ଷଣ କରିନାହିଁ। ଆମେରିକା ସହିତ ମିଶି, ଏହା ବିଶ୍ୱର ସର୍ବବୃହତ ପରମାଣୁ ଭଣ୍ଡାର ବଜାୟ ରଖିଛି।

ଆମେରିକାକୁ ଚେତାବନୀ

ପରମାଣୁ ପରୀକ୍ଷଣ ପୁଣି ଆରମ୍ଭ ସମ୍ପର୍କରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସାମ୍ପ୍ରତିକ ବକ୍ତବ୍ୟ ନେଇ ସ୍ପଷ୍ଟୀକରଣ ଦେବାକୁ ରୁଷିଆ ଆମେରିକାକୁ ଅନୁରୋଧ କରିଛି। ରୁଷିଆ ଚେତାବନୀ ଦେଇଛି, ଏପରି ପଦକ୍ଷେପ ଅନ୍ୟ ଦେଶମାନଙ୍କଠାରୁ ନକାରାତ୍ମକ ପ୍ରତିକ୍ରିୟା ସୃଷ୍ଟି କରିପାରେ। ରୁଷିଆ ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ମାରିଆ ଜାଖାରୋଭା ମସ୍କୋରେ ଏକ ପ୍ରେସ୍ ବ୍ରିଫିଂ ସମୟରେ ଏହି ବିବୃତି ଦେଇଛନ୍ତି।

ସମ୍ପର୍କରେ ଉତ୍ତେଜନା

ଲାଭରୋଭ କହିଛନ୍ତି, ଟ୍ରମ୍ପ୍ଙ୍କ ନିର୍ଦ୍ଦେଶ ସମ୍ପର୍କରେ ମସ୍କୋ ଆମେରିକାଠାରୁ କୌଣସି ସରକାରୀ ସ୍ପଷ୍ଟୀକରଣ ପାଇନାହିଁ। ଗତ କିଛି ସପ୍ତାହ ମଧ୍ୟରେ ରୁଷିଆ ଏବଂ ଆମେରିକା ମଧ୍ୟରେ ସମ୍ପର୍କ ଖରାପ ହୋଇଛି। ଟ୍ରମ୍ପ୍ ପୁଟିନଙ୍କ ସହିତ ଏକ ଯୋଜନାବଦ୍ଧ ଶିଖର ବୈଠକ ମଧ୍ୟ ବାତିଲ କରିଛନ୍ତି ଏବଂ ୟୁକ୍ରେନରେ ଚାଲିଥିବା ଯୁଦ୍ଧ ପାଇଁ ମସ୍କୋ ଉପରେ ନୂତନ କଟକଣା ଲଗାଇଛନ୍ତି।

# ଜେଲରେ ଦୁଷ୍କର୍ମକାରୀକୁ ମିଳୁଛି ସବୁ ସୁବିଧା

ନୂଆଦିଲ୍ଲୀ : ଜେଲରେ ମିଳୁଛି ହୋଟେଲ ଭଳି ସୁବିଧା। ଦୁଷ୍କର୍ମ, ହତ୍ୟା ଓ ସୁନା ଚୋରା ଚାଲାଣ ଭଳି ଅପରାଧରେ ଜଡ଼ିତ କୁଖ୍ୟାତ ଅପରାଧୀଙ୍କୁ ଜେଲରେ ସବୁ ପ୍ରକାରର ସୁବିଧା ଯୋଗାଇ ଦିଆଯାଉଛି। ମୋବାଇଲ ଠାରୁ ଆରମ୍ଭ କରି ସେମାନଙ୍କ ପାଇଁ ଟିଭି ଉପଲବ୍ଧ ରହିଛି। ସେହିପରି ଜେଲର ବାରାକରେ ନିଜ ଇଚ୍ଛାରେ ଜଣେ କଏଦୀ ରୋଷେଇ କରି ଖାଉଥିବାର ଫଟୋ ଓ ଭିଡିଓ ସାମ୍ନାକୁ ଆସିଛି। ବେଙ୍ଗାଲୁରୁ ର ପରାପ୍ପନା ଅଗ୍ରାହର କେନ୍ଦ୍ରୀୟ ଜେଲରୁ ଏପରି ଦୃଶ୍ୟ ସାମ୍ନାକୁ ଆସିବା ପରେ ହଇଚଇ ସୃଷ୍ଟି ହୋଇଛି। ସାମ୍ନାକୁ ଆସିଥିବା ଭିଡିଓ ଓ ଫଟୋରେ ସିରିଏଲ ଦୁଷ୍କର୍ମକାରୀ ତଥା ହତ୍ୟାକାରୀ ଉମେଶ ରେଡ୍ଡୀ ଜେଲ ଭିତରେ ମୋବାଇଲ ବ୍ୟବହାର କରିବା ସହ ବେଧଡ଼କ ଅନ୍ଦାଜରେ ଟିଭି ଦେଖୁଥିବା ଦେଖିବାକୁ ମିଳୁଛି।

ରେଡ୍ଡୀ ୨୦ ଜଣ ମହିଳାଙ୍କୁ ଦୁଷ୍କର୍ମ କରିବା ସହ ସେମାନଙ୍କ ମଧ୍ୟରୁ ୧୮ ଜଣଙ୍କୁ ନିର୍ମମ ଭାବେ ହତ୍ୟା କରିଥିଲା। ଏଥିପାଇଁ ୨୦୦୯ରେ କର୍ଣ୍ଣାଟକା ହାଇକୋର୍ଟ ତାକୁ ମୃତ୍ୟୁଦଣ୍ଡ ଦେଇଥିଲେ। ୨୦୧୧ରେ ସୁପ୍ରିମକୋର୍ଟ ଏହାକୁ କାଏମ ରଖିଥିଲେ। କିନ୍ତୁ ଏହାପରେ ସେ କ୍ଷମା ଆବେଦନ ସୁପ୍ରିମକୋର୍ଟରେ ଦାଖଲ କରିଥିଲା। ସୁପ୍ରିମକୋର୍ଟ ତା'ର ମୃତ୍ୟୁଦଣ୍ଡକୁ ୨୦୨୨ରେ ୩୦ ବର୍ଷର ଜେଲଦଣ୍ଡରେ ବଦଳାଇ ଦେଇଥିଲେ।



ସେ ଏବେ ବେଙ୍ଗାଲୁରୁ କେନ୍ଦ୍ରୀୟ ଜେଲରେ ରହିଛି। ସେଠାରେ ତା'କୁ ରାଜକୀୟ ସୁବିଧା ସୁଯୋଗ ମିଳୁଛି। ସାମ୍ନାକୁ ଆସିଥିବା ଭିଡିଓରେ ଉମେଶ ରେଡ୍ଡୀ ୨ଟି ସ୍ମାର୍ଟଫୋନ ଓ ଗୋଟିଏ କିପ୍ୟାଡ ମୋବାଇଲ ଜେଲ ଭିତରେ ବ୍ୟବହାର କରୁଥିବା ଦେଖିବାକୁ ମିଳୁଛି। ଜେଲ କର୍ତ୍ତୃପକ୍ଷ ମଧ୍ୟ ଏ ସମ୍ପର୍କରେ ବେଶ ଅବଗତ ରହିଛନ୍ତି। ସେ ରହୁଥିବା ବାରାକରେ ଗୋଟିଏ ଟିଭି ଲାଗିଥିବା ମଧ୍ୟ ଦେଖାଯାଉଛି।

କେବଳ ରେଡ୍ଡୀ ନୁହେଁ, ରାନ୍ୟା ରାଓ ସୁନା ଚୋରାଚାଲାଣ ମାମଲାରେ ଗିରଫ ହୋଇଥିବା ତରୁନ ରାଜୁ ମଧ୍ୟ ଜେଲ ଭିତରେ ମୋବାଇଲ ବ୍ୟବହାର କରୁଛି। ସେ ନିଜର ସେଲରେ ରୋଷେଇ କରିବା ସହ ଘର ଭଳି ସେଠାରେ ବସି ମୋବାଇଲ ଚିପୁଥିବା ଦେଖାଯାଉଛି। ଜେନେଭା ଖସି ଯିବାକୁ ଚେଷ୍ଟା କରିବା ବେଳେ ତରୁନକୁ ଗିରଫ କରାଯାଇଥିଲା।

ରାନ୍ୟା ରାଓଙ୍କୁ ଦୁବାଇରେ ସୁନା ଦେବା ଘଟଣାର ମାଷ୍ଟରମାଇଣ୍ଡ ହେଉଛି ତରୁନ। ରାନ୍ୟା ହେଉଛନ୍ତି ଜଣେ ବରିଷ୍ଠ ଆଇପିଏସଙ୍କ ଝିଅ। ଏବେ ତୁରନ, ରେଡ୍ଡୀ ଓ ଅନ୍ୟ କଏଦୀଙ୍କ ଭିଡିଓ ସାମ୍ନାକୁ ଆସିବା ପରେ ହଇଚଇ ସୃଷ୍ଟି ହୋଇଛି। କର୍ଣ୍ଣାଟକାର କଂଗ୍ରେସ ସରକାର ଘଟଣାର ତଦନ୍ତ କରାଯିବ ବୋଲି କହିଛନ୍ତି।

# କାହିଁକି ବାଂଲାଦେଶରେ ପହଞ୍ଚିଲା ପାକିସ୍ତାନୀ ଯୁଦ୍ଧଜାହାଜ ?

ନୂଆଦିଲ୍ଲୀ : ପାକିସ୍ତାନୀ ନୌସେନା ଯୁଦ୍ଧଜାହାଜ PNF SAIF ବାଂଲାଦେଶର ଚିଟାଗଙ୍ଗ ବନ୍ଦରରେ ପହଞ୍ଚିଛି। ବାଂଲାଦେଶ ନୌସେନା ଚାରି ଦିନିଆ ସଦିଚ୍ଛା ଗସ୍ତରେ ଯୁଦ୍ଧଜାହାଜକୁ ସ୍ୱାଗତ କରିଛି। ରିପୋର୍ଟ ଅନୁଯାୟୀ, ଜାହାଜଟି କ୍ୟାପ୍ଟେନ ଶୁଜାତ ଆବାସ ରାଜାଙ୍କ ନେତୃତ୍ୱରେ ବନ୍ଦରରେ ପହଞ୍ଚିଥିଲା। ବର୍ତ୍ତମାନ, ପାକିସ୍ତାନର ଏହି ପଦକ୍ଷେପକୁ ବାଂଲାଦେଶ ଦେଇ ଭାରତକୁ ଘେରିବାର ଏକ ଷଡ଼ଯନ୍ତ୍ର ଭାବରେ ଦେଖାଯାଉଛି।



ପାକିସ୍ତାନ ଏବଂ ବାଂଲାଦେଶ ମଧ୍ୟରେ ସମ୍ପର୍କ ବିଶେଷ ଭଲ ନଥିଲା। ୧୯୭୧ ମସିହା ପରେ ବାଂଲାଦେଶରେ ପ୍ରଥମ ଥର ପାଇଁ ପାକିସ୍ତାନୀ ନୌସେନା ଜାହାଜ ଦେଖାଯାଇଛି। ଏହି ଯୁଦ୍ଧଜାହାଜର ଆଗମନକୁ ବାଂଲାଦେଶ ଏବଂ ଇସଲାମାବାଦ ମଧ୍ୟରେ ବଢୁଥିବା ଘନିଷ୍ଠତା ଭାବରେ ମଧ୍ୟ ଦେଖାଯାଉଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏହି ଜାହାଜଗୁଡ଼ିକ ଏପରି ସମୟରେ ପହଞ୍ଚିଛି ଯେତେବେଳେ ପାକିସ୍ତାନର ନୌସେନା ମୁଖ୍ୟ ଆଡମିରାଲ ନାଭିଦ ଆଶରଫ ବାଂଲାଦେଶରେ ଅଛନ୍ତି।

ପୂର୍ବରୁ, ପାକିସ୍ତାନର ଦ୍ୱିତୀୟ ସର୍ବୋଚ୍ଚ ସାମରିକ କମାଣ୍ଡର ଜେନେରାଲ ସାହିର ଶମଶାଦ ମିର୍ଜା ମଧ୍ୟ ବାଂଲାଦେଶ ଗସ୍ତ କରିଥିଲେ। ସେହି ସମୟରେ, ବାଂଲାଦେଶର ମଧ୍ୟବର୍ତ୍ତୀକାଳୀନ ସରକାରଙ୍କ ମୁଖ୍ୟ ମହମ୍ମଦ ୟୁନୁସ ଏବଂ ସେନା ମୁଖ୍ୟଙ୍କ ସହ ତାଙ୍କର ସାକ୍ଷାତ ଖବର ଶିରୋନାମା ପାଲଟିଥିଲା। ବାଂଲାଦେଶ ସହିତ ପାକିସ୍ତାନର ଘନିଷ୍ଠତା ବିଷୟରେ ପୁଣି ଅନେକ କଳ୍ପନାଜଳ୍ପନା ଚାଲିଛି। କୁହାଯାଉଛି ଯେ ପାକିସ୍ତାନ ଭାରତକୁ ଘେରିବା ପାଇଁ ଏହି ରଣନୀତି ବ୍ୟବହାର କରିପାରେ।

ଏହା ଉଲ୍ଲେଖଯୋଗ୍ୟ ଯେ ଅଗଷ୍ଟ ୨୦୨୪ ରେ ବାଂଲାଦେଶରେ ଏକ ହିଂସାତ୍ମକ ଛାତ୍ର ଆନ୍ଦୋଳନ ଆରମ୍ଭ ହୋଇଥିଲା। ଏହା ପରେ, ଶେଖ୍ ହସିନାଙ୍କୁ କ୍ଷମତା ଛାଡିବାକୁ ବାଧ୍ୟ କରାଯାଇଥିଲା। ହସିନାଙ୍କ ବହିଷ୍କାର ପରେ, ମହମ୍ମଦ ୟୁନୁସ ଏହାର ମୁଖ୍ୟ ପରାମର୍ଶଦାତା ଭାବରେ ଅନ୍ତରୀଣ ସରକାରର ଦାୟିତ୍ୱ ଗ୍ରହଣ କରିଥିଲେ। ସେହି ସମୟରେ, ୧୯୭୧ ମସିହାରେ ବାଂଲାଦେଶର ସ୍ୱାଧୀନତାରେ ଭାରତ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା। ସେବେଠାରୁ, ଢାକା ଏବଂ ନୂଆଦିଲ୍ଲୀ ମଧ୍ୟରେ ଭଲ ସମ୍ପର୍କ ରହିଛି।

# ବିହାର ନିର୍ବାଚନରେ ପିକେ କରିବେ ଖେଳ?

ନୂଆଦିଲ୍ଲୀ: ବିହାର ନିର୍ବାଚନରେ ପ୍ରଶାନ୍ତ କିଶୋରଙ୍କ ଭୂମିକାକୁ ନେଇ ଆଲୋଚନା ଜୋର୍ ଧରୁଛି। ଏନେଇ ବିଭିନ୍ନ ଜାତୀୟ ଗଣମାଧ୍ୟମରେ ମଧ୍ୟ ବିଶ୍ଳେଷଣ ହେଉଛି। ଏହିକ୍ରମରେ ରବିବାର ସନ୍ଧ୍ୟାରେ NDTVରେ ବିଭିନ୍ନ ନିର୍ବାଚନ ବିଶେଷଜ୍ଞ ଓ ନେତାଙ୍କ ସହ ବିଶେଷ ଆଲୋଚନା ହୋଇଥିଲା। ଏଥିରେ ପ୍ରଶାନ୍ତ କିଶୋରଙ୍କ ପ୍ରଭାବ ଉପରେ ମଧ୍ୟ ବହୁ ଆଲୋଚନା ହୋଇଥିଲା। ଏହି ବିଶେଷ କାର୍ଯ୍ୟକ୍ରମରେ ସି-ଭୋଟର୍‌ର ପ୍ରତିଷ୍ଠାତା ଯଶବନ୍ତ ଦେଶମୁଖ, ବରିଷ୍ଠ ସାମ୍ବାଦିକ ପ୍ରଭୁ ଚାୱାଲା, ସତୀଶ କେ ସିଂହ, ବିଜୟ ତ୍ରିବେଦୀ, ନିର୍ବାଚନ ବିଶେଷଜ୍ଞ ଅମିତାଭ ତିୱାରୀଙ୍କ। ସମେତ ଅନେକ ବିଶେଷଜ୍ଞ ଉପସ୍ଥିତ ଥିଲେ। ଏହି ବିଶେଷ ଆଲୋଚନାରେ ଏକ ରୋଚକ ତଥ୍ୟ ସେହି ରାଜନୈତିକ ଦଳଗୁଡ଼ିକ ବିଷୟରେ ସାମ୍ନାକୁ ଆସିଥିଲା, ଯେଉଁମାନେ ନିଜର ଡେବ୍ୟୁରେ ହିଁ ବଡ଼ ଧମାକା କରିଥିଲେ।

୧୯୮୩ : ଆନ୍ଧ୍ରପ୍ରଦେଶରେ ଏନ୍ଟି ରାମାରାଓଙ୍କ ବଡ଼ ଧମାକା

୧୯୮୩ରେ ଆନ୍ଧ୍ରପ୍ରଦେଶରେ ହୋଇଥିବା ବିଧାନସଭା ନିର୍ବାଚନରେ ଅଭିନେତାରୁ ରାଜନେତା ହୋଇଥିବା ଏନ୍ଟି ରାମାରାଓଙ୍କ ଦଳ ଟିଡିପି ବଡ଼ ଧମାକା କରିଥିଲା। ଟିଡିପିର ଏହା ପ୍ରଥମ ନିର୍ବାଚନ ଥିଲା ଏବଂ ପ୍ରଥମ ନିର୍ବାଚନରେ ହିଁ ଟିଡିପି ୪୬ ପ୍ରତିଶତ ଭୋଟ୍ ସହ ୨୯୪ରୁ ୨୦୨ ଆସନରେ ବିଜୟ ହାସଲ କରିଥିଲା। ଏନ୍ଟି ରାମାରାଓଙ୍କ ଦଳକୁ ମିଳିଥିବା ଏହି ବଡ଼ ବିଜୟ ସହ ଆନ୍ଧ୍ରରୁ କଂଗ୍ରେସ ସତ୍ତାରୁ ଦୂର ହୋଇଯାଇଥିଲା।



୧୯୮୫: ଆସାମରେ ପ୍ରଫୁଲ୍ଲ ମହନ୍ତାଙ୍କ ଧମାକା

୧୯୮୩ରେ ଆନ୍ଧ୍ରରେ ଯେପରି ଧମାକା ହୋଇଥିଲା, ସେହିପରି ଦୁଇ ବର୍ଷ ପରେ ଆସାମରେ ଦେଖିବାକୁ ମିଳିଥିଲା। ୧୯୮୫ରେ ଆସାମରେ ହୋଇଥିବା ବିଧାନସଭା ନିର୍ବାଚନରେ ପ୍ରଫୁଲ୍ଲ ମହନ୍ତାଙ୍କ ଦଳ ଆସାମ ଗଣ ପରିଷଦ ୩୫ ପ୍ରତିଶତ ଭୋଟ୍ ସହ ମୋଟ ୧୨୬ରୁ ୬୪ ଆସନରେ ବିଜୟ ହାସଲ କରିଥିଲା। ଏହି ବଡ଼ ବିଜୟ ସହ ପ୍ରଥମ ଥର ପାଇଁ ଦଳ ଆସାମ ଗଣ ପରିଷଦ ରାଜ୍ୟରେ ସତ୍ତାକୁ ଆସିଥିଲା।

୨୦୧୩ : ଦିଲ୍ଲୀରେ କେଜରିୱାଲଙ୍କ ଧମାକେଦାର ଡେବ୍ୟୁ

୧୯୮୫ ପରେ ବିଭିନ୍ନ ରାଜ୍ୟରେ ହୋଇଥିବା ନିର୍ବାଚନରେ ଅନେକ ନୂଆ ରାଜନୈତିକ ଦଳ ଆସିଥିଲେ ଓ ଚାଲିଯାଇଥିଲେ। ତା'ପରେ ଆସିଲା ୨୦୧୩। ଏହି ବର୍ଷ ଦିଲ୍ଲୀରେ ହୋଇଥିବା ବିଧାନସଭା ନିର୍ବାଚନରେ ଅରବିନ୍ଦ କେଜରିୱାଲଙ୍କ ନୂଆ ଦଳ ଆମ୍ ଆଦମୀ ପାର୍ଟି ୩୦ ପ୍ରତିଶତ ଭୋଟ୍ ସହ ମୋଟ ୭୦ରୁ ୨୮ ଆସନରେ ବିଜୟ ହାସଲ କରିଥିଲା। ପରେ ଦିଲ୍ଲୀର ଜନତା ଅରବିନ୍ଦ କେଜରିୱାଲଙ୍କୁ ଦୁଇ ଥର ମୁଖ୍ୟମନ୍ତ୍ରୀ କରିଥିଲେ। ଏବେ ବିହାରରେ ପ୍ରଶାନ୍ତ କିଶୋରଙ୍କ ଦଳ ଜନ ସୁରାଜ୍ ଠାରୁ ଏପରି ଧମାକାର ଆଶା ତାଙ୍କ ସମର୍ଥକମାନେ କରୁଛନ୍ତି। କିନ୍ତୁ ଏଠାରେ ଧ୍ୟାନ ଦେବାର କଥା ଏହା ଯେ, ଏହି ତିନି ଧମାକେଦାର ରାଜନୈତିକ ଡେବ୍ୟୁର ସମୟର ପରିସ୍ଥିତି ଭିନ୍ନ ଭିନ୍ନ ଥିଲା। ଆନ୍ଧ୍ରରେ ଅଭିନୟ ଛାଡ଼ି ରାଜନୀତିକୁ ଆସିଥିବା ଏନ୍ଟି ରାମାରାଓଙ୍କୁ ଲୋକେ ଜିତାଇଥିଲେ। ଆସାମରେ ଛାତ୍ର ରାଜନୀତିରୁ ରାଜନୀତିକୁ ଆସିଥିବା ପ୍ରଫୁଲ୍ଲ ମହନ୍ତା ବିଜୟ ହାସଲ କରିଥିଲେ। ଦିଲ୍ଲୀରେ ଜନ ଲୋକପାଳ ବିଲ୍ ଆନ୍ଦୋଳନରୁ ଉତ୍ପନ୍ନ ଆମ୍ ଆଦମୀ ପାର୍ଟି ବିଜୟ ହାସଲ କରିଥିଲା।

## ରଣଜୀ ଟ୍ରଫି

# ଓଡିଶା ବୋଲିଂରେ କମାଲ, ବ୍ୟାଟିଂରେ ଫେଲ୍



ନାଗପୁର, ୯।୧୧(ଏଜେନ୍ସି) : ରଣଜୀ ଟ୍ରଫିର ଚତୁର୍ଥ ପର୍ଯ୍ୟାୟ ଜାରି ରହିଛି । ଚାମ୍ପିଅନ ଦଳ ବିଦର୍ଭ ବିପକ୍ଷରେ ଓଡିଶା ବୋଲର କମାଲ କରିଥିବା ବେଳେ ବ୍ୟାଟିଂରେ ଫେଲ ମାରିଛନ୍ତି ବ୍ୟାଟର । ପୁଣି ଥରେ ଓଡିଶା ଦଳର ବ୍ୟାଟିଂ ଦୁର୍ବଳତା ପଦାରେ ପଡିଛି । ଇନିଂସ ଅଗ୍ରଣୀ ହୋଇ ୩ ପଏଣ୍ଟ ପାଇବାର ଭଲ ସୁଯୋଗକୁ ଓଡିଶା ହାତଛଡା କଲା ଭଳି ଲାଗୁଛି । କାରଣ ପ୍ରଥମ ଇନିଂରେ ବିଦର୍ଭ ୨୮୬ ରନ୍ କରି ଅଲଆଉଟ୍ ହୋଇଥିଲା । ଜବାବ୍‌ରେ ଦ୍ୱିତୀୟ ଦିବସ ଷ୍ଟମ୍ପ ଅପସାରଣ ସୁଦ୍ଧା ଓଡିଶା ପ୍ରଥମ ପାଳି ବ୍ୟାଟିଂ ଆରମ୍ଭ କରି ୫୮.୨ ଓଭରରେ ୬ ୱିକେଟ୍ ହରାଇ ୧୨୨ ରନ୍ କରିଛି । ଏବେ ବି ଓଡିଶା ଦଳ ୧୬୪ ରନ୍ ପଛରେ ରହିଛି । ତେଣୁ ଓଡିଶା ଶେଷ ଭାଗର ଖେଳାଳି ଅବିଶ୍ୱାସନୀୟ ଇନିଂସ ଖେଳି ଦଳକୁ ଇନିଂସ ଅଗ୍ରଣୀ କରାଇବାର ସମ୍ଭାବନା ଖୁବ୍ କମ୍ । କାରଣ ବିଗତ ୩ ଟି ମ୍ୟାଚରେ ଓଡିଶାର ବ୍ୟାଟିଂ ସେଭଳି ପ୍ରଭାବଶାଳୀ ନଥିଲା । ଗତ ଆନ୍ଧ୍ର ବିପକ୍ଷ ମ୍ୟାଚରେ ଓଡିଶା ଇନିଂସ ପରାଜୟ ବରଣ କରିଥିଲା । ଲାଗୁଥିଲା ଦଳରେ ୨/୩ ଟି ପରିବର୍ତ୍ତନ ଯୋଗୁଁ ଖେଳର ମାନ ମଧ ବଢିବ । ଅବଶ୍ୟ ବୋଲର କମାଲ କରିଛନ୍ତି । ଦ୍ରୁତ ବୋଲର ତାପସ ଦାସ, ତୃତୀୟ ରଣଜୀ ଟ୍ରଫି ମ୍ୟାଚ ଖେଳୁଥିବା ସମ୍ବିତ ବରାଳ, ଫର୍ମରେ ନଥିବା ରାଜେଶ ମହାନ୍ତି ଓ ବାଦଲ ବିଶ୍ୱାଳ ତଥା ଜାମଳା ମହାପାତ୍ର ଉଚ୍ଚ କୋଟିର ବୋଲିଂ ପ୍ରଦର୍ଶନ ଦେଖାଇ ବିଦର୍ଭକୁ ୨୮୬ ରନ୍‌ରେ ସୀମିତ ରଖିଥିଲେ । ବୋଲର ଯେଉଁ ଦକ୍ଷତା ଦେଖାଇଲେ , ତାହା ବ୍ୟାଟରଙ୍କ ପାଖରେ ଆଦୌ ପ୍ରତିଫଳିତ ହେଲା ନାହିଁ । ଗୌରବ ଚୌଧୁରୀ, ସ୍ୱସ୍ତିକ ସାମଲ, ସନ୍ଦୀପ ପଟ୍ଟନାୟକ, ଅଧିନାୟକ ଶୁଭ୍ରାଂଶୁ ସେନାପତି, ରାଜେଶ ଧୁପର ଓ ଗୋବିନ୍ଦ ପୋଦାର ପ୍ରମୁଖ ଜଣେ ବି ଖେଳାଳି ଅର୍ଦ୍ଧଶତକୀୟ ଇନିଂସ ଖେଳିପାରିନାହାଁନ୍ତି । ରଣଜୀ ଅଭିଜ୍ଞତା ସତ୍ତ୍ୱେ ଅନଭିଜ୍ଞ ତଥା ବେପରୁଆ ପ୍ରଦର୍ଶନ ଦଳ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଛି । ପୂର୍ବ ମ୍ୟାଚ ଗୁଡିକର ଫଳାଫଳ ପରି ବିଦର୍ଭ ବିପକ୍ଷରେ ମଧ ଓଡିଶା ସମାନ ଫଳ ପାଇବାକୁ ଯାଉଛି ।

ନାଗପୁରର ବିଦର୍ଭ କ୍ରିକେଟ୍ ଆସୋସିଏସନ୍ ଷ୍ଟାଡିୟମରେ ଚାଲିଥିବା ଏହି ମ୍ୟାଚରେ ଘରୋଇ ବିଦର୍ଭ ଦଳ ପ୍ରଥମେ ବ୍ୟାଟିଂ କରି ୧୧୮.୪ ଓଭରରେ ୨୮୬ ରନ୍ କରି ଅଲଆଉଟ୍ ହୋଇଥିଲା । ଅଥର୍ବ ତାଇଡେ ୧, ପାର୍ଥ ରେଖଡେ ୨, ଧ୍ରୁବ ସୋରେ ୧୪୪, ରବି କୁମାର ସମର୍ଥ ୪୯, ୟସ୍ ରାଠୋଡ ୩୮, ଅଧିନାୟକ ଅକ୍ଷୟ ୱାଦକର ୨୧, ନଚିକେତ୍ ଭୁତେ ଅପରାଜିତ ୧୧ ରନ୍ କରିଥିଲେ । ବିଦର୍ଭ ବିପକ୍ଷ ମ୍ୟାଚ ପାଇଁ ଓଡିଶା ଦଳରେ ସ୍ଥାନ ପାଇଥିବା ଦ୍ରୁତ ବୋଲର ତାପସ ଦାସ କମାଲ କରିଥିଲେ । ସେ ୨୩ ଓଭର ବୋଲିଂ କରି ୧୦ ମେଡେନ୍ ସହ ୩୩ ରନ୍ ବ୍ୟୟରେ ୨ ୱିକେଟ୍ ଅକ୍ତିଆର କରିଥିଲେ । ତାଙ୍କ ଇକୋନୋମିରେଟ୍ ୧.୪୩ ରହିଛି । ରାଜେଶ ମହାନ୍ତି ୨ ଟି, ସମ୍ବିତ ବରାଳ ୩ ଟି, ବାଦଲ ବିଶ୍ୱାଳ ୨ ଟି ଓ ଜାମଳା ମହାପାତ୍ର ଗୋଟିଏ ୱିକେଟ୍ ସଫଳତା ପାଇଥିଲେ ।

ବିଦର୍ଭକୁ ଅଲଆଉଟ୍ କରିବା ପରେ ପ୍ରଥମ ଇନିଂସ ଆରମ୍ଭ କରିଥିଲା ଓଡିଶା । ଇନିଂସ ଅଗ୍ରଣୀର ଭଲ ସୁଯୋଗ ଥିବାରୁ ଭଲ ଆରମ୍ଭ ମଧ ଆଶା କରାଯାଉଥିଲା । ଓପନର ଗୌରଭ ଚୌଧୁରୀଙ୍କ ସହ ସ୍ୱସ୍ତିକ ସାମଲ ପାଳି ଆରମ୍ଭ କରିଥିଲେ । ଦୁହେଁ ୧୩.୫ ଓଭର ପର୍ଯ୍ୟନ୍ତ ସଂଯମତାର ସହ ଖେଳିଥିଲେ । ଗୌରଭ ୪୬ ବଲରୁ ୨୪ ରନ୍ କରି ଭୁତେଙ୍କ ବଲରେ ବୋଲ୍ଡ ହେବାରୁ ଓପନିଂ ଯୋଡି ଭାଙ୍ଗିଥିଲା । ଏହା ପରେ ପରେ ସ୍ୱସ୍ତିକ ସାମଲ ୯ ରନ୍ କରି ରେଖଡେଙ୍କ ଦ୍ୱାରା ବୋଲ୍ଡ ହୋଇଥିଲେ । ସନ୍ଦୀପ ପଟ୍ଟନାୟକ ୪୦ ଟି ବଲର ସମ୍ମୁଖୀନ ହୋଇ ୧୬ ରନ୍ କରିଥିଲେ । ତାଙ୍କୁ ହିଙ୍ଗେ ଆଉଟ୍ କରିବାରୁ ୨୬.୩ ଓଭରରେ ଓଡିଶା ଦଳ ୩ ୱିକେଟ୍ ହରାଇ ୬୪ ରନ୍ କରିଥିଲା । ତେଣୁ ମଧମ କ୍ରମର ଗୁରୁ ଦାୟିତ୍ୱ ଶୁଭ୍ରାଂଶୁ ସେନାପତି ନେଇଥିଲେ । ସେ ୧୧୨ ବଲର ସମ୍ମୁଖୀନ ହୋଇ ୩ ଟି ଚୌକା ସହାୟତାରେ ୪୧ ରନ୍ କରିଥିଲେ । କିନ୍ତୁ ଫରଦେଙ୍କ ବଲରେ କ୍ଲିନ୍ ବୋଲ୍ଡ ହେବା ପରେ ଓଡିଶା ଦଳର ବଡ ଆଶରେ ପୂର୍ଣ୍ଣଚ୍ଛେଦ ପଡିଥିଲା । ୱିକେଟ୍ ରକ୍ଷକ ରଜେଶ ଧୁପର ୮, ଗୋବିନ୍ଦ ପୋଦାର ୧୭ ରନ୍ କରିଥିଲେ । ଶେଷ ୱିକେଟ୍ ଭାବେ ଗୋବିନ୍ଦ ଆଉଟ୍ ହେବା ପରେ ଦ୍ୱିତୀୟ ଦିନର ଇନିଂସ ଶେଷ ହୋଇଥିଲା । ନାଇଟ୍ ୱାଚ୍‌ମ୍ୟାନ୍ ବ୍ୟାଟର ସମ୍ବିତ ବରାଳ ୨ ରନ୍ କରି ଅପରାଜିତ ଅଛନ୍ତି । ଅଲରାଉଣ୍ଡର ସମ୍ବିତ ବରାଳଙ୍କ ଉପରେ ଦଳ ଆଶା ରଖିଛି । ଯଦି ତୃତୀୟ ଦିନ ସମ୍ବିତଙ୍କ ସହ ରାଜେଶ ମହାନ୍ତି, ଜାମଳା ମହାପାତ୍ର, ବାଦଲ ବିଶ୍ୱାଳ ଓ ଦାପସ ଦାସ ଛୋଟ ଛୋଟ ପାର୍ଟନରସିପ୍ କରି ରନକୁ ଆଗକୁ ବଢାଇବାରେ ସକ୍ଷମ ହେବେ ତେବେ ଯାଇ ଓଡିଶା ସମ୍ମାନ ରଖିପାରିବ । ବିଦର୍ଭର ଗୌରଭ ଫରଦେ ୨ ଟି , ପାର୍ଥ ରେଖଡେ , ନଚିକେତ୍ ଭୁତେ, ପ୍ରଫୁଲ ହିଙ୍ଗ ଓ ୟସ୍ କଦମ୍ ଗୋଟିଏ କରି ୱିକେଟ୍ ସଫଳତା ହାସଲ କରିଥିଲେ । ଓଡିଶା ବିପକ୍ଷ ମ୍ୟାଚ ଜରିଆରେ ଗୌରଭ ଫରଦେ ଓ ୟସ୍ କଦମ୍ ପ୍ରଥମ ଶ୍ରେଣୀ କ୍ରିକେଟ୍ ଡେବ୍ୟୁ କରିଛନ୍ତି ।

# ରିଚା ଘୋଷ ହେଲେ ଡିଏସ୍‌ପି

## ମିଳିଲା ବଙ୍ଗ ଭୂଷଣ ସମ୍ମାନ



କୋଲକାତା, ୯।୧୧(ଏଜେନ୍ସି) : ଭାରତୀୟ ମହିଳା କ୍ରିକେଟ୍ ଦଳର ୱିକେଟ୍ କିପର ବ୍ୟାଟର ରିଚା ଘୋଷଙ୍କୁ ପଶ୍ଚିମବଙ୍ଗ ପୋଲିସରେ ଡିଏସ୍‌ପି ପଦରେ ନିଯୁକ୍ତି ମିଳିଛି । ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ତାଙ୍କୁ ଏହି ନିଯୁକ୍ତି ପତ୍ର ପ୍ରଦାନ କରିଛନ୍ତି । କ୍ରିକେଟ୍ ଆସୋସିଏସନ୍ ଅଫ୍ ବେଙ୍ଗଲ ପକ୍ଷରୁ ଆୟୋଜିତ ସ୍ୱତନ୍ତ୍ର ସମାରୋହରେ ରିଚାଙ୍କୁ ସମ୍ମାନିତ କରାଯାଇଥିଲା । ବିଶ୍ୱ କପ୍ ବିଜୟୀ ଭାରତୀୟ ମହିଳା ଦଳରେ ରିଚା ଘୋଷଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା ।

କେବଳ ଚାକିରି ନୁହେଁ ପଶ୍ଚିମବଙ୍ଗ ସରକାର ରିଚାଙ୍କୁ 'ବଙ୍ଗ ଭୂଷଣ' ସମ୍ମାନରେ ସମ୍ମାନିତ କରିଛନ୍ତି । ରିଚାଙ୍କୁ ଏକ ସୁନା ଚେନ୍ ପ୍ରଦାନ କରାଯାଇଛି । ସିଏବି ତାଙ୍କୁ ଏକ ସୁନା ବ୍ୟାଟ ଏବଂ ସୁନା ବଲ ପ୍ରଦାନ କରିଥିଲା । ଏହା ସହିତ ତାଙ୍କୁ ୩୪ ଲକ୍ଷ ଟଙ୍କା ନଗଦ ପୁରସ୍କାର ପ୍ରଦାନ କରାଯାଇଥିଲା । ରିଚା ଫାଇନାଲରେ ୩୪ ରନ୍ କରିଥିବାରୁ ତାଙ୍କୁ ୩୪ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି । ଭାରତୀୟ ଦଳ ମହିଳା ବିଶ୍ୱକପ୍ ଫାଇନାଲରେ ଦ.ଆଫ୍ରିକାକୁ ୫୨ ରନ୍‌ରେ ପରାସ୍ତ କରିଥିଲା । ପ୍ରଥମ ଥର ପାଇଁ ଭାରତ ବିଶ୍ୱକପ୍ ଟାଇଟଲ ଜିତିଛି । ଟାଇଟଲ୍ ମ୍ୟାଚରେ ରିଚା ଭାରତୀୟ ଦଳ ପାଇଁ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ନିର୍ବାହ କରିଥିଲେ । ୨୨ ବର୍ଷୀୟ ରିଚା ଭାରତୀୟ ମହିଳା ଦଳ ପାଇଁ ଦୁଇଟି ଟେଷ୍ଟ ୫୧ ଦିନିକିଆ ଏବଂ ୬୭ ଟି ଟି -୨୦ ମ୍ୟାଚ୍ ଖେଳିଛନ୍ତି ।

# ଜୁରେଲ ନା ପନ୍ତ ? କିଏ ଖେଳିବେ





ନୂଆଦିଲ୍ଲୀ, ୯।୧୧(ଏଜେନ୍ସି) : ଆଉ ଦିନ କେଇଟା ପରେ ଭାରତ -ଦ. ଆଫ୍ରିକା ଟେଷ୍ଟ ଶୃଙ୍ଖଳା ଆରମ୍ଭ ହେବ । ଯାହାକୁ ନେଇ ପ୍ରସ୍ତୁତି ଆରମ୍ଭ କରିଛନ୍ତି ଖେଳାଳି । ଏହି ଶୃଙ୍ଖଳା ଏକାଧିକ ଭାରତୀୟ ଖେଳାଳିଙ୍କ ପାଇଁ ଗୁରୁତ୍ୱ ବହନ କରୁଛି । ୱିକେଟ୍ କିପର ରିଷଭ ପନ୍ତଙ୍କ ପାଇଁ ମଧ ଘରୋଇ ଶୃଙ୍ଖଳାର ମହତ୍ତ୍ୱ ଅଧିକ । କାରଣ ଦୀର୍ଘ ଦିନ ହେବ ସେ ଆହତଜନିତ ସମସ୍ୟା କାରଣୁ ଦଳ ବାହାରେ ଥିଲେ । ଦଳକୁ ଫେରିବା ସତ୍ତ୍ୱେ ଅଭ୍ୟାସ ମ୍ୟାଚରେ ସେ ରିଟାୟାର୍ଡ ହର୍ଟ ହୋଇଥିଲେ । ଏହାକୁ ନେଇ କଳ୍ପନାଜଳ୍ପନା ଲାଗି ରହିଛି । ତାଙ୍କ ବିକଳ୍ପ ଭାବେ ଦଳରେ ଅଛନ୍ତି ଧ୍ରୁବ ଜୁରେଲ । ତେଣୁ ଜୁରେଲ୍ ମଧ ସୁଯୋଗ ପାଇବାକୁ ହକ୍‌ଦାର । ସେ ଏବେ ଦମଦାର ଫର୍ମରେ ଅଛନ୍ତି । ଭାରତୀୟ ଏ ଦଳ ପାଇଁ ଜୁରେଲ୍ ଦ. ଆଫ୍ରିକା ଏ ବିପକ୍ଷରେ ଭଲ ଖେଳିଛନ୍ତି । ଦୁଇଟି ଇନିଂସରେ ସେ ଶତକ ମାରିଥିଲେ । ଏହା ବ୍ୟତୀତ ୱେଷ୍ଟଇଣ୍ଡିଜ୍ ବିପକ୍ଷ ପ୍ରଥମ ଟେଷ୍ଟରେ ଜୁରେଲ ଶତକ ମାରିଥିଲେ । ଏହି କ୍ଷେତ୍ରରେ ପନ୍ତ ଥିଲେ ବି ଜୁରେଲଙ୍କୁ ବାଦ ଦେବା ସହଜ ହେବନି । ରିପୋର୍ଟ ଅନୁସାରେ କୋଲକାତା ଟେଷ୍ଟରେ ପନ୍ତଙ୍କ ସହ ଜୁରେଲଙ୍କୁ ମଧ ଜୁଡାନ୍ତ ଏକାଦଶରେ ସ୍ଥାନ ମିଳିପାରେ । ସେ ବ୍ୟାଟର ଭାବେ ଖେଳିବେ । ସାଇ ସୁଦର୍ଶନଙ୍କୁ ୩ ନଂ ରେ ଖେଳିବାକୁ ସୁଯୋଗ ମିଳୁଛି । ତାଙ୍କୁ ହଟାଯିବ ନାହିଁ । ଯଦି ଜୁରେଲଙ୍କୁ ସୁଯୋଗ ମିଳେ ତେବେ ନୀତିଶ କୁମାର ରେଡ୍ଡୀ ବାଦ୍ ପଡିବେ । ସ୍ପେଶାଲିଷ୍ଟ ବ୍ୟାଟର ଭାବେ ଜୁରେଲ୍ ଖେଳିବାର ସୁଯୋଗ ପାଇପାରନ୍ତି । ଜୁରେଲ ଏବେ ସୁଦ୍ଧା ୭ ଟି ଟେଷ୍ଟ ଖେଳିଛନ୍ତି । ଏଥିରେ ଗୋଟିଏ ଶତକ ଓ ଗୋଟିଏ ଅର୍ଦ୍ଧାଶତକ ରହିଛି । ସେ ଟେଷ୍ଟରେ ମୋଟ ୪୩୦ ରନ୍ କରିଛନ୍ତି ।

# ଭାଙ୍ଗିଲା ଯୁବରାଜଙ୍କ ରେକର୍ଡ

## ରଣଜୀରେ ୮ ବଲରେ ୮ ଛକା

## ୧୧ ବଲରେ ଅର୍ଦ୍ଧଶତକ ମାରିଲେ ଆକାଶ



ନୂଆଦିଲ୍ଲୀ, ୯।୧୧(ଏଜେନ୍ସି) : ମେଘାଳୟର ଆକାଶ ଚୌଧୁରୀ ରଣଜୀ ଟ୍ରଫିରେ ଇତିହାସ ରଚିଛନ୍ତି । ଖୁବ୍ କମ୍ ପରିଚିତ ଆକାଶଙ୍କ କୀର୍ତ୍ତିମାନ ତାଙ୍କୁ କ୍ରିକେଟ୍ ଜଗତରେ ଜିରୋରୁ ହିରୋ ବନାଇଦେଇଛି । ରବିବାର କ୍ରମାଗତ ୮ ଟି ବଲରେ ଛକା ମାରି ୧୧ ବଲରେ ଅର୍ଦ୍ଧଶତକ ହାସଲ କରି ବିଶ୍ୱ ରେକର୍ଡ କରିଛନ୍ତି ଆକାଶ ଚୌଧୁରୀ । ସୁରଟର କେସିକେ ପିଥୱାଲା ଗ୍ରାଉଣ୍ଡରେ ଅରୁଣାଚଳ ପ୍ରଦେଶ ବିପକ୍ଷ ରଣଜୀ ମ୍ୟାଚରେ ଆକାଶଙ୍କ କୀର୍ତ୍ତିମାନ ଏକାଧିକ ପୂର୍ବ ରେକର୍ଡକୁ ଧୂଳିସାତ କରିଛି । ଟି -୨୦ ବିଶ୍ୱ କପ୍‌ରେ ଯୁବରାଜ ସିଂଙ୍କ ୬ ବଲରୁ ୬ ଛକା ରେକର୍ଡକୁ ନିମିଷକରେ ଭଙ୍ଗ କରିଛନ୍ତି ଆକାଶ । ପୂର୍ବରୁ ପ୍ରଥମ ଶ୍ରେଣୀ କ୍ରିକେଟ୍‌ରେ ଦ୍ରୁତତମ ଅର୍ଦ୍ଧଶତକ ମାରିବାର ରେକର୍ଡ ୱେନ୍ ହ୍ୱାଇଟ୍‌ଙ୍କ ନାଁରେ ଥିଲା । ସେ ୧୨ ବଲରେ ଅର୍ଦ୍ଧଶତକ ହାସଲ କରିଥିଲେ । ୨୦୧୨ରେ ଲିସେଷ୍ଟରସାୟାର ଏବଂ ଏସେକ୍ସ ମଧରେ ଖେଳାଯାଇଥିବା ମ୍ୟାଚରେ ୱେନ୍ ହ୍ୱାଇଟ୍ ଏହି ରେକର୍ଡ କରିଥିଲେ ।

ପ୍ରଥମ ଶ୍ରେଣୀ କ୍ରିକେଟ୍‌ରେ ଗୋଟିଏ ଓଭରରେ ୬ ଛକା ମାରି ଆକାଶ ତୃତୀୟ ଖେଳାଳି ବନିଛନ୍ତି । ଏହା ବ୍ୟତୀତ ରଣଜୀ ଟ୍ରଫି ଫର୍ମାଟରେ ଦ୍ରୁତ ଅର୍ଦ୍ଧଶତକ ହାସଲ କରିବାର ରେକର୍ଡ ମଧ କରିଛନ୍ତି । ସେ ପ୍ରଥମ ବ୍ୟାଟର ଭାବେ କ୍ରମାଗତ ୮ ଟି ଛକା ମାରିଛନ୍ତି । ଗୋଟିଏ ଓଭରରେ ୬ ଟି ଛକା ମାରିବା ସହ ଆକାଶ ଚୌଧୁରୀ ପୂର୍ବତନ ଭାରତୀୟ କ୍ରିକେଟର ରବି ଶାସ୍ତ୍ରୀଙ୍କ ରେକର୍ଡର ସମକକ୍ଷ ହୋଇଥିଲେ । ୧୯୮୪-୮୫ ସିଜନରେ ବରୋଦା ବିପକ୍ଷରେ ଶାସ୍ତ୍ରୀ ଗୋଟିଏ ଓଭରରେ ୬ ଛକା ମାରିଥିଲେ । କିନ୍ତୁ ଆକାଶ ଆଉ ଦୁଇପାଦ ଆଗକୁ ବଢିଯାଇ ୮ ବଲରେ ୮ ଛକା ମାରିବାରେ ପ୍ରଥମ ବ୍ୟାଟର ହୋଇଛନ୍ତି । ଅନ୍ତର୍ଜାତୀୟ ଟି -୨୦ରେ ଯୁବରାଜ ୧୨ ବଲରୁ ଅର୍ଦ୍ଧଶତକ ହାସଲ କରିଥିଲେ । ଯୁବରାଜଙ୍କ ଏହି ରେକର୍ଡକୁ ଆକାଶ ମଧ ଭାଙ୍ଗିଦେଇଛନ୍ତି । ୧୧ ବଲରୁ ଅର୍ଦ୍ଧଶତକ ହାସଲ କରି ମହାରେକର୍ଡ କରିଛନ୍ତି ଆକାଶ ଚୌଧୁରୀ । ୮ ନଂ ସ୍ଥାନରେ ବ୍ୟାଟିଂ କରିବାକୁ ଆସିଥିବା ଆକାଶ ଦୁଇଟି ସିଙ୍ଗଲ ରନରୁ ଆରମ୍ଭ କରିଥିଲେ । ଏହା ପରେ ପରବର୍ତ୍ତୀ ୮ ଟି ବଲରେ ସେ ଛକା ମାରି ନିଜର ଅର୍ଦ୍ଧଶତକ ପୂରଣ କରିଥିଲେ । ତାଙ୍କର ଏହି ଦମଦାର ଇନିଂସ ବଳରେ ମେଘାଳୟ ପ୍ରଥମ ଇନିଂସରେ ୬ ୱିକେଟ୍ ହରାଇ ୬୨୮ ରନ୍‌ର ବିଶାଳ ସ୍କୋର କରିଛନ୍ତି । ଅରୁଣାଚଳ ପ୍ରଦେଶର ବାମହାତି ସ୍ପିନର ଲିମର ଡାବିଙ୍କ ଓଭରରେ ୬ ଛକା ମାରିଛନ୍ତି । ଏଥିସହ ସେ ରବି ଶାସ୍ତ୍ରୀ ଓ ଗ୍ୟାରି ସୋବର୍ସଙ୍କ ପରି ଖେଳାଳିଙ୍କ ଖାସ୍ କ୍ଲବରେ ସାମିଲ ହୋଇଛନ୍ତି । ଦକ୍ଷିଣ ଆଫ୍ରିକାର ମାଇକର ପ୍ରକ୍ଟର ମଧ ଲଗାତାର ୬ ଛକା ମାରିଥିଲେ । ମାତ୍ର ସେ ଦୁଇଟି ଓଭରରେ ଏହି ଉପଲବ୍ଧି ହାସଲ କରିଥିଲେ । ୨୫ ବର୍ଷୀୟ ଆକାଶ ନିଜର ୩୧ତମ ପ୍ରଥମ ଶ୍ରେଣୀ କ୍ରିକେଟ୍ ଖେଳୁଛନ୍ତି । ସେ ୨୦୧୯ରେ ରଣଜୀ ଡେବ୍ୟୁ କରିଥିଲେ । ସେ ୨୮ ଟି ଦିନିକିଆ ଓ ୩୦ ଟି ଟି -୨୦ ଖେଳିଛନ୍ତି ।

# କେଡିଟିଏ ଓଡିଶା ଓପନ ଟେନିସ୍ ଉଦ୍‌ଯାପିତ

ଭୁବନେଶ୍ୱର, ୯।୧୧(ସବ୍ୟୁ) : ଭୁବନେଶ୍ୱର କ୍ଲବ ପରିସରରେ ଦୁଇ ଦିନିଆ କେଡିଟିଏ ଓଡିଶା ଓପନ୍ ଟେନିସ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି । ଏହି ପ୍ରତିଯୋଗିତାରେ ସାରା ଓଡିଶାରୁ ୧୨୦ ଜଣ ଅଂଶ ଗ୍ରହଣ କରିଥିଲେ । ୩ ଟି ବର୍ଗ ଯଥା ସିନିୟର ପୁରୁଷ ୪୫ ରୁ ଉର୍ଦ୍ଧ୍ୱ ଡବଲ୍ସ, ସିନିୟର ପୁରୁଷ ୫୫ ବର୍ଷରୁ ଅଧିକ ଡବଲ୍ସ ଏବଂ ସିନିୟର ପୁରୁଷ ୬୫ ବର୍ଷରୁ ଉର୍ଦ୍ଧ୍ୱରୁ ଡବଲ୍ସ ପ୍ରତିଯୋଗିତା ହୋଇଥିଲା । ଉଦ୍‌ଯାପନୀ ଉତ୍ସବରେ ରିୟଲ ଇଷ୍ଟେଟ୍ ରେଗୁଲେଟାରୀ ଅର୍ଥରିଟି ଚେୟାରମ୍ୟାନ୍ ଅଶିତ ମହାପାତ୍ର, ଆଇପିଏସ୍ ଲଳିତ ଦାସ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧରେ କେଡିଟିଏ ସଭାପତି ମଧୁସୂଦନ ପାଢୀ, ସମ୍ପାଦକ ଅଶିତ ପ୍ରଧାନ, କାର୍ଯ୍ୟକାରୀ ସଭାପତି ଦାମୋଦର ପ୍ରଧାନୀ, ଟୁର୍ଣ୍ଣାମେଣ୍ଟ ଡାଇରେକ୍ଟର ରାଜେଶ କାନୁନ୍ ଗୋ, ରେଫରୀ ଜତିନ୍ ବସ୍ତି ଓ ମ୍ୟାନେଜର ପ୍ରକାଶ ପଟ୍ଟନାୟକ ଉପସ୍ଥିତ ଥିଲେ ।



ସିନିୟର ପୁରୁଷ ଡବଲ୍ସ ୬୫ ବର୍ଷରୁ ଉର୍ଦ୍ଧ୍ୱ ବର୍ଗରେ ଏସ୍‌ଏସ୍ ଶରଥ ଓ ଡିଏନ୍ ମହାନ୍ତି ଚାମ୍ପିଅନ ହୋଇଛନ୍ତି । ସିନିୟର ପୁରୁଷ ୫୫ ବର୍ଷରୁ ଉର୍ଦ୍ଧ୍ୱ ଡବଲ୍ସରେ ପିକେ ମିଶ୍ର ଓ ମନୋଜ ଭଟ୍ଟାଚାର୍ଯ୍ୟ ତଥା ୪୫ ବର୍ଷରୁ ଉର୍ଦ୍ଧ୍ୱ ବର୍ଗରେ ବିବେକ ତିବରିୱାଲ ଓ ସାସ୍ୱତ ଜେନା ଚାମ୍ପିଅନ ହୋଇଛି । ଏହି ଟୁର୍ଣ୍ଣାମେଣ୍ଟରେ ବିଜେତାଙ୍କୁ ଟ୍ରଫି ସହ ୭ ହଜାର ଓ ଉପବିଜେତାଙ୍କୁ ଟ୍ରଫି ସହ ୩୫୦୦ ଟଙ୍କା ପ୍ରଦାନ କରାଯାଇଛି ।

# ରାଜ୍ୟ ସ୍ତରୀୟ କବାଡି ପ୍ରତିଯୋଗିତାରେ ଧର୍ମଶାଳା ପବ୍ଲିକ ସ୍କୁଲର କୃତିତ୍ୱ

ଧର୍ମଶାଳା, ୯।୧୧ (ସବ୍ୟୁ ) : ଧର୍ମଶାଳା ବ୍ଲକ ଶଙ୍ଖାରୀଡ଼ିହି ସ୍ଥିତ ଧର୍ମଶାଳା ପବ୍ଲିକ ସ୍କୁଲର ଛାତ୍ରଛାତ୍ରୀ ରାଜ୍ୟ ସ୍ତରୀୟ ସହଦୋୟ ଆନ୍ତ ବିଦ୍ୟାଳୟ କବାଡ଼ି ପ୍ରତିଯୋଗିତାରେ ଅଂଶଗ୍ରହଣ କରି କୃତିତ୍ୱ ଅର୍ଜନ କରିଛନ୍ତି । ଭୁବନେଶ୍ୱରସ୍ଥିତ ରୟାଲ ପବ୍ଲିକ ସ୍କୁଲରେ ୧୯ ବର୍ଷରୁ କମ ବର୍ଗରେ ଅନୁଷ୍ଠିତ ବାଳକ ବାଳିକା ବିଭାଗରେ ୫୦ ରୁ ଉର୍ଦ୍ଧ୍ୱର୍ ଇଂରାଜୀ ମାଧମ ସ୍କୁଲର ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ । ବାଳକ ବର୍ଗ କବାଡି ପ୍ରତିଯୋଗିତାରେ ଭୁବନେଶ୍ୱର ଆର୍ଯ୍ୟ ଭଟ ଆନସିଏଣ୍ଟ ଏକାଡେମୀକୁ ପରାସ୍ତ କରି ଧର୍ମଶାଳା ପବ୍ଲିକ ସ୍କୁଲ ବିଜୟୀ ହୋଇଛନ୍ତି । ସେହିପରି ବାଳିକା ବିଭାଗରେ ଧର୍ମଶାଳା ପବ୍ଲିକ ସ୍କୁଲର ଛାତ୍ରୀମାନେ ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ଏହି ସ୍କୁଲର ଛାତ୍ରଛାତ୍ରୀମାନେ ଶିକ୍ଷାରେ ଅଗ୍ରଗତି କରୁଥିବା ବେଳେ ଖେଳ କୁଦରେ ମଧ ଭଲ ପ୍ରଦର୍ଶନ କରୁଛନ୍ତି । ବିଜୟୀ ପ୍ରତିଯୋଗୀମାନଙ୍କୁ ସ୍କୁଲର ଅଧକ୍ଷ ଓ ପରିଚାଳନା କମିଟି ପକ୍ଷରୁ ସ୍ୱାଗତ କରାଯାଇଛି ।

# ଖୋର୍ଦ୍ଧା ଜିଲ୍ଲା ଅନ୍ତଃସ୍କୁଲ କ୍ରିକେଟ : ଗ୍ରୀନ ଏକାଦଶ ବିଜୟୀ

ଖୋର୍ଦ୍ଧା, ୯।୧୧(ସବ୍ୟୁ) : ଓଡିଶା କ୍ରିକେଟ ଆସୋସିଏସନ୍ ଆନୁକୂଲ୍ୟରେ କ୍ରିକେଟ ଆସୋସିଏସନ୍ ଅଫ୍ ଦି ଡିଷ୍ଟ୍ରିକ୍ ଖୋର୍ଦ୍ଧା ଦ୍ୱାରା ପରିଚାଳିତ ଖୋର୍ଦ୍ଧା ଜିଲ୍ଲା ସ୍କୁଲ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଉଦଘାଟନୀ ମ୍ୟାଚରେ ଖୋର୍ଦ୍ଧା ସ୍କୁଲ ସମୁହ ଗ୍ରୀନ ଦଳ ବ୍ଲୁ ଦଳକୁ କ୍ରିକେଟରେ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଛି । ବ୍ଲୁ ଦଳ ପ୍ରଥମେ ବ୍ୟାଟିଂ କରି ଇନ୍ଦୁରୁ ବର୍ଦ୍ଧନଙ୍କ ୫୮ ରନ ଏବଂ କୈଶିକ ମହାନ୍ତିଙ୍କ ୨୨ ରନ ସହାୟତାରେ ୪୦ ଓଭରରେ ସମସ୍ତ ୱିକେଟ ହରାଇ ୧୭୬ ରନ କରିଥିଲେ । ଗ୍ରୀନ ପକ୍ଷରୁ ଜଗନ୍ନାଥ ବେହେରା ହ୍ୟାଟ୍ରିକ ୱିକେଟ ସହିତ ୩୪ ରନର ବିଜୟରେ ସର୍ବାଧିକ ୪ଟି ଏବଂ ଓମ୍ ପ୍ରକାଶ ସାହୁ ୧୪ ରନରେ ୩ଟି ୱିକେଟ ଅକ୍ତିଆର କରିଥିଲେ । ପ୍ରତ୍ୟୁତ୍ତରରେ ଦେବାଂଶୁ ଜେନାଙ୍କ ୬୨ ରନ ସାଇ ସ୍ମୃତି ଙ୍କ ୨୯ ରନ ୩୩.୧ ଓଭରରେ ୪ ଟି ୱିକେଟ ହରାଇ ସଂଗ୍ରହ କରି ନେଇଥିଲେ । ପ୍ରାରମ୍ଭରେ ଆସୋସିଏସନର ଯୁଗ୍ମ ସମ୍ପାଦକ ସମୀର ବଳିୟାରସିଂହ ଏବଂ କୋଷାଧକ୍ଷ ଚଣ୍ଡୀ ପ୍ରସାଦ ଆଚାର୍ଯ୍ୟ ଟୁର୍ଣ୍ଣାମେଣ୍ଟର ଶୁଭ ଉଦ୍ଘାଟନ କରିଥିଲେ । ଖେଳ ଟିକୁ ପରିଚାଳନା କରୁଥିଲେ ଚନ୍ଦ୍ର ମୋହନ ବରାଳ ଏବଂ ଅବଦୁଲ ରହିମ୍ ଖାଁ ସ୍କୋରର ଦାୟିତ୍ୱରେ ସୁଶିଲ ସୁନ୍ଦରାୟ ଏବଂ ମ୍ୟାଚ ରେଫରୀ ଦାୟିତ୍ୱ ସରୋଜ ପାତ୍ର ତୁଲାଇଥିଲେ ।

ସୂଚନା

ସମୟ

BHIM BHARAT INTERFACE FOR MONEY

SCAN & PAY

ASHIRBAD PRAKASHAN PVT.LTD.

ଦୈନିକ ଖବକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠକ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ ।

# ସହୋଦୟା କମ୍ପ୍ଲେକ୍ସରେ ଆନ୍ତଃ ବିଦ୍ୟାଳୟ ବାସ୍କେଟ୍‌ବଲ

## ଭାଗ ନେବେ ୨୦ ବିଦ୍ୟାଳୟ

ଭୁବନେଶ୍ୱର, ୯।୧୧(ସବ୍ୟୁ) : ସ୍ଥାନୀୟ ୟୁନିଟ୍ ୧ ସ୍ଥିତ ମଦର୍ସ ପବ୍ଲିକ୍ସ ସ୍କୁଲ ଆନୁକୂଲ୍ୟରେ ନଭେମ୍ବର ୧୦ ରୁ ୧୨ ତାରିଖ ପର୍ଯ୍ୟନ୍ତ ଆନ୍ତଃ ବିଦ୍ୟାଳୟ ବାସ୍କେଟ୍‌ବଲ ପ୍ରତିଯୋଗିତା ଆୟୋଜିତ ହେବ । ନକ୍‌ଆଉଟ୍ ପଦ୍ଧତିରେ ହେଉଥିବା ଏହି ଟୁର୍ଣ୍ଣାମେଣ୍ଟରେ ୨୦ ଟି ବିଦ୍ୟାଳୟର ୫୧ ଟି ବାଳିକା ଓ ବାଳକ ଦଳ ଭାଗ ନେବେ । ପ୍ରତିଯୋଗିତାଟି ୧୪ ବର୍ଷରୁ କମ୍ ଏବଂ ୧୯ ବର୍ଷରୁ କମ୍ ବାଳକ ଓ ବାଳିକା ବର୍ଗରେ ହେବ । ଉଦ୍‌ଘାଟନୀ ଉତ୍ସବରେ ଓଡିଶା ବାସ୍କେଟବଲର ସଂଘର ସମ୍ପାଦକ ଅଶୋକ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେବେ । ଚାମ୍ପିଅନ ଦଳକୁ ପ୍ରମାଣ ପତ୍ର ସହ ଆକର୍ଷଣୀୟ ପୁରସ୍କାର ଦିଆଯିବ । ମ୍ୟାଚଗୁଡିକ ସକାଳ ୮ ଟାରୁ ସନ୍ଧ୍ୟା ୭ ଟା ପର୍ଯ୍ୟନ୍ତ ଖେଳାଯିବ । ସ୍କୁଲ ବାସ୍କେଟବଲ ପଡିଆ ତଥା ୟୁନିଟ୍ ୧ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ପରିସରରେ ଖେଳାଯିବ । କ୍ରୀଡା ପ୍ରେମୀ ମ୍ୟାଚ୍ ଗୁଡିକ ଉପଭୋଗ କରିବା ସହ ଯୁବ ଖେଳାଳିଙ୍କୁ ଉତ୍ସାହିତ କରିବା ପାଇଁ ବିଦ୍ୟାଳୟର ଅଧକ୍ଷା ଶ୍ରୀମତି ପଲ୍ଲି ଅନୁରୋଧ କରିଛନ୍ତି ।

# ଅଙ୍ଗାରଗଡିଆ ଫୁଟବଲ ଟୁର୍ଣ୍ଣାମେଣ୍ଟ : ମନ୍ତ୍ରୀଡାହି ଏଫସି ଚାମ୍ପିଅନ

ବେତନଟୀ, ୯।୧୧(ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲା ବେତନଟୀ ବ୍ଲକ ବୈଶିଙ୍ଗା ଥାନା ଅନ୍ତର୍ଗତ ଆମ୍ବଗଡିଆ ଗ୍ରା.ପ.ର ଅଙ୍ଗାରଗଡିଆଠାରେ ରାହାସ ପୂର୍ଣ୍ଣିମା ଉପଲକ୍ଷେ ଖେରୱାଲ ଆର୍ଶାଲ ସେମଲେଦ କ୍ଲବ ଆନୁକୁଲ୍ୟରେ ଦ୍ୱିଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୟୂରଭଞ୍ଜ ଓ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ସ୍ଥାନରୁ ୧୬ଟି ଦଳ ଅଂଶଗ୍ରହଣ କରିଥିଲ । ବାଲେଶ୍ୱରର ତାହାରପୁରର ବୋକାକଳା ଟହଲ ଏଫ.ସି. ଓ ମୟୂରଭଞ୍ଜର ମନ୍ତ୍ରୀଡାହି ଏଫ.ସି. ମଧରେ ଫାଇନାଲ ଖେଳ ଅନୁଷ୍ଠିତ ହୋଇଥିଲା । ମନ୍ତ୍ରୀଡାହି ଦଳ ୧-୦ ଗୋଲରେ ଚମ୍ପିଆନ ହୋଇଥିଲା ବେଳେ ବୋକାକଳା ଟହଲ ଏଫ.ସି. ଉପ ବିଜେତା ହୋଇଥିଲା । ବାସିପିଠାର ସାଗେନ ବ୍ରଦର ଏଫ.ସି. ଦଳ ତୃତୀୟ ଓ ନୂଆଗାଁର ନାଗରାଜ ଏଫ.ସି. ଚତୁର୍ଥ ସ୍ଥାନ ଅଧିକାର କରିଥିଲା । ଉଦଯାପନୀ ତଥା ପୁରସ୍କାର ବିତରଣୀ ଉତ୍ସବରେ ବରିଷ୍ଠ ସମାଜସେବୀ ଇଂ ବୃନ୍ଦାବନ ଦାସ ମୁଖ୍ୟଅତିଥି, ବ୍ଲକ ଉପାଧକ୍ଷ ଦେବଦତ୍ତ ତିଆଡି ବିଶିଷ୍ଟ ଅତିଥି, ସମାଜସେବୀ ଗୋବିନ୍ଦ ଚନ୍ଦ୍ର ମହାନ୍ତ ଓ ସ୍ଥାନୀୟ ୱାର୍ଡ ମେମ୍ବର ସୁହାଗୀ ମୁର୍ମୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଚମ୍ପିଆନ ଓ ଉପ ବିଜେତା ଦଳକୁ ପୁରସ୍କୃତ କରିଥିଲେ । ବୁଦ୍ଧଦେବ ମୁର୍ମୁ, ଅଜୟ ମୁର୍ମୁ, ରବୀନ୍ଦ୍ର ହାଁସଦାଃ ଓ ତିଲକା ହାଁସଦାଃ ରେଫରୀ ଭାବେ ଖେଳ ପରିଚାଳନ କରିଥିଲେ ।

Printed & Published by Parikhita Dash for Ashirbad Prakashan Pvt. Ltd., Plot. 44 & 54, Sec.-A, Zone-D, M.I.Estate, Bhubaneswar-751010. at Meerabasanta Industries Pvt. Ltd., Plot. 2/253, Birachandrapur, P.S-Rampur, Redhakhol, Dist.-Sambalpur, Odisha, TEL-2585740, 2585602, News-2583867, 2586702, Fax-2586665, 2586702, Advt.-Ph-2585704, Advt.Fax-2587704, Circulation-2586541, Chief Editor: Gurukalyan Mohapatra,ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି